# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, September 15/2023 | Page 16 | ₹ 7.00

୪୯ଶ ଭାଗ ୨୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 291 | ମୂଲ୍ୟ₹୭/-






କେରଳରେ ନିପା ଭାଇରସ୍ ଆତଙ୍କ ବଢ଼ିବାରେ ଲାଗିଥିବାବେଳେ କୋଝିକୋଡ୍ କଣ୍ଟ୍ରୋଲ ରୁମ୍‌ରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ।

## ସଂକ୍ଷେପରେ

### ବାଣ ନିଷେଧ ଆବେଦନ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୧୪।୯(ପି.ଟି.)

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ପ୍ରଦୂଷଣ ସ୍ତରକୁ କମାଇବା ପାଇଁ ବାଣ ଉପରେ ନିଷେଧାଦେଶ ଜାରି କରିବା ଲାଗି ହୋଇଥିବା ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର ରାୟ ସଂରକ୍ଷିତ ରଖିଛନ୍ତି। ରାଜଧାନୀ ସହରରେ ବାଣ ବିକ୍ରି ଲାଗି ଅସ୍ଥାୟୀ ଲାଇସେନ୍ସ ଇସ୍ୟୁ ନ କରିବାକୁ ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର କ'ଣସବୁ ପଦକ୍ଷେପ ନେଇଛନ୍ତି ଏବଂ ଅଧିକ ନିର୍ଦ୍ଦେଶ ଦିଆଯିବାର ଆବଶ୍ୟକତା ରହିଛି କି ନାହିଁ ତାହା ଅନୁଧ୍ୟାନ କରି ଦେଖିବେ ବୋଲି ଜଷ୍ଟିସ ଏ.ଏସ୍. ବୋପନ୍ନା ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ କହିଛନ୍ତି। ସରକାରଙ୍କ ଦ୍ୱାରା ନିଷେଧାଦେଶ ଜାରି ହେବା ସର୍ଥ ସମ୍ପୂର୍ଣ୍ଣ ନିଷେଧ ହେବା। ଦିଲ୍ଲୀ ପୋଲିସ ଅସ୍ଥାୟୀ ଲାଇସେନ୍ସ ଦେଉନାହାନ୍ତି ବୋଲି ନିଶ୍ଚିତ କରିବାକୁ ହେବ। କାରଣ ଯେକୌଣସି ପ୍ରକାର ଲାଇସେନ୍ସ ନିର୍ଦ୍ଦେଶନାମାର ଉଲ୍ଲଂଘନ ବୋଲି ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟିଙ୍କୁ କହିଛନ୍ତି।

### ଅବକାରୀ ଦୁର୍ନୀତି: କବିତାଙ୍କୁ ଇଡି ସମନ



ନୂଆଦିଲ୍ଲୀ,୧୪।୯

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଜେରା କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କୁ ସମନ କରିଛି। ତାଙ୍କୁ ଶୁକ୍ରବାର ଜେରା ପାଇଁ ଇଡିର ନୂଆଦିଲ୍ଲୀ ଅଫିସ୍‌ରେ ହାଜର ହେବାକୁ କୁହାଯାଇଛି। ଗତ ମାର୍ଚ୍ଚରେ ଇଡି କବିତାଙ୍କୁ ଏକାଧିକ ଥର ଜେରା କରିବା ସହ ତାଙ୍କ ମୋବାଇଲ୍ ଫୋନ୍ ଜବତ କରିଥିଲା। ଦିଲ୍ଲୀ ସରକାରଙ୍କ ଅବକାରୀ ନୀତି ୨୦୨୧-୨୨ରେ କେତେଜଣ ମଦ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ଏଥିପାଇଁ ସେମାନେ କର୍ତ୍ତୃପକ୍ଷଙ୍କୁ ଲାଞ୍ଚ ଦେଇଥିଲେ। ଏହାକୁ ନେଇ ବିବାଦ ଦେଖାଦେବା ପରେ ଦିଲ୍ଲୀ ସରକାର ଉକ୍ତ ନୀତିକୁ ରଦ୍ଦ କରିଥିଲେ। ତେବେ ଏହାର ସିବିଆଇ ତଦନ୍ତ ପାଇଁ ଦିଲ୍ଲୀ ଉପରାଜ୍ୟପାଳ ସୁପାରିସ କରିବା ପରେ ଏହାର ମନିଲଣ୍ଡରିଂ ଦିଗକୁ ନେଇ ଇଡି ମାମଲା ରୁଜୁ କରିଥିଲା।

### ଡଙ୍ଗାବୁଡ଼ି ୧୧ ନିଖୋଜ

**୨୦ ଉଦ୍ଧାର**



ପାଟନା,୧୪।୯

ବିହାରର ମୁଜାଫରପୁର ଜିଲାର ମଧୁପୁର ପତି ଘାଟରୁ ୩୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବାଗମତି ନଦୀରେ ବୁଡି ଯାଇଥିଲା। ଘଟଣା ପରେ ଏନ୍‌ଡିଆର୍‌ଏଫ୍‌ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ୨୦ ଜଣଙ୍କୁ ଉଦ୍ଧାର କରିଥିବାବେଳେ ୧୧ ଜଣ ଏବେ ବି ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଅଧିକାଂଶ ସ୍କୁଲ ପିଲା ଥିବା ଜଣାପଡ଼ିଛି। ଏନ୍‌ଡିଆର୍‌ଏଫ୍ ଅଧିକାରୀଙ୍କ ସୂଚନାନୁସାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ବାଗମତି ନଦୀର ମଧୁପୁର ଘାଟରୁ ଏକ ଡଙ୍ଗା କିଛି ସ୍କୁଲ ପିଲାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ନଦୀ ପାର୍ ହେଉଥିଲା। ଏତିକିବେଳେ ନଦୀ ମଝିରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ଏନଡିଆର୍‌ଏଫ୍ ଟିମ୍ ସେଠାରେ ପହଞ୍ଚି ୨୦ଜଣଙ୍କୁ ଉଦ୍ଧାର କରିଥିଲେ। ନିଖୋଜ ଥିବା ଯାତ୍ରୀଙ୍କ ମଧ ଖୋଜିବା ଲାଗି ଏନ୍‌ଡିଆର୍‌ଏଫ୍‌ର ସ୍ୱତନ୍ତ୍ର ଟିମ୍ ନିୟୋଜିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଘଟଣାର ସ୍ଥିତି ଅନୁଧ୍ୟାନ କରିବା ସହ ଶିଶୁମାନଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ୩ ଦିନ ପରେ ଅଧିବେଶନ

# ତଥାପି ଏଜେଣ୍ଡା ଅସ୍ପଷ୍ଟ

ନୂଆଦିଲ୍ଲୀ,୧୪।୯

ସୋମବାର ଆରମ୍ଭ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ ଉପରେ କେନ୍ଦ୍ର ପକ୍ଷରୁ ଏକ ଆପାତତଃ ତାଲିକା ଜାରି କରାଯିବାର ଦିନକ ପରେ ମଧ୍ୟ ଦ୍ୱନ୍ଦ୍ୱ ଦୂର ହୋଇନାହିଁ। ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ସ୍ପଷ୍ଟ ହୋଇ ନ ଥିବାରୁ କେନ୍ଦ୍ର 'ଗୋଳିଆ କୌଶଳ' ପ୍ରୟୋଗ କରି ବିଜ୍‌ନେସ ଲିଷ୍ଟରେ ଆଉ କିଛି ଯୋଡ଼ିପାରେ ବୋଲି ବିରୋଧୀ ଦଳଗୁଡ଼ିକ ଆଶଙ୍କା କରୁଛନ୍ତି।

ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ଗୁରୁବାର କହିଛନ୍ତି, ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ସହଯୋଗୀ ଦଳଗୁଡ଼ିକ କେବଳ ସର୍ବଦଳୀୟ ବୈଠକରେ ନୁହେଁ, ଅଧିବେଶନ ବେଳେ ମଧ୍ୟ ଗୋଟିଏ ସ୍ୱରରେ ବିଭିନ୍ନ ପ୍ରସଙ୍ଗ ଉଠାଇବେ। ସ୍ୱତନ୍ତ୍ର ଅଧିବେଶନର ଏଜେଣ୍ଡା ଏଯାଏ ଘୋଷଣା କରାଯାଇ ନାହିଁ। ଏପରି କହିବା ପଛର କାରଣ ହେଉଛି, ବୁଧବାର ସେମାନେ ଜାରି କରିଥିବା ଗୃହକାର୍ଯ୍ୟ ସମ୍ପର୍କିତ ତାଲିକାରେ ଏକ କୁଟିଳ ଧାଡ଼ି ଲେଖାଯାଇଛି। ତେଣୁ ଶେଷ ମୁହୂର୍ତ୍ତରେ ସେମାନେ କଦର୍ଯ୍ୟ କୌଶଳ ଆପଣାଇ ତାଲିକାରେ ଆଉ କିଛି ଯୋଡ଼ିପାରନ୍ତି।

ସେହିପରି ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଲ୍ ଅଣାଯିବା ଉପରେ ମଧ୍ୟ ଓ'ବ୍ରାଏନ୍ ଚିନ୍ତାବ୍ୟକ୍ତ କରିଛନ୍ତି। ସରକାର ସଂସଦର ୭୫ ବର୍ଷର ଯାତ୍ରା ଉପରେ ଆଲୋଚନା କରାଯିବ ବୋଲି କହିଛନ୍ତି। କିନ୍ତୁ ସେମାନେ ଗଣତନ୍ତ୍ରକୁ ଉପହାସ କରିବା ଭଳି ଏକ ବିଲ୍ ମଧ୍ୟ ଆଣିପାରନ୍ତି। ସେମାନେ ଏପରି କାହିଁକି କରୁଛନ୍ତି? ପ୍ରତ୍ୟେକ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଗୃହକାର୍ଯ୍ୟକୁ ନେଇ ତାଲିକା ଆଗୁଆ ପ୍ରକାଶ କରାଯାଇଥାଏ। ଲୋକଙ୍କୁ ସାମ୍ନା କରିବାକୁ କାହିଁକି ଏତେ ଡରୁଛନ୍ତି? ନିର୍ବାଚନ କମିଶନରମାନଙ୍କ ନିଯୁକ୍ତିରେ ହସ୍ତକ୍ଷେପ କରିବାକୁ କାହିଁକି ଚାହୁଁଛନ୍ତି? ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)କୁ ହ୍ୟାକ୍ କରିବା ସେମାନଙ୍କ ଉଦ୍ଦେଶ୍ୟ କି ବୋଲି ଓ'ବ୍ରାଏନ୍ ପ୍ରଶ୍ନ କରିଛନ୍ତି।



ପ୍ରକାଶ ଯେ, ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ସମ୍ବିଧାନ ସଭାଠାରୁ ନେଇ ୭୫ ବର୍ଷର ସଂସଦୀୟ ଯାତ୍ରା ଉପରେ ଆଲୋଚନା ହେବ ବୋଲି ବୁଧବାର ରାତିରେ ଜାରି ଏକ ଅଫିସିଆଲ ବୁଲେଟିନ୍‌ରେ କୁହାଯାଇଛି। ୫ ଦିନିଆ ଅଧିବେଶନ ବେଳେ ସରକାର ଲୋକ ସଭାରେ ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଲ୍, ଆଇନଜୀବୀ (ସଂଶୋଧନ) ବିଲ୍-୨୦୨୩, ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେଶନ୍ ଅଫ୍ ପିରିଓଡିକାଲ୍ସ ବିଲ୍-୨୦୨୩ ଏବଂ ପୋଷ୍ଟ ଅଫିସ୍ ବିଲ୍-୨୦୨୩ ଆଗତ ହେବ ବୋଲି ଏଥିରେ ଦର୍ଶାଯାଇଛି। ତେବେ କାର୍ଯ୍ୟସୂଚୀରେ ଆହୁରି କେତେକ ପ୍ରସଙ୍ଗ ମଧ୍ୟ ଯୋଡ଼ାଯାଇପାରେ ବୋଲି ବୁଲେଟିନ୍‌ରେ କୁହାଯାଇଛି। ଏହା ପୂର୍ବରୁ କେନ୍ଦ୍ର ପକ୍ଷରୁ ରବିବାର ଅପରାହ୍ନ ୪ଟା ୩୦ରେ ଏକ ସର୍ବଦଳୀୟ ବୈଠକ ଡକାଯାଇଛି। ଏନେଇ ସମସ୍ତ ରାଜନୈତିକ ଦଳର ସଂସଦୀୟ ଦଳ ନେତାମାନଙ୍କୁ ଇ-ମେଲ୍ ଯୋଗେ ନିମନ୍ତ୍ରଣ ପଠାଯାଇଥିବା ବିଷୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୂଚନା ଦେଇଥିଲେ। କିଛି ଦିନ ତଳେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ବିରୋଧୀ ବ୍ଲକ୍ 'ଇଣ୍ଡିଆ' ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖି ୯ଟି ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ।

**ଗଣତନ୍ତ୍ରକୁ ଉପହାସ କରିବା ଭଳି ବିଲ୍ ଆଣିପାରେ କେନ୍ଦ୍ର: ଓ'ବ୍ରାଏନ୍**



### ଏମ୍‌ପିଙ୍କ ପାଇଁ ଭାଜପା, କଂଗ୍ରେସର ହ୍ୱିପ୍ ଜାରି

ସଂସଦର ସ୍ୱତନ୍ତ୍ର ଅଧିବେଶନ ପାଇଁ ଗୁରୁବାର ଭାଜପା ଏବଂ କଂଗ୍ରେସ ପକ୍ଷରୁ ପୃଥକ୍ ଭାବେ ହ୍ୱିପ୍ ଜାରି କରାଯାଇଛି। ୫ ଦିନ ଧରି ଚାଲିବାକୁ ଥିବା ଉକ୍ତ ଅଧିବେଶନରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଦଳୀୟ ସଦସ୍ୟଙ୍କ ଉପସ୍ଥିତି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଶାସକ-ବିରୋଧୀ ଏହି ଆଗୁଆ ପଦକ୍ଷେପ ନେଇଛନ୍ତି।

## ୧୪ ଟିଭି ଉପସ୍ଥାପକଙ୍କୁ 'ଇଣ୍ଡିଆ'ର ବର୍ଜନ

ନୂଆଦିଲ୍ଲୀ,୧୪।୯

ବିରୋଧୀ ବ୍ଲକ୍ ଇଣ୍ଡିଆ ପକ୍ଷରୁ ଗୁରୁବାର ରିପବ୍ଲିକ୍ ଟିଭି ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀ, ଭାରତ୨୪ ଭାଇସ୍ ପ୍ରେସିଡେଣ୍ଟ ଲୁବିକା ଲିଆକତ୍, ଇଣ୍ଡିଆ ଟୁଡେ-ଆଜତକ୍‌ର ସୁଧୀର ଚୌଧରୀ ଏବଂ ଟାଇମ୍ସ ନାଓର ନବିକା କୁମାରଙ୍କ ସମେତ ୧୪ ଟିଭି ଉପସ୍ଥାପକଙ୍କୁ ବର୍ଜନ ଘୋଷଣା କରାଯାଇଛି। ସମ୍ପୃକ୍ତ ଆଙ୍କରମାନଙ୍କ ଦ୍ୱାରା ପରିଚାଳିତ ବିତର୍କ କାର୍ଯ୍ୟକ୍ରମକୁ ନିଜ ନେତା/ପ୍ରତିନିଧିମାନଙ୍କୁ ନ ପଠାଇବା ପାଇଁ ବିରୋଧୀ ମେଣ୍ଟର ମିଡିଆ କମିଟି ଏହି ନିଷ୍ପତ୍ତି ନେଇଛି। ଭାଜପା ଏହାକୁ ଜରୁରିକାଳୀନ ପରିସ୍ଥିତି ସହ ତୁଳନା କରିଛି।

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାଓ୍ୱାରଙ୍କ ନୂଆଦିଲ୍ଲୀ ବାସଭବନରେ ବୁଧବାର ଇଣ୍ଡିଆର ସମନ୍ୱୟ ସମିତି ବୈଠକ ଶେଷରେ କଂଗ୍ରେସ ସାଧାରଣ ସମ୍ପାଦକ କହିଥିଲେ, କେଉଁ ଟିଭି ଚ୍ୟାନେଲ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ବିତର୍କ ବେଳେ ମେଣ୍ଟର ନେତାମାନେ ଭାଗନେବେ ତାହା ଚୟନ କରିବା ପାଇଁ ଏକ ସବ୍-କମିଟି ଗଠନ କରାଯାଇଛି। ଉକ୍ତ ପ୍ୟାନେଲରେ ଥିବା କଂଗ୍ରେସ ମୁଖପାତ୍ର ପବନ ଖେରା ଗୁରୁବାର ଏହାକୁ ଯଥାର୍ଥ ଦର୍ଶାଇ କହିଛନ୍ତି, କେତେକ ଚ୍ୟାନେଲ ଅନ୍ୟୂନ ୯ ବର୍ଷ ଧରି 'ଘୃଣାର ବଜାର' ଖୋଲିଛନ୍ତି। ସମାଜକୁ ନଷ୍ଟ କରୁଥିବା ସେମାନଙ୍କ ଘୃଣା ସମ୍ବଳିତ ବ୍ୟାଖ୍ୟାନକୁ ବୈଧ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଉକ୍ତ ଆଙ୍କରମାନଙ୍କ ଏକ ତାଲିକା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଶେୟାର କରିଛନ୍ତି। ବର୍ଜନ ତାଲିକାରେ ଥିବା ଅନ୍ୟ ଆଙ୍କରମାନେ ହେଲେ ଆଜତକ୍‌ର ଚିତ୍ରା ତ୍ରିପାଠୀ, ଗୌରବ ସାଓ୍ୱନ୍ତ, ଶିବ ଅରୁର, ସିଏନ୍‌ଏନ୍-ନ୍ୟୁଜ୍୧୮ର ଅମନ ଚୋପ୍ରା, ଅମୀଷ ଦେବଗନ, ଆନନ୍ଦ ନରସିଂହନ୍, ଡିଡି ନ୍ୟୁଜ୍‌ର ଅଶୋକ ଶ୍ରୀବାସ୍ତବ, ଭାରତ ଏକ୍ସପ୍ରେସ୍‌ର ଅଦିତି ତ୍ୟାଗୀ, ଇଣ୍ଡିଆ ଟିଭିର ପ୍ରାଚୀ ପରାଶର ଏବଂ ଟାଇମ୍ସ ନାଓର ସୁଶାନ୍ତ ସିହ୍ନା।


ଅମନ ଚୋପ୍ରା
ସୁଶାନ୍ତ ସିହ୍ନା
ଅର୍ଣ୍ଣବ ଗୋସ୍ୱାମୀ
ସୁଧୀର ଚୌଧରୀ
ଅଦିତି ତ୍ୟାଗୀ
ଚିତ୍ରା ତ୍ରିପାଠୀ
ଆନନ୍ଦ ନରସିଂହନ୍
ଗୌରବ ସାଓ୍ୱନ୍ତ
ଲୁବିକା ଲିଆକତ୍
ନବିକା କୁମାର
ଶିବ ଅରୁର
ଅଶୋକ ଶ୍ରୀବାସ୍ତବ
ଅମୀଷ ଦେବଗନ
ପ୍ରାଚୀ ପରାଶର

## ସନାତନର ବିନାଶ ଚାହୁଁଛି 'ଇଣ୍ଡିଆ': ମୋଦି

ନୂଆଦିଲ୍ଲୀ,୧୪।୯

ମଧ୍ୟପ୍ରଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେବା ଅବସରରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'କୁ କଡ଼ା ସମାଲୋଚନା କରିଛନ୍ତି। ବିରୋଧୀ 'ଘମଣ୍ଡିଆ' ମେଣ୍ଟ ସନାତନ ଧର୍ମକୁ ଧ୍ୱଂସ କରିଦେଇ ଦେଶକୁ ୧,୦୦୦ ବର୍ଷ ତଳର ଦାସତ୍ୱ ସମୟକୁ ନେଇଯିବାକୁ ଚାହୁଁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନଙ୍କ ସନାତନ ଧର୍ମ ସମ୍ପର୍କିତ ମନ୍ତବ୍ୟକୁ ନେଇ ବିବାଦ ଲାଗିରହିଥିବାବେଳେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ସର୍ବସାଧାରଣରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ବାରମ୍ବାର ବିରୋଧୀ ମେଣ୍ଟ 'ଇଣ୍ଡିଆ'କୁ ଘମଣ୍ଡିଆ କହି ଅପମାନିତ କରୁଥିବାରୁ କଂଗ୍ରେସ ଏହାର ଜବାବ ଦେଇଛି। ପ୍ରଧାନମନ୍ତ୍ରୀ ଜିଏ-ଏନ୍‌ଡିଏ (ଗୌତମ ଆଦାନୀଙ୍କ ଏନ୍‌ଡିଏ) ମେଣ୍ଟର ନେତୃତ୍ୱ ନେଉଛନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି।



### ୧୮ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ କଲେଜିୟମ୍‌ର ସୁପାରିସ

ନୂଆଦିଲ୍ଲୀ,୧୪।୯(ପି.ଟି.)

ଆଲ୍ଲାହାବାଦ ହାଇକୋର୍ଟର ୭ ଜଣ ଏବଂ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ୧୧ ଜଣ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ କଲେଜିୟମ ଗୁରୁବାର ସୁପାରିସ କରିଛନ୍ତି। କଲେଜିୟମରେ ଜଷ୍ଟିସ ସଞ୍ଜୟ କିଷନ କୌଲ ଏବଂ ସଞ୍ଜୀବ ଖାନ୍ନା ରହିଛନ୍ତି। ସେମାନଙ୍କ ନିଷ୍ପତ୍ତି ସୁପ୍ରିମକୋର୍ଟ ଓ୍ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଛି। ଆଲ୍ଲାହାବାଦ ହାଇକୋର୍ଟର ଜଷ୍ଟିସ୍ ଉମେଶ ଚନ୍ଦ୍ର ଶର୍ମା, ରେଣୁ ଅଗ୍ରଓ୍ୱାଲ, ରାମମନୋହର ନାରାୟଣ ମିଶ୍ରା, ମୟଙ୍କ କୁମାର ଜୈନ, ଶିବଶଙ୍କର ପ୍ରସାଦ, ଗଜେନ୍ଦ୍ର କୁମାର ଏବଂ ନଳିନ କୁମାର ଶ୍ରୀବାସ୍ତବଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଲାଗି ସୁପାରିସ କରାଯାଇଛି। ପୂର୍ବରୁ ଆଲ୍ଲାହାବାଦ ହାଇକୋର୍ଟ କଲେଜିୟମ ସର୍ବସମ୍ମତିକ୍ରମେ ଉପରୋକ୍ତ ବିଚାରପତିମାନଙ୍କୁ ସ୍ଥାୟୀ କରିବା ନିମନ୍ତେ ସୁପାରିସ କରିଥିଲା ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଏଥିରେ ସମ୍ମତି ପ୍ରଦାନ କରିଥିଲେ।

## ମୁମ୍ବାଇ ବିମାନବନ୍ଦରରେ ଜେଟ୍ ଦୁର୍ଘଟଣା: ୮ ଆହତ

ମୁମ୍ବାଇ,୧୪।୯

ଏକ ଘରୋଇ ଜେଟ୍ ଗୁରୁବାର ସନ୍ଧ୍ୟାରେ ପ୍ରବଳ ବର୍ଷା ହେଉଥିବାବେଳେ ମୁମ୍ବାଇ ବିମାନବନ୍ଦରରେ ଅବତରଣ କରୁଥିବା ସମୟରେ ରନ୍‌ଓ୍ୱେରୁ ଖସିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ପାଇଲଟ୍, ଜଣେ ସହପାଇଲଟ୍ ଓ ଜଣେ ଆଟେଣ୍ଡାଣ୍ଟଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରନ୍‌ଓ୍ୱେରୁ ଭଗ୍ନାବଶେଷକୁ ଖାଲି କରାଯିବା ପରେ ବିମାନ ଚଳାଚଳ ସ୍ୱାଭାବିକ ହୋଇଛି। ଦୁର୍ଘଟଣା ଯୋଗୁ ଉକ୍ତ ରନ୍‌ଓ୍ୱେକୁ ସାମୟିକ ଭାବେ ବନ୍ଦ ରଖାଯିବା ସହ ଭିସ୍ତାରା ଏୟାରଲାଇନ୍ସର ୫ଟି ବିମାନକୁ ଅନ୍ୟ ରନ୍‌ଓ୍ୱେକୁ ପଠାଯାଇଥିଲା। ୨୭ ନମ୍ବର ରନ୍‌ଓ୍ୱେ ବର୍ଷା ଯୋଗୁ ଖସଡ଼ା ହୋଇଥିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ବର୍ଷା ସମୟରେ ମାତ୍ର ୭୦୦ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହେଉଥିଲା। ଫଳରେ ବିମାନଟିର ବେଗ ଅଧିକ ଥାଇ ଏହା ଲ୍ୟାଣ୍ଡ କରିବା ସହ ରନ୍‌ଓ୍ୱେରେ ଖସିଯିବାରୁ ଏହାର ବଡ଼ି ଗ୍ରାଉଣ୍ଡରେ କିଛି ବାଟ ଘଷିହୋଇଯାଇଥିଲା। ରନ୍‌ଓ୍ୱେରେ ବିମାନଟିର ଖଣ୍ଡିତ ଅଂଶ ପଡ଼ିଥିବା ଦେଖାଯାଇଛି।



## 'ଜୀବନର ମୂଲ୍ୟ ନାହିଁ' କହିଥିଲେ ୨ ଅଫିସର

**ଆମେରିକା ପୋଲିସ ଗାଡ଼ି ଧକ୍କାରେ ଭାରତୀୟ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା**

ନୂଆଦିଲ୍ଲୀ,୧୪।୯

ଆମେରିକାରେ ଭାରତୀୟ ଛାତ୍ରୀ ଜାହ୍ନବୀ କଣ୍ଡୁଲାଙ୍କ ଗତ ଜାନୁୟାରୀ ୨୩ରେ ପୋଲିସ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତ ପୋଲିସ କର୍ମୀ ଦୁଃଖ ପ୍ରକାଶ କରିବା ବଦଳରେ ଘଟଣାକୁ ତାଚ୍ଛଲ୍ୟ କରୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଭାରତୀୟ ଦୂତାବାସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଘଟଣାବେଳେ ପୋଲିସ ଅଧିକାରୀ କେଭିନ ଡାଭେ ଗାଡ଼ି ଚଳାଉଥିଲେ। ଗତ ସୋମବାର ଆମେରିକାର ସିଆଟଲ୍ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଧିକାରୀଙ୍କ ଭିଡିଓ ଫୁଟେଜ୍ ଜାରି କରିଛି। ଛାତ୍ରୀଙ୍କ ବୟସ ମାତ୍ର ୨୬ ବର୍ଷ ହୋଇଥିଲା। ତେଣୁ ତାଙ୍କ ଜୀବନର କୌଣସି ମୂଲ୍ୟ ନାହିଁ ବୋଲି ଦୁଇ ପୋଲିସ ଅଧିକାରୀ କଥାବାର୍ତ୍ତା କରୁଥିବା ଭିଡିଓରେ ଦେଖାଯାଇଛି। ଆନ୍ଧ୍ରପ୍ରଦେଶର ୨୩ ବର୍ଷୀୟା କଣ୍ଡୁଲା ନର୍ଥ-ଇଷ୍ଟ ବିଶ୍ୱବିଦ୍ୟାଳୟକୁ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ କରିବା ପାଇଁ ଯାଇଥିଲେ।


ଜାହ୍ନବୀ କଣ୍ଡୁଲା

## ଏନ୍‌ଜେଡିଜିରେ ସୁପ୍ରିମକୋର୍ଟ ତଥ୍ୟ ଉପଲବ୍ଧ ହେବ: ସିଜେଆଇ

ନୂଆଦିଲ୍ଲୀ,୧୪।୯(ପି.ଟି.)

ନ୍ୟାଶନାଲ ଜୁଡିସିଆଲ୍ ଡେଟା ଗ୍ରୀଡ୍ (ଏନ୍‌ଜେଡିଜି)ରେ ଖୁବ୍‌ଶୀଘ୍ର ସୁପ୍ରିମକୋର୍ଟର ସମସ୍ତ ତଥ୍ୟ ଉପଲବ୍ଧ ହେବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ ଗୁରୁବାର ଘୋଷଣା କରିଛନ୍ତି। ଏଥିରୁ ତାଲୁକ ସ୍ତରଠାରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ କୋର୍ଟଗୁଡ଼ିକରେ ବିଚାରାଧୀନ ଥିବା ମାମଲାର ତଥ୍ୟ ଏବଂ ଅଦାଲତଗୁଡ଼ିକର ମାମଲା ସମାଧାନ ହାର ଜଣାପଡ଼ିବ। ବର୍ତ୍ତମାନ ପୋର୍ଟାଲରୁ କେବଳ ହାଇକୋର୍ଟ ସ୍ତର ପର୍ଯ୍ୟନ୍ତ ତଥ୍ୟ ଉପଲବ୍ଧ ହେଉଛି। ସର୍ବୋଚ୍ଚ ଅଦାଲତର ସମସ୍ତ ତଥ୍ୟ କ୍ରମାଗତ ଭାବେ ତ୍ୱରିତ ଏନ୍‌ଜେଡିଜିରେ ଅପ୍‌ଲୋଡ୍ କରାଯିବ। ଏହାକୁ ଏକ ଐତିହାସିକ ଦିନ ବୋଲି ସିଜେଆଇ କହିଛନ୍ତି।

## ତଥ୍ୟପ୍ରମାଣ ସମାନ ଥିଲେ | ଜଣଙ୍କୁ ଦୋଷୀ, ଅନ୍ୟଙ୍କୁ ଦୋଷମୁକ୍ତ କରାଯାଇପାରିବନି

ନୂଆଦିଲ୍ଲୀ,୧୪।୯(ପି.ଟି.)

ଏକ ଆପରାଧିକ ମାମଲାରେ ଅଭିଯୁକ୍ତମାନଙ୍କ ଭୂମିକା ନେଇ ସମାନ ତଥ୍ୟ ପ୍ରମାଣ ଥିଲେ, କୋର୍ଟ ଜଣକୁ ଦୋଷୀସାବ୍ୟସ୍ତ କରି ଅନ୍ୟ ଜଣକୁ ଦୋଷମୁକ୍ତ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଏକ ଡକାୟତି ଓ ହତ୍ୟା ମାମଲାରେ ଜଷ୍ଟିସ ଅଭୟ ଏସ୍. ଓକା ଏବଂ ସଞ୍ଜୟ କାରୋଲଙ୍କ ଖଣ୍ଡପୀଠ ୧୦ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ପାଇଥିବା ୪ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଯେଉଁ ମାମଲାରେ ତଥ୍ୟ ପ୍ରମାଣ ସମାନ ସେଠାରେ ଉଭୟ ଅଭିଯୁକ୍ତଙ୍କୁ 'ସମାନତା ସିଦ୍ଧାନ୍ତ' ଦ୍ୱାରା ବିଚାର କରିବାକୁ ହେବ। ଅର୍ଥାତ୍ ଅଦାଲତ ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ ବାଛବିଚାର କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଗୁଜରାଟ ହାଇକୋର୍ଟର ୨୦୧୬ର ଏକ ରାୟକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନକୁ ସୁପ୍ରିମକୋର୍ଟ ବୁଧବାର ଶୁଣାଣି କରିଥିଲେ। ଡକାୟତି ଓ ହତ୍ୟା ମାମଲାରେ ହାଇକୋର୍ଟ କେତେଜଣ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ଅନ୍ୟମାନଙ୍କୁ ଦୋଷମୁକ୍ତ କରିଦେଇଥିଲେ। ଦୋଷୀସାବ୍ୟସ୍ତ ହୋଇଥିବା ଜଣେ ଅଭିଯୁକ୍ତ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୫/୨୦୨୩ | Bhubaneswar, Friday, September 15/2023





**ନାଗା ଚୈତନ୍ୟଙ୍କ ଦ୍ୱିତୀୟ ବିବାହକୁ ନେଇ ଚର୍ଚ୍ଚା**

ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ ସହ ଛାଡ଼ପତ୍ର ପରେ ଅଭିନେତା ନାଗା ଚୈତନ୍ୟ ଏବେ ତାଙ୍କ ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି।

୧୦

୧୨

**ୟାମାଶିତା ଏସିଆନ କପ୍ ମ୍ୟାଚ ଅଫିସିଆଲ**

ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ମ୍ୟାଚ ଅଫିସିଆଲ ଭାବେ ମନୋନୀତ ହୋଇଛନ୍ତି ବିଶ୍ୱକପ୍ ରେଫରି ୟୋଶିମି ୟାମାଶିତା।



## ଆଜି କ୍ୟାବିନେଟ୍, ମନ୍ତ୍ରୀ ପରିଷଦ ବୈଠକ

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହାପରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ମନ୍ତ୍ରୀ ପରିଷଦ ବୈଠକରେ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଆସନ୍ତା ବିଧାନସଭାରେ ଉପସ୍ଥାପନ ହେବାକୁ ଥିବା ଅତିରିକ୍ତ ଖର୍ଚ୍ଚଦାବିକୁ ଅନୁମୋଦନ କରାଯିବ। ଆସନ୍ତା ୨୨ ତାରିଖରେ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୨୫ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ ହେବ। ଅନ୍ୟପକ୍ଷରେ କ୍ୟାବିନେଟ୍ ବୈଠକରେ ବିଭିନ୍ନ ବିଭାଗର ପ୍ରାୟ ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ତେବେ କ୍ୟାବିନେଟ୍ ଏଜେଣ୍ଡାଗୁଡ଼ିକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି।

**ଆଜିର ସମ୍ପାଦକୀୟ**

**ଚାଇନାର ଅବରୋଧ**

ଇରାନୀଙ୍କ ମାୟାଜାଲରେ ଫସିଛନ୍ତି ବଡ଼ବଡ଼ିଆ

ପୃଷ୍ଠା-୩

## ଓଡ଼ିଶାର ଏମ୍‌ପି, ବିଧାୟକଙ୍କ ନାମରେ ୩୨୩ ମାମଲା ବିଚାରାଧୀନ

**ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ଦେଶବ୍ୟାପୀ ଅନେକ ମାମଲା ବିଚାରାଧୀନ ରହିଛି। ଗତ ୫ ବର୍ଷର ହିସାବକୁ ଦେଖିଲେ ଉତ୍ତର ପ୍ରଦେଶରେ ସର୍ବାଧିକ ୭୧୯, ବିହାରରେ ୩୮୧ ମାମଲା ରହିଥିବାବେଳେ ଏହି କ୍ଷେତ୍ରରେ ଓଡ଼ିଶାର ସ୍ଥାନ ତୃତୀୟ। ଓଡ଼ିଶାର ଆଇନପ୍ରଣେତାମାନଙ୍କ ନାମରେ ୩୨୩ ମାମଲା ଚାଲିଛି। ଏ ସଂକ୍ରାନ୍ତରେ ଆମିକସ୍ କ୍ୟୁରି ବିଜୟ ହଂସାରିଆ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି।**

ନୂଆଦିଲ୍ଲୀ,୧୪।୯

ଏମ୍‌ପି ଏବଂ ବିଧାୟକମାନଙ୍କ ବିରୋଧରେ ମାମଲା ୫ ବର୍ଷରୁ ଊର୍ଦ୍ଧ୍ୱ ବିଚାରାଧୀନ ରହିବାରେ ଦେଶର ଶୀର୍ଷ ୩ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ଏହି ରାଜ୍ୟରେ ଆଇନ ପ୍ରଣେତାମାନଙ୍କ ବିରୋଧରେ ୩୨୩ ମାମଲା ୫ ବର୍ଷରୁ ଅଧିକ ସମୟ ହେଲା ବିଚାର ଅପେକ୍ଷାରେ ପଡ଼ିରହିଛି। ଉତ୍ତରପ୍ରଦେଶରେ ଏଭଳି ମାମଲା ସଂଖ୍ୟା ୭୧୯ ହୋଇଥିବାବେଳେ ବିହାରରେ ୩୮୧ ରହିଛି। ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ତଥା ଆମିକସ୍ କ୍ୟୁରି ବିଜୟ ହଂସାରିଆ ଦାଖଲ କରିଥିବା ୧୯ତମ ରିପୋର୍ଟରୁ ଏହା ଜଣାପଡ଼ିଛି। ହାଇକୋର୍ଟଗୁଡ଼ିକରୁ ବିଚାରାଧୀନ ମାମଲା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ହଂସାରିଆ ଉକ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି।

ଉକ୍ତ ରିପୋର୍ଟ ଅନୁଯାୟୀ ଗତବର୍ଷ ନଭେମ୍ବର ପର୍ଯ୍ୟନ୍ତ ଓଡ଼ିଶାରେ ଏମ୍‌ପି ଏବଂ ବିଧାୟକମାନଙ୍କ ବିରୋଧରେ ୪୫୪ ମାମଲା ରୁଜୁ ହୋଇଛି। ପଞ୍ଜୀକୃତ ମାମଲା ଦୃଷ୍ଟିରୁ ବିଚାର କଲେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ଉତ୍ତରପ୍ରଦେଶରେ ଏମ୍‌ପି ଓ ବିଧାୟକମାନଙ୍କ ବିରୋଧରେ ଏହି ସମୟ ମଧ୍ୟରେ ୧,୩୭୭ ମାମଲା ରୁଜୁ ହୋଇଥିବାବେଳେ ବିହାରରେ ୫୪୬ ଏବଂ ମହାରାଷ୍ଟ୍ରରେ ୪୮୨ ମାମଲା ରୁଜୁ ହୋଇଛି। ଓଡ଼ିଶାରେ ପ୍ରତି ବିଚାରପତି ପିଛା ଶୂନରୁ ୩୦ ମାମଲାର ବୋଝ ରହୁଛି। ଗତବର୍ଷ ନଭେମ୍ବର ସୁଦ୍ଧା ଦେଶର ଆଇନ ପ୍ରଣେତାମାନଙ୍କ ବିରୋଧରେ ମୋଟ ୫,୧୭୫ ମାମଲା ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୪୦ ପ୍ରତିଶତ (୨,୧୧୬ ମାମଲା) ୫ ବର୍ଷରୁ ଅଧିକ ସମୟ ହେଲା ବିଚାରାଧୀନ ରହିଛି। ନୈତିକ ଅଧମତାରେ ସମ୍ପୃକ୍ତ ଏମ୍‌ପି ଏବଂ ବିଧାୟକ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କୁ ୬ ବର୍ଷ ପରିବର୍ତ୍ତେ ଆଜୀବନ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ ବୋଲି ଆମିକସ୍ କ୍ୟୁରି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ନୀତିଭ୍ରଷ୍ଟ ସଦସ୍ୟ ବୈଧାନିକ ପଦବୀ ପାଇଁ ସ୍ଥାୟୀ ଭାବେ ଅଯୋଗ୍ୟ ଘୋଷିତ ହେବେ ବୋଲି ବିଭିନ୍ନ ☞ପୃଷ୍ଠା-୨

# କାର୍ଯ୍ୟ ଦିବସ ନଷ୍ଟକଲେ ଭରଣା କରିବ

### ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକଙ୍କୁ ସରକାରଙ୍କ ଚେତାବନୀ



ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ।

**ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସପ୍ତାହେ ବିତିଥିବାବେଳେ ରାଜ୍ୟର ପ୍ରାୟ ୫୦ ହଜାର ସ୍କୁଲରେ ପିଲାଙ୍କ ପାଠପଢ଼ା ଘୋର ପ୍ରଭାବିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆନ୍ଦୋଳନରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଅମାନ୍ୟ କଲେ ୨୨୦ କାର୍ଯ୍ୟ ଦିବସ ଭରଣା କରିବା ପାଇଁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଏବଂ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ମାନଙ୍କ ନିକଟକୁ ପଠାଯାଇଥିବା ପତ୍ରରେ ଚେତାବନୀ ଦିଆଯାଇଛି।**

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ରାଜ୍ୟର ବିଭିନ୍ନ ଜିଲାରେ ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ୩ ଦଫା ଦାବି ନେଇ ସେପ୍ଟେମ୍ବର ୮ରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ ରାଜ୍ୟରେ ପ୍ରାଥମିକ ଶିକ୍ଷା ଗଭୀର ଭାବେ ପ୍ରଭାବିତ ହୋଇଛି। ଆନ୍ଦୋଳନ ବନ୍ଦ କରି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏ ନେଇ ସମସ୍ତ ଡିଇଓ, ବିଇଓଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ସ୍କୁଲରେ କେଉଁମାନେ ଅନୁପସ୍ଥିତ ଅଛନ୍ତି, ସେମାନଙ୍କର ଏକ ଦୈନିକ ଉପସ୍ଥାନ ପ୍ରସ୍ତୁତ କରିବା ସହ ଉପସ୍ଥିତ ଓ ଅନୁପସ୍ଥିତ ଶିକ୍ଷକଙ୍କ ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ସଂପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଶିକ୍ଷକମାନେ କୌଣସି କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନ ଦେଇ ଶିକ୍ଷାଦାନ ଛାଡ଼ି ଆନ୍ଦୋଳନ କରୁଛନ୍ତି, ଯାହାକି ଆଚରଣ ବିଧିର ଏହା ଖୋଲା ଉଲ୍ଲଂଘନ।

ଆନ୍ଦୋଳନରେ ବସିଥିବା ଶିକ୍ଷକଙ୍କୁ ୨୨୦ ଦିନର କାର୍ଯ୍ୟ ଦିବସ ଭରଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷକୁ ୨୨୦ ଦିନ କାମ ନ କଲେ ପରବର୍ତ୍ତୀ ସମୟରେ ଶିକ୍ଷକମାନେ ତାହାକୁ ଭରଣା କରିବେ ବୋଲି ସରକାର ଚେତାଇ ଦେଇଛନ୍ତି। ଯଦି କେହି ଆନ୍ଦୋଳନ କରି ଏବର୍ଷ କିଛି କାର୍ଯ୍ୟ ଦିବସକୁ ନଷ୍ଟ କରୁଛନ୍ତି ପରବର୍ତ୍ତୀ ବର୍ଷରେ ତାହାକୁ ଭରଣା କରିବାକୁ ହେବ ବୋଲି କୁହାଯାଇଛି। ପ୍ରାଥମିକ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ସବ୍‌କମିଟି ଶିକ୍ଷୟିତ୍ରୀ ଓ ☞ପୃଷ୍ଠା-୨




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଟୁ ଥା
ପଛରୁ ଗଳାକୁ କାଟୁଥା।**

ମୁହଁରେ ଚାଟୁ ବଚନ, ପ୍ରଶଂସା ; କିନ୍ତୁ ପରୋକ୍ଷରେ ଶତ୍ରୁତା ଆଚରଣ। କପଟୀ ବ୍ୟକ୍ତିଙ୍କର ଏପରି ସ୍ୱଭାବ ହୋଇଥିବାବେଳେ ଏମାନେ ଶତ୍ରୁଠାରୁ ଭୟଙ୍କର। ମୁହଁ ଉପରେ ମିଠା କଥା କହି ପଛରେ ଅନିଷ୍ଟ ଚିନ୍ତା କରୁଥିବା ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଷ ନାହିଁ ଯା'ର,
ବାସ ନାହିଁ ତା'ର।**

ଆଗକାଳରେ ଲୋକେ ଚାଷବାସ କରି ଜୀବିକା ନିର୍ବାହ କରୁଥିଲେ। ଚାଷ କରି ଯାହା ଉପାର୍ଜନ ହେଉଥିଲା ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ। ଯିଏ ଚାଷ କରୁ ନ ଥିଲା ତା'ପକ୍ଷେ ପରିବାରର ଭରଣପୋଷଣ କରିବା କାଠିକର ପାଠ ହୋଇଯାଉଥିଲା। କୃଷିପ୍ରଧାନ ଦେଶରେ ଚାଷ ହିଁ ଏକମାତ୍ର ଭରସା। ଚାଷ ଜୀବନ ଯାପନର ମୂଳ ମାର୍ଗ ଭାବେ ପରିଗଣିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଲଘୁଚାପ: ବଲାଙ୍ଗୀରରେ ସର୍ବାଧିକ ୨୧୫ ମି.ମି.

**୬ ଜିଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ଘନୀଭୂତ ହୋଇଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ମେଘୁଆ ପାଗ ସହ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ବଲାଙ୍ଗୀରରେ ସର୍ବାଧିକ ୨୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଜଗତ୍‌ସିଂହପୁରରେ ୧୭୭.୨, କେନ୍ଦ୍ରାପଡ଼ାରେ ୧୩୨.୪, ବାଲେଶ୍ୱର ୪୧, ଚାନ୍ଦବାଲି ୩୭.୬, କଟକ ୬୦.୬, ପାରାଦୀପ ୫୫.୪, ଭୁବନେଶ୍ୱର ୫୫, ଗୋପାଳପୁର ୮୬, ପୁରୀ ୪୬.୪, ଅନୁଗୋଳ ୪୦.୬, ଝାରସୁଗୁଡ଼ା ୭୭.୮, ସମ୍ବଲପୁର ୩୭.୫, ହୀରାକୁଦ ୪୩.୬, ତାଳଚେର ୭୭, ଭବାନୀପାଟଣା ୬୪.୪, କୋରାପୁଟ ୬୫.୨, ଫୁଲବାଣୀ ୫୪.୨, ଟିଟିଲାଗଡ଼ ୮୮, ସୋନପୁର ୫୩, ଦାରିଙ୍ଗବାଡ଼ି ୪୫, ନୟାଗଡ଼ ୬୯.୪, ଛତ୍ରପୁରରେ ୮୨.୬ ମିଲିମିଟର ରେକର୍ଡ କରାଯାଇଛି। ଲଘୁଚାପ ଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ବରଗଡ଼, ନୂଆପଡ଼ା, ସମ୍ବଲପୁର ଜିଲାରେ ୨୦ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ରେଡ୍‌ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, କନ୍ଧମାଳ, ବୌଦ୍ଧ, କଟକ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ସବୁ ଜିଲାର ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ୍‌ୱାର୍ନିଂ ଜାରି କରାଯାଇଛି। ଯେଉଁସବୁ ଅଞ୍ଚଳରେ ୨୦୦ ମିଲିମିଟର ବର୍ଷା ହୋଇଛି ସେହି ଅଞ୍ଚଳରେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ଖାଲୁଆ ଅଞ୍ଚଳରେ ପାଣି ଜମି ରହିବା ସହ କଚ୍ଚାଘର ଭୁଶୁଡ଼ିବା ଆଶଙ୍କା ମଧ୍ୟ କରାଯାଉଛି। ୧୬ ତାରିଖରୁ ବର୍ଷା ହ୍ରାସ ପାଇବ। ତେବେ ସେପ୍ଟେମ୍ବର ୧୯ରୁ ପୁଣି ବର୍ଷା ବଢ଼ିବ। ଲଘୁଚାପ ଯୋଗୁ ସେପ୍ଟେମ୍ବରରେ ଏ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଯେଉଁ କେତେକ ଜିଲାରେ ନିଅଣ୍ଟିଆ ବର୍ଷା ରହିଥିଲା ତାହା ଭରଣା ହୋଇଛି।

# ହୀରାକୁଦରେ ଜଳସ୍ତର ବୃଦ୍ଧି, ୧୪ ଗେଟ୍ ଖୋଲିଲା


ହୀରାକୁଦ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ହେଉଛି।

ସମ୍ବଲପୁର,୧୪।୯(ଶୁଭାଶିଷ ପାଢ଼ୀ)

ହୀରାକୁଦର ଉପରମୁଣ୍ଡ ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁ ଡ୍ୟାମ୍‌କୁ ଜଳପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ଫୁଟ୍ ରହିଥିବାବେଳେ ଏବେ ଜଳସ୍ତର ୬୨୮.୫୮ଫୁଟ୍‌ରେ ପହଞ୍ଚିଛି। ଜଳସ୍ତର ବୃଦ୍ଧି ଯୋଗୁ ଗେଟ୍ ଖୋଲିବା ସଂଖ୍ୟା ବୃଦ୍ଧି ହୋଇଛି। ସନ୍ଧ୍ୟା ପର୍ଯ୍ୟନ୍ତ ୧୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ନେଇ ରେକର୍ଡ କରାଯାଉଛି। ତଳ ମୁଣ୍ଡରେ ମଧ୍ୟ ବର୍ଷା ଲାଗିରହିଛି। ଶୁକ୍ରବାର ଜଳପ୍ରବେଶ ପରିମାଣକୁ ଦେଖି ଗେଟ୍ ସଂଖ୍ୟା ବୃଦ୍ଧି କରାଯାଇପାରେ ବୋଲି ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି।

ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୧୯ ହଜାର ୩୩୪ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲ୍‌ୱେ, ଜଳସେଚନ, ପାୱାର ଚ୍ୟାନେଲ, ଶିଳ୍ପକୁ ମୋଟ ୨ ଲକ୍ଷ ୬୭ କ୍ୟୁସେକ ନିଷ୍କାସିତ ହେଉଛି। ତଳମୁଣ୍ଡ ବେଲଗାଁରେ ୬୧ ହଜାର ୯ ଶହ, ପର୍ଥଲାରେ ୩ ଲକ୍ଷ ୧୫ ହଜାର ୮୧୬, ଖଇରମାଲରେ ୨ ଲକ୍ଷ ୧୦ ହଜାର, ବରମୂଳାରେ ୧ ଲକ୍ଷ ୩୦ ହଜାର ୫ ଶହ, ମୁଣ୍ଡୁଲିରେ ୯୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ, ଜୁଲାଇରେ ପ୍ରବଳ ବର୍ଷା ଯୋଗୁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ହୋଇଥିଲା। ଫଳରେ ଜୁଲାଇ ୨୩ରେ ପ୍ରଥମେ ୫ଟି ଓ ପରେ ୩ ଏବଂ ୪ଟି ଗେଟ୍ ଖୋଲିଥିଲା। ଜଳସ୍ତର ବୃଦ୍ଧି ଯୋଗୁ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ୨ ଗେଟ୍ ଖୋଲାଯାଇଛି। ଏବେ ୧୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି।

# 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମା', କିଶୋରୀ ଝିଅ ଓ ଶିଶୁମାନଙ୍କ ଉପଯୁକ୍ତ ପୁଷ୍ଟିସାଧନ ଉଦ୍ଦେଶ୍ୟରେ ଗୁରୁବାର 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ 'ପଡ଼ା ପୁଷ୍ଟି' କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛନ୍ତି।

ଏହି ଯୋଜନାରେ ସାରା ରାଜ୍ୟରେ ୧୫ରୁ ୧୯ ବର୍ଷ ବୟସର ସମସ୍ତ କିଶୋରୀ ବାଳିକାମାନଙ୍କୁ ପୁଷ୍ଟି ସହାୟତା ସହିତ ଗର୍ଭବତୀ ମହିଳା ଓ ପ୍ରସୂତିମାନଙ୍କ ପାଇଁ ଅଧିକ ଶୁଖିଲା ଖାଦ୍ୟର ବ୍ୟବସ୍ଥା, ଅତିଶୟ ପୁଷ୍ଟିହୀନ ପିଲାମାନଙ୍କ ପାଇଁ ସମ୍ପୂର୍ଣ୍ଣ ଆହାର, ମଧ୍ୟମ ପୁଷ୍ଟିହୀନ ପିଲା ଏବଂ ଅତିଶୟ କମ୍ ଓଜନର ପିଲାମାନଙ୍କ ପାଇଁ ଭିଟାମିନ୍‌ଯୁକ୍ତ ଛତୁଆ ଓ ଅଣ୍ଡା ପ୍ରଦାନର ବ୍ୟବସ୍ଥା କରାଯାଇଛି।

'ପଡ଼ା ପୁଷ୍ଟି' ଯୋଜନାରେ ଦୁର୍ଗମ ତଥା ଆଦିବାସୀ ଅଞ୍ଚଳର ପିଲାମାନଙ୍କୁ ସେମାନଙ୍କ ପଡ଼ା ତଥା ଗ୍ରାମରେ ଉତ୍ତମ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ।

ଲୋକସେବା ଭବନସ୍ଥିତ କନ୍‌ଭେନଶନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁଷ୍ଟି ସହିତ ସମୃଦ୍ଧିର ଗଭୀର ସମ୍ପର୍କ ରହିଛି। ପୁଷ୍ଟିର ଉନ୍ନତି ଜରିଆରେ ଆମେ ବିକାଶର ଲକ୍ଷ୍ୟ ପୂରଣ କରିପାରିବା। ପରିବାରକୁ ଉପଯୁକ୍ତ ପୁଷ୍ଟି କେବଳ ମା' ହିଁ ଦେଇପାରିବେ। ଏହି କାର୍ଯ୍ୟକ୍ରମର ସଫଳତା ମା'ମାନଙ୍କ ଉପରେ ନିର୍ଭର କରେ। ଅଙ୍ଗନୱାଡ଼ି କର୍ମୀ ଓ ମିଶନ ଶକ୍ତି ମା'ମାନଙ୍କର ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଗୁରୁଦାୟିତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



**ଆରମ୍ଭ ହେଲା 'ପଡ଼ା ପୁଷ୍ଟି' କାର୍ଯ୍ୟକ୍ରମ**

ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ୨୦୨୦-୨୧ରୁ ପୁଷ୍ଟି ବଜେଟ ପରିକଳ୍ପନା କରିଛି। ମମତା ଯୋଜନାରେ ରାଜ୍ୟର ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନିଆଯାଉଛି। 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଏ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନା ଦ୍ୱାରା ରାଜ୍ୟର ପ୍ରତ୍ୟେକ ମହିଳା ଓ ଶିଶୁ ସ୍ୱାସ୍ଥ୍ୟବାନ ହୋଇପାରିବେ। ଏହା ଦ୍ୱାରା ଆମେ ସମୃଦ୍ଧି ପଥରେ ଆଗେଇବା ସହିତ ଆମ ଲକ୍ଷ୍ୟ ହାସଲରେ ସଫଳ ହେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫-ଟିର ପାଞ୍ଚଟି ଉପାଦାନର ପ୍ରୟୋଗରେ ମହିଳା ଓ ଶିଶୁ ବିକାଶ ବିଭାଗ ତୃଣମୂଳ ସ୍ତରରେ ସମସ୍ତଙ୍କୁ ସାମିଲ କରି ଏହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବାଦୀ। ଆମ ସମସ୍ତଙ୍କ ସମ୍ମିଳିତ ଉଦ୍ୟମ ହିଁ ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ଓ ଉନ୍ନତ ପୁଷ୍ଟି ଯୋଗାଇ ଦେଇ ସାମଗ୍ରିକ ବିକାଶକୁ ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଆମ ପାଇଁ ଏକ ମିଶନ। ଏହି ଯୋଜନା ସମଗ୍ର ଓଡ଼ିଶାବାସୀଙ୍କ ଜୀବନ ଓ ଭବିଷ୍ୟତକୁ ଉନ୍ନତ କରିବ।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ପୁଷ୍ଟି ସୂଚକାଙ୍କରେ ଧୀରେ ଧୀରେ ଓଡ଼ିଶା ଉପରକୁ ଉଠୁଛି। ଜାତୀୟ ସ୍ତରରେ ମଧ୍ୟ ଏ କ୍ଷେତ୍ରରେ ଓଡ଼ିଶା ଭଲ ସ୍ଥିତିରେ ରହିଛି। ପୁଷ୍ଟିସାଧନ କ୍ଷେତ୍ରରେ ରୂପାନ୍ତର ଆଣିବା ପାଇଁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଏକ ସମୟୋପଯୋଗୀ ପଦକ୍ଷେପ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଡିସ୍‌ଚାର୍ଜ ପିଟିଶନ ଖାରଜ, ଚାର୍ଜଫ୍ରେମ ଦାଖଲ

ସମ୍ବଲପୁର,୧୪।୯(ଶୁଭାଶିଷ ପାଢ଼ୀ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାରେ ଗୁରୁବାର ଝାରସୁଗୁଡ଼ା ଅତିରିକ୍ତ ଜିଲା ଜଜ୍‌କୋର୍ଟରେ ଅଭିଯୁକ୍ତ ବହିଷ୍କୃତ ପୋଲିସ ଏଏସ୍‌ଆଇ ଗୋପାଳ ଦାସଙ୍କୁ ହାଜର କରାଯାଇଥିଲା। କୋର୍ଟରେ ପୂର୍ବରୁ ଆବେଦନ କରାଯାଇଥିବା ଡିସ୍‌ଚାର୍ଜ ପିଟିଶନ ଉପରେ ଶୁଣାଣି ହୋଇଥିଲା। ଅଭିଯୁକ୍ତଙ୍କ ଓକିଲ ଓ ଅନ୍ୟପକ୍ଷ ଓକିଲ ନିଜ ପକ୍ଷ ରଖିଥିଲେ। ଉଭୟ ପକ୍ଷ ଶୁଣିବା ପରେ ଅପରାହ୍ନ ୩ଟାରେ ରାୟ ପ୍ରକାଶ ପାଇଥିଲା। ଡିସ୍‌ଚାର୍ଜ ପିଟିଶନକୁ ବିଚାରପତି ଖାରଜ କରିଦେଇଥିଲେ। ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଚାର୍ଜଫ୍ରେମ ଦାଖଲ ହୋଇଥିଲା। ବିଚାରପତିଙ୍କ ପ୍ରଶ୍ନରେ ଅଭିଯୁକ୍ତ ଗୋପାଳ ଦୋଷ ସ୍ୱୀକାର କରି ନ ଥିଲେ। ବରଂ ଆଗକୁ ମାମଲା ଲଢ଼ିବାକୁ କହିଥିଲେ। ଅକ୍ଟୋବର ୫ରେ ପରବର୍ତ୍ତୀ ଶୁଣାଣି ହୋଇ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ।

ଏ ନେଇ ଗୋପାଳଙ୍କ ଓକିଲ ନରେଶ ନାୟକ କହିଛନ୍ତି, ଗୋପାଳ ଜଣେ ମାନସିକ ରୋଗୀ। ସେ ଜେଲ ଭିତରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରୁଛନ୍ତି। ପୂର୍ବରୁ ମଧ୍ୟ ସେ ଏହି ରୋଗରେ ପୀଡ଼ିତ ଥିବା ନେଇ ପ୍ରମାଣ ରହିଛି। ବିଚାରପତିଙ୍କ ଆଗରେ ଗୋପାଳ ତାଙ୍କ ବନ୍ଧୁକ ଗୁଳିରେ ମନ୍ତ୍ରୀଙ୍କ ମୃତ୍ୟୁ ଘଟିନାହିଁ ବୋଲି କହିଥିଲେ।


ଝାରସୁଗୁଡ଼ା କୋର୍ଟରେ ଅଭିଯୁକ୍ତ ଗୋପାଳ ଦାସ।

**ନବ ଦାସ ହତ୍ୟା ମାମଲା**
**ଦୋଷ ଅସ୍ୱୀକାର କଲେ ଗୋପାଳ**

କ୍ରାଇମବ୍ରାଞ୍ଚ ଦେଇଥିବା ଚାର୍ଜଫ୍ରେମରେ ଗୋପାଳ ପାଗଳ ନୁହେଁ ବୋଲି କୁହାଯାଉଛି, ଯାହାକି ଡାକ୍ତରୀ ରିପୋର୍ଟକୁ ଚ୍ୟାଲେଞ୍ଜ କରୁଛି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ମନ୍ତ୍ରୀ ନବ ଦାସ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗସ୍ତରେ ଯାଇଥିବା ବେଳେ ଗାନ୍ଧୀ ଛକରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ସର୍ଭିସ ବନ୍ଧୁକରେ ଗୁଳିକରି ହତ୍ୟା କରିଥିଲେ। ଘଟଣାର ତଦନ୍ତଭାର ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ହତ୍ୟାକାଣ୍ଡର ୧୧୮ଦିନ ପରେ କ୍ରାଇମବ୍ରାଞ୍ଚ ୫୩୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଥିଲା। ଏଥିରେ ୮୯ ଜଣଙ୍କ ସାକ୍ଷ୍ୟ ଓ ଜେରା କରାଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ହତ୍ୟା କରିଥିବା ଚାର୍ଜଶିଟରେ ଉଲ୍ଲେଖ ରହିଥିଲା। ଏପରିକି ଅଭିଯୁକ୍ତ ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ପୂର୍ବରୁ ଜୁଲାଇ ୨୦ ଓ ୩୦ରେ ଗୋପାଳଙ୍କୁ କଡ଼ା ସୁରକ୍ଷା ବଳୟରେ ଝାରସୁଗୁଡା କୋର୍ଟରେ ହାଜର କରାଯାଇଥିଲା। ଘଟଣାର ୭ମାସ ପରେ ମଧ୍ୟ ମନ୍ତ୍ରୀ ଦାସଙ୍କୁ ଜଣେ ପୋଲିସ କର୍ମଚାରୀ କାହିଁକି ସର୍ଭିସ ବନ୍ଧୁକରେ ଗୁଳିକରି ହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାପଯୁକ୍ତ ଚନ୍ଦ୍ର ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି କାହାକୁ ମଧ୍ୟ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଅତି ଭଲ ପାଉଥିବା ବନ୍ଧୁଟି ପ୍ରତି ନିର୍ଦ୍ଦୟ ହେବା ଠିକ୍ ହେବନାହିଁ। ସନ୍ତାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ତଥା ଅତୀତ ସ୍ମୃତି ରୋମନ୍ଥନ କରି ଭାବ ବିହ୍ୱଳ ହୋଇପାରନ୍ତି।

**ବୃଷ** ଦୀର୍ଘଦିନରୁ ରହିଥିବା ଋଣ ଓ ବନ୍ଧୁବର୍ଗଙ୍କ ହୀନମନ୍ୟତା ବିଷୟରେ ଚିନ୍ତା କରିବେ। ସହକର୍ମୀଙ୍କ ସ୍ନେହ, ସହାନୁଭୂତି ଯୋଗୁ ସମସ୍ୟା ଓ ଦୁଃଖକୁ କିଛି ସମୟ ପାଇଁ ଭୁଲି ଯାଇପାରନ୍ତି। ପୁରାତନ ରୋଗର ପ୍ରାଦୁର୍ଭାବ କ୍ରମଶଃ ବୃଦ୍ଧି ପାଇବାର ଆଶଙ୍କାକୁ ଏଡ଼ାଇହେବ ନାହିଁ। ନିଜର ଆତ୍ମୀୟଙ୍କ ଭିନ୍ନ ଚିନ୍ତାଧାରାର ସମାଲୋଚନା କରିପାରନ୍ତି।

**ମିଥୁନ** ପାରିବାରିକ ଜୀବନ ସୁଖରେ କାଟିବେ କିନ୍ତୁ ସାଧାରଣ କଥାରେ ବିତର୍କର ସମ୍ଭାବନା ରହିଛି। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେଇପାରେ, କିନ୍ତୁ ଅସୁବିଧା ହେବନି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ହେତୁ ନିଷ୍ପତ୍ତି ନେବାରେ ବିଳମ୍ବ ହୋଇପାରେ।

**କର୍କଟ** ପୂର୍ବାପେକ୍ଷା ଆପଣଙ୍କ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଅଧିକ ଆଶା କରି ନ ପାଇବା କାରଣରୁ ମନ ଭଲ ରହିବ ନାହିଁ। ସହକର୍ମୀଙ୍କ ସହଯୋଗରେ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା କାରଣରୁ କିମ୍ବା ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଅଫିସରେ ସମସ୍ୟା ବଢ଼ିପାରେ।

**ସିଂହ** ମଙ୍ଗଳଙ୍କ ଦୁର୍ବଳତା ହେତୁ କେତେକ କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି ପରିଲକ୍ଷିତ ହେବ। ପରୋକ୍ଷ ଶତ୍ରୁତା କାର୍ଯ୍ୟରେ ବାଧା ସୃଷ୍ଟି କରିବ। ପର କଥାରେ ମନ ଦେଇ ନିଜ କାମକୁ ଅବହେଳା କରିବା କାରଣରୁ ଘରୁ ଗାଳି ଖାଇପାରନ୍ତି। କାହାଠାରୁ କିଛି ନିଜ ଘର ବିଷୟରେ ଶୁଣି ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**କନ୍ୟା** ଅତୀତ କଥାକୁ ଭାବି ଆଜି ମନଟା ଭଲ ଲାଗିବ ନାହିଁ। କେତେକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିବା ହେତୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇଯିବ। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସୌଜନ୍ୟତା ଦୃଷ୍ଟିରୁ ନିଜ କାମ ପଛକୁ ପକାଇ ସମ୍ପର୍କୀୟ କାମକୁ ପ୍ରାଧାନ୍ୟ ଦେଇପାରନ୍ତି।

**ତୁଳା** ଶୁକ୍ରଙ୍କ ଯୋଗୁ କାମରେ ହାରିବେ ନାହିଁ କିନ୍ତୁ ଦ୍ୱନ୍ଦ୍ୱ କଲେ ପାରିବେ ନାହିଁ। ମଧ୍ୟାହ୍ନରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଯେତେ ଭଲ କାମ କଲେ କ'ଣ ହେବ ଟିକିଏ ଟିକିଏ କଥାରେ ଚିହ୍ନା ପଡି ସମାଲୋଚିତ ହୋଇପାରନ୍ତି।

**ବିଛା** ଆଜି କୌଣସି କାମରେ ପୂର୍ଣ୍ଣ ସନ୍ତୋଷ ମିଳିବା କାରଣରୁ ମନ ଭଲ ରହି ନ ପାରେ। ଆଶା କରିଥିବା ଅର୍ଥ ବିଳମ୍ବରେ ପାଇବାରୁ ଯୋଜନା କଷ୍ଟରେ କାର୍ଯ୍ୟକାରୀ ହେବ। ଆପଣ ହାତଯୋଡି ବସିରହିଲେ ଚଳିବ ନାହିଁ , ଏଥିପାଇଁ ଦୃଢ଼ ମନୋବଳ ପୋଷଣ କରିବା ଭଲ ହେବ। ଘରେ ବନ୍ଧୁମିଳନ ଓ ଖୁସିର ଆସର ଜମିପାରେ।

**ଧନୁ** ସାଧାରଣ କଥାକୁ ଅତିରଞ୍ଜିତ କରି ଆକସ୍ମିକ କଳହଜନିତ ଅନ୍ୟମନସ୍କ ରହିପାରନ୍ତି। ଯାତ୍ରା ସମୟରେ ପକେଟମାର କିମ୍ବା ଚୋରିଜନିତ ଧନ ହାନିର ସୂଚନା ମଧ୍ୟ ରହିଛି। ପୂର୍ବାଷାଢ଼ା ନକ୍ଷତ୍ର କିନ୍ତୁ କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ।

**ମକର** ଆଜିର ଯାତ୍ରା ଶୁଭପ୍ରଦ ଓ କାମ ଆଶାନୁରୂପ ହେବା କାରଣରୁ ମନ ଖୁସି ହୋଇଯିବ। ଆପଣଙ୍କ ସୁଖ ଅନ୍ୟମାନଙ୍କ ମନରେ ଈର୍ଷା ଉଦ୍ରେକ କରିବ। ବନ୍ଧୁଙ୍କ ଆଗମନରେ ଯେତିକି ଖୁସି ହେବେ ତାଙ୍କ ମତିଗତି ଓ କାର୍ଯ୍ୟ କଳାପରେ ସେତିକି ଅସନ୍ତୁଷ୍ଟ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ଆଜିର ଯାତ୍ରା ସମୟରେ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ପାରିବାରିକ କ୍ଷେତ୍ରରେ ଛୋଟଛୋଟ କଥାରେ ବେଶି ରାଗନ୍ତୁ ନାହିଁ। ସ୍ୱାଭାବିକ ଭାବେ କଥାକୁ ବିଚାର କରି କାମ କଲେ ଭଲ ହୁଅନ୍ତା। ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

**ମୀନ** ଚେଷ୍ଟା ସଫଳ ହେବାରେ ସହଯୋଗର ସୁଅ ଛୁଟିବ। କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବ୍ୟବସାୟ, ସଭାସମିତି, ଆନୁଷ୍ଠାନିକ କାମ ଓ କଚେରି ମାମଲା କ୍ଷେତ୍ରରୁ ଶୁଭ ଫଳ ପାଇବେ। କିନ୍ତୁ ପରିବାର ଭିତରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଆଜି ଭାଦ୍ରବ ମାସର ଅମାବାସ୍ୟା ଯୁକ୍ତ ଶୁକ୍ଳ ପ୍ରତିପଦା ଶୁକ୍ରବାର, ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି ଓ ବସ୍ତ୍ରହରଣ ପ୍ରସ୍ତାବ, ସାଗରବିଜେ, ସେପ୍ଟେମ୍ବର ୧୫ ତାରିଖ, ଭାରତରତ୍ନ ସାର୍ ଏମ୍ ବିଶ୍ୱେଶ୍ୱରାୟାଙ୍କ ଜୟନ୍ତୀ, ଇଞ୍ଜିନିୟର୍ସ ଡେ, ରାଶି ନକ୍ଷତ୍ର- ଉତ୍ତରାଫାଲଗୁନୀ/ସିଂହ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ ଗତେ ୦୬।୨୬ ମଧ୍ୟେ, ଘ.୦୭।୧୪ ଗତେ ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୦ ଗତେ ଘ.୧୧।୪୧ ମଧ୍ୟେ ରାହୁକାଳ।

## କାର୍ଯ୍ୟ ଦିବସ ନଷ୍ଟ...

ପ୍ରଥମ ପୃଷ୍ଠାରୁ...

ଶିକ୍ଷକମାନଙ୍କ ଦାବିକୁ ନେଇ ଶିକ୍ଷକ ସଙ୍ଗଠନ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା ଜାରି ରଖିଛି। ଆଲୋଚନା ପରେ କମିଟି ସୁପାରିସଗୁଡ଼ିକୁ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିକୁ ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜିଲା ଓ ବ୍ଲକସ୍ତରରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅବଗତ କରିବାକୁ ଡିଇଓ ଏବଂ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକ ଆନ୍ଦୋଳନ ଯୋଗୁ ରାଜ୍ୟରେ ପାଠପଢ଼ା ପ୍ରଭାବିତ ହୋଇଛି। ପିଲାମାନେ ଶିକ୍ଷାଗ୍ରହଣରୁ ବଞ୍ଚିତ ହେଉଛନ୍ତି। ଯେକୌଣସି ପରିସ୍ଥିତିରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଆନ୍ଦୋଳନରୁ ହଟାଇବାକୁ ସବୁ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଉତ୍କଳ ପ୍ରାଥମିକ ସ୍କୁଲ ଶିକ୍ଷକ ଫେଡେରେଶନ ଅଧୀନରେ ରାଜ୍ୟବ୍ୟାପୀ ପ୍ରାୟ ୧.୩୦ ଲକ୍ଷ ପ୍ରାଥମିକ ଶିକ୍ଷକ ଆନ୍ଦୋଳନ ଚଳାଇଛନ୍ତି। ହାଇସ୍କୁଲ ଭଳି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରୁ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ କରିବା, ଗ୍ରେଡ୍ ପେ' ୨୨ଶହରୁ ୪୨ଶହକୁ ବୃଦ୍ଧି ଏବଂ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରିବାକୁ ଶିକ୍ଷକମାନେ ଦାବି କରିଛନ୍ତି। ଶିକ୍ଷକ ଆନ୍ଦୋଳନ ଯୋଗୁ ରାଜ୍ୟର ପ୍ରାୟ ୫୦ ହଜାର ସ୍କୁଲର ୪୦ ଲକ୍ଷ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେବା ସହ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ମଧ୍ୟ ପ୍ରଭାବିତ ହୋଇଛି।

ପ୍ରାଥମିକ ଶିକ୍ଷକ ଫେଡେରେଶନର ସାଧାରଣ ସମ୍ପାଦିକା ଚାରୁଲତା ମହାପାତ୍ର କହିଛନ୍ତି, ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ନେଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲିଛି। ପିଲାମାନଙ୍କ ପ୍ରତି ଆମେ ସମ୍ବେଦନଶୀଳ। ପିଲାମାନଙ୍କ ପାଠପଢ଼ାକୁ ଆମେ ଭରଣା କରିବୁ। ସରକାର ଆମ ଦାବିକୁ ପୂରଣ କଲେ ଆମେ କାର୍ଯ୍ୟରେ ଯୋଗଦେବୁ। ଆସନ୍ତା ଶନିବାର ସଂଘର ବୈଠକ ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଶିକ୍ଷକ ସଂଘର ଜଣେ ସଦସ୍ୟ କହିଛନ୍ତି, ଦେଶର ୨୨ଟି ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକମାନଙ୍କର ଗ୍ରେଡ୍ ପେ' ୪୨୦୦ ରହିଛି। ନ୍ୟାଶନାଲ କାଉନ୍‌ସିଲ ଫର୍ ଟିଚର ଏଜୁକେଶନ ଗାଇଡ୍‌ଲାଇନ ଅନୁଯାୟୀ ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ଯୋଗ୍ୟତା ଯୁକ୍ତ୨ ସହ ସିଟି କିମ୍ବା ବିଇଡି ଯୋଗ୍ୟତା ଧାର୍ଯ୍ୟ କରିଛନ୍ତି। ଏ ଦୃଷ୍ଟିରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକମାନଙ୍କର ଗ୍ରେଡ୍ ପେ' ୨୨୦୦ରୁ ୪୨୦୦କୁ ବୃଦ୍ଧି କରିବା ଆବଶ୍ୟକ। ୨୦୧୭ରୁ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ଏ ନେଇ ଦାବି କରାଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲୁ ରହିବ। ଏହାଛଡ଼ା ପ୍ରାଥମିକ ସ୍କୁଲରେ ଠିକା ନିଯୁକ୍ତି ବଦଳରେ ସ୍ଥାୟୀ ନିଯୁକ୍ତି କରିବାକୁ ଶିକ୍ଷକ ସଂଘ ଦାବି କରିଛି।

## ଓଡ଼ିଶାର ଏମ୍‌ପି,...

ବୈଧାନିକ ସଂସ୍ଥାରେ ବ୍ୟବସ୍ଥା ରହିଥିବା ସେ ଦର୍ଶାଇଛନ୍ତି। ଏମ୍‌ପି ଏବଂ ବିଧାୟକମାନେ ଜନସାଧାରଣଙ୍କ ସାର୍ବଭୌମ ଇଚ୍ଛାର ପ୍ରତିନିଧିତ୍ୱ କରିଥାନ୍ତି। ସେ ନୈତିକ ନୀତି ଭ୍ରଷ୍ଟତାରେ ସମ୍ପୃକ୍ତ ଅପରାଧ କରିଥିବା ପ୍ରମାଣିତ ହେଲେ ସବୁଦିନ ପାଇଁ ଏହି ପଦବୀରୁ ଅଯୋଗ୍ୟ ଘୋଷିତ ହେବା ଆବଶ୍ୟକ। ଅଯୋଗ୍ୟ ଘୋଷଣା ସମୟସୀମାକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସୀମିତ ରଖିବା ସମ୍ବିଧାନର ଅନୁଚ୍ଛେଦ ୧୪ରେ ଥିବା ସମାନତା ଧାରାର ଖୋଲା ଉଲ୍ଲଂଘନ ବୋଲି ହଂସାରିଆ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ନିର୍ଦ୍ଦିଷ୍ଟ ଦୋଷୀ ସାବ୍ୟସ୍ତ ସମୟସୀମା ଶେଷ ହେବା ପରେ ଉକ୍ତ ବ୍ୟକ୍ତି ପୁଣିଥରେ ସର୍ବୋଚ୍ଚ ବ୍ୟବସ୍ଥାପିକାରେ ସ୍ଥାନ ପାଇବା ସ୍ପଷ୍ଟ ଭାବେ ମନମାନି ବୋଲି ସେ କହିଛନ୍ତି। ଦୋଷୀ ସାବ୍ୟସ୍ତ ଏମ୍‌ପି ଏବଂ ବିଧାୟକମାନେ ୬ ବର୍ଷ ଯାଏ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୮ରେ ରହିଥିବା ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ଭାଜପା ନେତା ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହା ଉପରେ ରିପୋର୍ଟ ଦେବା ଲାଗି ହଂସାରିଆଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରାଯାଇଥିଲା।

ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ୧୩ ତାରିଖ ବୁଧବାର କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ଧରିତ୍ରୀ ସହଯୋଗରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତାର କିଛି ଝଲକ






(ପ୍ରଥମରୁ ) ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ନାୟକ, ପିଜି କାଉନ୍‌ସିଲ ଚେୟାରପର୍ସନ ଲୁନା ସାମନ୍ତ, କୁଳସଚିବ କାହ୍ନୁଚରଣ ମଲ୍ଲିକ ଏବଂ ଛାତ୍ର କଲ୍ୟାଣ ନିର୍ଦ୍ଦେଶିକା (ଡିଏସ୍‌ଡବ୍ଲ୍ୟୁ) ଡ. ଅଳକାନନ୍ଦ ପରିଡ଼ା ଉଦ୍‌ବୋଧନ ଦେଉଛନ୍ତି।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ୍ ଚେୟାରମ୍ୟାନ ଲୁନା ସାମନ୍ତ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି । ନିକଟରେ ଅଛନ୍ତି ରେଜିଷ୍ଟ୍ରାର କାହ୍ନୁଚରଣ ମଲ୍ଲିକ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ପ୍ରଫେସର ଡ.ଉର୍ମିଶ୍ରୀ ବେଦମାତା।

# ଏମ୍‌ଭି ୯୬ ପୋଲ ଉପରେ ୫ ଫୁଟର ବର୍ଷାଜଳ



ମାଲକାନଗିରି,୧୪।୯
(ଦୁର୍ଯ୍ୟୋଧନ ପାତ୍ର)

ଲଘୁଚାପଜନିତ ବର୍ଷା ଯୋଗୁ ମାଲକାନଗିରି ଜିଲାର ବିଭିନ୍ନ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ୨ଦିନ ପୂର୍ବେ କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି ୯୬ ଗ୍ରାମ ନିକଟ ପୋଲ ଉପରେ ୫ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେବାରୁ ମାଲକାନଗିରି-ମୋଟୁକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଉକ୍ତ ଦିନ ପ୍ରାୟ ୭ ରୁ ୮ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିବା ବେଳେ ଗୁରୁବାର ପୁନର୍ବାର ଉକ୍ତ ପୋଲ ଉପରେ ୫ ଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି । ବୁଧବାର ରାତିଠାରୁ ପ୍ରବଳ ବର୍ଷା ହେବା ଯୋଗୁ ଏମ୍‌ଭି ୯୬ ପୋଲ ଉପରେ ୫ ଫୁଟ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହେଉଛି । ଫଳରେ ମାଲକାନଗିରି-ମୋଟୁକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ନଦୀର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଛି । ଫଳରେ ମାଲକାନଗିରିରୁ ହାଇଦ୍ରାବାଦକୁ ଯାଉଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ମଧ୍ୟ ଅଟକିଛି । ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏମ୍‌ଭି ୭୯ ପୋଲିସ ନଦୀ ନିକଟରେ ଜଗି ରହିଛି ।

# ଇରାନୀଙ୍କ ମାୟାଜାଲରେ ଫସିଛନ୍ତି ବଡ଼ବଡ଼ିଆ

## ଅର୍ଚ୍ଚନାଙ୍କ ପରେ ଆଉ ଜଣେ ହନିଟ୍ରାପ୍ କୁଇନ୍

ଭୁବନେଶ୍ୱର,୧୪।୯
(ସତ୍ୟଜିତ୍ ରାଉତ)

- ଥାନାରେ ରୁଜୁ ହେଲାଣି ୩ ମାମଲା, ଏତଲା ସଂଖ୍ୟା ବଢ଼ିବା ଆଶଙ୍କା
- ସୋସିଆଲ୍ ମିଡିଆରେ ବନ୍ଧୁତା କରି ଜାଲ ବିଛାଉଥିଲେ

ଡାକ୍ତରଙ୍କୁ ହନିଟ୍ରାପ୍ ମାୟାଜାଲରେ ଫସାଇ ଲୁଟିବା ମାମଲାରେ ତମାଣ୍ଡୋ ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଇରାନୀ ପାତ୍ର, ତାଙ୍କ ସ୍ୱାମୀ ଏବଂ ସହଯୋଗୀଙ୍କ ସମ୍ପର୍କରେ ବହୁ ଗୁମର ଖୋଲିବାରେ ଲାଗିଛି । ଅର୍ଚ୍ଚନା ନାଗଙ୍କ ଭଳି ଇରାନୀ ଜଣେ ବଡ଼ ହନିଟ୍ରାପ୍ କୁଇନ୍ ବୋଲି ତଦନ୍ତରୁ ସ୍ପଷ୍ଟ ହୋଇଛି । ଇରାନୀ କେବଳ ଜଣେ ଡାକ୍ତରଙ୍କୁ ଫସାଇନାହାନ୍ତି, ଏଭଳି ବହୁ ବଡ଼ବଡ଼ିଆଙ୍କୁ ମଧ୍ୟ ତାଙ୍କ ମାୟାଜାଲରେ ଫସାଇ ଲୁଟିଛନ୍ତି । ଇରାନୀଙ୍କ ଗ୍ୟାଙ୍ଗର ଶିକାର ହୋଇଛନ୍ତି ଡାକ୍ତର, ବ୍ୟବସାୟୀ ଓ ଉଚ୍ଚଶିକ୍ଷିତ ଛାତ୍ର । ଇରାନୀଙ୍କ ନାଁ ଚର୍ଚ୍ଚାକୁ ଆସିବା ପରେ ହନିଟ୍ରାପ୍‌ର ଶିକାର ହୋଇଥିବା ଜଣକ ପରେ ଜଣେ ତମାଣ୍ଡୋ ଥାନାରେ ଏତଲା ଦେଉଛନ୍ତି । ତାଙ୍କ ବିରୋଧରେ ଏପର୍ଯ୍ୟନ୍ତ ୩ଟି ମାମଲା ରୁଜୁ ହୋଇଥିବା ବେଳେ ଏହି ସଂଖ୍ୟା ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ାର ଜଣେ ଉଚ୍ଚଶିକ୍ଷିତ ଛାତ୍ର ଇରାନୀଙ୍କ ଜାଲରେ ପଡ଼ି ୫ ହଜାର ଟଙ୍କା ଦେଇଥିବା ବୁଧବାର ଅଭିଯୋଗ କରିଥିଲେ । ଏପରିକି ସେ ୨ ଲକ୍ଷ ଟଙ୍କା ଦେବା ପାଇଁ ଡିଲ୍ ହୋଇଥିଲା । ଗୁରୁବାର ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ଜଣେ ବ୍ୟବସାୟୀ ଥାନାରେ ଏତଲା ଦେଇ ବହୁ ତଥ୍ୟ ଦେଇଛନ୍ତି । ଇରାନୀ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଘରକୁ ଡାକି ଫସାଇ ୨ ଲକ୍ଷ ଟଙ୍କା ଦାବି କରିଥିଲେ । ଟଙ୍କା ନ ଦେଇ ପାରିବାରୁ ନିସ୍ଠୁକ ମାଡ଼ ମାରିଥିଲେ । ବ୍ଲାକମେଲ୍ କରି ତାଙ୍କ ଫୋନପେରୁ ୧୯ ହଜାର ୫୦୦, ନଗଦ ୩ ହଜାର ଟଙ୍କା ଓ ସୁନାମୁଦି ନେଇଯାଇଥିଲେ ।



ଇରାନୀ

### ଡିନର୍ ପାଇଁ ଘରକୁ ଡାକି ବ୍ଲାକ୍‌ମେଲ୍ କରୁଥିଲେ

ଇରାନୀ ତମାଣ୍ଡୋ ନାରଗୋଦା ଅଞ୍ଚଳରେ ଏକ ଡୁପ୍ଲେକ୍ସ ଘରକୁ ଭଡ଼ା ନେଇଥିଲେ । ଉକ୍ତ ଘରକୁ ସମସ୍ତଙ୍କୁ ଡାକି ଗୃହବନ୍ଦୀ କରି ଫସାଉଥିଲେ । ଇରାନୀ ଫେସବୁକ୍ ଆଦି ସୋସିଆଲ ମିଡିଆରେ ବଡ଼ବଡ଼ିଆଙ୍କ ସହ ବନ୍ଧୁତା ସ୍ଥାପନ କରୁଥିଲେ । ପରେ ତାଙ୍କ ଘରକୁ ଡିନର୍ ପାଇଁ ଡାକୁଥିଲେ । ଡିନର୍ ପାଇଁ ସମ୍ପୃକ୍ତ ବ୍ୟକ୍ତି ଘରକୁ ଆସିବା ପରେ ସ୍ୱାମୀ ଓ ସହଯୋଗୀମାନେ ତାଙ୍କୁ ଘେରିଯାଉଥିଲେ । କାହାକୁ ୨ ଲକ୍ଷ ତ ଆଉ କାହାକୁ ୧୦ ଲକ୍ଷ ଦାବି କରୁଥିଲେ । ଟଙ୍କା ଦେବା ପାଇଁ ମନା କଲେ ଇରାନୀ ତାଙ୍କୁ ବଳାତ୍କାର ମାମଲାରେ ଫସାଇ ଦେବାକୁ କହି ବ୍ଲାକ୍‌ମେଲ୍ କରୁଥିଲେ ।

### ଯାତ୍ରାରେ ଅଭିନୟ କରୁଥିଲେ ଇରାନୀ

ପୋଲିସ ଜାଣିବାକୁ ପାଇଛି ଯେ, ଇରାନିଙ୍କ ଘର ଯାଜପୁର ଅଞ୍ଚଳରେ । ସେ ବିବାହ ପୂର୍ବରୁ ଏକ ଯାତ୍ରାପାର୍ଟିରେ ଅଭିନୟ କରୁଥିଲେ । ଏପରିକି ମଝିରେ ମଝିରେ ଆଙ୍କରିଂ ମଧ୍ୟ କରୁଥିଲେ । ଅଭିନେତ୍ରୀ ହୋଇଥିବାରୁ ଇରାନି ସମସ୍ତଙ୍କୁ ହନିଟ୍ରାପ୍ ମାୟାରେ ଫସାଇବାକୁ ସଫଳ ହେଉଥିଲେ ।

### ସ୍ୱାମୀଙ୍କ ପରେ ରିମାଣ୍ଡରେ ଆସିବେ ଇରାନୀ

ପୋଲିସ ପ୍ରଥମେ ତାଙ୍କ ସ୍ୱାମୀ ନିଶିକାନ୍ତ ପାତ୍ର ଓରଫ ବାପିଙ୍କୁ ରିମାଣ୍ଡରେ ଆଣିବ । ଶୁକ୍ରବାର ନିଶିକାନ୍ତଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିବ ପୋଲିସ । ନିଶିକାନ୍ତଙ୍କୁ ରିମାଣ୍ଡରେ ଆଣି ତଥ୍ୟ ହାସଲ କରିବା ପରେ ଇରାନୀଙ୍କ ପାଳି ପଡ଼ିବ । ଇରାନୀଙ୍କୁ ରିମାଣ୍ଡରେ ଆଣି ଜେରା କରି ହନିଟ୍ରାପ୍ ମାୟାଜାଲ ବିଷୟରେ ବହୁ ତଥ୍ୟ ପାଇବାକୁ ପୋଲିସ ଆଶା ରଖିଛି ।

### ଆଜି ଏସ୍‌ଏଫ୍‌ଏସ୍‌ଏଲ୍ ଯିବ ଜବତ ୨ ମୋବାଇଲ

ଇରାନୀଙ୍କ ପାଖରୁ ଜବତ ହୋଇଥିବା ୨ଟି ମୋବାଇଲରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି । ଏପରିକି ବହୁ ଲୋକଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରହିଥିବା ଜଣାପଡ଼ିଛି । ସେହିଭଳି ଫେସବୁକ୍ ମେସେଞ୍ଜର, ହ୍ୱାଟସଆପ୍ ଚାଟ୍‌ରେ ମଧ୍ୟ ବହୁ ତଥ୍ୟ ରହିଛି । ସିଲ୍ ହୋଇଥିବା ଏହି ଦୁଇଟି ମୋବାଇଲକୁ ଶୁକ୍ରବାର ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପୋଲିସ ପଠାଇବ । ଏହାର ରିପୋର୍ଟ ଆଧାରରେ ତଦନ୍ତ ଆଗେଇବ ।

# ବଲିଉଡ୍ ଷ୍ଟାର ଗୋବିନ୍ଦାଙ୍କୁ ଜେରା କରିବ ଇଓଡବ୍ଲ୍ୟୁ

ଭୁବନେଶ୍ୱର,୧୪।୯
(ସୂର୍ଯ୍ୟକାନ୍ତ ବେହେରା)

## ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା



ଏସ୍‌ଟିଏ ଟୋକନ କ୍ରିପ୍ଟୋ ପୁଞ୍ଜି ନିବେଶ ନାଁରେ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ ଜାରି ରଖିଛି । ତେବେ ଏହି ମାମଲାରେ ବଲିଉଡ ଷ୍ଟାର୍ ଗୋବିନ୍ଦାଙ୍କୁ ସମନ କରି ଜେରା କରିବାକୁ ଇଓଡବ୍ଲ୍ୟୁ ଯୋଜନା କରିଛି । ଗୋଟିଏ ଟିମ୍ ମୁମ୍ବାଇ ଯାଇ ତାଙ୍କୁ ଜେରା କରିବ ବୋଲି ଇଓଡବ୍ଲ୍ୟୁ ଡିଏସ୍‌ପି ସସ୍ମିତା ସାହୁ ଗୁରୁବାର ସୂଚନା ଦେଇଛନ୍ତି । ଗତ ଜୁଲାଇ ୨୫ରୁ ୩୧ ତାରିଖ ମଧ୍ୟରେ ଗୋଆର ଏକ ଆଲିଶାନ୍ ହୋଟେଲ୍‌ରେ ବଡ଼ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ସେହି କାର୍ଯ୍ୟକ୍ରମକୁ ଅଭିନେତା ଗୋବିନ୍ଦାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏଥିରେ ୧ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗୋବିନ୍ଦା ଏସ୍‌ଟିଏର 'ବ୍ଲକ୍ ଚେନ୍' ଲଞ୍ଚ୍ କରିଥିଲେ । ଏହା ଲଞ୍ଚ୍ ହେବା ପରେ ଏସ୍‌ଟିଏ ଟୋକନ୍ କଏନ୍‌ରେ ଲୋକେ ପ୍ରଭାବିତ ହୋଇଥାଇପାରନ୍ତି । ତେଣୁ ଏସ୍‌ଟିଏରେ ଗୋବିନ୍ଦାଙ୍କ ଭୂମିକା କ'ଣ ଏବଂ ସେ କାହିଁକି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ତାହା ଜାଣିବାକୁ ତାଙ୍କୁ ଇଓଡବ୍ଲ୍ୟୁ ଖୁବଶୀଘ୍ର ଜେରା କରିପାରେ ବୋଲି ଡିଏସ୍‌ପି ସାହୁ କହିଛନ୍ତି ।

ସୂଚନାନୁଯାୟୀ, ଅତି କମ୍ ସମୟ ମଧ୍ୟରେ ବହୁଗୁଣ ଅର୍ଥ ଲାଭର ପ୍ରଲୋଭନ ଦେଖାଇ ଦେଶବ୍ୟାପୀ ଏହି ଠକେଇ ର୍‍ୟାକେଟର 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ ଏବଂ ଓଡ଼ିଶା ମୁଖ୍ୟ ଭଦ୍ରକର ନୀରୋଦ ଦାସ ଓ ରତ୍ନାକର ଦଳାଇଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିବା ବେଳେ ଅନେକ ଅଭିଯୁକ୍ତ ଫେରାର ଅଛନ୍ତି । ତେଣୁ ଫେରାର ଥିବା ସଂସ୍ଥାର ମୁଖ୍ୟ ଅଭିଯୁକ୍ତ ହଙ୍ଗେରୀ ନାଗରିକ ଡେଭିଡ୍ ଗେଜ୍‌ଙ୍କ ସମେତ ୪ ସହଯୋଗୀଙ୍କ ବିରୋଧରେ ଇଓଡବ୍ଲ୍ୟୁର ଅନୁରୋଧ କ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେସନ ଲୁକ୍ ଆଉଟ ସର୍କୁଲାର୍ ଜାରି କରିଛି । କ୍ରିପ୍ଟୋକରେନ୍ସି ଆଧାରିତ ପଞ୍ଜି ଯୋଜନା ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା ସମେତ ରାଜଧାନୀ ଭୁବନେଶ୍ୱରରେ ସକ୍ରିୟ ଥିଲା ବୋଲି ଜଣାପଡ଼ିଥିଲା ।

# ମହାନଦୀକୁ ଡେଇଁ ଯୁବତୀ ନିଖୋଜ

ସମ୍ବଲପୁର, ୧୪।୯
(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଟାଉନ ଥାନା ଚାଉଁରପୁର ମହାନଦୀ ବ୍ରିଜ୍ ଉପରୁ ଡେଇଁ ଗୁରୁବାର ଜଣେ ଯୁବତୀ ନିଖୋଜ ହୋଇଯାଇଛନ୍ତି । ସନ୍ଧ୍ୟା ପର୍ଯ୍ୟନ୍ତ ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ତାଙ୍କ ପତ୍ତା ପାଇନାହିଁ । ପ୍ରତ୍ୟକ୍ଷଦର୍ଶୀ ସୁରଜ ମେହେରଙ୍କ କହିବା ଅନୁଯାୟୀ, ଯୁବତୀଙ୍କ ବୟସ ୧୮ରୁ ୨୦ବର୍ଷ ମଧ୍ୟରେ ହେବ । ପୂର୍ବାହ୍ନ ୧୧ଟା ସମୟରେ ସେ ବ୍ରିଜ୍ ଉପରେ ଚପଲ ରଖି ମହାନଦୀକୁ ଡେଇଁ ପଡିଥିଲେ । ବ୍ରିଜ୍ ଗୋଟିଏ ମୁଣ୍ଡରେ ଆମେ ୩ଜଣ ଠିଆହୋଇଥିଲୁ । ଅନ୍ୟ ମୁଣ୍ଡରେ କେହିଜଣେ ମହାନଦୀକୁ ଡେଇଁପଡିଥିବା ଦେଖିଥିଲୁ । ପ୍ରଥମେ ସେ ଯୁବତୀ କିମ୍ବା ଯୁବକ ଜାଣିପାରି ନ ଥିଲୁ । ଆମେ ଦୌଡ଼ି ସେହି ସ୍ଥାନକୁ ଆସିବା ପରେ ତାଙ୍କ ମୁଣ୍ଡ ଉପରକୁ ଦେଖାଯାଉଥିବାରୁ ଯୁବତୀ ବୋଲି ଜାଣିଲୁ । ନଦୀ ସ୍ରୋତରେ ସେ ଭାସି ଯାଇଥିଲେ । ଟାଉନ ଥାନା ଅଧିକାରୀ ବୁଲୁ ସ୍ୱାଇଁ କହିଛନ୍ତି, ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ମହାନଦୀରେ ଜଳସ୍ରୋତ ଅଧିକ ଥିବାରୁ ଭାସିଯାଇଥିବା ଅନୁମାନ କରାଯାଉଛି । ଯୁବତୀ ନିଖୋଜ ନେଇ ଅଭିଯୋଗ ହୋଇ ନ ଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ ବୋଲି କହିଥିଲେ ।

# ଜମିରେ ପାଣି ମଡ଼ାଇବାକୁ ନେଇ ବଡ଼ବାପାଙ୍କୁ ହତ୍ୟା



ହତ୍ୟାକାଣ୍ଡ ସ୍ଥଳରେ ପୋଲିସର ତଦନ୍ତ ।

ଅମରପାଲି,୧୪।୯(ପୀତାମ୍ବର ସାହୁ)

- ମୃତକଙ୍କ ସାନପୁଅ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ଫାର୍ସା ଜବତ, ୪ ଗିରଫ

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ସଂଗ୍ରାମପୁର ପଞ୍ଚାୟତ ଅନ୍ତର୍ଗତ ଆମ୍ବଶରଭଟା ଗ୍ରାମରେ ଗୁରୁବାର ସକାଳେ ଚାଷଜମିରେ ପାଣି ମଡାଇବାକୁ ନେଇ ହତ୍ୟାକାଣ୍ଡ ଘଟିଛି । ପୁତୁରାମାନଙ୍କ ଫାର୍ସା ଆକ୍ରମଣରେ ବାସୁଦେବ ସାହୁ ଓରଫ ବଙ୍କା (୬୫)ଙ୍କ ମୃତ୍ୟୁ ଘଟିଛି । ତାଙ୍କ ସାନପୁଅ ସୁରେନ୍ଦ୍ର(୨୪)ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ସୋନପୁର ଡାକ୍ତରଖାନା ଓ ପରେ ବୁର୍ଲା ବଡ଼ଡାକ୍ତରଖାନାରେ ଭର୍ତ୍ତିକରି ଚିକିତ୍ସା କରାଯାଉଛି । ଘଟଣାସ୍ଥଳରେ ସୁବଳୟା ପୋଲିସ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ଫାର୍ସା ଜବତ ସହ ତଦନ୍ତ ଆରମ୍ଭ କରିଛି । ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ କୁଞ୍ଜବିହାରୀ ସାହୁ ଓ ତାଙ୍କର ୩ ପୁଅ ରଞ୍ଜିତ, ରଞ୍ଜନ, ରାଜେନ୍ଦ୍ର ।

ପ୍ରକାଶ ଯେ, ଚାଷଜମିରେ ପାଣି ମଡ଼ାଇବାକୁ କେନ୍ଦ୍ର କରି ବାସୁଦେବ ଓ ତାଙ୍କ ସାନଭାଇ କୁଞ୍ଜବିହାରୀଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହା ପରବର୍ତ୍ତୀ ସମୟରେ ଉଗ୍ର ରୂପ ନେଇଥିଲା । ଗାଁ ଦାଣ୍ଡରେ କୁଞ୍ଜବିହାରୀଙ୍କ ୨ପୁଅ ରଞ୍ଜିତ ଓ ରଞ୍ଜନ ଅତର୍କିତ ଭାବେ ଫାର୍ସାରେ ବାସୁଦେବ ଓ ତାଙ୍କ ସାନ ପୁଅ ସୁରେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ । ବାସୁଦେବଙ୍କ ବେକ ଓ ବାହୁରେ ଚୋଟ ବସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ସୁରେନ୍ଦ୍ର ଗୁରୁତର ହୋଇଥିଲେ । ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ପହଞ୍ଚି ସ୍ଥିତି ନିରୀକ୍ଷଣ କରିଛନ୍ତି । ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଆସି ତଦନ୍ତ କରିଛି । ମୃତକଙ୍କ ବଡପୁଅ ମହର୍ଗୁ ସାହୁଙ୍କ ଅଭିଯୋଗ କ୍ରମେ ସୁବଳୟା ଥାନାରେ ଏକ ହତ୍ୟା ମାମଲା (ନଂ. ୧୫୨/୨୩) ରୁଜୁ ହୋଇଛି । ଅଭିଯୋଗ ଆଧାରରେ ରଞ୍ଜିତ, ରଞ୍ଜନ ଏବଂ ହତ୍ୟାକାଣ୍ଡରେ ସହଯୋଗ କରିଥିବା କୁଞ୍ଜବିହାରୀ ଓ ରାଜେନ୍ଦ୍ରଙ୍କୁ ଗିରଫ କରାଯାଇଛି । ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଅରବିନ୍ଦ ଭବନରୁ 'ମୋ ମାଟି ମୋ ଦେଶ' ଅଭିଯାନରେ ସାମିଲ ହେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪।୯(ସୁନିତ୍ ମିଶ୍ର)



କୋଲକାତାସ୍ଥିତ ଅରବିନ୍ଦଙ୍କ ଜନ୍ମସ୍ଥାନ ଅରବିନ୍ଦ ଭବନରୁ 'ମୋ ମାଟି ମୋ ଦେଶ' ଅଭିଯାନରେ ସାମିଲହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅମୃତ କଳସରେ ମାଟି ସଂଗ୍ରହ କରିଛନ୍ତି । ମୋ ମାଟି ମୋ ଦେଶ ଅଭିଯାନ ଏବେ ଦେଶରେ ଜନ ଆନ୍ଦୋଳନର ରୂପ ନେଇସାରିଛି ଏବଂ ଦେଶର କୋଟି କୋଟି ଲୋକ ଏଥିରେ ସାମିଲ ହେଉଛନ୍ତି । ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତକୁ ଏକ ବିକଶିତ ଦେଶ ଭାବେ ପରିଣତ କରିବା ପାଇଁ ସଂକଳ୍ପ ନେବା ବୋଲି ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି । ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଅରବିନ୍ଦଙ୍କ ବିଚାର, ଆଦର୍ଶ ଓ ଅବଦାନ ଭାରତର ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଉପନିବେଶବାଦ ମାନସିକତାରୁ ମୁକ୍ତି କରାଇବାରେ ସେ ଥିଲେ ପ୍ରମୁଖ ବିନ୍ଧାଣି । 'ଶ୍ରେଷ୍ଠ ଭାରତ' ପାଇଁ ତାଙ୍କର ଦୃଷ୍ଟିକୋଣ ସର୍ବଦା ଆମକୁ ମାର୍ଗଦର୍ଶନ ପ୍ରଦାନ କରିବ । ମୋ ମାଟି ମୋ ଦେଶ ଅଭିଯାନରେ କୋଲକାତାସ୍ଥିତ ଶ୍ରୀଅରବିନ୍ଦଙ୍କ ଜନ୍ମସ୍ଥାନରୁ ପବିତ୍ର ମାଟି ସଂଗ୍ରହକରି ନିଜକୁ ଧନ୍ୟ ମନେକରୁଛି ବୋଲି ସେ କହିଛନ୍ତି । ଜାତୀୟ ଶିକ୍ଷାନୀତି ଅରବିନ୍ଦଙ୍କ ପ୍ରକୃତ ଶିକ୍ଷା ଦୃଷ୍ଟିକୋଣ ସହ ଯୋଡ଼ି ହୋଇରହିଛି । ଏହା ଶିଶୁର ସାମଗ୍ରିକ ବିକାଶ ପାଇଁ ଏକ ଉତ୍ତମ ପରିବେଶ ପ୍ରଦାନ କରେ ବୋଲି ସେ କହିଛନ୍ତି । ଏହି ଗସ୍ତ ସମୟରେ ଜନସମ୍ପର୍କ କାର୍ଯ୍ୟକ୍ରମରେ ମଧ୍ୟ ଧର୍ମେନ୍ଦ୍ର ଯୋଗ ଦେଇଥିଲେ ।

ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। –ଶ୍ରୀମା

# ଚାଇନାର ଅବରୋଧ



ଜାସନ ହସୁ

ଫେଲୋ, ହାର୍ଭାର୍ଡ କେନେଡି ସ୍କୁଲ



ରିଚାର୍ଡ ୱାଇ.କେ. ଚେନ୍

ପୂର୍ବତନ ଉପମନ୍ତ୍ରୀ (ନୀତି ପାଇଁ), ତାଇୱାନ ଜାତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ

ତାଇୱାନ୍ ପାଇଁ ଇଣ୍ଟରନେଟ୍ ସଂଯୋଗୀକରଣ ହେଉଛି ଏକ ଜୀବନରେଖା। ନିକଟରେ ତାଇପେଇରେ ଚାଇନା ପକ୍ଷରୁ ସୃଷ୍ଟ ଯୁଦ୍ଧସ୍ଥିତି ଓ ଚାଇନାର ଅବରୋଧ କାର୍ଯ୍ୟକଳାପ (ଇଣ୍ଟରନେଟ୍ ସଂଯୋଗରେ ବ୍ୟାଘାତ) ଯୋଗୁ ଏହି ଦ୍ୱୀପ ଯୋଗାଯୋଗରୁ ବିଚ୍ଛିନ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଫେବୃୟାରୀରେ ତାଇୱାନ୍‌ର ଡିଜିଟାଲ ଭିତ୍ତିଭୂମି ପ୍ରତି ସୃଷ୍ଟି ହୋଇଥିବା ବିପଦ ସ୍ପଷ୍ଟ ହୋଇଥିଲା। ଚାଇନା ଉପକୂଳରେ ଅବସ୍ଥିତ ତାଇୱାନ୍‌ର କ୍ଷୁଦ୍ର ଦ୍ୱୀପ ମାଟୁସ ସହ ସଂଯୋଗ କରୁଥିବା ତଥା ସମୁଦ୍ର ଭିତରେ ଥିବା ଦୁଇଟି କେବଲ୍‌କୁ ଚାଇନାର ବୁଡ଼ାଜାହାଜ କାଟି ଦେବା ଦ୍ୱାରା ଏଭଳି ପରିସ୍ଥିତି ଉପୁଜିଥିଲା। ସେବେଠାରୁ ଅନେକ ମାସ ହେଲା ଲୋକେ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଛନ୍ତି। କ୍ଷତିଗ୍ରସ୍ତ କେବୁଲ୍‌ଗୁଡ଼ିକ ଆମେରିକାର ଟେକ୍ କମ୍ପାନୀ ଗୁଗୁଲ ପ୍ରତି ସମ୍ଭାବ୍ୟ ବିପଦକୁ ବି ସାମ୍ନାକୁ ଆଣିଛି। ତାଇୱାନ୍ ପଶ୍ଚିମ ଉପକୂଳରେ ଏହି କମ୍ପାନୀର ଏକ ଡେଟା କେନ୍ଦ୍ର ଅଛି। ସମ୍ପ୍ରତି ସମୁଦ୍ର ଭିତରେ ୧୫ଟି କେବୁଲ୍ ତାଇୱାନ୍‌କୁ ବିଶ୍ୱ ଟେଲି ଯୋଗାଯୋଗ ସହିତ ସଂଯୋଗ କରୁଛି। ଏଣୁ ଚାଇନାର ଦୀର୍ଘ ଦିନର ଅବରୋଧ ଏହି ଦ୍ୱୀପକୁ ଅବଶିଷ୍ଟ ବିଶ୍ୱରୁ ବିଚ୍ଛିନ୍ନ କରିପାରେ ଏବଂ ଏହାର ପରିଣାମ ବିଶ୍ୱ ଅର୍ଥନୀତି ଓ ଆର୍ଥିକ ବଜାର ଉପରେ ପଡ଼ିବାର ସମ୍ଭାବନା ଅଛି। ଏଭଳି ପରିଣାମ ଜାପାନ ସମେତ ଆମେରିକା ଏବଂ ଏହାର ଆଞ୍ଚଳିକ ସହଯୋଗୀମାନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ। ଏଣୁ ତାଇୱାନ୍ ସରକାର ଯୋଗାଯୋଗ କ୍ଷମତାକୁ ଦୃଢ଼ କରିବା ସହ ବିଶ୍ୱାସଯୋଗ୍ୟ ଇଣ୍ଟରନେଟ୍ ସଂଯୋଗ ଉପରେ ଧ୍ୟାନ ଦେବା ଆବଶ୍ୟକ।

ଏଭଳି ସ୍ଥିତିର ଏକ ସମ୍ଭାବ୍ୟ ସମାଧାନ ହେଉଛି ମୋବାଇଲ ଉପଗ୍ରହ–ଇଣ୍ଟରନେଟ୍ ସିଷ୍ଟମ ଷ୍ଟାର୍‌ଲିଙ୍କ ସେବା କାର୍ଯ୍ୟକାରୀ କରିବା। ଏଲୋନ ମସ୍କଙ୍କ ରକେଟ୍ କମ୍ପାନୀ ସ୍ପେସ୍ ଏକ୍ସ ଦ୍ୱାରା ଷ୍ଟାର୍‌ଲିଙ୍କ୍ ପରିଚାଳିତ। ଷ୍ଟାରଲିଙ୍କ ମସ୍କଙ୍କ ବ୍ୟବସାୟିକ ସାମ୍ରାଜ୍ୟର ଏକ ପ୍ରମୁଖ ଅଂଶ। ପୃଥିବୀର ନିମ୍ନ କକ୍ଷପଥରେ ସ୍ଥାପିତ ଏହାର ୪୫୦୦ରୁ ଅଧିକ ସାଟେଲାଇଟ ମାଧ୍ୟମରେ ବିଶ୍ୱରେ ଏହା ଇଣ୍ଟରନେଟ୍ ସଂଯୋଗ ଯୋଗାଇଥାଏ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ମସ୍କ ତାଙ୍କ ଉପଗ୍ରହଗୁଡ଼ିକୁ ମାଗଣାରେ ପ୍ରସାରଣ କରିବାକୁ ଅନୁମତି ଦେଇଥିଲେ। ୟୁକ୍ରେନ୍‌ର ଟେଲିକମ୍ ଭିତ୍ତିଭୂମି ଉପରେ ରୁଷିଆର ଆକ୍ରମଣରୁ କୌଣସି ଉପାୟରେ ବଞ୍ଚିବା ପାଇଁ ହଜାର ହଜାର ଷ୍ଟାରଲିଙ୍କ ଟର୍ମିନାଲ ୟୁକ୍ରେନ୍ ସରକାରଙ୍କୁ ପ୍ରଦାନ କରିଥିଲେ। ସେହି ଦିନଠାରୁ ଷ୍ଟାରଲିଙ୍କ ୟୁକ୍ରେନ୍ ସୈନ୍ୟବାହିନୀର ଏକ ଅତ୍ୟାବଶ୍ୟକ ସାଧନ ହୋଇଆସିଛି। ଏହାଦ୍ୱାରା ୟୁକ୍ରେନ୍‌ରେ ରୁଷିଆ ସୈନ୍ୟଙ୍କ ଗତିବିଧି ଉପରେ ଗୁପ୍ତ ତଥ୍ୟ ସଂଗ୍ରହ କରିପାରୁଛି। ଏହାସହ ନାଟୋ ସହଭାଗୀମାନଙ୍କ ସହ ନିରାପଦରେ ଯୋଗାଯୋଗ କରିବାକୁ ଅନୁମତି ଦେଇଛି। କିନ୍ତୁ ଗତବର୍ଷ ରୁଷିଆର ଜାହାଜ ଉପରେ ୟୁକ୍ରେନ୍ ଡ୍ରୋନ ଆକ୍ରମଣକୁ ରୋକିବା ପାଇଁ ମସ୍କ କ୍ରିମିଆ ଉପକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଷ୍ଟାରଲିଙ୍କଙ୍କୁ ଅକାମୀ କରିଦେଇଥିଲେ। ତେବେ ଏଭଳି କାର୍ଯ୍ୟକଳାପକୁ ଲକ୍ଷ୍ୟ କଲେ ଇଣ୍ଟରନେଟ୍ ସେବା ପାଇଁ ଷ୍ଟାର୍‌ଲିଙ୍କଙ୍କୁ ବ୍ୟବହାର କରି ବାହାର ଦେଶଗୁଡ଼ିକ ସହ ସଂଯୋଗ ସ୍ଥାପନ କରିବା ତାଇୱାନ୍ ଲାଗି କେତୋଟି ସମସ୍ୟା ଆଣିପାରେ। ପ୍ରଥମେ, କେବଳ ଷ୍ଟାର୍‌ଲିଙ୍କ ଉପରେ ନିର୍ଭର କରିବା ଅର୍ଥ କୌଣସି ବ୍ୟବସ୍ଥିତ ବିଫଳତା ଆସିପାରେ କିମ୍ବା ତଥ୍ୟ ପ୍ରତ୍ୟାବର୍ତ୍ତନ ନ ହୋଇପାରେ। ଦ୍ୱିତୀୟତଃ, ଏହା ସ୍ପଷ୍ଟ ଯେ ମସ୍କ ଚାଇନାର ଜଣେ ଜଣାଶୁଣା ସମର୍ଥକ। ଏପରିକି ହଂକଂ ପରି ପିପୁଲ୍ସ ରିପବ୍ଲିକର ତାଇୱାନ୍ ଏକ ସ୍ୱତନ୍ତ୍ର ପ୍ରଶାସନିକ ଜୋନ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ତୃତୀୟତଃ, ଚାଇନାରେ ମସ୍କଙ୍କର ଅତ୍ୟଧିକ ବ୍ୟବସାୟିକ ଆଗ୍ରହ ରହିଛି। ଚାଇନାରେ ତାଙ୍କ ବୈଦ୍ୟୁତିକ ଯାନ (ଇଭି) କମ୍ପାନୀ ଟେସ୍‌ଲାର ସର୍ବାଧିକ ଉତ୍ପାଦନକାରୀ କେନ୍ଦ୍ର ଅଛି।



ଏସବୁକୁ ଲକ୍ଷ୍ୟ କଲେ ଚାଇନା ଏବଂ ତାଇୱାନ୍ ମଧ୍ୟରେ ଯୁଦ୍ଧ ହେଲେ ମସ୍କ ଚାଇନାର ଦାବିଗୁଡ଼ିକ ଯେ ସ୍ୱୀକାର କରିବେ ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ଡେଟା ପ୍ରବାହ ଏବଂ ଡାଟା ଷ୍ଟୋରେଜ ସହିତ ତଥ୍ୟର ସାର୍ବଭୌମ ନିୟନ୍ତ୍ରଣ ବିନା ତାଇୱାନ୍‌ର ଜାତୀୟ ସୁରକ୍ଷା ବିପଦରେ ପଡ଼ିବ। ତାଇୱାନ୍ ଏବେ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳାରେ ବିଶ୍ୱରେ ସବୁଠୁ ଆଗରେ ରହିଛି। ଏଣୁ ନିଜକୁ ରକ୍ଷା କରିବା ପାଇଁ ଏହା ଉପଗ୍ରହ ଯୋଗାଯୋଗ ଏବଂ ପ୍ରଯୁକ୍ତିବିଦ୍ୟାରେ ସ୍ୱଦେଶୀ ଦକ୍ଷତା ବିକାଶ କରିବା ଆବଶ୍ୟକ। ସମ୍ବଳକୁ ସମନ୍ୱିତ ଓ ଏକୀକରଣ କରି ତାଇୱାନ୍ ସରକାର ସରକାରୀ–ବେସରକାରୀ ସହଭାଗିତା ପ୍ରତିଷ୍ଠା ଏବଂ ତାହାର ନିୟନ୍ତ୍ରଣ ବଜାୟ ରଖିପାରିବେ, ଯାହା ଯୁଦ୍ଧରେ ତାହାର କ୍ଷମତାକୁ ବୃଦ୍ଧି କରିବାରେ ସକ୍ଷମ ହେବ। ପ୍ରତିରକ୍ଷା କଣ୍ଟ୍ରାକ୍ଟରମାନଙ୍କ ସହିତ ଷ୍ଟାର୍ଟଅପଗୁଡ଼ିକୁ ସହଜରେ କାମ କରିବା ଲାଗି ସରକାର କ୍ରୟ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ଉଚିତ।

ତାଇୱାନ୍ ଜାତୀୟ ବିକାଶ ପାଣ୍ଠି ସାଟେଲାଇଟ୍ ଟେକ୍‌ନୋଲୋଜି ଏବଂ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ଭିତ୍ତିଭୂମିରେ ନିବେଶ କରିଥିବାବେଳେ ପ୍ରତିରକ୍ଷା ଓ ଡିଜିଟାଲ ବ୍ୟାପାର ମନ୍ତ୍ରଣାଳୟ ଗୁପ୍ତ ତଥ୍ୟ ଆଦାନପ୍ରଦାନ ପାଇଁ ତାଇୱାନ୍ ମହାକାଶ ସଂସ୍ଥା ସହିତ କାମ କରିବା ଉଚିତ। ଏହା ସହ ସହଭାଗିତାରେ ଜାପାନ, ଦକ୍ଷିଣକୋରିଆ, ଫିଲିପାଇନ୍ସ ଏବଂ ଅଷ୍ଟ୍ରେଲିଆ ସହିତ ଏକ ପ୍ରତିରକ୍ଷାକୈନ୍ଦ୍ରିକ ବ୍ୟବସ୍ଥା ଗଢ଼ିବା ଦରକାର। ନିରବଚ୍ଛିନ୍ନ ବ୍ୟାକ୍‌ଅପ୍ କଭରେଜକୁ ନିଶ୍ଚିତ କରିବା ପାଇଁ ତାଇୱାନକୁ ୧୨୦ଟି ଉପଗ୍ରହ ଉତ୍କ୍ଷେପଣ କରିବା ଆବଶ୍ୟକ। ନୀତି ନିର୍ଦ୍ଧାରକମାନେ ଏଭଳି ସ୍ଥିତିରେ ଶୀଘ୍ର କିଛି ପଦକ୍ଷେପ ନେବା ଉଚିତ ଏବଂ ସହଯୋଗୀ ଦେଶଗୁଡ଼ିକ ସମର୍ଥନକୁ ଉପଯୋଗ କରିବାକୁ ପଡ଼ିବ। ତାଇୱାନ୍ ସହ ମିଳିତ ଭାବେ ବିକାଶ କରିବା ଲାଗି ଚିପ୍ସ ଆକ୍ଟ ଏବଂ ନ୍ୟାଶନାଲ ଡିଫେନ୍ସ ଆକ୍ଟ ଅନୁଯାୟୀ କିଛି ପାଣ୍ଠି ଆବଣ୍ଟନ କରିବା ଉପରେ ଆମେରିକା ସରକାର ବିଚାର କରିବା ଉଚିତ। ଉପଗ୍ରହ–ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଏବଂ ସମ୍ପୃକ୍ତ ସେମିକଣ୍ଡକ୍ଟର ଚିପ୍ସ କ୍ଷେତ୍ରରେ ବି ମିଳିତ ଭାବେ କାମ କରିବା ଦରକାର। ଅଧିକନ୍ତୁ, ଭାରତ– ପ୍ରଶାନ୍ତ ମହାସାଗରୀୟ ରଣନୀତିର ଏକ ଅଂଶ ଭାବେ ଆମେରିକା ସକ୍ରିୟ ଗୋଷ୍ଠୀ ଗଠନ, ପ୍ରଯୁକ୍ତିବିଦ୍ୟା ମାନକ ନିର୍ଦ୍ଧାରଣ ଏବଂ ଉଚ୍ଚସ୍ତରୀୟ ଆଦାନପ୍ରଦାନ ବ୍ୟବସ୍ଥା କରି ମେଣ୍ଟ ଗଠନ କରିବାରେ ନେତୃତ୍ୱ ନେବା ଆବଶ୍ୟକ।

ତାଇୱାନ୍‌ର ପରିସ୍ଥିତି ୟୁକ୍ରେନ୍ ସହିତ ସମ୍ପୂର୍ଣ୍ଣ ଅନୁରୂପ ନୁହେଁ। ରୁଷିଆ ସହିତ ୟୁକ୍ରେନ୍‌ର ଏକ ଦୀର୍ଘ ଭୂ–ସୀମା ଅଛି। ହେଲେ ଚାଇନା ସହ ତାଇୱାନର ଏଭଳି ସୀମା ନାହିଁ। ତାଇୱାନ ପ୍ରଣାଳୀ (ଷ୍ଟ୍ରେଟ୍) ଏହାକୁ ଚାଇନାଠାରୁ ଅଲଗା କରିଛି। ତାଇୱାନ୍ ଏହାର ଆବଶ୍ୟକ ଶକ୍ତିର ୯୦% ଆମଦାନୀ କରୁଛି। ଏଥିରୁ ବୁଝାପଡୁଛି ଯେ, କୌଣସି ଅବରୋଧ ତାଇୱାନର ଅର୍ଥ ବ୍ୟବସ୍ଥାକୁ ଶୀଘ୍ର ମାନ୍ଦା କରିଦେବ। ଏହାର ପଡ଼ୋଶୀଙ୍କ ସୁରକ୍ଷା ପ୍ରତି ବିଶେଷକରି ଭାରତ–ପ୍ରଶାନ୍ତମହାସାଗରୀୟ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରିବ। ଏହା ସହ ତାଇୱାନର ଇଣ୍ଟରନେଟ୍ ସଂଯୋଗରେ ବ୍ୟାଘାତ ସହଜରେ ଏକ ବିଶ୍ୱ ସଙ୍କଟରେ ପରିଣତ ହୋଇପାରେ। ତାଇୱାନ୍ ପ୍ରଣାଳୀରେ ଉତ୍ତେଜନା ବଢୁଥିବାରୁ ଏହି ଦ୍ୱୀପର ସୁରକ୍ଷା ଏବେ ଏକ ଭାଗୀଦାରି ଭୂରାଜନୈତିକ ଚିନ୍ତାର ବିଷୟ ପାଲଟିଛି। ଚାଇନାକୁ ପରାସ୍ତ କରିବା ସମ୍ଭବ ନୁହେଁ, କିନ୍ତୁ ନିଶ୍ଚିତ ଭାବେ ତାକୁ ମାତ୍ ଦିଆଯାଇପାରିବ। ଏଭଳି ଏକ ସବୁଠୁ ଜଟିଳ ସମୟରେ ଅବଶିଷ୍ଟ ବିଶ୍ୱ ସହିତ ତାଇୱାନ୍‌ର ଯୋଗାଯୋଗ ନିଶ୍ଚିତ କରିବାକୁ ଏହି ଦ୍ୱୀପ ଓ ତା'ର ସହଯୋଗୀମାନେ ଆଜିଠୁ ନିବେଶ ଆରମ୍ଭ କରିବାକୁ ପଡ଼ିବ।

## ଏକ ଦେଶ, ଏକ ନିର୍ବାଚନରେ ସମସ୍ୟା



ସୌରଜିତ ପ୍ରଧାନୀ

'ଏକ ଦେଶ, ଏକ ନିର୍ବାଚନ' ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଚିନ୍ତାଧାରାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଥର ପ୍ରକାଶ କରିଛନ୍ତି। ଏହି 'ଏକ ଦେଶ, ଏକ ନିର୍ବାଚନ' ଯୋଜନା କ'ଣ ତାହା ଆମକୁ ବୁଝିବାକୁ ପଡ଼ିବ। 'ଏକ ଦେଶ, ଏକ ନିର୍ବାଚନ' ଏକ ନିର୍ବାଚନ ପ୍ରକ୍ରିୟା, ଯେଉଁଥିରେ ରାଜ୍ୟ ଓ ଜାତୀୟସ୍ତରର ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହେବ। ପ୍ରତି ପାଞ୍ଚ ବର୍ଷରେ ଥରେ ନିର୍ବାଚନ ହେବ। ଏହି ଗୋଟିଏ ନିର୍ବାଚନର ଅର୍ଥ ନୁହେଁ ଯେ ଏହା ଭାରତର ସମସ୍ତ ଲୋକଙ୍କ ପାଇଁ ଗୋଟିଏ ଦିନରେ ହେବ, ବରଂ ପର୍ଯ୍ୟାୟକ୍ରମେ ନିର୍ବାଚନ ହେବ। ଏକ ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀର ଲୋକଙ୍କୁ ଏକକାଳୀନ ବିଧାନସଭା ଓ ଲୋକ ସଭା ପାଇଁ ଭୋଟ ଦେବାକୁ ପଡ଼ବ। ୧୯୬୭ ପର୍ଯ୍ୟନ୍ତ ଭାରତରେ ଅନୁଷ୍ଠିତ ନିର୍ବାଚନ ଏହି ଧାରାକୁ ଅନୁସରଣ କରୁଥିଲା। ଏହା ପରେ ହିଁ ବିଧାନସଭା ଭଙ୍ଗର ସଂସ୍କୃତି ଆରମ୍ଭ ହୋଇଥିଲା। ୧୯୮୩ରେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା 'ଏକ ଦେଶ, ଏକ ନିର୍ବାଚନ' ପରିକଳ୍ପନାକୁ ସୁପାରିସ କରାଯାଇଥିଲା। ୧୯୯୯ରେ ଲ' କମିଶନ ତାଙ୍କ ରିପୋର୍ଟରେ ମଧ୍ୟ ଏହା ଉଲ୍ଲେଖ କରିଥିଲେ। ୨୦୧୪ରୁ ଏହି ପରିକଳ୍ପନା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

ଏହି ପରିକଳ୍ପନା ଆରମ୍ଭ ହେଲେ ପ୍ରତିବର୍ଷ ନିର୍ବାଚନ ପରିଚାଳନାରେ ହେଉଥିବା ଉଦ୍ୟମ ଓ ଅର୍ଥ ଅପଚୟ ହ୍ରାସ ପାଇବ ବୋଲି କୁହାଯାଉଛି। ରାଷ୍ଟ୍ରରେ ଭୋଟରମାନଙ୍କୁ ୫ ବର୍ଷରେ ଥରେ ହିଁ ଭୋଟ ଦେବାକୁ ପଡ଼ିବ। ତାହା ଦେଶର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଏବଂ ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବ। କେବଳ ସେତିକି ନୁହେଁ, ରାଜନୈତିକ ଦଳଗୁଡ଼ିକୁ ୫ ବର୍ଷର ପର୍ଯ୍ୟାପ୍ତ ସମୟ ମିଳିବ। ଏହା ଦେଶର ସର୍ବାଙ୍ଗୀନ ବିକାଶରେ ସହାୟକ ହେବ। 'ଏକ ଦେଶ, ଏକ ନିର୍ବାଚନ' ସିଦ୍ଧାନ୍ତର କାର୍ଯ୍ୟକାରିତା ସମ୍ପର୍କରେ ସବୁଠାର ବଡ଼ 'କ୍ୱାସିଫେଡେରାଲ' (ଅର୍ଦ୍ଧସଙ୍ଘୀୟ) ବ୍ୟବସ୍ଥା ରହିଛି। ଦେଶରେ ଲୋକ ସଭା ଓ ବିଧାନସଭାର ସଦସ୍ୟ ଚୟନ ପାଇଁ ଅଲଗା ଅଲଗା ନିର୍ବାଚନ ହୋଇଥାଏ। ତେଣୁ ଯେବେ ବି ୫ ବର୍ଷର କାର୍ଯ୍ୟକାଳ ଶେଷ ହୁଏ, ବିଭିନ୍ନ ସମୟ ବ୍ୟବଧାନରେ ନିର୍ବାଚନ ହୋଇଥାଏ। ଏହାଛଡ଼ା ଏଭଳି ଅନେକ ପ୍ରତିବନ୍ଧକ ରହିଛି, ଯାହା ଏହି ପରିକଳ୍ପନାର କାର୍ଯ୍ୟାନ୍ୱୟନରେ ବାଧକ ସାଜିଛି। ଏକକାଳୀନ ନିର୍ବାଚନର କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟକାଳ ବୃଦ୍ଧି କିମ୍ବା ହ୍ରାସର ଆବଶ୍ୟକତା ରହିବ, ଯାହାଫଳରେ ସେମାନଙ୍କର ନିର୍ବାଚନ ତାରିଖ ପ୍ରସ୍ତାବିତ ତାରିଖ ସହିତ ମେଳ ଖାଇପାରିବ ଏବଂ ଏହା ସଙ୍ଘୀୟ ବ୍ୟବସ୍ଥାର ପରିପନ୍ଥୀ। ସାମ୍ବିଧାନିକ ଆଇନରେ ସଂଶୋଧନ ବିନା ଏହା ସମ୍ଭବ ନୁହେଁ।

ଦ୍ୱିତୀୟତଃ ବିଧାନସଭା ନିର୍ବାଚନ ସ୍ଥାନୀୟ କିମ୍ବା ଆଞ୍ଚଳିକ ପ୍ରସଙ୍ଗକୁ ନେଇ କରାଯାଇଥାଏ। ଅନେକ ରାଜନୈତିକ ଦଳ ଏବଂ ସଙ୍ଗଠନ ଅଛନ୍ତି, ଯେଉଁମାନେ ଆଞ୍ଚଳିକ ମାନଦଣ୍ଡ ଏବଂ ଭାବନା ପାଇଁ ସେମାନଙ୍କର ଗଠନ ଏବଂ ଅସ୍ତିତ୍ୱ ରହିଛି। ଭାରତୀୟ ସମ୍ବିଧାନର ସପ୍ତମ ଅନୁସୂଚୀରେ ୟୁନିୟନ ବିଷୟ, ରାଜ୍ୟ ବିଷୟ ଏବଂ ସମକାଳୀନ ବିଷୟ ରହିଛି। ରାଜ୍ୟ ସରକାରଙ୍କ ଅଧୀନରେ ରାଜ୍ୟ ବିଷୟଗୁଡ଼ିକ ରହିଛି। ରାଜ୍ୟସ୍ତରରେ ଆଞ୍ଚଳିକ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଏ ଏବଂ ଏଭଳି ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଆଧାରରେ ରାଜନୈତିକ ଦଳଗୁଡ଼ିକ ବେକାରି ଆଦି ପ୍ରସଙ୍ଗକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଜାତୀୟ ପ୍ରସଙ୍ଗକୁ ବ୍ୟାପକ କରୁଥିବା ରାଜନୈତିକ ଦଳଗୁଡ଼ିକ 'ଏକ ଦେଶ, ଏକ ନିର୍ବାଚନ' ପରିକଳ୍ପନାକୁ ବାଛିବାର ଅନ୍ୟତମ କାରଣ ହେଉଛି ଏହା ନିର୍ବାଚନ ପ୍ରକ୍ରିୟାରେ ଲାଗିଥିବା ଅର୍ଥର ପରିମାଣକୁ ହ୍ରାସ କରିବା। ଯେକୌଣସି ନିର୍ବାଚନ, ସଂସଦୀୟ ବା ବିଧାନସଭାରେ ସମ୍ପୃକ୍ତ ଥିବା ଅର୍ଥକୁ ପ୍ରାର୍ଥୀମାନେ ନିଜ ନିଜ ନିର୍ବାଚନମଣ୍ଡଳୀରେ ଖର୍ଚ୍ଚ କରିଥାଆନ୍ତି। ଏକକାଳୀନ ନିର୍ବାଚନ କ୍ଷେତ୍ରରେ ଏହା ହ୍ରାସ ପାଇବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଦେଶରେ ଏକକାଳୀନ ନିର୍ବାଚନ ପ୍ରକ୍ରିୟା ଏକ ଜଟିଳ ପ୍ରକ୍ରିୟା। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବ୍ୟାପକ ମାନବ ସମ୍ବଳ, ସୁରକ୍ଷା, ଯନ୍ତ୍ରପାତିର ଆବଶ୍ୟକତା ରହିଛି। 'ଏକ ଦେଶ, ଏକ ନିର୍ବାଚନ' ପାଇଁ ବିପୁଳ କର୍ମଚାରୀ ଓ ଇଭିଏମ୍ ଆବଶ୍ୟକ ହେବ।

ଆମେରିକାରେ ଏକକାଳୀନ ନିର୍ବାଚନ ବ୍ୟବସ୍ଥା ରହିଛି। ସ୍ୱିଡେନ, ସ୍ପେନ, ହଙ୍ଗେରୀ, ବେଲ୍‌ଜିୟମ, ପୋଲାଣ୍ଡ, ସ୍ଲୋଭେନିଆ, ଆଲ୍‌ବାନିଆ, ଦକ୍ଷିଣ ଆଫ୍ରିକା, ଜର୍ମାନୀ ଇତ୍ୟାଦି ରାଷ୍ଟ୍ରର ଅନ୍ୟ ଦେଶଗୁଡ଼ିକ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବ୍ୟବସ୍ଥାକୁ ସମର୍ଥନ ଓ କାର୍ଯ୍ୟକାରୀ କରନ୍ତି। କିନ୍ତୁ ଏହି ଦେଶଗୁଡ଼ିକରେ 'ସଂସଦୀୟ ନିର୍ବାଚନ' ତୁଳନାରେ ସେମାନଙ୍କର 'ରାଷ୍ଟ୍ରପତି ନିର୍ବାଚନର' ଗୁରୁତ୍ୱ ରହିଛି।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା**
**ମୋ: ୯୯୬୭୧୦୨୨୬୪**

## ଏଇ ଭାରତରେ

ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ବୃଦ୍ଧି ଏବେ ସାମୁଦ୍ରିକ ଜୀବଙ୍କ ପାଇଁ ବିପଦ ହୋଇଛି। ତେବେ ବିଶାଳ ସମୁଦ୍ରରୁ ଏହି ବର୍ଜ୍ୟକୁ ଦୂର କରିବା ଏକ ଅସମ୍ଭବ ବ୍ୟାପାର ହୋଇଥିବାବେଳେ ଚେନ୍ନାଇର ସ୍କୁବା ଡାଇଭର ଅରବିନ୍ଦ ଥାରୁନଶ୍ରୀ ଓ ତାଙ୍କ ୯ ବର୍ଷୀୟା ଝିଅ ଥାରାଗାଇ ଆରାଧନାଙ୍କ କ୍ଷୁଦ୍ର ପ୍ରୟାସ ସ'ମସ୍ତଙ୍କ ପାଇଁ ଏକ ପ୍ରେରଣା। ଅରବିନ୍ଦ ବୃତ୍ତିରେ ଜଣେ ସ୍କୁବା ଡାଇଭର ଇନ୍‌ଷ୍ଟ୍ରକ୍ଟର। ସେ ଦୀର୍ଘ ୨୦ ବର୍ଷ ହେଲା ଗଭୀର ପାଣିରୁ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଏବେ ସୁଦ୍ଧା ସେ ୩୦,୦୦୦ କେଜି ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିସାରିଲେଣି। ସେ ଓ ତାଙ୍କ ଝିଅ ଥାରାଗାଇ ଏକାଠି ୧,୦୦୦ କେଜି ବର୍ଜ୍ୟ ସଂଗ୍ରହ କରିଛନ୍ତି। ଥାରାଗାଇ ୫ ବର୍ଷ ବେଳୁ ତାଙ୍କ ପିତାଙ୍କ ସହ ସ୍କୁବା ଡାଇଭିଂ ଆରମ୍ଭ କରିଥିଲେ। ଏବେ ବେଳାଭୂମି ସଫା କରିବା ଓ ବିଲୁପ୍ତପ୍ରାୟ ସାମୁଦ୍ରିକ ଜୀବଙ୍କ ଉପରେ ସଚେତନତା କାର୍ଯ୍ୟକ୍ରମ ବି କରୁଛନ୍ତି। ସେ ତାଙ୍କ ପିତାଙ୍କ ସହ ୧୮ କି.ମି. ପହଁରି ସାମୁଦ୍ରିକ ଜୀବଙ୍କ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରିବା ସହ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ସେ ସ୍କୁବା ଡାଇଭିଂରେ ମାଷ୍ଟର ହେବା ସହ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଲାଗି ଆଜୀବନ କାର୍ଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ସେପ୍ଟେମ୍ବର ୧୯୯୮**

- ଚାଇନାର ପୂର୍ବତନ ରାଷ୍ଟ୍ରପତି ୟାଙ୍ଗ ସାଙ୍ଗକୁନଙ୍କ ୯୧ ବର୍ଷ ବୟସରେ ଦେହାନ୍ତ।
- ବିହାରକୁ ଭାଗ ଭାଗ କରି ଏକ ପୃଥକ ଆଦିବାସୀ ରାଜ୍ୟ (ବନାଞ୍ଚଳ) ଗଠନ ପ୍ରସ୍ତାବକୁ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଅପ୍ରତ୍ୟାଶିତ ଭାବେ ଅଗ୍ରାହ୍ୟ କରିଦେଇଛନ୍ତି।
- ଖ୍ୟାତନାମା ଭାରତୀୟ ମଲ୍ଲଯୋଦ୍ଧା ତଥା ଚଳଚ୍ଚିତ୍ର ଅଭିନେତା ଦାରା ସିଂ ଅଖିଳ ଭାରତ ଜାଟ ମହାସଭାର ସଭାପତି ଭାବେ ସର୍ବସମ୍ମତିକ୍ରମେ ମନୋନୀତ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 9 | 8 | | 6 | | |
| 8 | | | | | | | 1 | |
| 6 | 4 | | 3 | | | | | |
| | | | | 2 | 3 | | | |
| | | | 4 | | | | 3 | 8 |
| 4 | | | | | 9 | | | 5 |
| | | 6 | | | | | | 7 |
| | | | | 1 | | 5 | | 2 |
| | | 5 | 7 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 2 | 8 | 7 | 3 | 9 | 1 | 4 |
| 9 | 1 | 3 | 5 | 2 | 4 | 8 | 7 | 6 |
| 7 | 8 | 4 | 6 | 9 | 1 | 5 | 3 | 2 |
| 2 | 4 | 8 | 3 | 1 | 7 | 6 | 9 | 5 |
| 6 | 7 | 1 | 9 | 5 | 8 | 4 | 2 | 3 |
| 3 | 5 | 9 | 2 | 4 | 6 | 1 | 8 | 7 |
| 8 | 2 | 7 | 4 | 6 | 9 | 3 | 5 | 1 |
| 4 | 3 | 5 | 1 | 8 | 2 | 7 | 6 | 9 |
| 1 | 9 | 6 | 7 | 3 | 5 | 2 | 4 | 8 |

ଗତକାଲିର ଉତ୍ତର

# ଆବାସିକ ପୁନଃ ଥଇଥାନ



ରାଜୀବ କର୍ମି

ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ଜୀବନରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥା'ନ୍ତି। ଅସୁସ୍ଥତା ସମୟରେ ବ୍ୟକ୍ତିକୁ କେବଳ ଯେ ନୂଆ କୌଶଳ ଶିଖିବାରେ ଅସୁବିଧା ହୋଇ ନ ଥାଏ ବରଂ ନିଜ ପାଖରେ ଥିବା ଦୈନନ୍ଦିନ ଜୀବନଚର୍ଯ୍ୟା, ଭାବର ଆଦାନପ୍ରଦାନ ଏବଂ ସାମାଜିକ କୌଶଳ ହରାଇବାର ସମ୍ଭାବନା ଥାଏ। ଚିକିତ୍ସାସେବା ବ୍ୟକ୍ତିର ଅସୁସ୍ଥତାର ଲକ୍ଷଣଗୁଡ଼ିକୁ କମ୍ କରିଥାଏ କିନ୍ତୁ ଅସୁସ୍ଥତାର ଫଳସ୍ୱରୂପ ହରାଇଥିବା କୌଶଳଗୁଡ଼ିକ ଫେରିପାଏ ନାହିଁ। ତେଣୁ ମାନସିକ ଅସୁସ୍ଥ ବ୍ୟକ୍ତିକୁ ସମାଜରେ ସାମିଲ ପାଇଁ ସେ ହରାଇଥିବା କୌଶଳକୁ ଫେରାଇ ଆଣିବା ଜରୁରୀ।

ଅନେକ ସମୟରେ ମାନସିକ ଅସୁସ୍ଥ ବ୍ୟକ୍ତିଟି ଧୀରେ ଧୀରେ ଗୋଷ୍ଠୀରୁ ଦୂରେଇ ଯାଇଥାଏ। ଫଳରେ ତା'ଭିତରେ ଏକାକିତ୍ୱବୋଧ, ଚିଡ଼ିଚିଡ଼ା ହେବା ଏବଂ ବିରୋଧାଭାବ ମାନସିକତା ଦେଖାଯାଏ। ଉପଚାରାତ୍ମକ ସମୁଦାୟର ସହଯୋଗ ଫଳରେ ମାନସିକ ଅସୁସ୍ଥ ବ୍ୟକ୍ତିଟି ଅନ୍ୟମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ ସହିତ ସ୍ୱ–ନିୟନ୍ତ୍ରିତ ହୋଇଥାଏ ଏବଂ ଯେଉଁମାନେ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି ତାଙ୍କୁ ସାହାଯ୍ୟରେ ସହାୟକ ହୁଏ। ଆବାସିକ ଶିବିରରେ ରହିବା ଦ୍ୱାରା ନିଜ ନିଜ ଭିତରେ ସମ୍ପର୍କ ସ୍ଥାପନ, ଭାବର ଆଦାନପ୍ରଦାନ ଏବଂ ପରସ୍ପର ସହଯୋଗ ସୁସ୍ଥତା ଆଡ଼କୁ ନେଇଯାଇଥାଏ। ଜଣେ ଅସୁସ୍ଥ ବ୍ୟକ୍ତି ତା'ର ହରେଇଥିବା ଦକ୍ଷତାକୁ ଫେରାଇ ଆଣିବାରେ ସକ୍ଷମ ହୋଇଥାଏ ଏବଂ ସମାଜରେ ସମ୍ମାନର ସହିତ ସାମିଲ ହେବାକୁ ସହଜ ହୋଇଥାଏ। ଏହି ଶିବିର ମାନସିକ, ଆବେଗିକ ଏବଂ ବୌଦ୍ଧିକ ବିକାଶରେ ସାହାଯ୍ୟ କରିଥାଏ, ଯାହାକି ଅସୁସ୍ଥ ବ୍ୟକ୍ତିକୁ ଶିଖିବା, ଗୋଷ୍ଠୀରେ କାମ କରିବାରେ ସହଜ ହୋଇଥାଏ। ଶିବିରରେ ଗୋଟିଏ ପରିବାର କେବଳ ନିଜର ବିକାଶରେ ଦାୟୀ ହୋଇ ନ ଥାଏ ବରଂ ଅନ୍ୟର ପରିବାରର ବିକାଶର ମଧ୍ୟ ଦାୟିତ୍ୱ ନେଇଥାଏ।

ଆବାସିକ ଶିବିରରେ ମାନସିକ ଅସୁସ୍ଥ ବ୍ୟକ୍ତି, ସେମାନଙ୍କର ପରିବାର, ସ୍ୱେଚ୍ଛାସେବୀ, ସଂଗଠନ କାର୍ଯ୍ୟକର୍ତ୍ତା, ଗୋଷ୍ଠୀ ଏବଂ ସ୍ୱାସ୍ଥ୍ୟକର୍ମୀମାନେ କିପରି ମାନସିକ ଅସୁସ୍ଥ ବ୍ୟକ୍ତିକୁ ସମାଜରେ ସାମିଲ ସକାଶେ ସାହାଯ୍ୟ କରିପାରିବେ ତାହା ଉପଲବ୍ଧି କରିଥା'ନ୍ତି। ସମସ୍ତେ ପାଞ୍ଚଦିନ ଧରି ଗୋଟିଏ ସ୍ଥାନରେ ଏକ ଗୋଷ୍ଠୀ ଭାବରେ ବାସକରି, ବିଭିନ୍ନ ଦାୟିତ୍ୱକୁ ନିଜ ନିଜ ମଧ୍ୟରେ ବ୍ୟକ୍ତିଗତ ଏବଂ ଦଳଗତ ଭାବରେ ସମ୍ପାଦନ କରିଥାନ୍ତି। ସମସ୍ତେ ମିଶି ମାନସିକ ଅସୁସ୍ଥ ବ୍ୟକ୍ତିକୁ ଶିଖିବାରେ ସାହାଯ୍ୟ କରନ୍ତି। ଏହି ପ୍ରକ୍ରିୟା ମାନସିକ ଅସୁସ୍ଥ ବ୍ୟକ୍ତିକୁ କାମ କରିବାକୁ ଉତ୍ସାହିତ କରିଥାଏ । ଶିବିରରେ ଅଂଶଗ୍ରହଣ କରୁଥିବା ସ୍ୱେଚ୍ଛାସେବୀ ଏବଂ କର୍ମକର୍ତ୍ତାମାନେ ଏକୀକରଣର ଅଭିଜ୍ଞତା ହାସଲ କରିବା ଦ୍ୱାରା ସେମାନଙ୍କୁ ଅନ୍ୟ ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାରକୁ ସାହାଯ୍ୟ ସମୟରେ ସହାୟକ ହୁଏ।

ପୁନଃ–ଥଇଥାନ ଶିବିରରେ ମୁଖ୍ୟତଃ ପ୍ରାର୍ଥନା, ଯୋଗ, ପ୍ରାଣାୟାମ, ହାଲୁକା ବ୍ୟାୟାମ, ଦଳଗତ ଆଲୋଚନା, ଦୈନନ୍ଦିନ କାର୍ଯ୍ୟ ଶିଖିବାରେ ସହଯୋଗ, ସାମାଜିକ କୌଶଳ, ଜୀବନ କୌଶଳ, ବୃତ୍ତିଗତ ତାଲିମ, ହାସ୍ୟ କାର୍ଯ୍ୟକ୍ରମ, ବ୍ୟକ୍ତିଗତ ଏବଂ ପରିବାର ପରାମର୍ଶ ସେବା ଯୋଗାଇ ଦିଆଯାଇଥାଏ।



ଉପରୋକ୍ତ କାର୍ଯ୍ୟ ଗୋଷ୍ଠୀ ମାଧ୍ୟମରେ ହୁଏ। ଫଳରେ ଅସୁସ୍ଥ ବ୍ୟକ୍ତିଟି ଗୋଷ୍ଠୀରେ ସାମିଲ ହେବାର ସୁଯୋଗ ପାଏ। ଚିତ୍ତ ବିନୋଦନ ପାଇଁ ଭ୍ରମଣ, ସ୍ୱତନ୍ତ୍ର ତାଲିମ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସଚେତନତା ଶିବିର, ଭିନ୍ନକ୍ଷମ ପ୍ରମାଣପତ୍ର ଏବଂ ବିଭିନ୍ନ ଯୋଜନାରେ ସାମିଲ କାର୍ଯ୍ୟକ୍ରମ କରାଯାଇଥାଏ। ଜୀବନଜୀବିକା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା, ଆର୍ଥିକ ସାକ୍ଷରତା ଇତ୍ୟାଦି ମଧ୍ୟ ସାମିଲ କରାଯାଇ ପାରିବ। ରୋଗ ନିବାରଣ ସହିତ ମନୋ–ସାମାଜିକ କାର୍ଯ୍ୟକ୍ରମ ଅସୁସ୍ଥ ବ୍ୟକ୍ତି ଏବଂ ପରିବାରକୁ ପରବର୍ତ୍ତୀ ସମୟରେ ଅଭ୍ୟାସ ପାଇଁ ସାହାଯ୍ୟ କରିଥାଏ। ଏହି ଶିବିର ଅସୁସ୍ଥ ବ୍ୟକ୍ତିର ଗୁଣାତ୍ମକ ଜୀବନଶୈଳୀରେ ପରିବର୍ତ୍ତନ ଆଣିଥାଏ।

ମନୋସାମାଜିକ ଆବାସିକ ପୁନଃ ଥଇଥାନ ଶିବିର ଏକ ବହୁମୁଖୀ ଉପଚାର ଭଳି କାମ କରିଥାଏ। ଏହି ଶିବିର କେବଳ ମାନସିକ ରୋଗର ଉପଚାର ନୁହେଁ, ଏହା ଅସୁସ୍ଥ ବ୍ୟକ୍ତିର ଅନ୍ୟାନ୍ୟ ଦକ୍ଷତା, ବୃତ୍ତିଗତ ତାଲିମ, ପରିବାର ଓ ଗୋଷ୍ଠୀ ଲୋକଙ୍କୁ ମାନସିକ ରୋଗ ଏବଂ ଗ୍ରହଣୀୟତା ବିଷୟରେ ସଚେତନ କରିବା ଲକ୍ଷ୍ୟ ରଖେ।

ଆବାସିକ ଶିବିର ମାନସିକ ଅସୁସ୍ଥ ବ୍ୟକ୍ତିକୁ ସ୍ୱାଧୀନ ଭାବରେ ନିଜ କାମ ନିଜେ କରିବାକୁ ସକ୍ଷମ ହେବାର କୌଶଳ ଶିଖେଇଥାଏ। ପରିବାର ଲୋକ, ବନ୍ଧୁବାନ୍ଧବ ଏବଂ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା କରିବାର କୌଶଳ ସହିତ ଅନ୍ୟାନ୍ୟ ଜୀବନ କୌଶଳ ହାସଲ କରିଥାଏ। ମାନସିକ ଅସୁସ୍ଥ ବ୍ୟକ୍ତିମାନେ ଜୀବନସାରା ଘରେ, ଗାଁରେ, କର୍ମକ୍ଷେତ୍ରରେ ଅନେକ ଘୃଣା ଏବଂ ବାଛବିଚାରର ଶିକାର ହୋଇଥା'ନ୍ତି। ଏହି ଘୃଣ୍ୟଭାବ ବଢ଼ିବା ଫଳରେ ମାନସିକ ଅସୁସ୍ଥତା ବଢ଼େ ଏବଂ ସୁସ୍ଥତାରେ ବିଳମ୍ବ ହୋଇଥାଏ। ପରବର୍ତ୍ତୀ ସମୟରେ ଅସୁସ୍ଥତା କମିବା ପରେ ମଧ୍ୟ ଘୃଣାଭାବ ଯୋଗୁ ବ୍ୟକ୍ତିଟି ବୃତ୍ତିଗତ ସୁଯୋଗ ପାଏନାହିଁ, ଫଳରେ ପରିବାରରେ ଆର୍ଥିକ ବୋଝ ବଢ଼େ। ନିଜେ ଆୟକରି ପରିବାରକୁ ଆର୍ଥିକ ସହଯୋଗ କରିପାରୁଥିବା ବ୍ୟକ୍ତିର ସମ୍ମାନ ସମାଜରେ ଅଧିକ ହୋଇଥାଏ। ଅସୁସ୍ଥ ବ୍ୟକ୍ତିର ବୃତ୍ତିର ସ୍ଥାୟିତ୍ୱ ସବୁବେଳେ ବ୍ୟକ୍ତିର ଲକ୍ଷଣ, ସ୍ୱାସ୍ଥ୍ୟର ଯତ୍ନ, ଆତ୍ମସମ୍ମାନ ଏବଂ ଆତ୍ମତୃପ୍ତି ଉପରେ ନିର୍ଭରକରେ। ପରିବାର ଏବଂ ଗୋଷ୍ଠୀର ସହଯୋଗ ଫଳରେ ଅସୁସ୍ଥ ବ୍ୟକ୍ତିର ଆତ୍ମବିଶ୍ୱାସ ବଢ଼ିବା ସହିତ ସେ ଅସୁସ୍ଥତାଜନିତ ଆହ୍ୱାନକୁ ମୁକାବିଲା କରିବାକୁ ସକ୍ଷମ ହୋଇଥାଏ।

ସମୟାନ୍ତରରେ ଆବାସିକ ଶିବିର ଆୟୋଜନ କରାଯାଉଛି। ଏହି ଶିବିରରୁ ପ୍ରତ୍ୟାବର୍ତ୍ତନ ପରେ ଶିଖିଥିବା ଉପାୟଗୁଡ଼ିକୁ ନିୟମିତ ଅଭ୍ୟାସ କରିବା ଆବଶ୍ୟକ। ଏଥିରେ ଅଂଶଗ୍ରହଣ କରୁଥିବା କର୍ମକର୍ତ୍ତାମାନେ ସହଯୋଗୀ ବାତାବରଣ ସୃଷ୍ଟି କରିବା ଉଚିତ୍। ଯାହାଦ୍ୱାରା ପରିବାରର ମାନସିକ ଅସୁସ୍ଥତା ପ୍ରତି ଥିବା ନକାରାତ୍ମକ ମନୋଭାବ ସକାରାତ୍ମକ ମନୋଭାବରେ ପରିବର୍ତ୍ତନ ହୋଇପାରିବ। ଏଭଳି ଆବାସିକ ଶିବିରର ବହୁସଂଖ୍ୟାରେ ଆୟୋଜନ କରିବାର ଆବଶ୍ୟକତା ରହିଛି। ଏହାକୁ ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମାନସିକ ସ୍ୱାସ୍ଥ୍ୟ ବିଭାଗ ମାଧ୍ୟମରେ କରିବାର ସୁଯୋଗ ରହିଛି। ଏହା ସରକାରୀ, ବେସରକାରୀ ଏବଂ ସି.ଏସ୍.ଆର. ସହଯୋଗରେ କରାଯାଇପାରିବ। ଏଥିପାଇଁ କେବଳ ମାନସିକ ସ୍ୱାସ୍ଥ୍ୟ କର୍ମକର୍ତ୍ତା ନୁହେଁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗୋଷ୍ଠୀ ଆଗକୁ ଆସିବା ଦରକାର।

**ମୋ:୮୩୨୮୮୪୮୧୪୫**

## ପାଠକ ଶ୍ରେଷ୍ଠ ବିଚାରକ

### ସମାନ ନାଗରିକ ଆଇନ ଏବଂ ଜନମତ

ମହାଶୟ,

ମୁଖ୍ୟତଃ ଧର୍ମନିରପେକ୍ଷ ରାଷ୍ଟ୍ର ଭାବରେ ଭାରତ ବିଶ୍ୱରେ ସୁନାମ ଅର୍ଜନ କରିଛି। ବିଭିନ୍ନ ଧର୍ମାବଲମ୍ବୀ ବ୍ୟକ୍ତିବିଶେଷ ଭାରତର ସମ୍ବିଧାନକୁ ମାନି ଚଳୁଛନ୍ତି। ଏପରିସ୍ଥଳେ ସମାନ ନାଗରିକ ଆଇନଶୃଙ୍ଖଳା ପଦବାଚ୍ୟ ଏକ ଦୂରଦୃଷ୍ଟି ପ୍ରଶ୍ନବାଚୀ। ବିଭିନ୍ନ ଧର୍ମୀୟ ପରମ୍ପରା ବ୍ୟକ୍ତିବିଶେଷଙ୍କର ସାମାଜିକ, ସାଂସ୍କୃତିକ, ସ୍ୱାଧୀନତାର ଅଧିକାର ଏବଂ ବାକ୍ ସ୍ୱାଧୀନତା ପ୍ରତି ଯେପରି ଆଘାତ ନ ହେବ, ସେ ବିଷୟରେ ଗଭୀର ସମୀକ୍ଷା ପରେ ବହୁ ମତକୁ ନେଇ ଯୋଜନା କରିବା ଆବଶ୍ୟକ। କେବଳ ମନେମନେ ଆଇନ ପାଶ୍ କରିଦେଲେ ଚଳିବ ନାହିଁ। ଗଣତନ୍ତ୍ର ରାଷ୍ଟ୍ର ଭାରତରେ ଜନତା କ୍ଷମତା ଦେଇପାରିବେ, ଆବଶ୍ୟକସ୍ଥଳେ ସିଂହାସନକୁ ବିପରୀତ କରିଦେବେ। ମନମୁଖି ଶାସନକୁ ସମସ୍ତେ ବିରୋଧ କରିବେ। କୌଣସି ବ୍ୟକ୍ତି ବିଶେଷଙ୍କ ଉପରେ ଅନ୍ୟାୟ ଆଇନକୁ ଲଦି ଦିଆଗଲେ ଦେଶବାସୀ ଗ୍ରହଣ କରିବେ ନାହିଁ। ଏଣୁ ସମାନ ନାଗରିକ ଆଇନ ଉପରେ ବିଚାରବିମର୍ଶ ଏକାନ୍ତ ଅପରିହାର୍ଯ୍ୟ।

**– ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

### ଚିରନ୍ତନୀ

ମୁହିଁ ସେ ଜୀବନ ସକଳ ଧରାର ଧ୍ୟାନ
ଚିର ବାଞ୍ଛିତ ବିଶ୍ୱର ଅବଦାନ,
ମୁହିଁ ସେ ଜୀବନ ଖୋଜିଥିଲୁ ଶୈଶବେ
ତରୁଣ ଆଶାର ରଞ୍ଜିତ ଉଷା–ନଭେ।
–(ଜୀବନର ସ୍ପର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଲିଚନ୍ଦ୍ରପୁର ଥାନାରେ ନୂଆ ଆଇଆଇସି

ବାଲିଚନ୍ଦ୍ରପୁର,୧୪।୯(ଗିରିଜା ପ୍ରସାଦ ସାହୁ):

ବାଲିଚନ୍ଦ୍ରପୁର ଥାନାରେ ନୂତନ ଆଇଆଇସି ଭାବେ ପ୍ରମୋଦିନୀ ସାହୁଙ୍କୁ ନିଯୁକ୍ତି ମିଳିବା ପରେ ସେ ୧୨ ତାରିଖରେ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ପୂର୍ବରୁ କେନ୍ଦୁଝର ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟ କରିବା ପରେ ଯାଜପୁର ଜିଲାକୁ ବଦଳି ହୋଇ ମୁଖ୍ୟାଳୟରେ ଅବସ୍ଥାପିତ ହୋଇଥିଲେ। ସାହୁ ଯୋଗଦେବା ପରେ ବାଲିଚନ୍ଦ୍ରପୁର ପ୍ରେସ୍‌କ୍ଲବର ସଦସ୍ୟମାନେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ସମୟରେ ସେ ଜନସାଧାରଣଙ୍କୁ ସେବା ଯୋଗାଇବା ସହ ଆଇନଶୃଙ୍ଖଳା ଓ ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ସାକ୍ଷାତ ସମୟରେ ପ୍ରେସ୍‌କ୍ଲବ ଉପଦେଷ୍ଟା ଅମରେନ୍ଦ୍ର ସିଂହ, ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଉପସଭାପତି ଉତ୍କଳ କେଶରୀ ସାମଲ, କୋଷାଧ୍ୟକ୍ଷ ପ୍ରବାସ କୁମାର ଦାଶ, ତୁଷାର ରଞ୍ଜନ ଜେନା, ସୁମନ୍ତ କୁମାର ଜେନା, ପ୍ରକାଶ କୁମାର ସିଂହ, ସେକ୍ ଇକବାଲ ହୁସେନ୍, ଜ୍ଞାନରଞ୍ଜନ ପୃଷ୍ଟି, ଚିତ୍ତରଞ୍ଜନ ସିଂହ, ସୁଶାନ୍ତ କୁମାର ବେହେରା ଓ ମନୋଜ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ଡେରାବିଶରେ ଡେଙ୍ଗୁ ଆତଙ୍କ: ୫ ଆକ୍ରାନ୍ତ ଚିହ୍ନଟ

ଡେରାବିଶ, ୧୪।୯(ବେବର୍ତ୍ତା ଅଜୟ ଦାସ)

ରାଜ୍ୟରେ ଡେଙ୍ଗୁ ତା'ର କାୟା ବିସ୍ତାର କରୁଥିବା ବେଳେ ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତ ଅଡ଼ଙ୍ଗା ମଲ୍ଲିକେଶ୍ୱରପୁର ଗାଁରେ ୫ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ଗ୍ରାମରେ ଆତଙ୍କ ଖେଳିଯାଇଛି। ଆକ୍ରାନ୍ତ ହେଲେ ଗ୍ରାମର ତପନ ମହାରଣା, ପ୍ରଦୀପ ମହାରଣା, ପବିତ୍ର ମୋହନ ସିଂ, ଗ୍ରାମର ଆଶା ସାବିତ୍ରୀ ନାୟକଙ୍କ ସମେତ ଗ୍ରାମର ଆଉ ଜଣେ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ୩ଦିନରୁ ଅଧିକ ସମୟ ଧରି ଜ୍ୱର ରହିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସେମାନଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ନମୁନାରୁ ଡେଙ୍ଗୁ ପଜେଟିଭ୍ ଜଣାପଡ଼ିବା ପରେ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରାଯାଉଛି। ଏଥିସହ ଗ୍ରାମର ଆଉ ଜଣେ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇ ବାହାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ତେବେ ଏ ସମ୍ପର୍କରେ ପଲେଇ ସରପଞ୍ଚ ଅକ୍ଷୟ କୁମାର ସାହୁ କହିଛନ୍ତି, ତପନ ଓ ପ୍ରଦୀପଙ୍କ ଘର ଦେଇ ଯାଇଥିବା କାଡ଼ାନାଳ ବନ୍ଦ ହୋଇଯିବା ଫଳରେ ସେ ନାଳ ଦେଇ ନିଷ୍କାସିତ ହେଉଥିବା ଜଳ ଗ୍ରାମ ମଧ୍ୟରେ ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଏହି କାଡ଼ା ନାଳକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ।

# କନ୍ତୋର ତେଲେଙ୍ଗାନା ବସ୍ତିରେ ଚଢ଼ାଉ

## ୭ ଗିରଫ, ୧୨ ବାଇକ୍ ଜବତ

କୋରେଇ,୧୪।୯(ଚନ୍ଦ୍ରକାନ୍ତ ପତି):

ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼, ସୁନାଚେନ ଓ ଟଙ୍କା ଛଡ଼ାଇ ନେବା ଅଭିଯୋଗରେ କୋରେଇ ଥାନା ଅନ୍ତର୍ଗତ କନ୍ତୋର ପଞ୍ଚାୟତ ତେଲେଙ୍ଗାନା ବସ୍ତିରେ ଯାଜପୁର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ପୋଲିସ ୧୨ ଚୋରା ବାଇକ୍, ମୋବାଇଲ ଫୋନ୍ ଜବତ କରିବା ସହ ଅଭିଯୁକ୍ତ ଆଉଲା ଅଭିନାଶ ରାଓ, କରନ ପ୍ରଧାନ, ଆଉଲା ଗଜେନ୍ଦ୍ର, ଆଉଲା ଶିବମ ରାଓ, ଆଉଲା କ୍ରିଷ୍ଣା, କବାଡ଼ି ଗୋପାଳ ଓ ମୁଗୁ ରାଓଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗ୍ ସହ ସମ୍ପର୍କ ଥିବା ପୋଲିସ କହିଛି।

ଅଗଷ୍ଟ ୧୬ ତାରିଖରେ ବିଦ୍ୟୁତ୍ କର୍ମଚାରୀ ବସ୍ତିକୁ ଯାଇଥିବାବେଳେ ସେମାନଙ୍କ ଉପରେ ଆକ୍ରମଣ ହେବାନେଇ କୋରେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଏଏସ୍‌ଆଇ ପି.କେ. ତ୍ରିପାଠୀଙ୍କ ନେତୃତ୍ୱରେ ବସ୍ତିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ବସ୍ତିରେ ଚୋରା ସାମଗ୍ରୀ ଥିବା ପୋଲିସ ଜାଣିବାକୁ ପାଇଥିଲା। ତେଣୁ ତତ୍‌କ୍ଷଣାତ ଯାଜପୁର ରୋଡ୍ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କୋରେଇ, ପାଣିକୋଇଲି, ଯାଜପୁର ରୋଡ୍ ଓ କୁଆଖିଆ ଥାନା ଅଧିକାରୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ବସ୍ତିକୁ ଘେରାବନ୍ଦୀ କରିବା ସହ ଚଢ଼ାଉ କରିଥିଲେ।

ପୂର୍ବରୁ ଏହି ବସ୍ତି ଉପରେ ମଧ୍ୟ ଯାଜପୁର ପୋଲିସ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଥିଲା। ସେତେବେଳେ ଅନେକ ଚୋରା ବାଇକ୍, ମୋବାଇଲ ଫୋନ ଏବଂ ବିଭିନ୍ନ ସୁନା ଅଳଙ୍କାର ଜବତ ହୋଇଥିଲା। ଏହି ବସ୍ତିରେ ୬୦ରୁ୭୦ ତେଲେଙ୍ଗା ପରିବାର ବାସ କରୁଛନ୍ତି। ତେଣୁ ବାହାର ରାଜ୍ୟ, ଯାଜପୁର ଓ ପଡ଼ୋଶୀ ଜିଲାଗୁଡ଼ିକରୁ ଦାମୀ ମୋବାଇଲ, ସୁନା ଅଳଙ୍କାର, ବାଇକ୍ ଆଦି ଚୋରି ଘଟଣାରେ ଏହି ବସ୍ତିର ଅଧିକାଂଶ ଲୋକଙ୍କ ହାତ ଥିବା ଚର୍ଚ୍ଚାହୁଏ। ଏଥିସହିତ ବସ୍ତିରେ କେତେଜଣ ଯୁବକ ପ୍ରତିଦିନ ଦାମୀ ଚୋରା ମୋବାଇଲ ଅଧାଦରରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ନଂ.୨୫୨/୨୩ରେ ମାମଲା ରୁଜୁ ହୋଇଛି।



ଜବତ ହୋଇଥିବା ବାଇକ୍।

# ଯୁବ ଖେଳାଳିଙ୍କ ଅକାଳ ବିୟୋଗ

ଧର୍ମଶାଳା,୧୪।୯
(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଚୋରମୁହାଁ ପଞ୍ଚାୟତ ହଳଦିଆପଦା ଗ୍ରାମର ଅଚ୍ୟୁତ ମଲିକଙ୍କ ପୁଅ ବିଭୁପଦ ମଲିକ(୨୮)ଙ୍କ ଗତ ମଙ୍ଗଳବାର ଅକାଳ ବିୟୋଗ ହୋଇଛି। ବିଭୁପଦ ହାଇଦ୍ରାବାଦ୍‌ସ୍ଥିତ ଏକ ହୋଟେଲ୍‌ରେ କାମ କରୁଥିବା ବେଳେ ଗତ ୩ତାରିଖରେ ସେଠାରେ ଅସୁସ୍ଥ ହୋଇ ପଡ଼ିଥିଲେ। ହୋଟେଲ୍ କର୍ତ୍ତୃପକ୍ଷ ତାଙ୍କୁ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବିଭୁପଦ ଧର୍ମଶାଳା ଅଞ୍ଚଳର ଜଣେ ଭଲ ଫୁଟବଲ୍ ଖେଳାଳି ଭାବେ ବେଶ ଜଣାଶୁଣା ଥିଲେ। ବୁଧବାର ତାଙ୍କ ମରଶରୀର ଜାରକାରେ ପହଞ୍ଚିବା ପରେ ବହୁବ୍ୟକ୍ତି ଓ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ ଧର୍ମଶାଳା ଫୁଟବଲ୍ ଆସୋସିଏଶନ୍‌ର ସଦସ୍ୟ ଥିବାରୁ କ୍ଲବ ପକ୍ଷରୁ ତାଙ୍କ ମରଶରୀରକୁ ଏକ ବାଇକ୍ ଶୋଭାଯାତ୍ରାରେ ଜାରକା, ଶାନ୍ତିବଜାର, ଧର୍ମଶାଳା ବଜାର, ଚୋରମୁହାଁ ଓ ବଡ଼ମଙ୍ଗଳପୁର ଗାଁ ପରିକ୍ରମା କରାଯାଇ ଶେଷରେ ନିଜ ଗାଁ ହଳଦିଆପଦାସ୍ଥିତ ବାସଭବନରେ ପହଞ୍ଚାଯାଇଥିଲା। ଡିଙ୍ଗା କ୍ଲବ ସଭାପତି ପ୍ରମୋଦ ଦାସ, ସାଧାରଣ ସମ୍ପାଦକ ପ୍ରବୋଧ କୁମାର ପାତ୍ର, ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ କେଶରୀ ମହାନ୍ତି, ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ପ୍ରମୋଦ ଲାଲା, ସୁଜିତ୍ ସ୍ୱାଇଁ, ପର୍ଶୁରାମ ମହାନ୍ତି, ମାନସ ଜେନା, ସେକ୍ ମାଜନ୍, ସେକ୍ ଯୁନୁସ୍, ସେକ୍ ସଲିମ୍, ଅଶ୍ୱିନୀ ଧଳ, ସୌମ୍ୟରଞ୍ଜନ ବାରିକ, ଜ୍ଞାନରଞ୍ଜନ ମହାନ୍ତି, ଅନିଲ ସ୍ୱାଇଁ, ସୌଭାଗ୍ୟ ମୁଦୁଲି, ସୁବ୍ରତ ବେହେରା, ବିଜୟ ଜେନା ଓ ରାଜେଶ ପାଳ ପ୍ରମୁଖ ତାଙ୍କ ଶେଷଦର୍ଶନ କରିବା ସହିତ ଶୋକପ୍ରକାଶ କରିଛନ୍ତି। ବ୍ରାହ୍ମଣୀ ନଦୀପଠାରେ ବିଭୁପଦଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।


ବିଭୁପଦ ମଲିକ।

# ରାସ୍ତାରୋକୋ: ଜଳଯୋଗାଣ ପରେ ଆନ୍ଦୋଳନ ପ୍ରତ୍ୟାହୃତ


ତେରମାଣପୁର ଗଡ଼ାଠାରେ ଲୋକେ କଟକ-ପାରାଦୀପ ରାସ୍ତାରୋକୋ କରିଛନ୍ତି।

କୁଜଙ୍ଗ, ୧୪।୯(ମନୋଜ ପ୍ରଧାନ)

ବିଦ୍ୟୁତ୍ ବିଲ୍ ଦେୟ ପୈଠ ନ ହେବା ଫଳରେ ବିଭାଗ ପକ୍ଷରୁ ମଙ୍ଗଳବାରଠାରୁ କୁଜଙ୍ଗ ବ୍ଲକର ୧୦ଟି ପଞ୍ଚାୟତର ୧୬ଟି ପମ୍ପହାଉସରୁ ବିଜୁଳି ବିଚ୍ଛିନ୍ନ କରାଯାଇଥିଲା। ଫଳରେ ୫୦ହଜାରରୁ ଉର୍ଦ୍ଧ୍ୱ ଲୋକ ୫୦ ଘଣ୍ଟାରୁ ଅଧିକ ସମୟ ଧରି ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ବ୍ଲକର ୧୦ ପଞ୍ଚାୟତ ହେଲା କୁଜଙ୍ଗ, ବାଗୋଇ, ଗୋପିଆକୁଦ, ଗଣ୍ଡକିପୁର, କୋଠି, ସାଇଲୋ, ତାଳପଡା, ଗରେଇ, ଗୋରଡ ଓ କାଠକୋଟ। ଏହାର ପ୍ରତିବାଦରେ ଗୁରୁବାର ତାଳପଡା, ସାଇଲୋ ଓ ଗରେଇ ପଞ୍ଚାୟତର ସରପଞ୍ଚଙ୍କ ସମେତ ଶତାଧିକ ଲୋକ ସାଇଲୋ-ତାଳପଡ଼ା ପଞ୍ଚାୟତ ମଧ୍ୟସ୍ଥଳ ତେରମାଣପୁର ଗଡ଼ାଠାରେ କଟକ-ପାରାଦୀପ ରାସ୍ତାରୋକୋ କରି ଆନ୍ଦୋଳନକୁ ଓହ୍ଲାଇ ଥିଲେ। ୧୦ଦିନ ମଧ୍ୟରେ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ଆସିବା ପରେ ବିଦ୍ୟୁତ୍ ଦେୟ ପଇଠ କରାଯିବା ପାଇଁ କହିବା ସହ ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ରଖିବାକୁ ବିଭାଗକୁ ଅନୁରୋଧ କରିଥିଲେ। ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ପମ୍ପ ହାଉସରୁ ଅପରାହ୍ନରୁ ଜଳ ଯୋଗାଣ ଆରମ୍ଭ ହୋଇଛି। ଯାହା ଫଳରେ କି ଜନସାଧାରଣ ରାସ୍ତାରୋକୋରୁ ହଟିଛନ୍ତି।

# ମୋ ସେବା କେନ୍ଦ୍ର ଉପରେ ରେଳ ବିଭାଗ ପୋଲିସର ଚଢ଼ାଉ

## ରେଳ ଟିକେଟ ବ୍ଲକ କରୁଥିବା ଅଭିଯୋଗ

ଡେରାବିଶ, ୧୪।୯(ବେବର୍ତ୍ତା ଅଜୟ ଦାସ)

ରେଳ ଯାତ୍ରୀଙ୍କ ପାଇଁ ଅନ୍‌ଲାଇନ୍‌ରେ ଟିକେଟ ବ୍ଲକ କରିବା ମହଙ୍ଗା ପଡ଼ିଛି। ଡେରାବିଶ ବ୍ଲକ ଅଧୀନ ଗୋଲରାହାଟଠାରେ ମୋ ସେବା କେନ୍ଦ୍ର ଖୋଲିଥିବା ଜଣେ ଯୁବକ ଅଧିକ ଟିକେଟ ବୁକିଂ କରିବା ନେଇ ଗୁରୁବାର ପାରାଦୀପ ରେଳ ବିଭାଗ ପୋଲିସ ପକ୍ଷରୁ ଏହି ସେବା କେନ୍ଦ୍ର ଉପରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ସେବା କେନ୍ଦ୍ରର ପରିଚାଳକ ଓ ତାଙ୍କ ଲାପଟପକୁ ରେଳ ବିଭାଗ ପୋଲିସ ନେଇ ଯାଇଥିବା ବେଳେ କ'ଣ ପାଇଁ ଏହି ସେବା କେନ୍ଦ୍ରରେ ଚଢ଼ାଉ କରାଯାଇଥିଲା ସେ ସମ୍ପର୍କରେ ଅଧିକାରୀମାନେ କୌଣସି ସୂଚନା ଦେଇ ନ ଥିଲେ। ରେଳ ବିଭାଗ ଇନ୍ସପେକ୍ଟର ବି. କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# ୬୦ ହିତାଧିକାରୀଙ୍କ ନାମ ତାଳିକାରୁ ବାଦ୍

- ୱାନ୍ ନେଶନ ୱାନ ରାଶନ
- ୨ଟି ସ୍ଥାନରେ ରାଶନ ସାମଗ୍ରୀ ନେଉଥିବା ହିତାଧିକାରୀଙ୍କୁ ଧରାଇଲା ଆଧାର କାର୍ଡ଼
- ଡେରାବିଶରେ ୧୫୭ ଜଣଙ୍କ ଦ୍ୱୈତ ରାଶନ କାର୍ଡ଼

ଡେରାବିଶ, ୧୪।୯(ବେବର୍ତ୍ତା ଅଜୟ ଦାସ)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କୁ ସରକାର ଖାଦ୍ୟ ନିରାପତ୍ତା ଯୋଜନାରେ ମୁଣ୍ଡପିଛା ମାସକୁ ୫ କିଲୋ ଗ୍ରାମ ଚାଉଳ ମାଗଣାରେ ଯୋଗାଇ ଦେଉଛନ୍ତି। ସରକାରଙ୍କ ଲକ୍ଷ୍ୟ ହେଉଛି କେହି ଜଣେ ବ୍ୟକ୍ତି ଭୋକିଲା ଅବସ୍ଥାରେ ରହିବେ ନାହିଁ। କିନ୍ତୁ ଯୋଜନାର ସୁଫଳକୁ ଲୁଟ୍ କରିବା ପାଇଁ କିଛି ବ୍ୟକ୍ତି ଆପଣାଇଥିବା ଅଭିନବ ଉପାୟ ଏବେ ଧରାପଡ଼ିଛି। ଆଧାରକାର୍ଡ଼ ଏହି ଘୋଟାଲାକୁ ଧରା ପକେଇ ଦେଇଛି। ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଥିବା ଚଞ୍ଚକତା କରୁଥିବା କିଛି ହିତାଧିକାରୀମାନଙ୍କର ଚାଲବାଜିକୁ ଆଧାରକାର୍ଡ଼ ନମ୍ବର ଧରେଇ ଦେଇଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ନିରାପତା ମନ୍ତ୍ରଣାଳୟ ବିଭାଗ ପକ୍ଷରୁ ଗୋଟିଏ ପରିବାରରେ ମିଳିଥିବା ରାଶନ କାର୍ଡ଼କୁ ଚଞ୍ଚକତା କରି ବାହାରେ ରହୁଥିବା ପରିବାରର ଜଣେ ସଦସ୍ୟ ରାଶନ ସାମଗ୍ରୀ ଗ୍ରହଣ କରୁଥିଲେ। ମାତ୍ର ଖାଦ୍ୟ ନିରାପତ୍ତା ମନ୍ତ୍ରଣାଳୟ ବିଭାଗ ପକ୍ଷରୁ ଯାଞ୍ଚ ସମୟରେ ଆଧାର କାର୍ଡ଼କୁ ଭିତ୍ତିକରି କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକରେ ୧୫୭ଜଣ ଏଭଳି ୨ଟି ଲେଖାଏ କାର୍ଡ଼ ଯୋଗେ ୨ଟି ସ୍ଥାନରୁ ରାଶନ ସାମଗ୍ରୀ ପାଉଥିବା ନେଇ ଜଣାଡିଥିଲା। ପରେ ତୁରନ୍ତ ଏହାର ତଦନ୍ତ କରି ତାଲିକାରୁ ବାଦ ଦେବା ପାଇଁ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପାଇବା ପରେ ଯୋଗାଣ ଅଧିକାରୀ ସ୍ୱରୁପ କୁମାର ଦାସ ୧୫୭ ଜଣ ଏଭଳି ଚଞ୍ଚକତା ତାଲିକାରେ ଥିବା ବେଳେ ତଦନ୍ତ କରି ୧୫୭ ଜଣଙ୍କ ମଧ୍ୟରୁ ଏଯାଏ ୬୦ ଜଣଙ୍କ ନାମ ତାଲିକାରୁ ବାଦ ଦେଇଥିବା କହିଛନ୍ତି।

ସୂଚନାଯୋଗ୍ୟ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଡେରାବିଶ ବ୍ଲକ ଅଧୀନ ୨୬ ଟି ପଞ୍ଚାୟତରେ ସମୁଦାୟ ୩୧,୯୦୨ଟି ରାଶନ କାର୍ଡ଼ ରହିଥିବା ବେଳେ ସମୁଦାୟ ୧,୧୨,୩୩୫ ଜଣ ହିତାଧିକାରୀ ରାଶନ ସାମଗ୍ରୀ ଗ୍ରହଣ କରୁଛନ୍ତି। ସେଥିମଧ୍ୟରୁ ଅନ୍ତୋଦୟ ଅନ୍ନ ଯୋଜନାରେ ୪୦୩୮ କାର୍ଡ଼ ରହିଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ଯୋଜନାରେ ୨୭,୫୯୦ କାର୍ଡ଼ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୭୪ଟି କାର୍ଡ଼ ରହିଥିବା ଯୋଗାଣ ନିରୀକ୍ଷକ ଦାସ କହିଛନ୍ତ।

# ରାଜ୍ୟ ଖାଦ୍ୟ ଆୟୁକ୍ତ, ଜିଲାପାଳଙ୍କ ନଗଡ଼ା ଗସ୍ତ

## ଶିଶୁ ମୃତ୍ୟୁ ସ୍ଥାନକୁ ନ ଯାଇ ଫେରିଲେ

ସୁକିନ୍ଦା,୧୪।୯(ସତ୍ୟଜିତ ଦାଶ):

ସୁକିନ୍ଦା ବ୍ଲକ ଅନ୍ତର୍ଗତ ବହୁଚର୍ଚ୍ଚିତ ନଗଡ଼ା ଅଞ୍ଚଳକୁ ଗୁରୁବାର ରାଜ୍ୟ ଖାଦ୍ୟ ଆୟୁକ୍ତ ଅବନୀକାନ୍ତ ସାହୁ ଏବଂ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଅଚାନକ ଗସ୍ତ କରିଛନ୍ତି। ସେମାନଙ୍କ ସହିତ ଶିଶୁ ସୁରକ୍ଷା ବିଭାଗ, ଯୋଗାଣ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ଆଦିର ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ମଧ୍ୟ ଯାଇଥିଲେ। ସେମାନେ ଉପର ନଗଡାସ୍ଥିତ ଅଙ୍ଗନୱାଡିକେନ୍ଦ୍ର ନିକଟରେ ୧୦ ମିନିଟ ଏବଂ ସେଠାରୁ ତଳନଗଡ଼ା ଯାଇ ମାତ୍ର ୫ ମିନିଟ ରହି ଫେରିଆସିଥିଲେ। କିନ୍ତୁ ଶିଶୁମୃତ୍ୟୁ ଘଟିଥିବା ତଳଡିହକୁ ଯାଇ ନ ଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଗତ ଅଗଷ୍ଟରେ ତଳଡିହରେ ଅପପୁଷ୍ଟି ଏବଂ ଚିକିତ୍ସା ଅଭାବରୁ ଦୁଇ ଶିଶୁଙ୍କ ମୃତ୍ୟୁ ହୋଇ ଯାଇଥିବାବେଳେ ଅନେକ ଶିଶୁ ଅପପୁଷ୍ଟି ଏବଂ ବିଭିନ୍ନ ରୋଗର ଶିକାର ହୋଇଥିଲେ। ଏହାକୁ ନେଇ ବାରମ୍ବାର ଗଣମାଧ୍ୟମରେ ପ୍ରଶାସନକୁ ସମାଲୋଚନା କରାଯାଇଥିଲା। ଉକ୍ତ ଅଞ୍ଚଳର ଅପହଞ୍ଚ ଏବଂ ଅନୁନ୍ନତ ଗୁହ୍ୟାଶାଳ, ତୁମୁଣି, ତଳଡିହ ଓ ଅଶୋକ ଝର ଗ୍ରାମରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ମୌଳିକ ଅଧିକାରରୁ ବଞ୍ଚିତ ହେବା ସହିତ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହେଲେ ସରକାର କେବଳ ତଳ, ମଝି ଏବଂ ଉପର ନଗଡ଼ା ଅଧିବାସୀମାନଙ୍କୁ ସହାୟତା ଯାଗାଉଛନ୍ତି ବୋଲି ସ୍ଥାନୀୟ ଲୋକେ କ୍ଷୋଭର ସହିତ କହିଛନ୍ତି। ଆମ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ନିମନ୍ତେ ସରକାର ଚିନ୍ତା ମଧ୍ୟ କରିନାହାନ୍ତି ବୋଲି ନାଳିଆଡାବର ଅଧିବାସୀ ରବି ପ୍ରଧାନ କହିଛନ୍ତି। ରାଜ୍ୟ ଖାଦ୍ୟ ଆୟୋଗ ଏବଂ ଜିଲାପାଳ ପ୍ରକୃତ ପ୍ରଭାବିତଙ୍କୁ ନ ଭେଟି କେବଳ ରାସ୍ତାଉପରୁ ନଗଡ଼ାର ୩ ଗ୍ରାମକୁ ପରିଦର୍ଶନ କରି ଫେରି ଆସିବାକୁ ନାପସନ୍ଦ କରାଯାଇଛି। ଏପରକି ଅଧିକାରୀମାନେ ଗସ୍ତ ବିବରଣୀ ଲୁଚାଇବାକୁ ନେଇ ସାଧାରଣରେ ପ୍ରଶାସନ ପ୍ରତି ସନ୍ଦେହ ଉପୁଜିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନମ୍ରତା ମୋଦିଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଶିଶୁ ସୁରକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ମାରାଣ୍ଡିଙ୍କୁ ପଚାରିବାରେ ସେ କହିଛନ୍ତି, ସେଠାକୁ ଯାଇଥିଲୁ, ଯାହା ଦେଖିବା କଥା ଦେଖିକି ଆସିଲୁ। ଏଭଳି ଏକ ଅପରିପକ୍ୱ ମନ୍ତବ୍ୟ ଦେଇ ଫୋନ କାଟି ଦେଇଥିଲେ।

# ଘର ଭାଙ୍ଗିଲେ ହାତୀପଲ

ପାଟଣା,୧୪।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ଗତ କିଛି ଦିନ ହେବ ୨୨ ଟିକିଆ ଝଡ଼ଖଣ୍ଡି ହାତୀପଲ ଉପଦ୍ରବ କରୁଛନ୍ତି। ଏରେଣ୍ଡେଇ, ମଙ୍ଗଳପୁର, ପାଟଣାରେ ହାତୀପଲ ବ୍ୟାପକ ଧାନ, ବୋଇତାଳୁ ଫସଲ ନଷ୍ଟ କରିଛନ୍ତି। ବୁଧବାର ରାତିରେ ପୁଣି ହାତୀପଲ ବୈତରଣୀ ନଦୀ ପାର ହୋଇ କପୁଣ୍ଡି ବଣ ସାହି ନିକଟରେ ଡେରା ପକାଇଥିବା ବେଳେ ଆଖପାଖରେ ଥିବା ଧାନ ଫସଲ ଓ ବୋଇତାଳୁ ଚାଷ ନଷ୍ଟ କରିଛନ୍ତି।

# ବରୀର ବିକାଶ ମୋର ଲକ୍ଷ୍ୟ: ବିଧାୟିକା



ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରୀ,୧୪।୯(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଧୀନ ଗୋଳକୁଣ୍ଡ ପଞ୍ଚାୟତ ମେଣ୍ଢ ଗ୍ରାମକୁ ଯାତାୟାତ ନିମନ୍ତେ ବ୍ରାହ୍ମଣୀ ନଦୀରେ ଏକ ପୋଲ ହେବାକୁ ଅର୍ଥ ମଞ୍ଜୁର ହୋଇଥିବାରୁ ଅଞ୍ଚଳବାସୀଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି। ବିଧାୟିକା ସୁନନ୍ଦା ଦାସଙ୍କ ଯୋଗୁ ଏହା ସମ୍ଭବ ହୋଇ ପାରିଥିବାରୁ ତାଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ମେଣ୍ଢଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ଦାସ ଯୋଗଦେଇ କହିଛନ୍ତି, ବିକଶିତ ବରୀ ଗଠନ ତାଙ୍କର ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରୀବାସୀଙ୍କ ଆଶୀର୍ବାଦ ଯୋଗୁ ବିକାଶ କାର୍ଯ୍ୟ ସଫଳ ହୋଇପାରୁଛି। ସେ ବିଧାୟିକା ନୁହେଁ, ଜଣେ ସେବିକା। ବିଧାୟିକା ଥିଲେ କି ନ ଥିଲେ ମାଟି ମାଆର ସମ୍ମାନ ପାଇଁ ସବୁବେଳେ ନିଜକୁ ସମର୍ପିତ କରିବେ ବୋଲି ମତ ରଖିଛନ୍ତି। ଅନ୍ୟପକ୍ଷରେ ଏଠାରେ ବିଜୁ ସେତୁ ପାଇଁ ଅର୍ଥ ମଞ୍ଜୁର ହୋଇଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏଂବ ବିଧାୟିକା ସୁନନ୍ଦା ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷକ ଗଗନ ବିହାରୀ ଜେନା ସଭାପତିତ୍ୱ କରିଥିବାବେଳେ ବ୍ଲକ୍ ସଭାପତି କେଦାର ଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ଘଡେଇ, ବିଜୟ ନାୟକ, ବାଲିଆ ସରପଞ୍ଚଙ୍କ ପ୍ରତିନିଧି ରତିରଞ୍ଜନ ଜେନା, ଦଳିତ ନେତା ଦୁଷ୍ମନ୍ତ ସେଠୀ, ଯୁବନେତା ରାକେଶ ଦେଓ, ସରପଞ୍ଚ ସବିତା ବେହେରା, ସମିତିସଭ୍ୟା ପ୍ରିୟଙ୍କା ମଲିକ, ରତିକାନ୍ତ ସାହୁ, ରଶ୍ମିତା ସାହୁ, ସୁଶାନ୍ତ କୁମାର ସାହୁ ଓ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ବିଜେଡି ସଭାପତି ଅଞ୍ଜନ କୁମାର ଜେନା ଧନ୍ୟବାଦ ଦେଇଥିଲେ। ମେଣ୍ଢ ସତ୍ୟ ନାରାୟଣ ପାଲା ପରିଷଦ ତରଫରୁ ସ୍ୱତନ୍ତ୍ର ଭାବେ ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରୋତ୍ସାହନ ଅଭାବରୁ ବାଧାପ୍ରାପ୍ତ ହେଉଛି ହସ୍ତଶିଳ୍ପ

## ବିଲୁପ୍ତ ହେବାକୁ ବସିଛି ବାଉଁଶର ହାତ ତିଆରି ସାମଗ୍ରୀ

ଡେରାବିଶ, ୧୪।୯(ବେବର୍ତ୍ତା ଅଜୟ ଦାସ)



ବାଉଁଶର ଅଭାବ ଯୋଗୁ ବିଲୁପ୍ତ ହେବାକୁ ବସିଲାଣି ବାଉଁଶର ହାତ ତିଆରି ଘରକରଣା ସାମଗ୍ରୀ। ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି ହସ୍ତଶିଳ୍ପ ବାଧାପ୍ରାପ୍ତ ହେଉଛି। ଯଦି ପ୍ରୋତ୍ସାନ ମିଳନ୍ତା ଏହି କୁଟିରେଶିଳ୍ପ ବଞ୍ଚି ରହନ୍ତା ବୋଲି କାରିଗରମାନେ କହିଛନ୍ତି। କେନ୍ଦ୍ରାପଡ଼ା ଜିଲା ସମେତ ବାହାର ଜିଲାରେ ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତର ଚାଟରା ଓ ଫକିରାବାଦ ଗାଁର କାରିଗରଙ୍କ ଦ୍ୱାରା ନିର୍ମିତ ବାଉଁଶ ତିଆରି ଘରକରଣା ସାମଗ୍ରୀ ପ୍ରସିଦ୍ଧି ଲାଭ କରିଥିଲା। ବାଉଁଶର ନିର୍ମିତ ହେଉଥିବା ଟୋକେଇ, ଝୁଡ଼ି, ପାଛିଆ, କୁଲା, ବାଇଁଶିଆ ଏବଂ ଭୋଗ ଡାଲା ସମେତ ଅନ୍ୟ ସାମଗ୍ରୀ ଏହି ଦୁଇଟି ଗ୍ରାମରୁ କିଣିବା ପାଇଁ ଲୋକଙ୍କ ଭିଡ଼ ଜମୁଥିଲା। ଟୋକେଇ କି ଝୁଡ଼ି ହେଉ ବାହାର ଜିଲାରୁ ଆସି ଲୋକମାନେ କିଣି ନେଉଥିଲେ। ସେହିପରି କୁଲା ଓ ବାଇଁଶିଆ ଏବଂ ଭୋଗ ଡାଲା କିଣିବା ପାଇଁ ଲୋକେ ଏହି ଗାଁକୁ ଆସୁଥିଲେ।

ଏ ସମ୍ପର୍କରେ ଚାଟରା ଗାଁର ଭଗବାନ ଯେନା କହିଛନ୍ତି, ବିଭିନ୍ନ ଗାଁରୁ ବାଉଁଶ କିଣି ଆଣି ତାକୁ ଚିରି ପାତିଆ କଲା ପରେ ସେଥିରେ ଟୋକେଇ ଓ ଝୁଡ଼ି ତିଆରି କରିଥାଉ। ଗୋଟିଏ ବାଉଁଶରେ ୩ଟି ଝୁଡ଼ି ତିଆରି ହୋଇଥାଏ। ସେହିପରି ଗୋଟିଏ ବାଉଁଶରେ ୩ଟି ଟୋକେଇ କରିଥାଉ। ଏହି ଝୁଡ଼ି ଓ ଟୋକେଇ ନେବାପାଇଁ ବିଭିନ୍ନ ସ୍ଥାନରୁ ଆସୁଥିବା ବରାଦ ଅନୁସାରେ ଯୋଗାଇ ଦେଉଥିଲୁ। ଏହାଦ୍ୱାରା ଆମର ଆର୍ଥିକ ଉନ୍ନତି ହେଉଥିଲା। ସେହିପରି ଗ୍ରାମର ସରସ୍ୱତୀ ଯେନା, କମଳା ଯେନା ଓ ସବିତା ଯେନା କହିଛନ୍ତି, ବିବାହ ଉତ୍ସବ ପାଇଁ ଆବଶ୍ୟକ ଥିବା କୁଲା ଓ ବାଇଁଶିଆ କିଣିବାକୁ ଆସିଥିବା ଗ୍ରାହକଙ୍କୁ ବିକିଥାଉ। ଏଥିସହ ପାର୍ବଣ ଋତୁରେ ବାଉଁଶ ତିଆରି ଭୋଗଡାଲା, ଖଇଛଡ଼ା ଇତ୍ୟାଦି ସାମଗ୍ରୀର ବହୁଳ ଚାହିଦା ରହିଥିବାରୁ ଏହାକୁ ଦୃଷ୍ଟିରେ ଅଧିକ ସଂଖ୍ୟାରେ ଏହି ସାମଗ୍ରୀ ନିର୍ମାଣ କରିଥାଉ। ସେହିପରି ଗ୍ରାମର ପ୍ରମୋଦ ଯେନା ଓ ପ୍ରଶାନ୍ତ ଯେନା କୁହନ୍ତି, ବୃକ୍ଷକୁ ସୁରକ୍ଷା ଦେବାକୁ ତିଆରି ହେଉଥିବା ବାଉଁଶ ତିଆରି ଓଟେଇ ନେବା ପାଇଁ ଜିଲା ଓ ଜିଲା ବାହାରୁ ଆମକୁ ବରାଦ ମିଳିଥାଏ। ଏହି ବାଉଁଶର ଓଟେଇ ତିଆରି କରି ବିକ୍ରି କରିଥାଉ। ମାତ୍ର ବାଉଁଶର ବ୍ୟାପକ ଅଭାବ ପାଇଁ ବାଉଁଶ ତିଆରି ସାମଗ୍ରୀ ବିଲୁପ୍ତ ହେବା ଆଶଙ୍କା ଦେଖାଦେଇଛି। ସରକାରଙ୍କ ପକ୍ଷରୁ ଯଦି ବାଉଁଶର ବ୍ୟାପକ ଜଙ୍ଗଲ ସୃଷ୍ଟି କରାଯାଇ ପାରନ୍ତା ଏବଂ ଏହି କୁଟିରଶିଳ୍ପ ଉପରେ ନିର୍ଭରଶୀଳ ପରିବାରକୁ ସରକାରୀ ପ୍ରୋତ୍ସାହନ ମିଳନ୍ତା ତେବେ ଏହି ଶିଳ୍ପର ଚାହିଦା ବୃଦ୍ଧି ପାଆନ୍ତା। ତେବେ ଏ ସମ୍ପର୍କରେ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ଦୁମୁକା ଗ୍ରାମର ବାସନ୍ତୀ କୁମାରୀ ରଥ କହିଛନ୍ତି, ବାଉଁଶ ତିଆରି ଡାଲା, ବାଇଁଶିଆ, କୁଲା, ଭୋଗଡାଲାର ଚାହିଦା ପ୍ରତ୍ୟେକ ପରିବାରରେ ରହି ଆସିଛି। ସେହିପରି ବାଉଁଶ ତିଆରି ଢୋଲରେ ମାଟି ଓ ଗୋବର ଦେଇ ଲିପିବା ସହ ଏହା ଭିତରେ ଅମଳ ହୋଇଥିବା ଧାନ ରଖିଲେ ଘରେ ଧନଧାନ୍ୟ ବୃଦ୍ଧି ହୋଇଥାଏ। ସେହିପରି ଫକିରାବାଦ ଗ୍ରାମର କେଶବ ଚରଣ ପାତ୍ର କହିଛନ୍ତି, ବାଉଁଶ ତିଆରି ସାମଗ୍ରୀ ଆମର କୁଳ ବେଉସା। ଏହାକୁ ତିଆରି କରି ସପ୍ତାହିକ ଛତା, ଚାନ୍ଦୋଳ, ପଞ୍ଚୁପାଣ୍ଡବ ହଳଦିଆ ପାଟଣା ହାଟରେ ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରିଥାଉ। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ବ୍ଲକ ଅଞ୍ଚଳରେ ବ୍ୟାପକ ବାଉଁଶ ଚାରା ରୋପଣ ପାଇଁ ଉଦ୍ୟାନ କୃଷି ବିଭାଗର କର୍ତ୍ତୃପକ୍ଷଙ୍କୁ ଜଣାଇବେ। ଏଥିସହ ସାମାଜିକ ବନୀକରଣ ଯୋଜନାରେ ବାଉଁଶ ଚାରା ରୋପଣ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ପ୍ରାଥମିକ ଶିକ୍ଷକ

ରାଜକନିକା,୧୪।୯(ସଞ୍ଜୟ କୁମାର ଦାଶ)

ରାଜ୍ୟବ୍ୟାପୀ ୩ ଦଫା ଦାବି ପୂରଣ ନେଇ ବିଭିନ୍ନ ଫୋରମରେ ଶିକ୍ଷକମାନେ ଆନ୍ଦୋଳନ ଚଳାଇଛନ୍ତି । ଗୁରୁବାର ରାଜକନିକା ବ୍ଲକର ଶିକ୍ଷକମାନେ ଆନ୍ଦୋଳନ କରିଛନ୍ତି । ସେମାନେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲରେ ତାଲା ଝୁଲିବ ବୋଲି ଚେତାବନୀ ଦେଇଛନ୍ତି । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନ କ୍ରମେ ରାଜକନିକା ପ୍ରାଥମିକ ଶିକ୍ଷକ ସଂଘ (ଏନ.ପି.ଏସ.)ର ସଭାପତି ସଞ୍ଜୟ କୁମାର ବଳ ଓ ସମ୍ପାଦକ ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଗୁରୁବାର ଶତାଧିକ ଶିକ୍ଷକ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣାରେ ବସିଥିଲେ । ଏହି ଆନ୍ଦୋଳନରେ ବ୍ଲକର ବିଭିନ୍ନ ବର୍ଗର ପ୍ରାଥମିକ ଶିକ୍ଷକ ଯୋଗ ଦେଇଥିଲେ । ବିଶେଷ କରି ୬ବର୍ଷର ଠିକା ନିଯୁକ୍ତି ସମୟକୁ ସରକାରୀ ଚାକିରୀରେ ଗଣନା କରି ୬ ଇନକ୍ରିମେଣ୍ଟ ପ୍ରଦାନ । ଅବିକଳ କେନ୍ଦ୍ରୀୟ ହାରରେ ଦରମା । ପୁରୁଣା ପେନସନକୁ ପୁନଃ ପ୍ରଚଳନ । କଳା ଓ କ୍ରୀଡା ଶିକ୍ଷକ ଏବଂ ଗଣ ଶିକ୍ଷକମାନଙ୍କୁ ନିୟମିତ କରିବା ଆଦି ଦାବି ନେଇ ଏହି ଆନ୍ଦୋଳନ ଜାରି ରହିଛି । ଶିକ୍ଷୟିତ୍ରୀ କନକଲତା ଦାଶ, ହିମାନୀ ମିଶ୍ର, ଶିକ୍ଷକ ଜୟନ୍ତ କୁମାର ମଲ୍ଲିକ, ସଞ୍ଜୟ ବରଜ, ବ୍ରଜାନନ୍ଦ ମଲିକ, ଅଜୟ ବେହେରା, ପବିତ୍ର ମଲିକ, ମନୋଜ ମାଝୀ, ନଳିନୀ ଧଳ, ଅଜୟ ନାୟକ, ସୁକାନ୍ତ ନାୟକ, କୁମ୍ଭକର୍ଣ୍ଣ ବାରିକ, ଦୁଷ୍ମନ୍ତ ମଲିକ, ବୀରେନ୍ଦ୍ର ରାଉତ, ଲକ୍ଷ୍ମୀଧର ରାଉତ ପ୍ରମୁଖଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଧାରଣା ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଣ୍ଡଳ ଶିକ୍ଷା ଅଧିକାରୀ ବାବାଜୀ ଚରଣ ବାରିକଙ୍କୁ ପ୍ରଦାନ କରାଯାଇଛି ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ରାଜନଗର,୧୪।୯(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାତଭାୟା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଘ୍ନେଶ୍ୱର ସେଠୀଙ୍କ ଗୁରୁବାର ୫୭ବର୍ଷ ବୟସରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ସେଠୀ ୧୯୯୭ରୁ ୨୦୦୨ ଯାଏଁ ସାତଭାୟା ପଞ୍ଚାୟତର ସରପଞ୍ଚ ଥିଲେ । ସେ ଦୀର୍ଘଦିନ ଧରି ପାରାଲିସିସରେ ଆକ୍ରାନ୍ତ ହୋଇ ଘରେ ଥିଲେ । ଅପରାହ୍ନରେ ତାଙ୍କର ପରଲୋକ ଘଟିଛି । ଏହି ଖବର ପ୍ରଚାରିତ ହେବାପରେ ସାତଭାୟାବାସୀଙ୍କ ଥଇଥାନସ୍ଥଳୀ ବଗପାଟିଆରେ ଶୋକର ଛାୟା ଖେଳିଯାଇଛି । ସରପଞ୍ଚ ପ୍ରସନ୍ନ କୁମାର ପରିଡା, ଯୁବନେତା କୌଶିକ ବେହେରାଙ୍କ ସମେତ ପଞ୍ଚାୟତର ଅଧିବାସୀ ତାଙ୍କର ଶେଷ ଦର୍ଶନ କରିଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ଜିଲା ବାହାରେ ଦାଦନ ଖଟୁଛନ୍ତି ଯୁବବର୍ଗ

- ଜିଲାରେ ବଢ଼ୁଛି ସମସ୍ୟା, ସମାଧାନ ନାହିଁ
- ଆର୍ଥିକ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ଲୋଡ଼ା
- ରାଜନେତା, ପ୍ରଶାସକଙ୍କ ମଧ୍ୟରେ ନାହିଁ ସମନ୍ୱୟ

କେନ୍ଦ୍ରାପଡ଼ା, ୧୪।୯(ଜଗନ୍ନାଥ ଧଳ)

ସାଧାରଣ ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ଜିଲା ଚଳଚଞ୍ଚଳ ହେଲାଣି । ରାଜ୍ୟର ୩ ବୃହତ ରାଜନୈତିକ ଦଳ ପକ୍ଷରୁ ସଙ୍ଗଠନ ମଜଭୁତ ପାଇଁ ରାଜନୈତିକ ରଣନୀତି ଅନୁଯାୟୀ କାର୍ଯ୍ୟକ୍ରମ ଜାରିରହିଛି । ତୃଣମୂଳସ୍ତରର ସମସ୍ୟା ଏଜେଣ୍ଡାରେ ସାମିଲ ହୋଇଛି । କଂଗ୍ରେସ ସ୍ଥାନୀୟ ସମସ୍ୟା ଉଠାଇ ଲୋକଙ୍କ ନିକଟତର ହେଉଥିବା ବେଳେ ଏଏପି ଜିଲାରେ କର୍ମକର୍ତ୍ତାଙ୍କ ସମ୍ମିଳନୀ କରି ପାଦ ଥାପିବାକୁ ଯୋଜନା କାର୍ଯ୍ୟକାରୀ କରୁଛି । ସେହିପରି ବିଜେଡି ଓ ଭାଜପା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ପାଥେୟ କରିଛି । ତେବେ ଏହି ଜିଲା ଗଠନକୁ ଇତିମଧ୍ୟରେ ୩୦ ବର୍ଷ ପୂରିଥିଲେ ମଧ୍ୟ ଖରିଫ ଚାଷ ଜୀବନ ଜୀବିକା ହୋଇଛି । ମାନବ ସମ୍ବଳର ଉପଯୋଗ ପାଇଁ ସ୍ୱତନ୍ତ୍ର ଯୋଜନା ନାହିଁ । କର୍ମନିଯୁକ୍ତି ପାଇଁ ଯୁବବର୍ଗଙ୍କୁ ଜିଲା ବାହାରକୁ ଦାଦନ ଖଟିବାକୁ ଯିବା ଲାଗି ପଡୁଛି । ରାଜନେତା ଓ ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ତୃଣମୂଳସ୍ତରରେ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ ବୋଲି ସାଧାରଣ ଲୋକ ମତ ରଖିଛନ୍ତି ।

### ୧୭ ପଞ୍ଚାୟତକୁ ସଡ଼କ ଯୋଗାଯୋଗ ପଥ ନାହିଁ



ପ୍ରତି ଗ୍ରାମକୁ ସୁଗମ ପଥ, ଶୁଦ୍ଧ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ଆବଶ୍ୟକତାର ପୂରଣ ସହ ଲୋକ ସମ୍ବଳକୁ ଉପଯୋଗ କରିବା ଦ୍ୱାରା ଆର୍ଥିକ ବିକାଶର ଅଗ୍ରଗତି ହୁଏ । ତେବେ କେନ୍ଦ୍ରାପଡ଼ା ଜିଲାର ୧୭ ପଞ୍ଚାୟତକୁ ଅଦ୍ୟାବଧି ସଡକ ଯୋଗାଯୋଗ ପଥ ହୋଇନାହିଁ । ଜଳ ପରିଚାଳନା ସମସ୍ୟାରେ ଚାଷୀ ଅଛନ୍ତି । ଜଳସେଚନ ସହ ଜଳ ନିଷ୍କାସନ ଚାଷୀଙ୍କ ପାଇଁ ପ୍ରମୁଖ ସମସ୍ୟା ହୋଇଛି । ଜିଲାର ଦୁଇ ପୌରାଞ୍ଚଳରେ ଜନସଂଖ୍ୟାର ବୃଦ୍ଧି ସହ ତାଳ ଦେଇ ଜବରଦଖଲ ବଢ଼ୁଛି । ସହରର ଶ୍ୟାମଗୁଡିଆଠାରେ ୧୦୦ ଶଯ୍ୟାବିଶିଷ୍ଟ ଶିଶୁ ଓ ମାତୃମଙ୍ଗଳ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଚାଳନା ଅଦ୍ୟାବଧି ହୋଇ ପାରିନାହିଁ । କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଗୁରୁତ୍ୱ ଦିଆଯାଉନାହିଁ । ପର୍ଯ୍ୟଟନ ଶିଳ୍ପ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିଲେ ମଧ୍ୟ ସମନ୍ୱୟ ଅଭାବରୁ ପ୍ରଶାସକ ଓ ରାଜନେତାଙ୍କ ଭିଜନ ଡକ୍ୟୁମେଣ୍ଟରେ ଏହା ସ୍ଥାନ ପାଉନାହିଁ ।

**– ସୁନୀଲ କୁମାର ଗନ୍ତାୟତ, ସାମାଜିକ କର୍ମୀ, ମହାକାଳପଡା**

### ରାଶନ କାର୍ଡ, ବାସଗୃହ ଯୋଜନାରେ ବ୍ୟତିକ୍ରମ

ରାଶନ କାର୍ଡ, ବାସଗୃହ ଯୋଜନାରେ ବହୁ ବ୍ୟତିକ୍ରମ ରହିଛି । ଯାହା ଆସନ୍ତା ସାଧାରଣ ନିର୍ବାଚନରେ ରାଜନେତାଙ୍କ ପାଇଁ ବୁମେରାଂ ହେବ । କେନ୍ଦ୍ରାପଡ଼ା ଜିଲା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଅଞ୍ଚଳରେ ଅଛି । ତେବେ ଏହାର ସୁରକ୍ଷା, ପରିଚାଳନା ପ୍ରତି ରାଜନେତା ଓ ପ୍ରଶାସକଙ୍କ ଆଗ୍ରହ ନାହିଁ । ସାମୁଦ୍ରିକ ଝଡ଼, ବନ୍ୟା ସମୟରେ ସ୍ଥାନାନ୍ତରଙ୍କ ସଂଖ୍ୟା ଓ ବିଭିନ୍ନ କ୍ଷତିକୁ ଅଧିକ ଦେଖାଇ ଅନୁଦାନ ଅର୍ଥ ହଡ଼ପ କରିବା ପ୍ରଶାସକ ଏବଂ ରାଜନେତାଙ୍କ ମୂଳ ଲକ୍ଷ୍ୟ ହୋଇଛି । ଚାଷ ଏଠାରେ ଅର୍ଥନୀତିକୁ ପରିଚାଳନା କରୁଥିବା ବେଳେ ଜଳ ସମ୍ପଦ, ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ବିଭାଗ ଆଦିର ଜିଲା ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ । କେନାଲର ଶେଷ ମୁଣ୍ଡରେ ପାଣି ପହଞ୍ଚୁ ନ ଥିଲେ ମଧ୍ୟ ରାଜନେତା ନୀରବ ରହୁଛନ୍ତି ।



**– ବୁଦ୍ଧିଜୀବୀ ସଚିକାନ୍ତ ବେହେରା, କେନ୍ଦ୍ରାପଡ଼ା**

### ଲୁଣା ବନ୍ଧ ଭାଙ୍ଗି ସମୁଦ୍ର ଜୁଆର ଚାଷକୁ ନଷ୍ଟ କରୁଛି



ରାଜନଗର ଓ ମହାକାଳପଡା ଏହି ଜିଲାର ବଙ୍ଗୋପସାଗର କୂଳରେ ଅଛି । ଲୁଣା ବନ୍ଧ ଭାଙ୍ଗି ସମୁଦ୍ର ଜୁଆର ଚାଷକୁ ନଷ୍ଟ କରୁଛି । ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସହିତ ତଟକ୍ଷୟ ଏହି ଅଞ୍ଚଳ ପାଇଁ ପ୍ରମୁଖ ସମସ୍ୟା ହୋଇଛି । ତଟ କ୍ଷୟ ପାଇଁ ସାତଭାୟାବାସୀ ବଗପାଟିଆକୁ ସ୍ଥାନାନ୍ତର ହୋଇଥିଲେ ମଧ୍ୟ ଥଇଥାନସ୍ଥଳର ଉନ୍ନତୀକରଣ ଅଦ୍ୟାବଧି ହୋଇନାହିଁ । ଦୁଇ ବ୍ଲକ ଅଞ୍ଚଳର ସମସ୍ତ ଗ୍ରାମକୁ ସଡ଼କପଥ ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ ପରି ମୌଳିକ ଆବଶ୍ୟକତା ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ଆଗାମୀ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ ।

**– କରୁଣାକର ବେହେରା, ରାଜନଗର**

### ମିଳୁନି ନିଯୁକ୍ତି: ଆପରାଧିକ କାର୍ଯ୍ୟରେ ଯୁବକ ସାମିଲ



ଶିକ୍ଷକ, ଡାକ୍ତର ପଦବୀ ପୂରଣ ପାଇଁ ବହୁବାର ଦାବି ହୋଇଛି । କର୍ମ ନିଯୁକ୍ତି ଅପେକ୍ଷାରେ ଥିବା ଯୁବବର୍ଗ ଏବେ ଆପରାଧିକ କାର୍ଯ୍ୟକଳାପରେ ସାମିଲ ହେଉଛନ୍ତି । ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କ ଅନୁପ୍ରବେଶ ବଢ଼ିଛି । ଆପରାଧିକ କାର୍ଯ୍ୟକଳାପ ରୋକିବାରେ ଜିଲା ପୋଲିସ ବିଫଳ ହୋଇଛି । ବିଭିନ୍ନ ପ୍ରକଳ୍ପ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଜୀବନ ଜୀବିକା ଓ ଭିତରକନିକା ଜୈବ ବିବିଧତା ସୁରକ୍ଷା ସମ୍ପର୍କରେ ଅନୁଧ୍ୟାନ ହେବା କଥା । ତେବେ ପ୍ରଶାସକ ଓ ରାଜନେତା ଜିଲାବାସୀଙ୍କ ହିତ ଅପେକ୍ଷା ଜୋର ଜବରଦସ୍ତ ପ୍ରକଳ୍ପ କାର୍ଯ୍ୟ କରିବା ପରିଣାମ ଆସନ୍ତା ନିର୍ବାଚନ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ ।

**–ଅମରବର ବିଶ୍ୱାଳ, ସାମାଜିକ କର୍ମୀ କେନ୍ଦ୍ରାପଡ଼ା**

## ୮କୋଟି ଟଙ୍କାରେ ନିର୍ମିତ ବେଡ଼ାରୀ-କୂଳଟୁଠି ରାସ୍ତା ୩ ମାସ ଗଲାନି



ପୋଖରୀ ପାର୍ଶ୍ୱରେ ଭୁଶୁଡ଼ି ପଡିଥିବା ରାସ୍ତା ।

ପାଟକୁରା,୧୪।୯(ରବୀନ୍ଦ୍ର ନାଥ ବାରିକ )

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ବେରି ପଞ୍ଚାୟତ ବେଡାରୀ-କୁଳଟୁଠି ଗ୍ରାମ ରାସ୍ତା ୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା । ହେଲେ ସେହି କାମ ସରିବାର ୩ ମାସ ଯାଇନି ବେରିମଲିକ ସାହି ନିକଟରେ ଥିବା ପୋଖରୀ ପାର୍ଶ୍ୱ ରାସ୍ତା ଭୁଶୁଡ଼ି ପଡିଛି । ଏହି ପୋଖରୀ ତିନିକଡ଼ରେ ଗ୍ରାମଉନ୍ନୟନ ରାସ୍ତା ନିର୍ମାଣ ହୋଇଛି । କିନ୍ତୁ ପୋଖରୀ ପାର୍ଶ୍ୱ ପୋତାଯାଇ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ପାଟକୁରାର ପୂର୍ବତନ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ଉଦ୍ୟମରେ ଏହି ରାସ୍ତା ପାଇଁ ଆବଶ୍ୟକ ଅର୍ଥ ବରାଦ କରାଯାଇଥିଲା । କିନ୍ତୁ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବାରୁ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ରାସ୍ତାପାର୍ଶ୍ୱ ପୋଖରୀ ପୋତିବାକୁ ସାଧାରଣରେ ଦାବି ହେଉଛି । ରାସ୍ତା ଭୁଶୁଡ଼ି ପଡ଼ିଥିବା ଯୋଗୁ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଛି । ଏଥିପାଇଁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବେଡାରୀ ଗ୍ରାମର ନଗେନ ସ୍ୱାଇଁ, ଅରକ୍ଷିତ ବେହେରା, ଉପେନ୍ଦ୍ର ଦାସ, ଅଶୋକ ସାହୁ, ଗୋକୁଳାନନ୍ଦ ବେହେରା, ପୂର୍ଣ୍ଣ ଚନ୍ଦ୍ର ଜେନା ଓ ଶିବ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି ।

### ସାପ କାମୁଡ଼ାରେ ଯୁବକ ମୃତ

ଭୋଗରାଇ, ୧୪।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଦେଉଳା ଗ୍ରାମର ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜୟନାରାୟଣ ବେହେରାଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି । ସେ ବୁଧବାର ଦକ୍ଷିଣ ଦେଉଳା ଗ୍ରାମର ଜଣେ ବ୍ୟକ୍ତିଙ୍କ ପକ୍କା ଘର ନିର୍ମାଣ କାର୍ଯ୍ୟ କରିବାକୁ ଯାଇଥିଲେ । ସେଠାରେ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଦେଉଳା ଚଢେଇଗୁଡିଆଠାରେ ତାଙ୍କ ପାଦକୁ ସାପ କାମୁଡି ଦେଇଥିଲା । ସେଠାରୁ ଅଳ୍ପ ସମୟ ମଧ୍ୟରେ ଘରେ ପହଞ୍ଚିଲା ବେଳକୁ ସେ ଅଚେତ ହୋଇ ପଡ଼ିଥିଲେ । ପରିବାର ଲୋକେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି

### ରେଳଷ୍ଟେଶନ ନିକଟରୁ ବୃଦ୍ଧଙ୍କ ମୃତଦେହ ଜବତ

ଯାଜପୁରରୋଡ୍,୧୪।୯(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେଶନ ମାଲଗୋଦାମ ପରିସରରୁ ଗୁରୁବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି । ସେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ରାଣୀରାମଚନ୍ଦ୍ରପୁର ଯଯାତି ନଗର ଅଞ୍ଚଳର ବଂଶୀଧର ବେହେରା (୭୦) ବୋଲି ତାଙ୍କ ବ୍ୟାଗରୁ ମିଳିଥିବା ପରିଚୟ ପତ୍ରରୁ ଜଣାପଡ଼ିଛି । ମଧ୍ୟାହ୍ନରେ ରେଳବାଇ ମାଲଗୋଦାମ ପୂର୍ବପଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଦେଖି ଲୋକେ ରେଳବାଇ ପୋଲିସ (ଜିଆର୍‌ପି)କୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ମୃତ୍ୟୁର କାରଣ ଖୋଜିଥିଲା । ପାରିପାର୍ଶ୍ୱିକ ପରିସ୍ଥିତିରୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରିଛି । ଏ ନେଇ ପୋଲିସ ନଂ.୬୦/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ପରିବାର ଲୋକଙ୍କୁ ଖବର ଦେବାକୁ ଯାଜପୁର ଟାଉନ ଥାନାକୁ କୁହାଯାଇଛି ।

### ଏରସମା ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ସ୍ମାରକପତ୍ର




ଏବିଡିଓଙ୍କୁ ସରପଞ୍ଚମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଏରସମା,୧୪।୯(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଡିଓ ଜ୍ଞାନେନ୍ଦ୍ର କୁମାର ଲେଙ୍କାଙ୍କୁ ୧୧ଦଫା ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେଗୁଡିକ ହେଲା, ୭୩ତମ ସମ୍ବିଧାନ ସଂଶୋଧନ ଆଧାରରେ ସରପଞ୍ଚମାନଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରିବା, ଗ୍ରାମସଭା ଓ ପଲ୍ଲିସଭାକୁ ଗୁରୁତ୍ୱ ପ୍ରଦାନ, ୱାର୍ଡ ସଭ୍ୟଙ୍କ ଦ୍ୱାରା ଅନାସ୍ଥା ପ୍ରସ୍ତାବକୁ ବନ୍ଦ କରିବା, ବସୁଧା ଓ ଆଲୋକୀକରଣ ପାଇଁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର କରିବା, ସରପଞ୍ଚମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିବା, ସରପଞ୍ଚଙ୍କର ମାସିକ ଭତ୍ତା ୨୩୫୦ରୁ ୨୦,୦୦୦କୁ ବୃଦ୍ଧି କରିବା, ସରପଞ୍ଚଙ୍କ କାର୍ଯ୍ୟକାଳ ପରେ ଅବସରକାଳୀନ ଭତ୍ତା ପ୍ରଦାନ କରିବା, ସରପଞ୍ଚଙ୍କୁ ସହାୟତା କରିବା ପାଇଁ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତ କରିବା, ପଞ୍ଚାୟତ ହାତକୁ ଅଧିକ ପାଣ୍ଠି ପ୍ରଦାନ କରିବା ଇତ୍ୟାଦି । ଏଥିରେ ସଂଘର ସଭାପତି ସଚ୍ଚିଦାନନ୍ଦ ଦାସ, ସମ୍ପାଦକ ସିମାଞ୍ଚଳ ଚନ୍ଦ୍ର ଭୋଳ, ରାଜେଶ କୁମାର ପ୍ରଧାନ, ବ୍ରଜ କିଶୋର ପ୍ରଧାନ, ଦୀପ୍ତିରାଣୀ ପ୍ରଧାନ, ବିଶ୍ୱକଲ୍ୟାଣୀ ନାୟକ, ପ୍ରଫୁଲ୍ଲ ଦାସ, ଗଦାଧର ମଲ୍ଲିକ, ସୁଷମା ସ୍ୱାଇଁ, ସୁକାନ୍ତି ରାଉତ, ରଶ୍ମିତା ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ଦଳାଇ ପ୍ରମୁଖ ସରପଞ୍ଚମାନେ ଉପସ୍ଥିତ ଥିଲେ ।

### ସନାତନ ଧର୍ମ ଆର୍ଯ୍ୟ ସଂସ୍କୃତିର ମୂଳଧର୍ମ

ବିରିଡି,୧୪।୯ (ପ୍ରଶାନ୍ତ କୁମାର ରାଉତ)

ସନାତନ ଧର୍ମ ଆର୍ଯ୍ୟ ସଂସ୍କୃତିର ମୂଳଧର୍ମ । ଚକ୍ରାନ୍ତକାରୀ ହୀନ ରାଜନୈତିକ ବ୍ୟକ୍ତି ଧର୍ମକୁ ନ ବୁଝି ଧର୍ମ ସମ୍ପର୍କରେ ମତାମତ ଦେବା ଅନୁଚିତ । ସେମାନେ ଭାରତବର୍ଷର ଦର୍ଶନ ଶାସ୍ତ୍ରକୁ ଆଦୌ ପଢ଼ିନାହାନ୍ତି କି ବୁଝି ନାହାନ୍ତି । ତେଣୁ ଏ ବିଭ୍ରାନ୍ତିକର ମନ୍ତବ୍ୟ ଦେଇ ଭାରତୀୟ ସଂସ୍କୃତି ତଥା ସନାତନ ଧର୍ମକୁ କଳୁଷିତ କରିବାକୁ ଜଗଦ୍‌ଗୁରୁ ରାମାନନ୍ଦାଚାର୍ଯ୍ୟ ଓ ସ୍ୱାମୀ ଅରୂପାନନ୍ଦଜୀ ମହାରାଜ ଗୁରୁବାର ବିରିଡି ବ୍ଲକ ନୂଆପାରୀସ୍ଥିତ ପୀଠରେ ଅନୁଷ୍ଠିତ ଅଷ୍ଟମ ବାର୍ଷିକ ପଟ୍ଟାଭିଷେକ ଉତ୍ସବରେ ମତବ୍ୟକ୍ତ କରିଛନ୍ତି । ଏଥିରେ ମହନ୍ତ ନାଗା ହରିହର ଦାସ ବ୍ରହ୍ମପୁର, ନାଗା ରାମଚରଣ ଦାସ ଭୁବନେଶ୍ୱର ଓ ଧାନକୁଦ ପୀଠର ପୀଠାଧୀଶ ବାବା ଅରକ୍ଷିତ ଦାସ ମହାରାଜ ଯୋଗଦେଇ କହିଲେ, ସନାତନ ଧର୍ମ ଆଦି ଅନନ୍ତ ଯୁଗରୁ ସୃଷ୍ଟି । ସନାତନ ଧର୍ମ ହିଁ ସ୍ୱୟଂ ପରଂବ୍ରହ୍ମ ପରମାତ୍ମା । ଯେଉଁମାନେ ଏ ସମ୍ପର୍କରେ ଅଜ୍ଞ ଅଛନ୍ତି ସନାତନ ଧର୍ମର ମୌଳିକତାକୁ ନ ବୁଝି ରାଜନୀତି କରୁଛନ୍ତି ଓ କଦର୍ଯ୍ୟ ଟିପ୍ପଣୀ ଦେଉଛନ୍ତି, ସେମାନେ ସାବଧାନ ହୋଇଯାଆନ୍ତୁ । ନଚେତ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ ବୋଲି ସତର୍କ କରାଇ ଦେଇଛନ୍ତି । ଏହି ଉପଲକ୍ଷେ ପୀଠରେ ହନୁମାନ ଚାଳିଶା, ମହାମନ୍ତ୍ର କୀର୍ତ୍ତନ, ଜଗଦ୍‌ଗୁରୁଙ୍କ ପଟ୍ଟାଭିଷେକ ଉତ୍ସବ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଥିଲା ।



ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଶିକ୍ଷୟିତ୍ରୀଶିକ୍ଷକ ।

## ରାଜନଗର ବ୍ଲକର ୧୩୪ ସ୍କୁଲରେ ତାଲା

ରାଜନଗର,୧୪।୯(ଭାସ୍କର ରାଉତରାୟ)

୩ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଗତ ୮ ତାରିଖରୁ ଶିକ୍ଷକମାନେ ଧାରଣାରେ ବସିଥିବା ବେଳେ ବୁଧବାର ଠାରୁ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ରାଜନଗର ବ୍ଲକର ୧୩୪ଟି ବିଦ୍ୟାଳୟରେ ତାଲା ଝୁଲୁଛି । ରାଜନଗର ବ୍ଲକରେ ୧୨୭ଟି ପ୍ରାଥମିକ ବିଦ୍ୟାଳୟ, ୭୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୩୦ଟି ହାଇସ୍କୁଲ ରହିଛି । ମୋଟ ୨୩୬ଟି ବିଦ୍ୟାଳୟ ମଧ୍ୟରୁ ୧୩୪ଟି ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଛି । ହାଇସ୍କୁଲରେ ପାଠ ପଢା ଚାଲୁଥିବା ବେଳେ ଅବଶିଷ୍ଟ ୭୨ଟି ବିଦ୍ୟାଳୟରେ କେଉଁଠି ଜଣେ ତ ଆଉ କେଉଁଠି ୨ଜଣ ଶିକ୍ଷକ କେବଳ ବିଦ୍ୟାଳୟରେ ପିଲାଙ୍କୁ ଜଗି ବସିଛନ୍ତି । ଶିକ୍ଷକ ଆନ୍ଦୋଳନରେ ଥିବା ଯୋଗୁ ରାଜନଗର ବ୍ଲକରେ ପ୍ରାଥମିକ ବିଦ୍ୟାଳୟରେ ପାଠପଢା ବନ୍ଦ ରହିଛି । ଏହି ବ୍ଲକର କନକନଗର ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ, ଶୈଳେନ୍ଦ୍ରନଗର, ରାଜେଶ୍ୱରୀ ନଗର, ରାଜେନ୍ଦ୍ରନଗର, ଶିକାରପାହି, ଟିକାୟତନଗର, କ୍ଷେତ୍ରପ୍ରସାଦ, ଭଞ୍ଜପ୍ରସାଦ, ବନିପାଳ, ଅହିରାଜପୁର, ଅନନ୍ତକେଶରୀ, କେରୁଆଁପାଳ, ଗର୍ତ୍ତ, ଚାଆଁରାକୋଲ୍ଲା, ଭେଟ୍କା, ରଙ୍ଗଣୀ, ପଟ୍ଟାପାରିଆ, ଶୈଳେନ୍ଦ୍ରନାରାୟଣପୁର ଆଦି ୧୩୪ଟି ବିଦ୍ୟାଳୟରେ ତାଲା ଝୁଲୁଛି । ରାଜନଗର ବ୍ଲକର ୩୩୭ଜଣ ଜିଲା ପରିଷଦ ଶିକ୍ଷକ, ୧୩୩ଜଣ ଲେବୁଲ ଭି ଏକ୍ସ କ୍ୟାଡର ଶିକ୍ଷକ, ୭୬ଜଣ ଜୁନିୟର ଶିକ୍ଷକ, ୭ଜଣ ଗଣ ଶିକ୍ଷକ ଓ ୮ଜଣ ପାର୍ଟ ଟାଇମ ହାଇସ୍କୁଲର ଶିକ୍ଷୟିତ୍ରୀ,ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଥିବାରୁ ରାଜନଗର ବ୍ଲକରେ ଶିକ୍ଷା ବ୍ୟବସ୍ଥା ଅଚଳ ହୋଇପଡ଼ିଛି । ଶିକ୍ଷକମାନେ ବିଦ୍ୟାଳୟରେ ତାଲା ପକାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା, କଳା ଓ କ୍ରୀଡା ଶିକ୍ଷକଙ୍କ କ୍ଷେତ୍ର କ୍ୟାରିୟର ଆଡଭାନ୍ସମେଣ୍ଟ ପଲିସି ଲାଗୁ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ ମାନ୍ୟତା, ଗଣଶିକ୍ଷକଙ୍କ ଏକ୍ସ କ୍ୟାଡର ହଟାଇବା ଆଦି ଦାବି ନେଇ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

## ଖୋଳୁଛନ୍ତି ଅଧିକ ଢଳେଇ କରୁଛନ୍ତି କମ୍

**ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା**

- ପାନୀୟ ଜଳ ପାଇପ୍‌ଲାଇନ୍ ବିଛା କାର୍ଯ୍ୟ ଚାଲିଛି
- ୬ ଇଞ୍ଚ ଢଳେଇ କରିବାକୁ ତାଗିଦା

ନାଉଗାଁ,୧୪।୯(ସୁଧା ବେହୁରା)



ବାଉଗାଁ ବଜାର-ଗୋଠଦା ଢଳେଇ ରାସ୍ତାକୁ ୬ ଇଞ୍ଚ ଖୋଳି ୨ ଇଞ୍ଚର ଢଳେଇ ପକାଯାଇଛି ।

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯିବା ସହ ପାଇପ୍ ଲାଇନ୍ ବିଛାକାର୍ଯ୍ୟ ଜାରି ରହିଛି । ଠିକାଦାରଙ୍କ ଦ୍ୱାରା ଏସବୁ କାର୍ଯ୍ୟ ଚାଲିଥିବାବେଳେ ତଦାରଖ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ରହିଛି । ଏହି ଯୋଜନାରେ ପ୍ରତି ଗୃହକୁ ପାନୀୟ ଜଳ ପାଇପ୍ ସଂଯୋଗ କରାଯାଉଛି । ଏଥିପାଇଁ କେଉଁଠି ପୂର୍ତ୍ତ ବିଭାଗର ରାସ୍ତା ପାର୍ଶ୍ୱ ଖୋଳା ଯାଉଥିବା ବେଳେ ଆଉ କେଉଁଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଖୋଳା ଯାଉଛି । ଏପରିକି କିଛି ସ୍ଥାନରେ ଗ୍ରାମ୍ୟ ରାସ୍ତା ମଧ୍ୟ ଖୋଳା ଯାଉଛି । ନିୟମ ଅନୁସାରେ ଠିକାଦାର ଢଳେଇ ରାସ୍ତାର ଯେତିକି ଅଂଶ ଖୋଳିବେ ସେତିକି ଅଂଶ ଢଳେଇ ପକାଇ ରାସ୍ତାକୁ ପୋତିବେ । ମାତ୍ର ନିଯୁକ୍ତି ପାଇଥିବା ଠିକାଦାର ରାସ୍ତା ପାର୍ଶ୍ୱର ଢଳେଇ ୬ ଇଞ୍ଚ ଖୋଳି ପାଇପ ବିଛାଉଥିବା ବେଳେ ପୁନର୍ବାର ମାତ୍ର ୨ଇଞ୍ଚର ଢଳେଇ ପକାଉଥିବା ଦେଖିବାକୁ ମିଳିଛି । ଏ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏବେ ନାଉଗାଁ-ଡାବର ରାସ୍ତାର ନାଉଗାଁ ବଜାରଠାରୁ ଗୋଠଦା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଖୋଳା ଯାଇ ପାଇପ୍ ବିଛା କାର୍ଯ୍ୟ ଚାଲିଛି । ଏଠାରେ ଠିକାଦାର ରାସ୍ତା ଖୋଳିବା ପରେ ମନୋମୁଖି ଭାବେ ଢଳେଇ ପକାଇଥିବା କୁହାଯାଉଛି । ସମ୍ପୃକ୍ତ ଠିକାଦାର ରାତିଅଧିଆ ଢଳେଇ ପକାଇ ଥିବା ଲୋକେ ଅଭିଯୋଗ କରିଛନ୍ତି । ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ରମାକାନ୍ତ ମିଶ୍ର କାର୍ଯ୍ୟସ୍ଥଳ ତଦାରଖ କରିଛନ୍ତି । ସେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ତାଗିଦା କରିବା ସହ ପୁନର୍ବାର ରାସ୍ତା ଖୋଳି ୨ ଇଞ୍ଚ ଜାଗାରେ ୬ ଇଞ୍ଚର ଢ଼ଳେଇ କରିବାକୁ କହିଛନ୍ତି ।

## ଆଜି କ'ଣ କେଉଁଠି

**ବୁଗୁଡ଼ା**

- ବୁଗୁଡା ପଞ୍ଚାୟତ ସମିତି ସାଧାରଣ ବୈଠକ। ସ୍ଥାନ- ପଞ୍ଚାୟତ ସମିତି ସଭାଗୃହ, ସମୟ-ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ୪୯୮ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ଆସିକା,୧୪।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ବ୍ଲକ ଅନ୍ତର୍ଗତ ୨୭ ପଞ୍ଚାୟତର ୪୯୮ ଜଣ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏମପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଡିଓ ଫକୀର ଚରଣ ପରିଡା, ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସୁକାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଭଞ୍ଜନଗର, ୧୪।୯(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନାର ନୂତନ ଥାନା ଅଧିକାରୀ ଭାବେ ଭଗବାନ ପୂଜାରୀ ଗୁରୁବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂଜାରୀ ଏହା ପୂର୍ବରୁ ଭଞ୍ଜନଗର ଥାନାରେ ବହୁଦିନ ପୂର୍ବେ ଏସ୍ଆଇ ଥିଲେ। ଏଠାରୁ ସେ ବାଲିପଦର ଫାଣ୍ଡି ଅଧିକାରୀ ଭାବେ ବଦଳି ହୋଇଥିଲେ। ସେଠାରୁ ପଦୋନ୍ନତି ପାଇ ଥାନା ଅଧିକାରୀ ଭାବେ ଅନ୍ୟ ଅଞ୍ଚଳକୁ ବଦଳି ହୋଇଥିଲେ। ଇତିମଧ୍ୟରେ ସେ ପୁଣି ଭଞ୍ଜନଗର ଥାନାର ନୂତନ ଥାନା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ପୂଜାରୀ କହିଥିଲେ ଯେ ଭଞ୍ଜନଗର ଅଞ୍ଚଳରେ ଆଇନ ଶୃଙ୍ଖଳା କିଭଳି ଠିକ ରହିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ।

### ଆଇଆଇସିଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଇକିଆ, ୧୪।୯(ପ୍ରଦୀପ ବେହେରା)

ରାଇକିଆ ଥାନା ଆଇଆଇସି ରମାକାନ୍ତ ପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେ ରାଇକିଆରେ ଏକ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରି ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେଇଆସୁଥିଲେ। ତାଙ୍କ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆମ ପୋଲିସ କାର୍ଯ୍ୟକ୍ରମ ଦ୍ୱାରା ଜନସଚେତନତା କରି ଲୋକଙ୍କଠାରୁ ପ୍ରଶଂସା ପାଇଛନ୍ତି। ସେ ବର୍ତ୍ତମାନ ମୟୂରଭଞ୍ଜ ଜିଲାକୁ ବଦଳି ହୋଇ ଯାଇଛନ୍ତି। ଏହି ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏସ୍ଡିପିଓ ବିଜୟ କୁମାର ବିସି, ଏସ୍ଆଇ ଅଶୋକ ତ୍ରିପାଠୀଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଯୋଗ ଦେଇଥିଲେ।

### ଭାଜପାର ଆନ୍ଦୋଳନ

ରାଇକିଆ ୧୪।୯(ପ୍ରଦୀପ କୁମାର ବେହେରା)

ରାଇକିଆ ବ୍ଲକ ଭାଜପା ପକ୍ଷରୁ ରାଇକିଆ ମଣ୍ଡଳ ସଭାପତି ନାରାୟଣ ପାତ୍ରଙ୍କ ନେତୃତ୍ୱରେ ପେଟାପାଙ୍ଗା ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୋଧରେ ଗଣ ଆନ୍ଦୋଳନ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟତଃ ଓଡିଶା ସରକାରଙ୍କ ଦୁର୍ନୀତି, ଗରିବ ଲୋକମାନେ ଆବାସ ଯୋଜନାରୁ ବଞ୍ଚିତ, ପଞ୍ଚାୟତ ଏବଂ ବ୍ଲକରେ ପ୍ରତ୍ୟେକ କାର୍ଯ୍ୟ କରିବା ପାଇଁ ଲାଞ୍ଚ ପ୍ରଦାନ ବିରୋଧରେ ଏହି ଆନ୍ଦୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପେଟାପାଙ୍ଗା ପଞ୍ଚାୟତର ହିତାଧିକାରୀଙ୍କ ସମେତ ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶର ପ୍ରଧାନ, ଜିଲା ଉପସଭାନେତ୍ରୀ ଝୁଲିମା ଦଳବେହେରା, ଜିଲା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଲେଙ୍କା, ଜାମ୍ବେବ ପ୍ରଧାନ, ଅଭିମନ୍ୟୁ ପଣ୍ଡା, ଘନଶ୍ୟାମ ପ୍ରଧାନ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ।

# ଭାଙ୍ଗିଲା ପୋଲ, ଯୋଗାଯୋଗ ବିଚ୍ଛିନ୍ନ

**କନ୍ଧମାଳରେ ବର୍ଷାର ପ୍ରଭାବ**

ଫୁଲବାଣୀ,୧୪।୯(ରାକେଶ କୁମାର ରାଉତ)/ ଫିରିଙ୍ଗିଆ,(ବିକ୍ରମ ଦିଗାଲ)


ରାତାମାସ୍କା ଗାଁ ରାସ୍ତା ଭାଙ୍ଗିଯାଇଛି।

କନ୍ଧମାଳ ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଥିବା ବେଳେ ଫିରିଙ୍ଗିଆ ବ୍ଲକରେ ବର୍ଷାର ପ୍ରଭାବ ଅଧିକ ପରିଲକ୍ଷିତ ହୋଇଛି। ବର୍ଷାରେ ଲୋକଙ୍କ ସ୍ଥିତି ବେହାଲ ହୋଇଛି। କିଛି ସ୍ଥାନରେ ପୋଲ ଭାଙ୍ଗିବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ସୂଚନା ମିଳିଛି। ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଅନେକ ଉପାନ୍ତ ଅଞ୍ଚଳ ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛନ୍ତି।

ବର୍ଷା ଯୋଗୁ କୁଏରମାଣ୍ଡୁ ପଞ୍ଚାୟତର କନ୍ଦଣୀ ଗାଁ ନିକଟରେ ପୋଲ ଭାଙ୍ଗିଯାଇଛି। ୮ଟି ଗାଁ ପାଦେରୀପଡ଼ା, କଲମପଡା, ମାଝୀପଡା, ଦୁବସରା, ବେରେଣୀ, କୋଲେଟପଡା, ବାରାହାଲା, ପିଲାପଦର ଆଦି ଗାଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସୁମେରବନ୍ଧ ପଞ୍ଚାୟତ ରାତାମାସ୍କା ଗାଁ ରାସ୍ତା ବର୍ଷାରେ ଧୋଇ ହୋଇ ଥିବାରୁ ଯାତାୟାତ ବାଧା ପ୍ରାପ୍ତ ହୋଇଛି। କାଶିନୀ ପଦର ପଞ୍ଚାୟତ ଗୋପୀଙ୍ଗିଆ କ୍ଷୁଦ୍ର ଜଳ ସେଚନ ଡ୍ୟାମରେ ବର୍ତ୍ତମାନ ଚଳିତ ବର୍ଷ ହୁଡ଼ା କାର୍ଯ୍ୟ କରାଯାଇଥିଲା। ବର୍ଷା ଯୋଗୁ ଏହା ମଧ୍ୟ ଧୋଇ ହୋଇଯାଇଛି। ବାଘ ନଦୀ ଜଳ ସ୍ତର ବଢିଥିବା ବେଳେ ଲୁଇସିଂ ପଞ୍ଚାୟତର କେଡ଼ିଯୋଡି ନାଳରେ ମଧ୍ୟ ଜଳ ସ୍ତର ବଢ଼ି ରାସ୍ତାରେ ପାଣି ମାଡି ଯାଇଛି। ଫଳରେ ଯାତାୟାତ ବାଧା ପ୍ରାପ୍ତ ହୋଇଛି। ସେହିପରି ବର୍ଷାରେ ମାଶ୍ରୀପଡା ଛକଠାରୁ କେଳାପଡା ଯିବା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର କିଛି ସ୍ଥାନରେ ମଧ୍ୟ ରାସ୍ତା କଡ଼ ଧୋଇ ହୋଇ ନଷ୍ଟ ହୋଇଛି। କ୍ରାଣ୍ଡିବାଲି ପଞ୍ଚାୟତର ଡଙ୍ଗିମେଣ୍ଡିଠାରେ ବାଘ ନଦୀ ଜଳ ସ୍ତର ବଢ଼ିବାରୁ ଦୁଇଟି ଗାଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜମିରେ ବାଲି ମାଡି ଯିବାରୁ ଫସଲ ମଧ୍ୟ ନଷ୍ଟ ହୋଇଯାଇଛି।

## ପଥର ତଳେ ଚାପି ହୋଇ ୨ ସମ୍ପର୍କୀୟ ଭାଇ ମୃତ୍ୟୁ ଘଟଣା
# ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଆନ୍ଦୋଳନ

ବ୍ରହ୍ମପୁର ଅଫିସ/କୁକୁଡାଖଣ୍ଡି,୧୪।୯ (ସୁବାସ ଚନ୍ଦ୍ର ପାଢ଼ୀ/ପ୍ରତାପ କୁମାର ସାହୁ)

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ମହୁରୀକାଳୁଆ ଛକ ନିକଟରେ ଥିବା ଏକ ଗ୍ରାନାଇଟ ଫାକ୍ଟ୍ରିରେ ବୁଧବାର କାମ କରୁଥିବା ବେଳେ ପାହାଡରୁ ପଥର ଖସି ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଗୁରୁବାର ମୃତକ ଓ ଆହତଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶତାଧିକ ଗ୍ରାମବାସୀ ଗ୍ରାନାଇଟ ଫ୍ୟାକ୍ଟ୍ରି ମାଲିକଙ୍କ ବିରୋଧରେ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ଗ୍ରାନାଇଟ୍ ଫ୍ୟାକ୍ଟ୍ରି ମାଲିକ କ୍ଷତିପୂରଣ ଦେବା ପାଇଁ ରାଜି ହେବା ପରେ ଆନ୍ଦୋଳନ ବନ୍ଦ ହୋଇଥିବା ଶବର ସମାଜ ସଭାପତି ରବୀନ୍ଦ୍ର ମଲିକ କହିଛନ୍ତି।

ମହୁରୀକାଳୁଆ ଛକରେ ଥିବା ଏକ ଗ୍ରାନାଇଟ୍ ଫ୍ୟାକ୍ଟ୍ରିରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ବି.ତୁରୁବୁଡ଼ି ପଞ୍ଚାୟତ ପିଲିଗାଡିହର ଗୋବିନ୍ଦ ମଲିକ(୨୨) ଓ ଜଗା ମଲିକ(୨୩) ଶ୍ରମିକ ଭାବେ କାମ କରୁଥିଲେ। ଏହି ସମୟରେ ହଠାତ୍ ଏକ ବଡ଼ ପଥର ଖଣ୍ଡ ଖସି ପଡ଼ିଥିଲା। ଫଳରେ ଦୁଇଜଣ ଶ୍ରମିକ ତଳେ ଚାପି ହୋଇଯାଇଥିବା ବେଳେ ନଳିହାଡ଼ ଗାଁର କୃଷ୍ଣ ବେହେରା ଆର୍.ଉଦୟଗିରି ଥାନା କଇଠଡ଼ିପ ଗାଁର ସୁଦର୍ଶନ ବଡ଼ ରଇତ ଆହତ ହୋଇଥିଲେ। ମୃତକଦ୍ୱୟଙ୍କ ପରିବାରବର୍ଗ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ମୃତଙ୍କ ବାପା କବିର ମଲିକ ଏବଂ ବିଶ୍ୱନାଥ ମଲିକଙ୍କ ଏତଲା କ୍ରମେ ପୋଲିସ ନଂ.୪୫୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଆସିକା ବିଜେଡି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୧୪।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଗୁରୁବାର ସ୍ଥାନୀୟ ଟାଉନହଲରେ ଏକ ଧନ୍ୟବାଦ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା ଏମ୍ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା, ଏନ୍ଏସି ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ଯୁବନେତା ଭଗବାନ ସାହୁ, ଶିବ ନାହାକ, ଦିଲୀପ ପାଣିଗ୍ରାହୀ, ଅଭିମନ୍ୟୁ ନାହାକ, ରଶ୍ମିତା ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଆସିକା ଅଞ୍ଚଳର ଜନସାଧାରଣଙ୍କ ଆବେଦନ ମୁତାବକ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଅନୁଦାନ ମଞ୍ଜୁର କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ୫-ଟି ସଚିବ ଭି.କେ. ପାଣ୍ଡିଆନ ଲୋକଙ୍କ ଅଭିଯୋଗ ଓ ଆବେଦନପତ୍ର ଗ୍ରହଣ କରିବାର ୧୫ଦିନ ମଧ୍ୟରେ ନିଷ୍ପତ୍ତି ନିଆଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ସୁଦୃଢ଼ କରିବା ଲାଗି କୁହାଯାଇଥିଲା। ଆସିକା ବ୍ଲକର ୨୭ ପଞ୍ଚାୟତ ଏବଂ ଆସିକା ଏନଏସି ଓ କବିସୂର୍ଯ୍ୟନଗର ବ୍ଲକର ୧୨ଟି ପଞ୍ଚାୟତରେ ମନ୍ଦିର, ମସଜିଦ, ଚର୍ଚ୍ଚ ଓ ଗୋଷ୍ଠୀ କେନ୍ଦ୍ର ଭଳି ୧୦୪ଟି ପ୍ରକଳ୍ପ ଲାଗି ୪କୋଟି ୫୦ ଲକ୍ଷ ଟଙ୍କା ସହାୟତା ମଞ୍ଜୁର ହୋଇଥିବାବେଳେ ଆସିକା ବିଜ୍ଞାନ କଲେଜ ଉନ୍ନତୀକରଣ ଲାଗି ୨କୋଟି, ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଲାଗି ଦେଢ଼ କୋଟି ଓ କେନ୍ଦୁପଦର ଏନବିସି କଲେଜ ଲାଗି ଦେଢ଼ କୋଟି ଓ ମେକମାଇକେଲ ସଂସ୍କୃତ ମହାବିଦ୍ୟାଳୟ ଲାଗି ୫୦ ଲକ୍ଷ ଟଙ୍କାର ସହାୟତା ରାଶି ମଞ୍ଜୁର ହୋଇଛି।

# କର୍ମୀ ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି

ଆର.ଉଦୟଗିରି,୧୪।୯(ମନୋଜ କୁମାର ପାଢ଼ୀ)

ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଭାଜପା କର୍ମୀ ସମ୍ମିଳନୀ ବୁଧବାର ଆର.ଉଦୟଗିରି ଶିବ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଦଳର ରାଜ୍ୟ ସଭପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଯୋଗଦେଇଥିଲେ। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୮ଟି ମଣ୍ଡଳର ମଣ୍ଡଳପଦାଧିକାରୀ, ଜିଲା ପଦାଧିକାରୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ଶତପଥୀ ସଂଗଠନକୁ କିପରି ତୃଣମୂଳସ୍ତରରୁ ସୁଦୃଢ଼ କରିବା, ବୁଥ କମିଟି, ଶକ୍ତିକେନ୍ଦ୍ର ଓ ମଣ୍ଡଳ ସ୍ତରରେ କମିଟି ଗଠନ କରିବା ଓ ଦଳ ଦେଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସୁଫଳ ରୂପାୟନ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସଭାପତି ସାମଲ କହିଥିଲେ, ମୋହନା ଏକ ଲଢୁଆ ମାଟି। ପୂର୍ବରୁ ଏଠାରେ ଭାଜପା ବିଧାୟକ ଥିଲେ। ଆସନ୍ତା ନିର୍ବାଚନରେ ଏହି ଆସନ ପୁଣି ଅକ୍ତିଆର କରିବା ପାଇଁ ସମସ୍ତ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସମସ୍ତ ଦଳୀୟ କର୍ମୀ ଏକତ୍ରିତ ହୋଇ ପ୍ରତ୍ୟେକ ୱାର୍ଡ ସ୍ତରରୁ ଦଳକୁ ମଜଭୂତ କରିବାକୁ ମଞ୍ଚାସୀନ ଅତିଥିମାନେ ଆହ୍ୱାନ ଦେଇଥିଲେ। ପରେ ସାମଲ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବୈଠକ ଶେଷରେ ସ୍ଥାନୀୟ ଉଦୟନାଥ ମନ୍ଦିର ଯାଇ ପୂଜା କରିଥିଲେ।

## ଶ୍ୱଶୁର ଘରକୁ ଆସି ଆତ୍ମହତ୍ୟା କଲେ ଜ୍ୱାଇଁ

ଜଗନ୍ନାଥପ୍ରସାଦ,୧୪।୯(ବିଭୁ ପ୍ରସାଦ ପଟ୍ଟନାୟକ):

ଜଗନ୍ନାଥପ୍ରସାଦ କୁମ୍ଭାରସାହିରେ ଥିବା ଏକ କଇଁଆ ଗଛରେ ଝୁଲିପଡି ତାମନାଡ ଗ୍ରାମର କାର୍ତ୍ତିକ ନାଇକ ଜୀବନ ହାରିଛନ୍ତି। କାର୍ତ୍ତିକ କୁମ୍ଭାରସାହିର ସ୍ୱର୍ଗତ ରାମ ନାଇକଙ୍କ ଝିଅ ଲକ୍ଷ୍ମୀଙ୍କୁ ବିବାହ କରିଥିଲେ। କିଛି ବର୍ଷ ହେବ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେଉଥିବା କାରଣରୁ ଲକ୍ଷ୍ମୀ ବାପା ଘରେ ରହୁଥିଲେ। ଗୁରୁବାର ଲକ୍ଷ୍ମୀଙ୍କୁ ସ୍ୱାମୀ କାର୍ତ୍ତିକ ନିଜ ଗ୍ରାମକୁ ଯିବା ପାଇଁ ଆସି ଡାକିଥିଲେ। ତେବେ ସେ ରାଜି ନହେବାରୁ ଉଭୟଙ୍କ ମଧ୍ୟରେ ପୁଣି ପାଟିତୁଣ୍ଡ ହୋଇଥିଲା। ରାଗରେ ଜର୍ଜରିତ ହୋଇ କାର୍ତ୍ତିକ ଶଶୁର ଘର ବାରିପଟେ ଥିବା କଇଁଆ ଗଛରେ ଏକ ଲୁଙ୍ଗିକୁ ବେକରେ ଗୁଡ଼ାଇ ଦିନ ପ୍ରାୟ ଗୋଟାଏ ବେଳେ ଝୁଲି ପଡ଼ିଥିଲେ। ସାହି ପଡୋଶୀ ଏହା ଦେଖି ପୋଲିସକୁ ଖବର ଦେବା ପରେ ପୋଲିସ ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଅରୁନ କୁମାର ସିଂ ପ୍ରକାଶ କରିଛନ୍ତି।'

## 'ରଞ୍ଜନ ଦଳ ବିରୋଧୀ କାର୍ଯ୍ୟ କରୁଥିଲେ'

କବିସୂର୍ଯ୍ୟନଗର,୧୪।୯(କୃପାସିନ୍ଧୁ ସ୍ୱାଇଁ):

ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ରଞ୍ଜନ ପଲାଇ ନିଜର ଅନୁଗତଙ୍କ ସହ ବିଜେଡିରେ ମିଶିଛନ୍ତି। ସେ ବିଜେଡିରେ ମିଶିବା ପୂର୍ବରୁ ତାଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ପାଜପାରୁ ନିଲମ୍ବିତ କରାଯାଇଥିଲା ବୋଲି କବିସୂର୍ଯ୍ୟନଗର ଭାଜପା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ଯୁବ ନେତା ତଥା ପାଣ୍ଡିଆ ମଣ୍ଡଳ ସଭାପତି ଶ୍ରୀକାନ୍ତ ପଣ୍ଡା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରଞ୍ଜନ ବିଜେଡିରେ ଯୋଗଦେବା ପୂର୍ବରୁ ଭାଜପା ଦଳ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା। ସେ ଦଳରୁ ଯିବାରେ କିଛିପ୍ରଭାବ ପଡ଼ିବନାହିଁ। ଭାଜପା ଆଗକୁ ତାର ନୂତନ ଆଶା, ବିଶ୍ୱାସ ଓ ମୋଦିଙ୍କ ଜନହିତକର କାର୍ଯ୍ୟକୁ ପାଥେୟ କରି ଭୋଟରଙ୍କ ପାଖକୁ ଯିବ। ଉକ୍ତ ସମ୍ମିଳନୀରେ ଭାଜପା ଜିଲା କାର୍ଯ୍ୟକାରିଣୀ ରତନ ବିଷୋୟୀ, କବିସୂର୍ଯ୍ୟନଗର ଏନଏସି ଅଧ୍ୟକ୍ଷା ପ୍ରାର୍ଥୀ କଳ୍ପନା ମାଝୀ, ସାଧାରଣ ସମ୍ପାଦକ ନାରାୟଣ ଡାକୁଆ, କୋଦଳା କାଉନସିଲର ସୂର୍ଯ୍ୟାଂଶୁ ବେହେରା, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଦିବ୍ୟାଙ୍ଗ ଟିମରେ ରମ୍ଭାର ପ୍ରଫୁଲ୍ଲଙ୍କ ସ୍ଥାନ ପକ୍କା


ସାଥୀ ଖେଳାଳିଙ୍କ ସହ ପ୍ରଫୁଲ୍ଲ।

ଗଞ୍ଜାମ/ରମ୍ଭା,୧୪।୯ (ବିଦ୍ୟାଧର ସାହୁ/ବନବାସୀ ସେଠୀ)

- ଗସ୍ତ ପାଇଁ ଜିଲାପାଳଙ୍କ ସହାୟତା
- ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ କ୍ରିକେଟ ଟୁର୍ନାମେଣ୍ଟ

ଗଞ୍ଜାମ ଜିଲା ରମ୍ଭା ସହରରେ ରହୁଥିବା ଗ୍ରାମାଞ୍ଚଳ କ୍ରିକେଟ କ୍ଲବର ଦିବ୍ୟାଙ୍ଗ ଖେଳାଳୀ ପ୍ରଫୁଲ କୁମାର ତରାଇ ଓଡିଶା ଦିବ୍ୟାଙ୍ଗ କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି। ଏହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରାଜସ୍ଥାନର ଉଦୟପୁର ସହରରେ ଆସନ୍ତା ୨୮ ସେପ୍ଟେମ୍ବରରୁ ୮ ଅକ୍ଟୋବର ଯାଏ ଆୟୋଜିତ ହେବାକୁ ଯାଉଛି। ଏହି ଟୁର୍ନାମେଣ୍ଟରେ ସ୍ଥାନୀୟ ଖେଳାଳୀ ପ୍ରଫୁଲ କୁମାର ସ୍ଥାନ ପାଇବା ଖବର ପାଇ ରମ୍ଭା କ୍ରିକେଟ କ୍ଲବ ସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଏନେଇ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସମ୍ପୃକ୍ତ ଖେଳାଳୀଙ୍କୁ ସମସ୍ତ ଗସ୍ତ ଖର୍ଚ୍ଚ ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଯାହାକୁ ନେଇ ଜିଲାପାଳଙ୍କ ପ୍ରଦତ୍ତ ଅର୍ଥରୁ ପ୍ରଫୁଲଙ୍କୁ ବ୍ୟାଟ, ପ୍ୟାଡ଼, ହ୍ୟାଣ୍ଡ ଗ୍ଲୋଭ୍ସ, ହେଲମେଟ ଆଦି କ୍ରିକେଟ କିଟ ଖରିଦ କରି ପ୍ରଦାନ କରିଥିଲେ। ଏ ନେଇ ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡତ୍ୟା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଉପସଭାପତି ହିମାଂଶୁ ବୈଠାରୁ ପ୍ରମୁଖଙ୍କ ସମେତ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ତାଙ୍କୁ କିଟ ପ୍ରଦାନ କରି ତାଙ୍କର ସଫଳତା କାମନା କରିବା ସହ ରମ୍ଭା କ୍ରିକେଟ କ୍ଲବ ତରଫରୁ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ।

# ମଧ୍ୟାହ୍ନଭୋଜନରେ ପୋକ, କାର୍ଯ୍ୟାନୁଷ୍ଠାନ ଶୂନ

ବେଲଗୁଣ୍ଠା,୧୪।୯,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

କିଛି ମାସ ତଳେ ବେଲଗୁଣ୍ଠା ବ୍ଲକ ଡେଙ୍ଗାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରୁ ବୁଢିଆଣୀ ବାହାରିବାଥିବା ବେଳେ ଗାଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ବୋରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପୁଣି ଏହାର ପୁନରାବୃତ୍ତି ଘଟିଛି। ଛାତ୍ରୀଛାତ୍ରମାନେ ଖାଉଥିବା ସମୟରେ ମଧ୍ୟାହ୍ନଭୋଜନରେ କିଛି କଳାରଙ୍ଗର ପୋକ ମରି ପଡିଥିବା ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ସୂଚନା ପ୍ରକାରେ, ଉକ୍ତ ବିଦ୍ୟାଳୟରେ ପ୍ରତିଦିନ ୩୫୧ଜଣ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇଥାନ୍ତି। ଏହି ଭୋଜନ ଏକ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସେଣ୍ଟ୍ରାଲ କିଚେନରୁ ଆସିଥାଏ। ବୁଧବାର ବିଦ୍ୟାଳୟର ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ସମୂହ ଛୁଟିରେ ଯାଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟାହ୍ନଭୋଜନ ତଦାରଖ ଦାୟିତ୍ୱରେ ରହିଥିଲେ। ମଧ୍ୟାହ୍ନଭୋଜନ ବିଦ୍ୟାଳୟକୁ ପହଞ୍ଚିବା ପରେ କିଛି ଛାତ୍ରୀଛାତ୍ର ଖାଉଥିବା ସମୟରେ ସେଥିରୁ ପୋକ ବାହାରିଥିବା ନଜରକୁ ଆସିଥିଲା। ଏହା ଦେଖି ଭୋଜନ ନ ଖାଇବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ପିଲାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେହି ଖାଦ୍ୟକୁ ଫୋପାଡ଼ି ଦେବା ପାଇଁ କହିଥିଲେ। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ସେଣ୍ଟ୍ରାଲ କିଚେନ ପରିଚାଳକ ଅସିତ୍ ସାହୁଙ୍କୁ ପଚାରିବାରୁ ଏହା ଚାଉଳ ପୋକ ବୋଲି ସଫେଇ ଦେଇଥିଲେ। କିନ୍ତୁ ଚାଉଳ ପୋକର ରଙ୍ଗ ଧଳା ହୋଇଥିବା ବେଳେ ମଧ୍ୟାହ୍ନଭୋଜନରୁ ବାହାରିଥିବା ପୋକ କଳା ରଙ୍ଗର ହୋଇଥିବାରୁ ଏହା ଅନ୍ୟ କୌଣସି ବିଷାକ୍ତ ପୋକ ବୋଲି ଅନୁମାନ କରାଯାଉଛି। ସମ୍ପୃକ୍ତ ମଧ୍ୟାହ୍ନଭୋଜନ ପ୍ରସ୍ତୁତକାରୀ ସଂସ୍ଥା କୌଣସି ଅପରିଷ୍କାର ଟାଙ୍କି କିମ୍ବା ପୋଖରୀ ପାଣିକୁ ରୋଷେଇରେ ବ୍ୟବହାର କରିଥିବାରୁ ଖାଦ୍ୟରେ ପୋକ ପଡ଼ିଥିବା ଅନୁମାନ କରାଯାଉଛି। ତେବେ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

# ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

ରମ୍ଭା,୧୪।୯(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତସ୍ଥିତ କୁଶପଲ୍ଲୀ ଆଶ୍ରମ ବିଦ୍ୟାଳୟରେ ପରିଚାଳନା କମିଟିର ସଭାନେତ୍ରୀ କୁମାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ତରଫରୁ ଅଭିଭାବକ ସହଭାଗିତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦେବ ରଞ୍ଜନ ଦାସ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ଚନ୍ଦ୍ର ବେହେରା ମୁଖ୍ୟବକ୍ତା, ଅତିରିକ୍ତ ତହସିଲଦାର ଶୁଭେନ୍ଦୁ କୁମାର ଜେନା, ମଲାଡ଼ ସରପଞ୍ଚ ଗୌତମ ପଟ୍ଟନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଡ଼ି.ଆର.ଜି., ସିଆରସିସି, ଗ୍ରାମ କମିଟି ସଭାପତି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ଅଭିଭାବକଙ୍କ ଭୂମିକା ଓ ଛାତ୍ରୀଛତ୍ରଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅତିଥିମାନେ ଅଭିଭାବକଙ୍କୁ ଅବଗତ କରାଇଥିଲେ। ଏହି ଅବସାରେ ପୂର୍ବରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ଲିଖନ, ବକ୍ତୃତା, ପ୍ରବନ୍ଧ ଓ ନୃତ୍ୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ତ୍ରିଲୋଚନ ପାଳ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସହକାରୀ ଶିକ୍ଷୟିତ୍ରୀ ରଶ୍ମିରଣୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ସୁଶାନ୍ତ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ସରକାର ନୈତିକତା ହରାଇସାରିଛନ୍ତି: ମନମୋହନ

ପାରଳାଖେମୁଣ୍ଡି, ୧୪।୯ (ଗିରିଧାରୀ ପରିଚ୍ଛା):



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ନେତୃବୃନ୍ଦ

ରାଜ୍ୟ ସରକାର ଦୀର୍ଘ ୨୫ ବର୍ଷ ଶାସନ କାଳରେ ନିଜ ନୈତିକତା ହରାଇଛନ୍ତି। ଶାସନ କାଳ ମଧ୍ୟରେ କୃଷିର ଅଭିବୃଦ୍ଧି କରିପାରିଛନ୍ତି ନା ଶିକ୍ଷା କ୍ଷେତ୍ରରେ କିଛି ଉଲେଖନୀୟ କାମ କରିଦେଖାଇଛନ୍ତି। ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଛି। ଏହି ତଥ୍ୟକୁ ନେଇ ଭାଜପା ଗାଁ ଗାଁରେ, ଘରେ ଘରେ ପହଞ୍ଚିବ ବୋଲି କହିଛନ୍ତି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ। ଏକ ଖବରଦାତା ସମ୍ମିଳନୀରେ ସାମଲ କହିଛନ୍ତି ଯେ, ଚାଷୀଙ୍କ ସମସ୍ୟା ନେଇ ଗଜପତି ଜିଲାରେ ୨୦୦୭ରେ ରାଜ୍ୟ ସରକାର ଯେଉଁ ଡମ୍ବାପୁର ପ୍ରକଳ୍ପ ନିର୍ମାଣ କରିଥିଲେ ତାହା ଆଜିଯାଏ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଜିଲାରେ ମକା, କମଳା, ସପୁରୀ ଭଳି ଉଚ୍ଚ ମାନର ଫଳ ଉତ୍ପାଦନ ହେଉଛି କିନ୍ତୁ ରାଜ୍ୟ ସରକାର ଚାଷୀଙ୍କୁ ସଠିକ ବଜାର ସୃଷ୍ଟି କରିପାରିନାହାନ୍ତି। ସେପଟେ ଜିଲାର ମୋହନା ନିର୍ବାଚନ ମଣ୍ଡଳୀରେ ମଣ୍ଡି ଅଭାବରୁ ଚାଷୀ ନିଜ ଉତ୍ପାଦିତ ଧାନର ଉପଯୁକ୍ତ ମୂଲ୍ୟ ପାଉନଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଚାଲିଥିବା ଶିକ୍ଷକଙ୍କ ଆନ୍ଦୋଳନକୁ ସେ ସମ୍ପୂର୍ଣ୍ଣ ସମର୍ଥନ କରୁଥିବା କହିଛନ୍ତି। ଶିକ୍ଷକଙ୍କ ଦାବିରେ ଯଥାର୍ଥତା ଅଛି ବୋଲି କହିଛନ୍ତି। ସେହିପରି ଛାତ୍ର ସଂସଦ ନିର୍ବାଚନକୁ ରାଜ୍ୟ ସରକାର ବନ୍ଦ କରିବା ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ଛାତ୍ରଙ୍କ ନିଜସ୍ୱ ହକ ଗଣତାନ୍ତ୍ରିକ ପଦ୍ଧତିରେ ନିଜ ସମସ୍ୟା ସମାଧାନ କରିବ ସେଥିରେ ରୋକ ଲାଗିବା ଅସାମ୍ବିଧାନିକ ବୋଲି ଯୁକ୍ତି ରଖିଛନ୍ତି। ତେଣୁ ୨୦୨୪ ନିର୍ବାଚନରେ ଭାଜପା ଲୋକଙ୍କ ସହ ରହି ଓଡ଼ିଶାରେ ସରକାର ଗଢ଼ିବ। ଗତ ୨୫ ବର୍ଷ ମଧ୍ୟରେ ଯେଉଁ କାର୍ଯ୍ୟ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ତାହା ଭାଜପା କରିଦେଖାଇବ ବୋଲି ଦୃଢ଼ ଉକ୍ତି ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ବିଧାୟକ କେ. ନାରାୟଣ ରାଓ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଜିଲ୍ଲା ପ୍ରଭାରୀ ସରୋଜ ସାବତ, ମହିଳା ବରିଷ୍ଠ ନେତା ସିଦ୍ଧେଶର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଷୋତ୍ତମପୁରରେ ପ୍ରାଥମିକ ଶିକ୍ଷକ ସଂଘ ଦୁଇଭାଗ

## ଗୋଟିଏ ପଟେ ଆନ୍ଦୋଳନ, ଅନ୍ୟପଟେ ପାଠପଢ଼ା

ପୁରୁଷୋତ୍ତମପୁର,୧୪।୯(ସିମାଞ୍ଚଳ ମିଶ୍ର)


ବିଦ୍ୟାଳୟ ଖୋଲା।

ପୁରୁଷୋତ୍ତମପୁର ବ୍ଲକରେ ପ୍ରାଥମିକ ଶିକ୍ଷକ ସଂଘ ଦୁଇ ଫାଳ ହୋଇପଡିଛି। ଯାହାକି ଏହା ଏଠାରେ ଶିକ୍ଷକ ମାନଙ୍କ ଏକପ୍ରକାର ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଛି। ରାଜ୍ୟରେ ପ୍ରାଥମିକ ଶିକ୍ଷକମାନେ ଏକତ୍ରିତ ହୋଇ ସେମାନଙ୍କ ନ୍ୟାର୍ଯ୍ୟ ଦାବୀ ହାସଲ କରିବା ଲାଗି ବିଦ୍ୟାଳୟରେ ଚାବି ପକାଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏଭଳି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକରେ ମଧ୍ୟ ଗୁରୁବାରଠାରୁ ଶିକ୍ଷୟତ୍ରୀ ଶିକ୍ଷକମାନେ ସମୂହ ଛୁଟିରେ ରହି ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଯାହାଦ୍ୱାରା ବ୍ଲକରେ ଥିବା ୧୩୭ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ଅଧିକାଂଶ ବିଦ୍ୟାଳୟରେ ଚାବିଝୁଲୁଛି। ଏପରିକି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚାବି ପକାଇ ଅଚଳ କରିଦେଇଛନ୍ତି। ମାତ୍ର ଏଠାରେ କିଛି ଶିକ୍ଷକ ଏହି ଆନ୍ଦୋଳନକୁ ସମର୍ଥନ ନକରି ନିଜର କାର୍ଯ୍ୟରେ ଯୋଗଦେଇଛନ୍ତି। ଯାହା ଦ୍ୱାରା ଭୂତ ସରସିଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ହାତଗଣତି ଭାବେ କିଛି ବିଦ୍ୟାଳୟ ଖୋଲା ରହିଛି। ଫଳରେ ଏହାକୁ ଏଠାରେ ଶିକ୍ଷକ ସଂଘ ଦୁଇ ଫାଳ ହୋଇ ପଡିଥିବାର ନେଇ ଚର୍ଚ୍ଚା ଜୋର ଧରିଛି। ଏ ଭଳି ପରିସ୍ଥିତିରେ ଆନ୍ଦୋଳନରେ ଯୋଗଦେଇ ନ ଥିବା କିଛି ଶିକ୍ଷକ କହିଛନ୍ତିଯେ ସେମାନେ ପୁରଣା ପେନସନ ଯୋଜନାରେ ରହିଛନ୍ତି। ଏହି ଆନ୍ଦୋଳନରେ ସେମାନଙ୍କ କିଛି ଲାଭ ନାହିଁ। ତେଣୁ ଆନ୍ଦୋଳନରେ ସାମିଲ ନ ହୋଇ ପିଲାଙ୍କ ଭବିଷ୍ୟତକୁ ଗୁରୁତ୍ୱଦେଇ ଶିକ୍ଷାଦାନ କରାଯାଉଥିବାର କହିଛନ୍ତି। ଏହି ବ୍ଲକରେ କାର୍ଯ୍ୟରତ ଥିବା ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଭୋକ ଉପାସରେ ଧାରଣାରେ ବସିଥିବା ବେଳେ ଏଭଳି କିଛି ଶିକ୍ଷକ ଆନ୍ଦୋଳନକୁ ବିରୋଧ କରୁଥିବାର ଅଭିଯୋଗ କରି ସେମାନଙ୍କୁ କଡ଼ା ସମାଲୋଚନା କରି ତାସଲ୍ୟ ମଧ୍ୟ କରିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୫ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ରେଳଷ୍ଟେଶନ ନିକଟରୁ ବୃଦ୍ଧଙ୍କ ମୃତଦେହ ଜବତ

ଯାଜପୁରରୋଡ୍, ୧୪।୯(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ ମାଲଗୋଦାମ ପରିସରରୁ ଗୁରୁବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ସେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ରାଣୀରାମଚନ୍ଦ୍ରପୁର ଯଯାତି ନଗର ଅଞ୍ଚଳର ବଂଶୀଧର ବେହେରା(୭୦) ବୋଲି ତାଙ୍କ ବ୍ୟାଗରୁ ମିଳିଥିବା ପରିଚୟ ପତ୍ରରୁ ଜଣାପଡ଼ିଛି। ମଧ୍ୟାହ୍ନରେ ରେଳବାଇ ମାଲଗୋଦାମ ପୂର୍ବପଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଦେଖି ଲୋକେ ରେଳବାଇ ପୋଲିସ (ଜିଆରପି)କୁ ଖବର ଦେଇଥିଲେ। ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ମୃତ୍ୟୁର କାରଣ ଖୋଜିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିରୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ରେଳବାଇ ପୋଲିସ ଅନୁମାନ କରିଛି। ଏନେଇ ରେଳବାଇ ପୋଲିସ ନଂ.୬୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ତାଙ୍କ ପରିବାର ଲୋକଙ୍କୁ ଖବର ଦେବାକୁ ଯାଜପୁର ଟାଉନ ଥାନାକୁ ରେଳବାଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପରିବାର ଲୋକ ଆସିବାପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ରେଳବାଇ ପୋଲିସ ଅଧିକାରୀ ସୁଶାନ୍ତ କୁମାର ସେଠୀ କହିଛନ୍ତି।

### ନିଶା ଦେଇ ଲୁଟିଲେ, ରାସ୍ତା କଡ଼ରେ ପକାଇ ପଳାଇଲେ

ଚଣ୍ଡିଖୋଲ, ୧୪।୯(ପ୍ରଦୀପ୍ତ କୁମାର ପୃଷ୍ଟି): ଜଣେ ବ୍ୟକ୍ତିଙ୍କୁ ଲୁଟେରା ନିଶାଦେଇ ତାଙ୍କ ନିକଟରେ ଥିବା ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହାପରେ ତାଙ୍କୁ ରାସ୍ତା କଡ଼ରେ ପକାଇ ଫେରାର ହୋଇ ଯାଇଛନ୍ତି। ଏନେଇ ସେ ବଡ଼ଚଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଲୁଟ୍‌ର ଶିକାର ବ୍ୟକ୍ତି ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଟାକୁଆ ଠେଙ୍ଗ ଗ୍ରାମର ଧନେଶ୍ୱର ରାଉତ ବୋଲି ଜଣାପଡ଼ିଛି। ସେ ଭୁବନେଶ୍ୱରରେ ପରିବା ବ୍ୟବସାୟ କରନ୍ତି। ଗୁରୁବାର ଧନେଶ୍ୱର ଜାତୀୟ ରାଜପଥର ମଙ୍ଗୁଳି ଛକ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଏକ ଅଟୋ ଆସି ଲାଗିଲା। ସେଥିରେ ସେ କୁଆଖିଆ ଆସିବା ପାଇଁ ବସିଥିଲେ। ଅଟୋରେ ବସିଥିବା ଅନ୍ୟଦୁଇ ଜଣ ଥଣ୍ଡା ପାନୀୟ ପିଇଲେ। ସେହି ପାନୀୟ ଧନେଶ୍ୱରଙ୍କୁ ଦେଲେ। ଏହାକୁ ପିଇବା ପରେ ଧନେଶ୍ୱର ଚେତା ଶୂନ୍ୟ ହୋଇ ଯାଇଥିଲେ। ପରେ ସେ ଜାତୀୟ ରାଜପଥ ୧୬ନଂ.ର ବଡ଼ଚଣା ଛକ ନିକଟରେ ଅଚେତ ଅବସ୍ଥାରେ ପଡିଥିବାବେଳେ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚେତା ଆସିବା ପରେ ସେ ଲୁଟ୍‌ର ଶିକାର ହୋଇଥିବା ପ୍ରକାଶ କରିଛନ୍ତି।

# ବଢୁଛି ବ୍ରାଉନସୁଗାର ବ୍ୟବସାୟ

■ ଜାଲରେ ଫସୁଛନ୍ତି ଯୁବଗୋଷ୍ଠୀ
■ ଛୋଟ ବେପାରୀଙ୍କୁ ଧରିବାରେ ସୀମିତ ପୋଲିସ ଓ ଅବକାରୀ ବିଭାଗ

ଯାଜପୁର ଟାଉନ, ୧୪।୯ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଦିନକୁ ଦିନ ଯାଜପୁର ସହର ଏବଂ ଏହାର ଉପକଣ୍ଠ ଅଞ୍ଚଳରେ ବ୍ରାଉନସୁଗାର ବ୍ୟବସାୟ ବଢ଼ିବାରେ ଲାଗିଛି। କେତେଜଣ ବେକାର ଯୁବକ ରାଜନୈତିକ ବ୍ୟକ୍ତିଙ୍କୁ ଢାଲ କରି ଏହି କାରବାର ଚଳାଉଛନ୍ତି। ଅବକାରୀ ବିଭାଗ ଓ ପୋଲିସ କେତେଜଣ ଛୋଟ ବେପାରୀଙ୍କୁ ଧରୁଥିବାବେଳେ ମୁଖ୍ୟ କାର୍ପଟଦାରଙ୍କ ନିକଟରେ ପହଞ୍ଚି ପାରୁନାହାନ୍ତି। ଏବେ ମଦ, ଗଞ୍ଜେଇ ଓ ଅଫିମ ଭଳି ବ୍ରାଉନସୁଗାର ବେପାର ତାଳଦେଇ କାରବାର ହେଉଛି। ପୂର୍ବରୁ କେବଳ ଯାଜପୁର ଜିଲାର ଛତିଆ ଓ ଚଣ୍ଡିଖୋଲ ଅଞ୍ଚଳରେ ବ୍ରାଉନସୁଗାର କାରବାର ହେଉଥିଲା। ଏବେ ସମ୍ପୂର୍ଣ୍ଣ ଯାଜପୁର ସହରକୁ ବ୍ରାଉନସୁଗର ଗ୍ରାସ କରିଛି। ପ୍ରତ୍ୟେକ ଛକ ବଜାରରେ ଥିବା ପାନ ଦୋକାନରେ ଏହା ସହଜରେ ଉପଲବ୍ଧ ହୋଇପାରୁଛି। ସ୍କୁଲ୍, କଲେଜ, ଜନଗହଳି ସ୍ଥାନରେ ଏହି ବେପାର ଜମୁଥିବାରୁ ୧୪ବର୍ଷର ନାବାଳକଙ୍କଠାରୁ ଆରମ୍ଭ କରି ୨୮ବର୍ଷ ପର୍ଯ୍ୟନ୍ତ ଯୁବକ ଏହି ନିଶାରେ ଫସୁଛନ୍ତି। ହାଇସ୍କୁଲ ଛାତ୍ରଙ୍କଠାରୁ ଆରମ୍ଭ କରି ଅନେକ ବେକାର ଯୁବକ ବ୍ରାଉନସୁଗର ଖାଇ ନିଜ ଭବିଷ୍ୟତ ନଷ୍ଟ କରି ସାରିଲେଣି। ଚଳିତ ମାସରେ ବ୍ରାଉନସୁଗାର ଖାଇ ଏଠାରେ ୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ନିସାରେ ନିଜ ମା'ଙ୍କ ମୁଣ୍ଡକୁ ଶିଳପୁଆରେ ଛେଚି ହତ୍ୟା କରିଥିବା ଜଣାପଡ଼ିଛି।

ଏହି ସହରରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲା ପ୍ରଶାସନର ମୁଖ୍ୟାଳୟ, ବିଚାରାଳୟ, ଉପଖଣ୍ଡ ପୋଲିସ କାର୍ଯ୍ୟାଳୟ ଏବଂ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଥିଲେ ମଧ୍ୟ ବେପାର ଉପରେ କୌଣସି ପ୍ରଭାବ ପଡୁନାହିଁ। ଗତ ୪ମାସ ମଧ୍ୟରେ ଅବକାରୀ ବିଭାଗ ୨ ଛୋଟ ବେପାରୀଙ୍କୁ ଧରି କୋର୍ଟଚାଲାଣ କରିଥିବାବେଳେ ଅନେକ



ବଡ଼ ବେପାରୀ ଏବେ ମଧ୍ୟ ବେପାର ଚାଲୁ ରଖିଛନ୍ତି। ୪ ମାସ ମଧ୍ୟରେ ଅବକାରୀ ବିଭାଗ ୧୨୮ ଗ୍ରାମ ବ୍ରାଉନସୁଗାର ଧରିଥିବାବେଳେ ୪ ଗଞ୍ଜେଇ ବେପାରୀଙ୍କୁ ଧରି ୨୯କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଜବତ ସଂଖ୍ୟା ଧର୍ମକୁ ଆଖିଠାର ଭଳି ଜଣାଯାଏ। ଯାଜପୁର ଜିଲାକୁ ବ୍ରାଉନସୁଗାର ବାଲେଶ୍ୱର ଜିଲାରୁ ଚାଲାଣ ହେଉଥିବା ଜଣାପଡ଼ିଛି। ଏହି ବ୍ରାଉନସୁଗାର ଖାଇ ଯୁବଗୋଷ୍ଠୀ ଏଟିଏମ୍ ଲୁଟ୍, ରାସ୍ତାରେ ଛିନ୍‌ତାଇ ଭଳି ଘଟଣା ଘଟାଉଛନ୍ତି।

ଯାଜପୁର ସହରର ବରାହ ରିଂରୋଡ, ବାଳାଶ୍ରମ ପଡ଼ିଆ, ମେଡିକାଲ କଲେଜ ପାଖରେ ନବନିର୍ମିତ ପୌରପାଳିକା କାର୍ଯ୍ୟାଳୟ, ବଲ୍ଲଭିଘାଟ, କିଲାଘାଟ, ଏନ୍‌ସି କଲେଜ ଛକ ଓ ଗୋଖନା ଛକ ଆଦି ସ୍ଥାନରେ ଯୁବଗୋଷ୍ଠୀ ବ୍ରାଉନସୁଗାର ସେବନ କରୁଥିବା ପୋଲିସ ଜାଣୁଛି। ହେଲେ ସେମାନଙ୍କୁ ରୋକିବା ନିମନ୍ତେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରୁନାହିଁ। ପୋଲିସ ପାଟ୍ରୋଲିଂ ମଧ୍ୟ କରୁ ନ ଥିବା ଅଭିଯୋଗ ହେଉଛି।

ଗତ ୨ମାସ ତଳେ ବୁଢ଼ାନଦୀ ଚମ୍ପାଛନ୍ଦା ଘାଟ ନିକଟରେ କେତେଜଣ ଯୁବକ ବ୍ରାଉନସୁଗାର ସେବନ କରୁଥିବାବେଳେ ସେହି ରାସ୍ତା ଦେଇ ପୋଲିସ ପାଟ୍ରୋଲିଂ ଗାଡି ଯିବାରୁ ୨ ନିଶାସକ୍ତ ଯୁବକ ନଦୀକୁ ଡ଼େଇଁପଡିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଉଦ୍ଧାର ହୋଇଥିବାବେଳେ ଅନ୍ୟ ଜଣେ ନଦୀରେ ବୁଡି ପ୍ରାଣ ହରାଇଥିଲେ। ଏଥିରୁ ସହଜରେ ଅନୁମେୟ ଯାଜପୁର ସହରରେ ଶତାଧିକ ଯୁବକ ଏବେ ବ୍ରାଉନସୁଗାର କବଳରେ ଛନ୍ଦି ହୋଇଛନ୍ତି। ଏହାକୁ ଯଦି ରୋକା ନ ଯାଏ, ତେବେ ପରିସ୍ଥିତି ଭୟାବହ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି। ତେଣୁ ଏ ଦିଗରେ ପୋଲିସ ଓ ଅବକାରୀ ବିଭାଗ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ନିୟମିତ ଭାବେ ସ୍କ୍ୱାଡ୍ ଗଠନ କରି ବ୍ରାଉନସୁଗାର ଓ ଗଞ୍ଜେଇ ବେପାରୀଙ୍କ ଘରେ ଚଢ଼ାଉ କରାଯାଉଛି। ସେମାନଙ୍କୁ ଗିରଫ କରି ଜେଲକୁ ପଠାଯାଉଛି। ଆଗାମୀ ଦିନରେ ଚଢ଼ାଉକୁ ବ୍ୟାପକ କରାଯିବ।

### ତହସିଲ ପକ୍ଷରୁ ବେଆଇନ କ୍ରଶର ସିଲ

ଧର୍ମଶାଳା, ୧୪।୯(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ତହସିଲ ଆରୁହାଠାରେ ବେଆଇନ ଭାବେ ଚାଲିଥିବା ଫ୍ରେଣ୍ଡ ଷ୍ଟୋନ କ୍ରଶରକୁ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ସିଲ କରାଯାଇଛି। ଅତିରିକ୍ତ ତହସିଲଦାର ପରେଶ ମାଝି, ଆରୁହା ଆର୍‌ଆଇ ମନୋଜ କୁମାର ସାମଲ, ବଳରାମପୁର ୧ ଆର୍‌ଆଇ ଚନ୍ଦନ କୁମାର ସାହୁ, ଧର୍ମଶାଳା ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ହିତେଶ କୁମାର ଓ ଧର୍ମଶାଳା ପୋଲିସ ଚଢ଼ାଉରେ ସାମିଲ ହୋଇଥିଲେ। ସାରଦ ଜମିରେ କ୍ରଶର ପ୍ରତିଷ୍ଠା ହୋଇଥିବା ବେଳେ ଜମିର କିଶମ ପରିବର୍ତ୍ତନ ହୋଇନାହିଁ। କ୍ରଶର ଚାଲିବାକୁ ଏନ୍‌ଓସି ନ ଥିବା ତଦନ୍ତରୁ ଜଣାପଡ଼ିଛି। ଏହା ପୂର୍ବରୁ ଏହି କ୍ରଶରକୁ ସିଲ କରାଯାଇଥିଲା। କ୍ରଶର ମାଲିକ ତ୍ରିନାଥ ଜେନା ତହସିଲଦାରଙ୍କ ଅଗୋଚରରେ ପୁନର୍ବାର କ୍ରଶର ଚଳାଉଥିଲେ। କ୍ରଶରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ମାଲିକ ଆବଶ୍ୟକ କାଗଜପତ୍ର ଠିକ ନ କରି ପୁନର୍ବାର କ୍ରଶର ଚଲାଇବାକୁ ଅପଚେଷ୍ଟା କଲେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ତହସିଲଦାର ମାଝି ସୂଚନା ଦେଇଛନ୍ତି।

## ବିଦ୍ୟାଳୟରେ ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା



ଅଗ୍ନିଶମ କର୍ମଚାରୀମାନେ ପିଲାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

ଜେନାପୁର, ୧୪।୯(ଅଶୋକ ଦାସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚଢ଼େଇଧରା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କୁ ଘରେ ଅଗ୍ନିକାଣ୍ଡ ସମୟରେ କିପରି ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖିବା ସହିତ ନିଆଁକୁ ଆୟତ୍ତ କରିବେ ସେ ବିଷୟରେ ବିଭିନ୍ନ ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ପ୍ରଶିକ୍ଷଣ ଦିଆଯାଇଛି। କାର୍ଯ୍ୟକ୍ରମରେ ଚଢ଼େଇଧରା ଅଗ୍ନିଶମ ଅଧିକାରୀ ଉଦ୍ଧବ ଚରଣ ସାହୁ, ଲିଡିଂ ଫାୟାର ମ୍ୟାନ୍ ସନ୍ତୋଷ ପତି, ଫାୟାର ମ୍ୟାନ କୃପାସିନ୍ଧୁ ସ୍ୱାଇଁ, ସୁରେଶ ସେଠୀ, ତାପସ ମୂଳିଆ, ଶରତ ଖଣ୍ଡା, ସୁମନ୍ତ ଦାସ ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲିଲି ରାଉତଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ଯୁବକ ମୃତ

ଭୋଗରାଇ, ୧୪।୯(ପ୍ରଦୀପ ଦାସ) ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଦେଉଳା ଗ୍ରାମର ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜୟନାରାୟଣ ବେହେରାଙ୍କ ବିଷାକ୍ତ ସାପ କାମୁଡାରେ ମୃତ୍ୟୁ ହୋଇଛି। ସେ ବୁଧବାର ଦକ୍ଷିଣ ଦେଉଳା ଗ୍ରାମର ଜଣେ ବ୍ୟକ୍ତିଙ୍କ ପକ୍କା ଘର ନିର୍ମାଣ କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଦେଉଳା ଚଢେଇଗୁଡିଆଠାରେ ତାଙ୍କ ପାଦକୁ ସାପ କାମୁଡି ଦେଇଥିଲା। ସେଠାରୁ ଅଳ୍ପ ସମୟ ମଧ୍ୟରେ ଘରେ ପହଞ୍ଚିଲା ବେଳକୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଅବକାରୀ ଚଢ଼ାଉ, ୭ ଗିରଫ

କୋରେଇ, ୧୪।୯(ଚନ୍ଦ୍ରକାନ୍ତ ପତି): ଯାଜପୁର ଜିଲା ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ପକ୍ଷରୁ କୋରେଇର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭ ଜଣଙ୍କୁ ଗିରଫ କରାଯାଇ ରଗଡ଼ି ଜେଲ ପଠାଯାଇଛି। ସେମାନଙ୍କ ନିକଟରୁ ୭୬ ଲିଟର ମଦ ଜବତ ହୋଇଥିବା ସୂଚନା ମିଳିଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ୍ ସ୍କ୍ୱାଡ୍ ଇନ୍ସପେକ୍ଟର ସମୀର କୁମାର ମହାନ୍ତି ଦଳବଳ ସହିତ କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ, କନ୍ତୋର, ତୁଳତି, ପଛିକୋଟ, ରଗଡ଼ି ଓ ଅସନଗଡ଼ିଆରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉବେଳେ କାଚରାସାହି ପଞ୍ଚାୟତ ଅସନଗଡ଼ିଆ ଗ୍ରାମର ପଦନ ଖଟୁଆ, କନ୍ତୋର ପଞ୍ଚାୟତ କନ୍ତୋର ଗ୍ରାମର ବିପିନ ପେରେଇ, ପୂର୍ବକୋଟ ଗ୍ରାମର ଦୈତାରି ଦେହୁରୀ, ଅରୁଣ ଦେହୁରି, ତୁଳତୀ ପଞ୍ଚାୟତ ତୁଳତୀ ଗ୍ରାମର ସୂର୍ଯ୍ୟମଣି ବେହେରା, ପଛିକୋଟ ପଞ୍ଚାୟତ ପଛିକୋଟ ଗ୍ରାମର ଗିରିଆ ମୁଖୀ ଓ ଅନ୍ଧାରୀ ପଞ୍ଚାୟତ ରଗଡ଼ି ଗ୍ରାମର ସରସ୍ୱତୀ ଦାସ ଚୋରାରେ ମଦ ବିକ୍ରି କରୁଥିବା ସମୟରେ ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲେ। ଚଢ଼ାଉରେ ଜିଲା ମୋବାଇଲ ସ୍କ୍ୱାଡ୍‌ର ଏସ୍‌ଆଇ ବିଭୁ ପ୍ରସାଦ ସାହୁ, ଯାଜପୁର ରୋଡ୍ ଅବକାରୀ ବିଭାଗ ଏସ୍‌ଆଇ କ୍ଷୀରୋଦ କୁମାର ସାହୁ, ଏଏସ୍‌ଆଇ ସତ୍ୟବ୍ରତ ପ୍ରଧାନ, କର୍ମଚାରୀ ସତ୍ୟବାଦୀ ଭୋଇ ଓ ବିକ୍ରମ ବେହେରା ସାମିଲ ହୋଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ




ଉତ୍ସବରେ ଯୋଗଦେଇଥିବା ଅତିଥି।

ଯାଜପୁରରୋଡ୍, ୧୪।୯ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚର ୧୦ମ ବାର୍ଷିକ ଉତ୍ସବ ଚୋରଦାସ୍ଥିତ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଉତ୍ସବରେ ମଞ୍ଚ ସଭାପତି ତଥା ଶିକ୍ଷାବିତ୍ ଉପେନ୍ଦ୍ରନାଥ ବେହୁରିଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଟାଟା ପାୱାରର ଯାଜପୁରରୋଡ୍ ଅଧୀକ୍ଷଣ ଯନ୍ତ୍ରୀ ଅନନ୍ତ ନାରାୟଣ ବିଶୋଇ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତାଭାବେ ବ୍ୟାସନଗର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ ଯୋଗଦେଇ ସମାଜରେ ବରିଷ୍ଠ ନାଗରିକଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ଡ. ନୃସିଂହ ଚରଣ ପରିଡ଼ା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ।

ସଭା ଆରମ୍ଭରେ ବରିଷ୍ଠ ସଭ୍ୟମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ମଞ୍ଚ ସମ୍ପାଦକ ଚନ୍ଦ୍ରମଣୀ ସାମଲ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ସାମାଜିକ କର୍ମୀ ମଦନ ମୋହନ ସେଠୀ, ସ୍ୱଚ୍ଛକର୍ମୀ କାଣ୍ଡେ ପିଉ ଓ ନୀଳିମା ପିଉଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଡ. ନିକୁଞ୍ଜ ବିହାରୀ ଧଳ, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, କୁଳବୃଦ୍ଧ ପଦ୍ମଲୋଚନ ମହାନ୍ତି, ଡ. ବସନ୍ତ କୁମାର ବେହେରା, ଗିରିଧାରୀ ବାରିକ ଓ ପ୍ରତାପଚନ୍ଦ୍ର ବେହୁରିଆ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ କମଳଲୋଚନ ସାହୁ, ଶଙ୍କର୍ଷଣ ସାହୁ, ଘନଶ୍ୟାମ ରାଉତ, ପ୍ରଫୁଲ୍ଲ କୁମାର ନାୟକ, କାମଦେବ ଦାସ, ବଟକୃଷ୍ଣ ପ୍ରଧାନ, ଲମ୍ବୋଦର ମଳିକ, ନିରଞ୍ଜନ ବିଶ୍ୱାଳ, ରାହାସବିହାରୀ ପାତ୍ର, ସନାତନ ମଲିକ ଓ ଯୁଧିଷ୍ଠିର ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ଲୋକନାଥ ରାଉତ ଧନ୍ୟବାଦ ଦେଇଥିଲେ।

### ପାଣିକୋଇଲିରେ କୃତ୍ରିମ ବନ୍ୟା

ପାଣିକୋଇଲି, ୧୪।୯(ବିକାଶ ମଲ୍ଲିକ)

ତ୍ରୁଟିପୂର୍ଣ୍ଣ ନାଳ ନିର୍ମାଣ ଓ ନାଳ ପୋତିହେବା ଯୋଗୁ ଲଘୁଚାପ ଜନିତ ବର୍ଷାରେ ପାଣିକୋଇଲିରେ କୃତ୍ରିମ ବନ୍ୟା ହୋଇଛି। ବର୍ଷାଜଳ ନିଷ୍କାସନ ନ ହୋଇ ପାରିବାରୁ ଓଚିନ୍ଦା ରୋଡରେ ୧୦ରୁ ଊର୍ଦ୍ଧ୍ୱ ଦୋକାନରେ ଗୁରୁବାର ପାଣି ପଶିଥିଲା। ଫଳରେ ବିପୁଳ ଟଙ୍କାର ସମାଗ୍ରୀ ନଷ୍ଟ ହେବା ସହ ଦୋକାନଗୁଡିକ ବନ୍ଦ ରହିଥିଲା। ରାସ୍ତା ସାରା ପ୍ରାୟ ଦୁଇ ଫୁଟରୁ ଊର୍ଦ୍ଧ୍ୱ ପାଣି ଜମି ରହିବାରୁ ଯାତାୟତରେ ବାଧା ଉପୁଜିଥିଲା। ବର୍ଷା ଛାଡିବା ପରେ ଦୋକାନୀମାନେ ମୋଟର ସାହାଯ୍ୟରେ ଦୋକାନରୁ ପାଣି ନିଷ୍କାସନ କରିଥିଲେ। ବିଭାଗ ପକ୍ଷରୁ ନାଳକୁ ପୁନଃ ନିର୍ମାଣ କରା ନ ଗଲେ ଏଭଳି ପରିସ୍ଥିତ ଉପୁଜିବା ସାର ହେବ। ଏଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବଜାରବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଡିଭାଇଡରକୁ ଧକ୍କା ଦେଲା ସ୍କର୍ପିଓ, ଚାଳକ ମୃତ

ପାଟଣା, ୧୪।୯(ବୀର କିଶୋର ଦାଶ)

କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ସୀମାନ୍ତ ୪୯ ନଂ. ଜାତୀୟ ରାଜପଥ ତୁରୁମୁଙ୍ଗା ବୈତରଣୀ ନଦୀ ପୋଲ ନିକଟରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କର୍ପିଓ ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇଛି। ଘଟଣା ସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍କର୍ପିଓ ଭାଙ୍ଗି ଚୂରମାର ହୋଇଯାଇଛି। ମୃତକ ଯାଜପୁର ଜିଲା କୁଆଖିଆ ଥାନା ଗୋପୀନାଥପୁର ଗ୍ରାମର ସେକ ଜୁଲ ଫିକ୍କର ଅଲ୍ଲୀ (୨୫) ବୋଲି ଜଣାପଡ଼ିଛି। ସେ ମୁର୍ଗାପାଟରେ ଏକ ହୋଟେଲ କରି ରହୁଥିଲେ। ଗୁରୁବାର ଯାଜପୁର ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଘଟଣା ସ୍ଥଳରେ ଚଢ଼େଇଭୋଳ ଫାଣ୍ଡି ପୋଲିସ ପହଞ୍ଚି



ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ କରୁଛି। ଏ ନେଇ କରଞ୍ଜିଆ ଥାନାରେ ଏକ ମାମଲା(ନଂ.୨୭୫/୨୩) ରୁଜୁ ହୋଇଥିବା ଏସ୍‌ଆଇ ସଲଖାନ ମୁର୍ମୁ କହିଛନ୍ତି। କାରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।




ଲଘୁଚାପ ବର୍ଷାଯୋଗୁ ପାଣିକୋଇଲିର ଓଚିନ୍ଦା ରୋଡରେ ୧୦ରୁ ଊର୍ଦ୍ଧ୍ୱ ଦୋକାନରେ ପାଣି ପଶିଛି।

# ଶିଳ୍ପ, ଖଣି ସମସ୍ୟା ନେଇ ଚିନ୍ତା

■ ସମାଧାନ ପାଇଁ ଅଣ୍ଟା ଭିଡିଲା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା
■ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ

ଯାଜପୁର/କଳିଙ୍ଗନଗର, ୧୪।୯ (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷରାଉତ)

ଯାଜପୁର ଜିଲାର ଶିଳ୍ପ ଓ ଖଣି ସମୃଦ୍ଧ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଯାଜପୁର ଜିଲା କମିଟି ଅଣ୍ଟା ଭିଡିଛି। ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗ ସମେତ ଦୀର୍ଘଦିନ ଧରି ସରକାରୀ ଜମିରେ ବସବାସ କରୁଥିବା ଏଠାକାର ଜନଜାତିଙ୍କୁ ଜମି ମାଲିକାନା ପ୍ରଦାନ, ଛଟେଇ ଠିକା ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ଭୂବନ୍ଦୋବସ୍ତ, ଉତ୍କଟ ପ୍ରଦୂଷଣ ଆଦି ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି। ଏହି ମର୍ମରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏକ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଆହୁରି ଦର୍ଶାଯାଇଛି ଯେ, ସୁକିନ୍ଦା ଓ ଦାନଗଦି ବ୍ଲକ ଅଞ୍ଚଳରେ ଅନେକ ଗୁଡିଏ ଶିଳ୍ପ ଓ ଖଣି ରହିଥିବା ସତ୍ତ୍ୱେ ଏଠାକାର ଜନଜାତି ସମ୍ପ୍ରଦାୟ ଅବହେଳିତ ହୋଇ ପଡି ରହିଛନ୍ତି। ଦାନଗଦି ବ୍ଲକ ଶାଳିଜଙ୍ଗା ପଞ୍ଚାୟତର ଦୂର୍ଗାପୁର, ଗମ୍ଭାରୀପାଟିଆ, ଇଟାଝର, ସାହୁପୁର ପ୍ରଭୃତି ଅଞ୍ଚଳରେ ସରକାରୀ ଜମିରେ ଲୋକେ ଘର କରି ରହୁଛନ୍ତି।




ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ସଦସ୍ୟମାନେ।

ସେମାନଙ୍କୁ ନିଜ ଜମିର ମାଲିକାନା ସତ୍ତ୍ୱ ଏଯାଏ ଦିଆଯାଉ ନାହିଁ। ଅନ୍ୟପକ୍ଷେ କଳିଙ୍ଗନଗରରେ ସରକାର ଭୂବନ୍ଦୋବସ୍ତ ନ କରି ଶିଳ୍ପସଂସ୍ଥାଗୁଡିକୁ ଜମି ହସ୍ତାନ୍ତର କରିଛନ୍ତି। କମ୍ପାନୀ ଜମି ଅଧିଗ୍ରହଣ ସମୟରେ ନୀରିହ ଆଦିବାସୀମାନଙ୍କୁ ପୋଲିସ ଲଗାଇ ଉଚ୍ଛେଦ କରିଛି। ବିସ୍ଥାପନ ପ୍ରକ୍ରିୟାରେ ଘରଡିହ ଓ ଜମିର ଉପଯୁକ୍ତ କ୍ଷତିପୂରଣ ମଧ୍ୟ ପ୍ରଦାନ କରାଯାଇନାହିଁ। ଶତାଧିକ କ୍ଷତିଗ୍ରସ୍ତ ପରିବାର ସଦସ୍ୟ ନିଯୁକ୍ତି ପାଇବାରୁ ବଞ୍ଚିତ ରହିଛନ୍ତି। ଗାଡପୁର, କଳା ମାଟିଆ, ବାଲିଗୋଠ, ହୁଡ଼ିସାହି, ଗୋବରଘାଟି, ଚମ୍ପାକୋଇଲା ଓ ବାଇଡୁବୁରୀ ଆଦି ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷ ଏବଂ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ହେଁ କେହି କର୍ଣ୍ଣପାତ କରୁ ନାହାନ୍ତି। କରୋନା କାଳରେ କାରଖାନା ଓ ଖଣି ମାଲିକମାନେ ଛଟେଇ କରିଥିବା ଠିକାଦାର ଓ ଶ୍ରମିକଙ୍କୁ ପୁନଃ ଥଇଥାନ କରିବା ସହିତ ସୁକିନ୍ଦାରେ ୯୮ ବର୍ଷ ଧରି ଭୂବନ୍ଦୋବସ୍ତ,ହୋଇ ନ ଥିବାରୁ ଆଦିବାସୀ ଓ ଅନ୍ୟାନ୍ୟ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ଲୋକଙ୍କୁ ଦେଉଥିବା ଲିଜ୍ ପଟ୍ଟା ବଦଳରେ ସ୍ଥାୟୀ ପଟ୍ଟା ଦେବାକୁ ଦାବି ହୋଇଛି। ଏହାସହ ଖଣି ଖାଦାନ ଓ କାରଖାନାଗୁଡିକରୁ ନିଷ୍କାସିତ ହେଉଥିବା ପ୍ରଦୂଷିତ ଜଳକୁ ବ୍ୟବହାର କରି ଲୋକେ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଶିଳ୍ପ କାରଖାନାରୁ ହେଉଥିବା ବାୟୁ ପ୍ରଦୂଷଣ ଉପରେ ଅଙ୍କୁଶ ଲଗାଯାଇ ପାରିନାହିଁ। ଖଣି ଓ ଶିଳ୍ପ କାରଖାନାରେ ସବୁ କ୍ଷେତ୍ରରେ ବାହାର ଲୋକମାନଙ୍କୁ ଅଗ୍ରାଧିକାର ମିଳୁଛି। ସ୍ୱାସ୍ଥ୍ୟସେବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବାରୁ ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହିଁ ଏକମାତ୍ର ମାଧ୍ୟମ। ସୁକିନ୍ଦାରେ ଏକ ସରକାରୀ ବୈଷୟିକ କଲେଜ ଖୋଲାଯାଉ। କାରଖାନା କର୍ତ୍ତୃପକ୍ଷ ଭୂତଳ ଜଳର ବହୁଳ ବ୍ୟବହାର କରୁଥିବାରୁ ପ୍ରାକୃତିକ ଜଳ ଉତ୍ସ ଶୁଖିଲା ପଡୁଛି। ଏହାଦ୍ୱାରା ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲା ସଭାପତି ଶମ୍ଭୁନାଥ ମହାନ୍ତ, ଦୟାନିଧି ମହାନ୍ତ, ଗୁଣବନ୍ତ ସିଂ ମହାନ୍ତ, ସୁରେନ୍ଦ୍ର କୁମାର ତିରିଆ, ସୁନୀଲ ଗାଗରାଇ, ଡେଙ୍ଗ୍ରୀ ବାନରା ଓ ମନୋଜ କୁମାର ମହାନ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଡେରାବିଶରେ ଡେଙ୍ଗୁ ଆତଙ୍କ: ୫ ଆକ୍ରାନ୍ତ ଚିହ୍ନଟ

ଡେରାବିଶ, ୧୪।୯(ବେବର୍ତ୍ତା ଅଜୟ ଦାସ)

ରାଜ୍ୟରେ ଡେଙ୍ଗୁ ତା'ର କାୟା ବିସ୍ତାର କରୁଥିବା ବେଳେ ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତ ଅଡ଼ଙ୍ଗା ମଲ୍ଲିକେଶ୍ୱରପୁର ଗାଁରେ ୫ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ଗ୍ରାମରେ ଆତଙ୍କ ଖେଳିଯାଇଛି। ଆକ୍ରାନ୍ତ ହେଲେ ଗ୍ରାମର ତପନ ମହାରଣା, ପ୍ରଦୀପ ମହାରଣା, ପବିତ୍ର ମୋହନ ସିଂ, ଗ୍ରାମର ଆଶା ସାବିତ୍ରୀ ନାୟକଙ୍କ ସମେତ ଗ୍ରାମର ଆଉ ଜଣେ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ୩ଦିନରୁ ଅଧିକ ସମୟ ଧରି ଜ୍ୱର ରହିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସେମାନଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ନମୁନାରୁ ଡେଙ୍ଗୁ ପଜେଟିଭ୍ ଜଣାପଡ଼ିବା ପରେ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରାଯାଉଛି। ଏଥିସହ ଗ୍ରାମର ଆଉ ଜଣେ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇ ବାହାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ତେବେ ଏ ସମ୍ପର୍କରେ ପଲେଇ ସରପଞ୍ଚ ଅକ୍ଷୟ କୁମାର ସାହୁ କହିଛନ୍ତି, ତପନ ଓ ପ୍ରଦୀପଙ୍କ ଘର ଦେଇ ଯାଇଥିବା କାଡ଼ାନାଳ ବନ୍ଦ ହୋଇଯିବା ଫଳରେ ସେ ନାଳ ଦେଇ ନିଷ୍କାସିତ ହେଉଥିବା ଜଳ ଗ୍ରାମ ମଧ୍ୟରେ ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଏହି କାଡ଼ା ନାଳକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମରେ ଜ୍ୱରରେ ଆକ୍ରାନ୍ତ ଥିବା ଅନ୍ୟ ବ୍ୟକ୍ତିମାନଙ୍କ ରକ୍ତ ନମୁନା ପରୀକ୍ଷା କରିବା ସହ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

### ସଚିବଙ୍କୁ କୃତଜ୍ଞତା ଜଣାଇଲେ ଛାତ୍ରୀଛାତ୍ର

ରାଜନଗର, ୧୪।୯(ଭାସ୍କର ରାଉତରାୟ)

ରାଜନଗର ବ୍ଲକର କୁରୁଣ୍ଟି ପଞ୍ଚାୟତ ନୋଧାବସନ୍ତସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠ ଓ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଜରିମୂଳସ୍ଥିତ ଏଲଏନ ସଂସ୍କୃତ ବିଦ୍ୟାପୀଠକୁ ୪ର୍ଥ ପର୍ଯ୍ୟାୟରେ ୫-ଟି ରୂପାନ୍ତରଣ ବିଦ୍ୟାଳୟ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଗୁରୁବାର ରାଜନଗର ବ୍ଲକର ଭିସି ରୁମରେ ବିଡିଓ ନିଶାନ ମିଶ୍ର, କୁରୁଣ୍ଟି ପଞ୍ଚାୟତର ସରପଞ୍ଚ ସସ୍ମିତା ମହାନ୍ତି, ଚାନ୍ଦିବାଉଁଶମୂଳ ପଞ୍ଚାୟତ ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡାଙ୍କ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ। ଲକ୍ଷ୍ମୀ ନାରାୟଣ ସଂସ୍କୃତ ବିଦ୍ୟାପୀଠର ୧୦ମ ଶ୍ରେଣୀ ଛାତ୍ରୀ ସସ୍ମିତା ମହାକୁଡ, ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠର ଛାତ୍ର ମଳୟ କୁମାର ପଲେଇ ବିଦ୍ୟାଳୟକୁ ୫-ଟି ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଧନ୍ୟବାଦ ଜଣାଇଥିଲେ।

# ପ୍ରୋତ୍ସାହନ ଅଭାବରୁ ବାଧାପ୍ରାପ୍ତ ହେଉଛି ହସ୍ତଶିଳ୍ପ

ଡେରାବିଶ, ୧୪।୯(ବେବର୍ତ୍ତା ଅଜୟ ଦାସ)

**ବିଲୁପ୍ତ ହେବାକୁ ବସିଛି ବାଉଁଶର ହାତ ତିଆରି ସାମଗ୍ରୀ**



ବାଉଁଶର ଅଭାବ ଯୋଗୁ ବିଲୁପ୍ତ ହେବାକୁ ବସିଲାଣି ବାଉଁଶର ହାତ ତିଆରି ଘରକରଣା ସାମଗ୍ରୀ। ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି ହସ୍ତଶିଳ୍ପ ବାଧାପ୍ରାପ୍ତ ହେଉଛି। ଯଦି ପ୍ରୋତ୍ସାନ ମିଳନ୍ତା ଏହି କୁଟିରଶିଳ୍ପ ବଞ୍ଚି ରହନ୍ତା ବୋଲି କାରିଗରମାନେ କହିଛନ୍ତି। କେନ୍ଦ୍ରାପଡ଼ା ଜିଲା ସମେତ ବାହାର ଜିଲାରେ ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତର ଚାଟରା ଓ ଫକିରାବାଦ ଗାଁର କାରିଗରଙ୍କ ଦ୍ୱାରା ନିର୍ମିତ ବାଉଁଶ ତିଆରି ଘରକରଣା ସାମଗ୍ରୀ ପ୍ରସିଦ୍ଧି ଲାଭ କରିଥିଲା। ବାଉଁଶର ନିର୍ମିତ ହେଉଥିବା ଟୋକେଇ, ଝୁଡ଼ି, ପାଚିଆ, କୁଲା, ବାଇଁଶିଆ ଏବଂ ଭୋଗ ଡାଲା ସମେତ ଅନ୍ୟ ସାମଗ୍ରୀ ଏହି ଦୁଇଟି ଗ୍ରାମରୁ କିଣିବା ପାଇଁ ଲୋକଙ୍କ ଭିଡ଼ ଜମୁଥିଲା। ଟୋକେଇ କି ଝୁଡ଼ି ହେଉ ବାହାର ଜିଲାରୁ ଆସି ଲୋକମାନେ କିଣି ନେଉଥିଲେ। ସେହିପରି କୁଲା ଓ ବାଇଁଶିଆ ଏବଂ ଭୋଗ ଡାଲା କିଣିବା ପାଇଁ ଲୋକେ ଏହି ଗାଁକୁ ଆସୁଥିଲେ।

ଏ ସମ୍ପର୍କରେ ଚାଟରା ଗାଁର ଭଗବାନ ଯେନା କହିଛନ୍ତି, ବିଭିନ୍ନ ଗାଁରୁ ବାଉଁଶ କିଣି ଆଣି ତାକୁ ଚିରି ପାତିଆ କଲା ପରେ ସେଥିରେ ଟୋକେଇ ଓ ଝୁଡ଼ି ତିଆରି କରିଥାଉ। ଗୋଟିଏ ବାଉଁଶରେ ୩ଟି ଝୁଡ଼ି ତିଆରି ହୋଇଥାଏ। ସେହିପରି ଗୋଟିଏ ବାଉଁଶରେ ୩ଟି ଟୋକେଇ କରିଥାଉ। ଏହି ଝୁଡ଼ି ଓ ଟୋକେଇ ନେବାପାଇଁ ବିଭିନ୍ନ ସ୍ଥାନରୁ ଆସୁଥିବା ବରାଦ ଅନୁସାରେ ଯୋଗାଇ ଦେଉଥିଲୁ। ଏହାଦ୍ୱାରା ଆମର ଆର୍ଥିକ ଉନ୍ନତି ହେଉଥିଲା। ସେହିପରି ଗ୍ରାମର ସରସ୍ୱତୀ ଯେନା, କମଳା ଯେନା ଓ ସବିତା ଯେନା କହିଛନ୍ତି, ବିବାହ ଉତ୍ସବ ପାଇଁ ଆବଶ୍ୟକ ଥିବା କୁଲା ଓ ବାଇଁଶିଆ କିଣିବାକୁ ଆସିଥିବା ଗ୍ରାହକଙ୍କୁ ବିକିଥାଉ। ଏଥିସହ ପାର୍ବଣ ଋତୁରେ ବାଉଁଶ ତିଆରି ଭୋଗଡାଲା, ଖଇଛଡ଼ା ଇତ୍ୟାଦି ସାମଗ୍ରୀର ବହୁଳ ଚାହିଦା ରହିଥିବାରୁ ଏହାକୁ ଦୃଷ୍ଟିରେ ଅଧିକ ସଂଖ୍ୟାରେ ଏହି ସାମଗ୍ରୀ ନିର୍ମାଣ କରିଥାଉ। ସେହିପରି ଗ୍ରାମର ପ୍ରମୋଦ ଯେନା ଓ ପ୍ରଶାନ୍ତ ଯେନା କୁହନ୍ତି, ବୃକ୍ଷକୁ ସୁରକ୍ଷା ଦେବାକୁ ତିଆରି ହେଉଥିବା ବାଉଁଶ ତିଆରି ଓଟେଇ ନେବା ପାଇଁ ଜିଲା ଓ ଜିଲା ବାହାରୁ ଆମକୁ ବରାଦ ମିଳିଥାଏ। ଏହି ବାଉଁଶର ଓଟେଇ ତିଆରି କରି ବିକ୍ରି କରିଥାଉ। ମାତ୍ର ବାଉଁଶର ବ୍ୟାପକ ଅଭାବ ପାଇଁ ବାଉଁଶ ତିଆରି ସାମଗ୍ରୀ ବିଲୁପ୍ତ ହେବା ଆଶଙ୍କା ଦେଖାଦେଇଛି। ସରକାରଙ୍କ ପକ୍ଷରୁ ଯଦି ବାଉଁଶର ବ୍ୟାପକ ଜଙ୍ଗଲ ସୃଷ୍ଟି କରାଯାଇ ପାରନ୍ତା ଏବଂ ଏହି କୁଟିରଶିଳ୍ପ ଉପରେ ନିର୍ଭରଶୀଳ ପରିବାରକୁ ସରକାରୀ ପ୍ରୋତ୍ସାହନ ମିଳନ୍ତା ତେବେ ଏହି ଶିଳ୍ପର ଚାହିଦା ବୃଦ୍ଧି ପାଆନ୍ତା। ତେବେ ଏ ସମ୍ପର୍କରେ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ଦୁମୁକା ଗ୍ରାମର ବାସନ୍ତୀ କୁମାରୀ ରଥ କହିଛନ୍ତି, ବାଉଁଶ ତିଆରି ଡାଲା, ବାଇଁଶିଆ, କୁଲା, ଭୋଗଡାଲାର ଚାହିଦା ପ୍ରତ୍ୟେକ ପରିବାରରେ ରହି ଆସିଛି। ସେହିପରି ବାଉଁଶ ତିଆରି ଢୋଲରେ ମାଟି ଓ ଗୋବର ଦେଇ ଲିପିବା ସହ ଏହା ଭିତରେ ଅମଳ ହୋଇଥିବା ଧାନ ରଖିଲେ ଘରେ ଧନଧାନ୍ୟ ବୃଦ୍ଧି ହୋଇଥାଏ। ସେହିପରି ଫକିରାବାଦ ଗ୍ରାମର କେଶବ ଚରଣ ପାତ୍ର କହିଛନ୍ତି, ବାଉଁଶ ତିଆରି ସାମଗ୍ରୀ ଆମର କୁଳ ବେଉସା। ଏହାକୁ ତିଆରି କରି ସପ୍ତାହିକ ଛତା, ଚାନ୍ଦୋଳ, ପଞ୍ଚୁପାଣ୍ଡବ ହଳଦିଆ ପାଟଣା ହାଟରେ ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରିଥାଉ। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ବ୍ଲକ ଅଞ୍ଚଳରେ ବ୍ୟାପକ ବାଉଁଶ ଚାରା ରୋପଣ ପାଇଁ ଉଦ୍ୟାନ କୃଷି ବିଭାଗର କର୍ତ୍ତୃପକ୍ଷଙ୍କୁ ଜଣାଇବେ। ଏଥିସହ ସାମାଜିକ ବନୀକରଣ ଯୋଜନାରେ ବାଉଁଶ ଚାରା ରୋପଣ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

# ୬୦ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍

ଡେରାବିଶ, ୧୪।୯(ବେବର୍ତ୍ତା ଅଜୟ ଦାସ)

- ୱାନ୍ ନେଶନ ୱାନ ରାଶନ
- ୨ଟି ସ୍ଥାନରୁ ରାଶନ ସାମଗ୍ରୀ ନେଉଥିବା ହିତାଧିକାରୀଙ୍କୁ ଧରାଇଲା ଆଧାର କାର୍ଡ଼
- ଡେରାବିଶରେ ୧୫୭ ଜଣଙ୍କ ଦ୍ୱୈତ ରାଶନ କାର୍ଡ଼

ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କୁ ସରକାର ଖାଦ୍ୟ ନିରାପତ୍ତା ଯୋଜନାରେ ମୁଣ୍ଡପିଛା ମାସକୁ ୫ କିଲୋ ଗ୍ରାମ ଚାଉଳ ମାଗଣାରେ ଯୋଗାଇ ଦେଉଛନ୍ତି। ସରକାରଙ୍କ ଲକ୍ଷ୍ୟ ହେଉଛି କେହି ଜଣେ ବ୍ୟକ୍ତି ଭୋକିଲା ଅବସ୍ଥାରେ ରହିବେ ନାହିଁ। କିନ୍ତୁ ଯୋଜନାର ସୁଫଳକୁ ଲୁଟ୍ କରିବା ପାଇଁ କିଛି ବ୍ୟକ୍ତି ଆପଣାଇଥିବା ଅଭିନବ ଉପାୟ ଏବେ ଧରାପଡ଼ିଛି। ଆଧାରକାର୍ଡ଼ ଏହି ଘୋଟାଲାକୁ ଧରା ପକେଇ ଦେଇଛି। ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଥିବା ଚଞ୍ଚକତା କରୁଥିବା କିଛି ହିତାଧିକାରୀମାନଙ୍କର ଚାଲବାଜିକୁ ଆଧାରକାର୍ଡ଼ ନମ୍ବର ଧରେଇ ଦେଇଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ନିରାପତା ମନ୍ତ୍ରଣାଳୟ ବିଭାଗ ପକ୍ଷରୁ ଗୋଟିଏ ପରିବାରରେ ମିଳିଥିବା ରାଶନ କାର୍ଡ଼କୁ ଚଞ୍ଚକତା କରି ବାହାରେ ରହୁଥିବା ପରିବାରର ଜଣେ ସଦସ୍ୟ ରାଶନ ସାମଗ୍ରୀ ଗ୍ରହଣ କରୁଥିଲେ। ମାତ୍ର ଖାଦ୍ୟ ନିରାପତ୍ତା ମନ୍ତ୍ରଣାଳୟ ବିଭାଗ ପକ୍ଷରୁ ଯାଞ୍ଚ ସମୟରେ ଆଧାର କାର୍ଡ଼କୁ ଭିତ୍ତିକରି କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକରେ ୧୫୭ଜଣ ଏଭଳି ୨ଟି ଲେଖାଏ କାର୍ଡ଼ ଯୋଗେ ୨ଟି ସ୍ଥାନରୁ ରାଶନ ସାମଗ୍ରୀ ପାଉଥିବା ନେଇ ଜଣାପଡ଼ିଥିଲା। ପରେ ତୁରନ୍ତ ଏହାର ତଦନ୍ତ କରି ତାଲିକାରୁ ବାଦ ଦେବା ପାଇଁ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପାଇବା ପରେ ଯୋଗାଣ ଅଧିକାରୀ ସ୍ୱରୁପ କୁମାର ଦାସ ୧୫୭ ଜଣ ଏଭଳି ଚଞ୍ଚକତା ତାଲିକାରେ ଥିବା ବେଳେ ତଦନ୍ତ କରି ୧୫୭ ଜଣଙ୍କ ମଧ୍ୟରୁ ଏଯାଏ ୬୦ ଜଣଙ୍କ ନାମ ତାଲିକାରୁ ବାଦ ଦେଇଥିବା କହିଛନ୍ତି।

ସୂଚନାଯୋଗ୍ୟ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଡେରାବିଶ ବ୍ଲକ ଅଧୀନ ୨୬ ଟି ପଞ୍ଚାୟତରେ ସମୁଦାୟ ୩୧,୯୦୨ଟି ରାଶନ କାର୍ଡ଼ ରହିଥିବା ବେଳେ ସମୁଦାୟ ୧,୧୨,୩୩୫ ଜଣ ହିତାଧିକାରୀ ରାଶନ ସାମଗ୍ରୀ ଗ୍ରହଣ କରୁଛନ୍ତି। ସେଥିମଧ୍ୟରୁ ଅନ୍ତୋଦୟ ଅନ୍ନ ଯୋଜନାରେ ୪୦୩୮ କାର୍ଡ଼ ରହିଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ଯୋଜନାରେ ୨୭,୫୯୦ କାର୍ଡ଼ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୭୪ଟି କାର୍ଡ଼ ରହିଥିବା ଯୋଗାଣ ନିରୀକ୍ଷକ ଦାସ କହିଛନ୍ତ।

# ୮ ସ୍କୁଲ ବନ୍ଦ, ୫୩ରେ ଆଂଶିକ ପାଠପଢ଼ା



ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଆନ୍ଦୋଳନ କରୁଛନ୍ତି।

ରଘୁନାଥପୁର, ୧୪।୯(ରାଜେନ୍ଦ୍ର ନାରାୟଣ ସିଂହ)

- ରଘୁନାଥପୁର ବ୍ଲକର ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ
- ଶିକ୍ଷକ ସଂଘର ଆନ୍ଦୋଳନରେ ୧୨୭ ଶିକ୍ଷକ ସାମିଲ

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନ ଆହ୍ୱାନକ୍ରମେ ସୋମବାରଠାରୁ ୩ ଦଫା ଦାବି ନେଇ ରଘୁନାଥପୁର ବ୍ଲକ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ତୀବ୍ରତର ହୋଇଛି। ୧୨୭ ଜଣ ଶିକ୍ଷକ ବୁଧବାରଠାରୁ ସାମୂହିକ ଭାବେ ଛୁଟିରେ ରହି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ପ୍ରତିବାଦ କରିଛନ୍ତି। ଫଳରେ ୮ଟି ପ୍ରାଥମିକ ବିଦ୍ୟାଳୟରେ ତାଲା ପଡିଥିବାବେଳେ ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ମିଶି ରହିଥିବା ୫୩ଟି ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଆଂଶିକ ଭାବେ ଚାଲିଛି। ଯାହାଦ୍ୱାରା ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ପିଲାଙ୍କ ପାଠପଢ଼ା ନେଇ ଅଭିଭାବକଙ୍କ ମହଲରେ ଆଶଙ୍କା ପ୍ରକାଶ ପାଇଛି।

ସରକାରଙ୍କ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା ୨୦୭୦୩/୧୩।୯।୨୩ ଅନୁଯାୟୀ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଆନ୍ଦୋଳନରତ ଶିକ୍ଷକଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ଶିକ୍ଷକମାନେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ଶିକ୍ଷକମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ସବ୍‌କମିଟି ଗଠନ କରାଯାଇଥିବା ଶିକ୍ଷାଧିକାରୀ ସୂଚନା ଦେଇଥିଲେ ସୁଧା ଶିକ୍ଷକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସୂଚନାଯୋଗ୍ୟ କି କନିଷ୍ଠ ଶିକ୍ଷକଙ୍କୁ ନିୟମିତ, କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା, ସମସ୍ତ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ଓ ନୂତନ ପେନ୍‌ସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରାତନ ପେନ୍‌ସନ ପ୍ରଥାକୁ ଚାଲୁ କରିବା ଆଦି ୩ ଦଫା ଦାବି ନେଇ ଶିକ୍ଷକ ସଂଘ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ଏଥିପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ଓ ଗଣଧାରଣା ମଧ୍ୟ ଅନୁଷ୍ଠିତ ହୋଇଛି। ସରକାର ବିଭିନ୍ନ ପ୍ରକାର ମିଥ୍ୟା ପ୍ରତିଶ୍ରୁତି ରଖି ବାରମ୍ବାର ଶିକ୍ଷକ ସମାଜକୁ ଭଣ୍ଡେଇ ଚାଲିଛନ୍ତି। ଦେଶର ଆଗାମୀ ଭବିଷ୍ୟତଙ୍କୁ ଗଢୁଥିବା ଶିକ୍ଷକଙ୍କ ଜୀବନ ଜୀବିକା ପ୍ରତି ସରକାରଙ୍କ ସାମାନ୍ୟତମ ଚିନ୍ତା ନାହିଁ। ନ୍ୟାର୍ଯ୍ୟ ହକ ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ଓ ପ୍ରତିବାଦ ଜାରି ରହିବ ବୋଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ଓ ସମ୍ପାଦକ ରବିନାରାୟଣ ତା ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା କୁଶ ମଲ୍ଲିକ, ଉମେଶ କୁମାର ନାୟକ, ଭାସ୍କର ମୁଦୁଲି, ସୁଜିତ କୁମାର ବେହେରା, ତରୁଣ କୁମାର ଜେନା, ବିରୂପାକ୍ଷ ସେଠୀ, ପରେଶ କୁମାର ମହାପାତ୍ର, ବିଶ୍ୱନାଥ ଦାସ, ସଞ୍ଜୟ ସ୍ୱାଇଁ, ଦିଲୀପ କୁମାର ମହାନ୍ତି, ରତ୍ନାକର ବେହେରା, ଅମିୟ ଭାୟା, ନିରୁପମା ପଣ୍ଡା, ନଳିନୀପ୍ରଭା ସିଂହ, ସୁପ୍ରିୟା ନାୟକ, ସୁଜାତା ମାଦେଲି, କାଞ୍ଚନବାଳା ବେହେରା, ଯଶୋବନ୍ତୀ ରାଉତ ପ୍ରତିବାଦ ସଭାରେ ନିଜର ପ୍ରତିକ୍ରିୟା ରଖିଛନ୍ତି।

### ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ

ରାଜନଗର, ୧୪।୯(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ହିନ୍ଦୀ ଶିକ୍ଷୟିତ୍ରୀ ବନଜା ମଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜରିମୂଳ ୟୁପି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ବିଶ୍ୱାଳ, ଗୋଲୋକ ବିହାରୀ ସାମଲ, ଛବିଲତା ମହାକୁଡ, ପ୍ରୀତିଲତା ରାଉତ, ସ୍ନେହଲତା ସାମଲ, ଲିଲି ବେହେରା ପ୍ରମୁଖ ଯୋଗଦେଇ ହିନ୍ଦୀ ଦିବସର ମହାନତା ଉପରେ ଛାତ୍ରୀମାନଙ୍କୁ କହିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ନୃତ୍ୟ, ଓ ହିନ୍ଦୀ କବିତା ପାଠ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୧୦ମ ଶ୍ରେଣୀର ଛାତ୍ରୀ ସୁକନ୍ୟା ମଣ୍ଡଳ ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୧୦ମ ଶ୍ରେଣୀର ଛାତ୍ରୀ ଇଚ୍ଛାମୟୀ ରାଉତ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଷ୍ଟମ ଶ୍ରେଣୀର ଛାତ୍ରୀ ପୂଜାରାଣୀ ଦାସ କବିତା ଆବୃତ୍ତିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହିକାର୍ଯ୍ୟକ୍ରମକୁଜୟଶ୍ରୀଦିକ୍ଷିତ, ସୁରତ ସାହୁ, ସୁଲୋଚନା ସାହୁ,ସଞ୍ଜୟ ଖଣ୍ଡୁଆଳ ପ୍ରମୁଖ ସହଯୋଗ କରିଥିଲେ।

# ସରପଞ୍ଚ ସଂଘର ବିଡିଓଙ୍କୁ ଦାବିପତ୍ର ପ୍ରଦାନ



ବିଡିଓ ତପନ କୁମାର ସେନାପତିଙ୍କୁ ସରପଞ୍ଚ ସଂଘର କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

ରଘୁନାଥପୁର, ୧୪।୯(ରାଜେନ୍ଦ୍ର ନାରାୟଣ ସିଂହ)

ସରପଞ୍ଚଙ୍କ କ୍ଷମତାକୁ ସଙ୍କୁଚିତ ଓ ପଞ୍ଚାୟତିରାଜ ବ୍ୟବସ୍ଥାର ୭୩ତମ ଅଧିନିୟମକୁ କ୍ଷୁଣ୍ଣ କରାଯିବା ପ୍ରତିବାଦରେ ଗୁରୁବାର ରଘୁନାଥପୁର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ୧୫ ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓ ତପନ କୁମାର ସେନାପତିଙ୍କୁ ପ୍ରଦାନ କରାଯାଇଛି। ସରପଞ୍ଚ ସଂଘର ସଭାପତି ବଟକୃଷ୍ଣ ନାୟକ ଓ ସାଧାରଣ ସମ୍ପାଦକ ସୁଷମା ମଲ୍ଲିକଙ୍କ ନେତୃତ୍ୱରେ ସମସ୍ତ ସରପଞ୍ଚ ଏକ ରାଲିରେ ଆସି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟତଃ ପଲ୍ଲିସଭା ଓ ଗ୍ରାମସଭାକୁ ଗୁରୁତ୍ୱ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଆସୁଥିବା ଅନୁଦାନକୁ ଗ୍ରାମସଭା ମାଧ୍ୟମରେ ପାରିତ, ସରପଞ୍ଚଙ୍କ ଭତ୍ତା ୨୩୫୦ ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି ଓ ଅବସର ପରେ ମାସିକ ୫ ହଜାର ଟଙ୍କା ପ୍ରଦାନ, ନାଏବ ସରପଞ୍ଚ ଓ ୱାର୍ଡସଭ୍ୟାସଭ୍ୟଙ୍କ ଭତ୍ତା ବୃଦ୍ଧି, ପଞ୍ଚାୟତକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା, ସରପଞ୍ଚଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ସହ ସ୍ୱାସ୍ଥ୍ୟକାର୍ଡ ଏବଂ ମୃତ୍ୟୁକାଳୀନ ୫୦ ଲକ୍ଷ ଟଙ୍କା ପ୍ରଦାନ, ପଞ୍ଚାୟତ କାର୍ଯ୍ୟ ପରିଚାଳନା ପାଇଁ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ୍, ଡାଟାଏଣ୍ଟ୍ରି ଅପରେଟର ସହ ପିଅନ ଓ ରାତ୍ର ଜଗୁଆଳିଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପାରିତୋଷିକ ପ୍ରଦାନର ବ୍ୟବସ୍ଥା ଓ ସର୍ବପରେ ୱାର୍ଡ ସଭ୍ୟାସଭ୍ୟଙ୍କ ଦ୍ୱାରା କରାଯାଉଥିବା ଅନାସ୍ଥା ପ୍ରସ୍ତାବକୁ ବନ୍ଦ କରାଯିବା ଆଦି ରହିଛି। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ସଂଘର ଉପସଭାପତି ସୁଶୀଳ ବାରିକ, ସମ୍ପାଦକ ସାହେଦା ତବସୁମ, କୋଷାଧ୍ୟକ୍ଷ ସୁଚିତ୍ରା ପଣ୍ଡା, ଉପଦେଷ୍ଟା ବିଷ୍ଣୁ ଚରଣ ସେଠୀ,କାଳନ୍ଦୀ ମହାନ୍ତି, ମନଜିନୀ ସାହୁ, ଜଗବନ୍ଧୁ ମଲ୍ଲିକ, ପ୍ରଭାସିନୀ ପ୍ରଧାନ, ନଳିନୀପ୍ରଭା ମୁଦୁଲି, ଜୟନ୍ତୀ ଦାସ, ଅମିତା ଖୁଣ୍ଟିଆ,ରୀନା ସ୍ୱାଇଁ, ମମତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ସେବା କେନ୍ଦ୍ର ଉପରେ ରେଳ ବିଭାଗ ପୋଲିସର ଚଢ଼ାଉ

ଡେରାବିଶ, ୧୪।୯(ବେବର୍ତ୍ତା ଅଜୟ ଦାସ)

**ରେଳ ଟିକେଟ ବ୍ଲକ କରୁଥିବା ଅଭିଯୋଗ**

ରେଳ ଯାତ୍ରୀଙ୍କ ପାଇଁ ଅନ୍‌ଲାଇନ୍‌ରେ ଟିକେଟ ବ୍ଲକ କରିବା ମହଙ୍ଗା ପଡ଼ିଛି। ଡେରାବିଶ ବ୍ଲକ ଅଧୀନ ଗୋଲରାହାଟଠାରେ ମୋ ସେବା କେନ୍ଦ୍ର ଖୋଲିଥିବା ଜଣେ ଯୁବକ ଅଧିକ ଟିକେଟ ବୁକିଂ କରିବା ନେଇ ଗୁରୁବାର ପାରାଦୀପ ରେଳ ବିଭାଗ ପୋଲିସ ପକ୍ଷରୁ ଏହି ସେବା କେନ୍ଦ୍ର ଉପରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ସେବା କେନ୍ଦ୍ରର ପରିଚାଳକ ଓ ତାଙ୍କ ଲାପଟପକୁ ରେଳ ବିଭାଗ ପୋଲିସ ନେଇ ଯାଇଥିବା ବେଳେ କ'ଣ ପାଇଁ ଏହି ସେବା କେନ୍ଦ୍ରରେ ଚଢ଼ାଉ କରାଯାଇଥିଲା ସେ ସମ୍ପର୍କରେ ଅଧିକାରୀମାନେ କୌଣସି ସୂଚନା ଦେଇ ନ ଥିଲେ। ରେଳ ବିଭାଗ ଇନ୍ସପେକ୍ଟର ବି. କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ।



ଜଳ ଯୋଗାଣ ପାଇଁ ଉତ୍ତ୍ୟକ୍ତ ଲୋକେ କଟକ- ପାରାଦୀପ ରାସ୍ତା ଅବରୋଧ କରିଛନ୍ତି।

# ରାସ୍ତାରୋକୋ: ଜଳଯୋଗାଣ ପରେ ଆନ୍ଦୋଳନ ପ୍ରତ୍ୟାହୃତ

କୁଜଙ୍ଗ, ୧୪।୯(ମନୋଜ ପ୍ରଧାନ)

**ବିଦ୍ୟୁତ୍ କାଟ ଯୋଗୁ ପାନୀୟ ଜଳ ଯୋଗାଣ ବନ୍ଦ ପ୍ରସଙ୍ଗ**

ବିଦ୍ୟୁତ୍ ବିଲ୍ ଦେୟ ପୈଠ ନ ହେବା ଫଳରେ ବିଭାଗ ପକ୍ଷରୁ ମଙ୍ଗଳବାରଠାରୁ କୁଜଙ୍ଗ ବ୍ଲକର ୧୦ଟି ପଞ୍ଚାୟତର ୧୬ଟି ପମ୍ପହାଉସରୁ ବିଜୁଳି ବିଚ୍ଛିନ୍ନ କରାଯାଇଥିଲା। ଫଳରେ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକ ୫୦ ଘଣ୍ଟାରୁ ଅଧିକ ସମୟ ଧରି ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ବ୍ଲକର ୧୦ ପଞ୍ଚାୟତ ହେଲା କୁଜଙ୍ଗ, ବାଗୋଇ, ଗୋପିଆକୁଦ, ଗଣ୍ଡକିପୁର, କୋଠି, ସାଇଲୋ, ତାଳପଡା, ଗରେଇ, ଗୋରଡ ଓ କାଠକୋଟ। ଏହାର ପ୍ରତିବାଦରେ ଗୁରୁବାର ତାଳପଡା, ସାଇଲୋ ଓ ଗରେଇ ପଞ୍ଚାୟତର ସରପଞ୍ଚଙ୍କ ସମେତ ଶତାଧିକ ଲୋକ ସାଇଲୋ-ତାଳପଡ଼ା ପଞ୍ଚାୟତ ମଧ୍ୟସ୍ଥଳ ତେରମାଣପୁର ଗଡ଼ାଠାରେ କଟକ-ପାରାଦୀପ ରାସ୍ତାରୋକୋ କରି ଆନ୍ଦୋଳନକୁ ଓହ୍ଲାଇ ଥିଲେ। ୧୦ଦିନ ମଧ୍ୟରେ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ଆସିବା ପରେ ବିଦ୍ୟୁତ୍ ଦେୟ ପଇଠ କରାଯିବା ପାଇଁ କହିବା ସହ ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ରଖିବାକୁ ବିଭାଗକୁ ଅନୁରୋଧ କରିଥିଲେ। ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ପମ୍ପ ହାଉସରୁ ଅପରାହ୍ନରୁ ଜଳ ଯୋଗାଣ ଆରମ୍ଭ ହୋଇଛି। ଯାହା ଫଳରେ କି ଜନସାଧାରଣ ରାସ୍ତାରୋକୋରୁ ହଟିଛନ୍ତି।

# ପଟ୍ଟାମୁଣ୍ଡାଇରେ ନିଶା କବଳରେ ଯୁବପିଢ଼ି

ପଟ୍ଟାମୁଣ୍ଡାଇ, ୧୪।୯(କଳ୍ପତରୁ ନାୟକ)

**ଷ୍ଟାଫ୍ ନ ଥିବାରୁ ଚଢାଉ କରି ହେଉନାହିଁ**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁ ଦିନ ଚୋରାମଦ, ଡ୍ରଗ୍ସ, ଗଞ୍ଜେଇ, ବ୍ରାଉନସୁଗାର କାରବାର ଖୁଲମ୍‌ଖୁଲା ଭାବେ ବଢ଼ି ଚାଲିଛି। ଗାଁ ଗହଳିରେ ଥିବା ପାନ ଦୋକାନଠାରୁ ଆରମ୍ଭ କରି ଭୁସାମାଲ ଦୋକାନ ପର୍ଯ୍ୟନ୍ତ ସବୁଠି ଖୁଲମ୍ ଖୁଲା ବେପାର ଚାଲିଛି। ଗାଁରେ ଚୋରାମଦ ସହ ଅନ୍ୟ ନିଶା ମିଳୁଥିବାରୁ ଗ୍ରାମ୍ୟ ପରିବେଶ ନଷ୍ଟ ହେବା ସହ ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଛାତ୍ରୀ, ଝିଅ, ବୋହୂ ବାହାରକୁ ଗଲା ବେଳେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ନିଶା କବଳରେ ପଡୁଥିବା ଯୁବପିଢି ଘରେ ଟଙ୍କା ପାଇଁ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଫଳରେ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଯାହା କି ପରିବାର ପାଇଁ ଏବେ ବଡ଼ ଚିନ୍ତାର ବିଷୟ ପାଲଟିଛି। ଏ ସମ୍ପର୍କରେ ଅବକାରୀ ବିଭାଗର କର୍ମଚାରୀଙ୍କୁ ପଚାରିବାରେ ଆମର ଷ୍ଟାଫ୍ ନାହାନ୍ତି ତେଣୁ ଚଢାଉ କରିପାରୁନାହୁଁ ବୋଲି କହିଛନ୍ତି। ଏହାକୁ ନେଇ ସାମାଜିକ କର୍ମୀ, ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। ସାମାଜିକ କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନ କହିଛନ୍ତି, ପଟ୍ଟାମୁଣ୍ଡାଇରେ ନିଶା କାରବାର ରୋକିବା ନିମନ୍ତେ ଅବକାରୀ କାର୍ଯ୍ୟାଳୟ ରହିଛି। ମାତ୍ର ତାହା ସବୁ ସମୟରେ ଖୋଲା ରହୁନି। ଗାଁ ଗହଳିରେ ଏବେ ଚୋରାମଦ କାଉଣ୍ଟର ଖୋଲିବାରେ ଲାଗିଛି। ଅବକାରୀ ବିଭାଗ ହାତଗଣତି କେତେଜଣ ବ୍ୟବସାୟୀଙ୍କୁ ଟାର୍ଗେଟ କରି ସେମାନଙ୍କଠାରୁ ଚୋରାମଦ, ଗଞ୍ଜେଇ ଆଦି ଜବତ କରି ଜେଲ ପଠାଉଛି। ମାତ୍ର ପରେ ବ୍ୟବସାୟୀ ଜଣକ ଜେଲରୁ ମୁକୁଳି ଆସି ପୁଣି ସୁରୁଖୁରୁରେ ବ୍ୟବସାୟ କରୁଛନ୍ତି। ବୁଦ୍ଧିଜୀବୀ ରବୀନ୍ଦ୍ର ଭଞ୍ଜ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମଦ୍ୟପାନର ଅଭ୍ୟାସ ଲୋକମାନଙ୍କ ଭିତରେ ବଢୁଥିଲା ବେଳେ, ଅନ୍ୟ ନିଶାର ପ୍ରକୋପ ମଧ୍ୟ କ୍ରମଶଃ ବଢ଼ିବାରେ ଲାଗିଛି। ଗାଁ ଗହଳିରେ ମଦୁଆଙ୍କର ସଂଖ୍ୟା ଅଧିକ ମାତ୍ରାରେ ବଢ଼ିବା ସହ ନିଶା କେତେଜଣ ଯୁବକଙ୍କୁ କବଳିତ କଲାଣି। ଦିନ ଥିଲା ଅଧିକାଂଶ ଯୁବକ ଅର୍ଥନୈତିକ ସ୍ତରରେ ପଛୁଆ ରହୁଥିଲେ। କିନ୍ତୁ ଏବେ ଅଧିକାଂଶ ଆର୍ଥିକସ୍ତରରେ ସ୍ୱଚ୍ଛଳ ଥିବା ପରିଲକ୍ଷିତ ହେଉଛି। ଏହାର କାରଣ ହେଉଛି ପିଲାମାନଙ୍କୁ ପରିବାରରୁ ଟଙ୍କା ସହଜରେ ମିଳି ଯାଉଛି। ପିଲାମାନଙ୍କୁ ଟଙ୍କା ମିଳିଯିବାରୁ ସେମାନେ ଏହାର ଦୁରୁପଯୋଗ କରି ନିଶା ସେବନ କରିବାକୁ ପଛାଉ ନାହାନ୍ତି। ଏବେ ବିଦ୍ୟାଳୟସ୍ତରରେ ପିଲାମାନେ ଗୁଟ୍‌ଖା, ସିଗାରେଟ୍ ଏପରି କି ମଦ ପିଉଥିବା ନଜରକୁ ଆସୁଛି। ତେଣୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଡ୍ରଗ ଟେଷ୍ଟିଂ ବାଧ୍ୟତାମୂଳକ କରାଗଲେ ଭଲ ହୁଅନ୍ତା। ଶିକ୍ଷାବିତ ପ୍ରେମାନନ୍ଦ ପାଣ୍ଡା କହିଛନ୍ତି, ଅଞ୍ଚଳର ନିଶା ବ୍ୟବସାୟୀମାନେ ୧୬ରୁ ୨୧ ବର୍ଷର ଛାତ୍ର ଓ ଯୁବକଙ୍କୁ ଟାର୍ଗେଟ ରଖୁଛନ୍ତି। ଅଧିକାଂଶ ଛାତ୍ର, ଯୁବକ ବ୍ରାଉନସୁଗାର ସେବନ କରୁଥିବା ବେଳେ ସେମାନଙ୍କ ସଂଖ୍ୟା ୮୦ ପ୍ରତିଶତରୁ ଅଧିକ। ବେକାର ଯୁବତୀଯୁବକ ନିଶା ମାଫିଆଙ୍କ ଜାଲରେ ଫସି ଚାଲିଥିବା ବେଳେ ସାରା ରାଜ୍ୟ ପାଇଁ ଏହା ବିପଦକୁ ଡାକି ଆଣୁଛି। ନିଶା ମାଫିଆଙ୍କ କବଳରୁ ଏହି ଛାତ୍ର ଓ ଯୁବକଙ୍କୁ ସୁରକ୍ଷିତ ରଖିବା ଦିଗରେ ଏଯାଏ କୌଣସି ବିଧିବଦ୍ଧ ଯୋଜନା କାର୍ଯ୍ୟକାରୀ ହେଉ ନାହିଁ। ଆଗକୁ ଏଭଳି ଲାଗି ରହିଲେ ପରିସ୍ଥିତି ବେକାବୁ ହୋଇଯିବ। ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ନିଶା ସାମଗ୍ରୀ ମଧ୍ୟରୁ ଅଧିକ ସଂଖ୍ୟାକ ବ୍ୟକ୍ତି ମଦ ପିଉଥିବା ବେଳେ ଗଞ୍ଜେଇ ଏବଂ ତା ପରକୁ ବ୍ରାଉନସୁଗାର ସେବନକାରୀ ରହିଛନ୍ତି। ଏହି ୩ ମୁଖ୍ୟ ନିଶାଦ୍ରବ୍ୟ ବ୍ୟତୀତ ଶସ୍ତା ହେଉଥିବା ବିଭିନ୍ନ ଔଷଧ, ଡେଣ୍ଡ୍ରାଇଟ୍ ଅଠା ଭଳି ସାମଗ୍ରୀକୁ ବି ନିଶା ପାଇଁ ବ୍ୟବହାର କରାଯାଉଛି। ସଚେତନତା ନାଁରେ ପ୍ରଶାସନ ପକ୍ଷରୁ ଯେତିକି ବୈଠକ ବସୁଛି, ସେତିକି ଦିନ ଚଢ଼ାଉ କରାଯାଉନାହିଁ। ଫଳରେ ବିଭିନ୍ନ ନିଶା ଖୋଲାଖୋଲି ବିକ୍ରି ହେଉଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ଆଇଆଇସି କମଳ ପାଇକରାୟଙ୍କୁ ପଚାରିବାରେ ଆମର ଆବଶ୍ୟକ ପରିମାଣର ଷ୍ଟାଫ ନ ଥିବାରୁ ଏତେ ବଡ଼ ଏରିଆରେ ବିଧିବଧ ଚଢାଉ ହୋଇପାରୁନି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସ୍କ୍ରବ ଟାଇଫସ୍ ରୋଗୀ ନୟାଗଡ଼ରେ ଚିହ୍ନଟ

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)

ବରଗଡ଼ ଜିଲାରେ ଆତଙ୍କ ଖେଳାଇଥିବା ସ୍କ୍ରବ ଟାଇଫସ୍ ରୋଗୀ ନୟାଗଡ଼ ଜିଲାରେ ଚିହ୍ନଟ ହୋଇଛନ୍ତି । ନୟାଗଡ଼ ମେଡିକାଲ ପଛ ପାଖ ଅଞ୍ଚଳର ଜଣେ ବ୍ୟକ୍ତି କିଛିଦିନ ତଳେ ବରଗଡ଼ ଓ ବଲାଙ୍ଗୀର ଯାଇଥିଲେ । ସେଠାରୁ ଆସିବା ପରେ ଜ୍ୱର କମି ନ ଥିଲା । ପରୀକ୍ଷା ପରେ ସ୍କ୍ରବ ଟାଇଫସ୍‌ରେ ସେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଏ କଥା ଜଣାପଡିବା ପରେ ସାଧାରଣରେ ଭୟର ବାତାବରଣ ଖେଳିଯାଇଛି । ନୟାଗଡ଼ ଜିଲାରେ ଡେଙ୍ଗୁ ରୋଗ ଚିନ୍ତାର କାରଣ ପାଲଟିଥିବା ବେଳେ ଏବେ ସ୍କ୍ରବ ଟାଇଫସ୍ ଅନୁରୂପ ଭୟ ବଢ଼ାଇଛି ।

### ଚିନିକଲରୁ ଚୋରି କରି ଗଲେ ଜେଲ

#### ଜବତ ହେଲା ଚିନିକଲ ଯନ୍ତ୍ରାଂଶ

ନୟାଗଡ଼ା,୧୪।୯(ଲୋକନାଥ ମିଶ୍ର)

ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଲରୁ ଯନ୍ତ୍ରାଂଶ ଚୋରି କରିବା ଅଭିଯୋଗରେ ଇଟାମାଟି ଥାନା ବଡପଣ୍ଡୁସରର କାହ୍ନୁ ଚରଣ ପାତ୍ର(୩୨)ଙ୍କୁ ନୟାଗଡ଼ ସଦର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ କାହ୍ନୁଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷେ ପିକ୍‌ଅପ୍ ଭ୍ୟାନ ସହ ୪୦ ହଜାର ଟଙ୍କାର ଚିନିକଲ ଯନ୍ତ୍ରାଂଶ ଜବତ ହୋଇଛି । ଅଭିଯୋଗ ଅନୁଯାୟୀ, ଚିନିକଲରୁ ବିଭିନ୍ନ ଯନ୍ତ୍ରାଂଶ ଚୋରି କରି ଏକ ଗାଡ଼ି(ନଂ.ଓଡ଼ି୦୨ ସିବି ୦୫୦୨)ରେ ଚାଲାଣ ହୋଇଥିଲା । ନୟାଗଡ଼ ସଦର ଥାନା ପୋଲିସ ପାଣିପୋଇଲା ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ବୁଧବାର ସନ୍ଧ୍ୟାରେ ଧରିଥିଲା । ଜବତ ଯନ୍ତ୍ରାଂଶର ମୂଲ୍ୟ ୪୦ ହଜାର ଟଙ୍କା ହେବ । ଏନେଇ ପୋଲିସ ୪୫୭, ୩୮୦, ୩୪ ଆଇପିସି ଦଫାରେ ମାମଲା (ନଂ.୧୬୬/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଛାତ୍ରୀଙ୍କ ନଗ୍ନ ଫଟୋ ଭାଇରାଲ

#### ଓଡଗାଁରେ ଉତ୍ତେଜନା

ନୟାଗଡ/ଓଡ଼ଗାଁ,୧୪।୯
(ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ ଜିଲା ଓଡ଼ଗାଁର ଏକ ଶିକ୍ଷାନୁଷ୍ଠାନର ଛାତ୍ରୀଙ୍କ ନଗ୍ନ ଫଟୋ ଭାଇରାଲ ହୋଇଛି । ଛାତ୍ରୀଙ୍କ ପ୍ରେମିକା ଏପରି ଫଟୋ ଭାଇରାଲ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ଜଣାପଡିବା ପରେ ଶିକ୍ଷାନୁଷ୍ଠାରୁ ଝିଅକୁ ପରିବାର ଲୋକ ନେଇ ଯାଇଛନ୍ତି। ତେବେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରାଯାଇ ନାହିଁ । ସୂଚନା ଅନୁସାରେ ସମ୍ପୃକ୍ତା ଛାତ୍ରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ତେବେ ଶିକ୍ଷାନୁଷ୍ଠାନ ବଦଳ ପରେ ଛାତ୍ରୀଜଣକ ସମ୍ପୃକ୍ତ ଯୁବକଙ୍କ ସମ୍ପର୍କକୁ ଭୁଲି ଯାଇଥିଲେ । ଏଣୁ ପ୍ରେମିକ ପ୍ରତିଶୋଧ ପରାୟଣ ହୋଇ ପ୍ରେମିକାଙ୍କ ନଗ୍ନ ଫଟୋକୁ ଭାଇରାଲ କରିଥିଲେ ବୋଲି ଜଣାପଡିଛି।

### ଦାୟିତ୍ୱ ଗ୍ରହଣ କଲେ ବନାଞ୍ଚଳ ଅଧିକାରୀ

ଖଣ୍ଡପଡ଼ା,୧୪।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାରେ ନୂତନ ବନାଞ୍ଚଳ ଅଧିକାରୀ ଭାବେ ଉଦିତ୍ କୁମାର ପ୍ରଧାନ କାର୍ଯ୍ୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧିକାରୀଙ୍କୁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଜଙ୍ଗଲ ସମ୍ପଦ ଓ ବନ୍ୟଜନ୍ତୁ ସୁରକ୍ଷାକୁ ସେ ପ୍ରାଥମିକତା ଦେବେ ବୋଲି ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଏଥିପୂର୍ବରୁ ପ୍ରଧାନ ବାଲିଗୁଡ଼ା ବନାଞ୍ଚଳ ଅଧିକାରୀଭାବେ କାମ କରୁଥିଲେ।

# ସର୍ଭେରେ ସୀମିତ ତାଳଚେର-ଗୋପାଳପୁର ରେଳପଥ

ଖଣ୍ଡପଡ଼ା,୧୪।୯
(ଅଜୟ କୁମାର ମହାରଣା)

ତାଳଚେରରୁ ଖଣ୍ଡପଡ଼ା, ନୟାଗଡ଼ ଦେଇ ବ୍ରହ୍ମପୁର ଗୋପାଳପୁରକୁ ନୂତନ ବ୍ରଡ଼ଗେଜ ରେଳପଥ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ପକ୍ଷରୁ ଇତିମଧ୍ୟରେ ୩ଥର ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇଛି। ୧୯୯୦ରେ ପ୍ରଥମେ ଉକ୍ତ ରେଳପଥ ନିର୍ମାଣ ନିମନ୍ତେ ସର୍ଭେ କରାଯାଇଥିଲା। ପୁନର୍ବାର ୨ୟ ଥର ପାଇଁ ୧୯୯୭ ଓ ୩ୟ ଥର ପାଇଁ ୨୦୦୩ରେ ସର୍ଭେ କରାଯାଇ ସବିଶେଷ ରିପୋର୍ଟ ପ୍ରସ୍ତୁତ ହୋଇଛି। ଏହି ପ୍ରକଳ୍ପ ପିଙ୍କ୍‌ବୁକ୍‌ରେ ସ୍ଥାନିତ ହୋଇଥିବାରୁ ବିଧି ବ୍ୟବସ୍ଥା କ୍ରମେ ୨୦୧୮-୧୯ ଆର୍ଥିକ ବର୍ଷରେ ଟୋକନ ମନି ଭାବେ ୫ ଲକ୍ଷ, ୨୦୧୯-୨୦ରେ ୧୦ ଲକ୍ଷ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ୧୦ ଲକ୍ଷ ଏପରି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଦକ୍ଷିଣପୂର୍ବ ରେଳପଥ ଅଧୀନରେ ଥିବା ତାଳଚେର-ଗୋପାଳପୁର ମଧ୍ୟରେ ରେଳପଥ ନିର୍ମାଣ ହେଲେ ତାଳଚେର କୋଇଲା ଖଣିରୁ ଗୋପାଳପୁର ବନ୍ଦରକୁ କୋଇଲା ପରିବହନ ସୁଗମ ହେବା ସହ ଦୂରତ୍ୱ ମଧ୍ୟ ହ୍ରାସ ପାଇବ । ଉକ୍ତ ନୂତନ ରେଳପଥଟି ନିର୍ମାଣଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥକୁ ନୟାଗଡ଼ ଠାରେ ସଂଯୋଗ କରିବ। ରେଳ ମନ୍ତ୍ରଣାଳୟ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ତାଳଚେର-ଗୋପାଳପୁର ମଧ୍ୟରେ ୨୯୩ କିମି. ନୂତନ ରେଳପଥ ନିର୍ମାଣ କରାଯିବ ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟର ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼ ଓ ଗଞ୍ଜାମ ଆଦି ଜିଲା ଦେଇ ଏହି ନୂତନ ରେଳପଥ ଅତିକ୍ରମ କରୁଥିବା ବେଳେ ପରିବହନ ଓ ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ମତ ପ୍ରକାଶ ପାଇଛି। ଉକ୍ତ ନୂତନ ରେଳପଥର ୨୨ଟି ସ୍ଥାନରେ ରେଳଗାଡ଼ି ରହଣି ନିମନ୍ତେ ଷ୍ଟେଶନ୍ ନିର୍ମାଣ କରାଯିବ। ଅନୁଗୋଳ, ଢେଙ୍କାନାଳ, ବଡ଼ମ୍ବା, କଣ୍ଟିଲୋ, ଖଣ୍ଡପଡ଼ା, ନୟାଗଡ଼, ଶରଣକୂଳ, ବୁଗୁଡ଼ା, ବାଲିପଦର, ସୁବଳୟା, ଆସ୍କା, ଧବଳପୁର, ହିଞ୍ଜିଳିକାଟୁ, କୁକୁଡ଼ାଖଣ୍ଡି ଓ ବ୍ରହ୍ମପୁର ଷ୍ଟେଶନ୍ ଦେଇ ଗଞ୍ଜାମ ଜିଲାର ଗୋପାଳପୁରକୁ ଏହି ରେଳପଥ ସଂଯୋଗ କରିବ ବୋଲି ଜଣାପଡ଼ିଛି। ଉକ୍ତ ନୂତନ ରେଳପଥରେ ନିର୍ମାଣ ହେବାକୁ ଥିବା ୨୨ଟି ରେଳ ଷ୍ଟେଶନ୍ ମଧ୍ୟରୁ ବ୍ରହ୍ମପୁର ଷ୍ଟେଶନ୍‌କୁ ବାଦ୍ ଦେଲେ ୧୬ଟି ୩ ଲାଇନ୍ ବିଶିଷ୍ଟ ଷ୍ଟେସନ୍, ୫ଟି ଦୁଇ ଲାଇନ୍ ବିଶିଷ୍ଟ ଷ୍ଟେଶନ୍ ହେବ । ପ୍ରତ୍ୟେକ ସ୍ଥାନରେ କର୍ମଚାରୀଙ୍କ ରହଣି ନିମନ୍ତେ ବାସଗୃହ ନିର୍ମାଣ କରାଯିବ। ଏହି ନୂତନ ରେଳପଥ କାର୍ଯ୍ୟକ୍ଷମ ହେଲେ ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଶ୍ରୀନୀଳମାଧବ କ୍ଷେତ୍ର କଣ୍ଟିଲୋ, ନୟାଗଡ଼ ଜିଲାର ଶରଣକୂଳସ୍ଥିତ ପ୍ରସିଦ୍ଧ ଲଡୁବାବାଙ୍କ ଶୈବପୀଠ, ଓଡ଼ଗାଁର ରଘୁନାଥଙ୍କ ପୀଠ ଓ କଟକ ଜିଲାର ବଡ଼ମ୍ବା ସ୍ଥିତ ମା'ଭଟ୍ଟାରିକାଙ୍କ ପୀଠକୁ ଦର୍ଶନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଆଗମନ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ସର୍ଭେ ରିପୋର୍ଟକୁ ଆଧାର କରି କେନ୍ଦ୍ର ସରକାରଙ୍କ ରେଳମନ୍ତ୍ରଣାଳୟ ତୁରନ୍ତ ତାଳଚେର-ଗୋପାଳପୁର ବ୍ରଡ଼ଗେଜ ରେଳପଥ ନିର୍ମାଣ ନିମନ୍ତେ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ଦାବି କରିଛନ୍ତି ।

# ଜଳର ସୁରକ୍ଷା, ସଂରକ୍ଷଣ ଉପରେ ଗୁରୁତ୍ୱ



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)

ନୟାଗଡ଼ର ସୋହମ ଓ ନେହେରୁ ଯୁବ କେନ୍ଦ୍ରର ସହାୟତାରେ ରାଜସୁନଖଳାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ବର୍ଷା ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଜଳ ସମ୍ବାଦ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୋହମର ସଭାନେତ୍ରୀ କବିତା ମିଶ୍ର, ଉପସଭାପତି ତଥା ବିଶିଷ୍ଟ ପରିବେଶବିତ୍ ପ୍ରକୃତି ବନ୍ଧୁ ଅନାଦି ଚରଣ ମହାନ୍ତି ଓ ସମ୍ପାଦକ କାମାକ୍ଷା ପ୍ରସାଦ ଦାଶ ଯୋଗଦେଇ ଜଳ ପ୍ରଦୂଷଣ, ଏହାର ସୁରକ୍ଷା ଓ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମନୋରଞ୍ଜନ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା କର୍ମଚାରୀଙ୍କ ସୁରକ୍ଷା ସଚେତନତା


ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

ନୟାଗଡ଼, ୧୪।୯ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଅଦାଲତ ପରିସରରେ ମହିଳା କର୍ମଚାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଦୌରାଜଜ ଆନନ୍ଦ ନାରାୟଣ ମହାରଣାଙ୍କ ଅନୁମତି କ୍ରମେ ପ୍ରାଧିକାରଣ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ବିଶେଷ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଏବଂ ସଚେତନତାର ଆଭିମୁଖ୍ୟ ବୁଝାଇଥିଲେ । ମହିଳା କୋର୍ଟ ବିଚାରପତି ରିନତୀ ମିଶ୍ର କର୍ମକ୍ଷେତ୍ର, କର୍ମଚାରୀ ଏବଂ ମହିଳାଙ୍କ କାର୍ଯ୍ୟ ଉପରେ ବ୍ୟାଖ୍ୟା କରିଥିଲେ । କୋର୍ଟ ରେଜିଷ୍ଟ୍ରର ବିଚାରପତି ନିଶାକର ସାହୁ, କୋର୍ଟ ପରିସରରେ ଆଭ୍ୟନ୍ତରୀଣ କମିଟି ଗଠନ ଏବଂ କାର୍ଯ୍ୟଶୈଳୀ ବୁଝାଇଥିଲେ। ବିଚାରପତି ସାବିତ୍ରୀ ଦାସ ମହିଳା ସୁରକ୍ଷାଜନିତ ଦଣ୍ଡବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ବିଶ୍ୱଜିତ ନାୟକ, ବରିଷ୍ଠ ବର୍ଗ ବିଚାରପତି, କର୍ମକ୍ଷେତ୍ରରେ କରଣୀୟ ଏବଂ ଅକରଣୀୟ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ସୁରକ୍ଷାର ଆବଶ୍ୟକତା ଏବଂ ବିଭିନ୍ନ ଦିଗ ଉପରେ ତର୍ଜମା କରିଥିଲେ । ଜିଲା ଏବଂ ଦୌରା ଜଜ ଆନନ୍ଦ ନାରାୟଣ ମହାରଣା ଅନୁଷ୍ଠାନ ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷାର ଆବଶ୍ୟକତା ଏବଂ ଏଥିଜନିତ ବିଭିନ୍ନ ବିଧି ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅଦାଲତ କର୍ମଚାରୀ ମନସ୍ୱିନୀ ପ୍ରହରାଜ, ବିଶ୍ୱଜିତ ନାୟକ ଏବଂ ସସ୍ମିତା ସାହୁ ନିଜ ଆଭିମୁଖ୍ୟ ରଖିଥିଲେ। ବିଚାରଳୟର ସମସ୍ତ କର୍ମଚାରୀ, ବାଳ ଅପରାଧ କମିଟିର ସଦସ୍ୟ, ଆଭ୍ୟନ୍ତରୀଣ ମହିଳା ସୁରକ୍ଷା କମିଟି ସଦସ୍ୟ, ଆରକ୍ଷୀ କର୍ମଚାରୀ ଏବଂ ଆଇନ ସ୍ୱେଚ୍ଛାସେବୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ସଦସ୍ୟ ମହମ୍ମଦ ଓମର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟାଙ୍ଗ ଭତ୍ତାରୁ ବଞ୍ଚିତ ମୃତ୍ୟୁଞ୍ଜୟ

ଖଜୁରୀପଡ଼ା,୧୪।୯(ବିଦୁର ବେହେରା)

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୃତିପଡା ପଞ୍ଚାୟତର ସିଦିଙ୍ଗୀ ଗ୍ରାମର ବୈନେତ୍ରି ଦେହୁରୀଙ୍କ ସ୍ୱାମୀ ମୃତ୍ୟୁଞ୍ଜୟ ଜଣେ ଦିବ୍ୟାଙ୍ଗ। ସାତ ବର୍ଷ ହେଲା ସେ ରୋଗ ଶଯ୍ୟାରେ ପଡି ରହିଛନ୍ତି। ତାଙ୍କୁ ଚିକିତ୍ସା କରିଥିଲେ ମଧ୍ୟ ପୂର୍ବ ପରି ଆଉ ସୁସ୍ଥ ହେଲେ ନାହିଁ। ଠିକ୍ ଭାବେ ଚାଲି ପାରନ୍ତି ନାହିଁ, କଥା କହିଲା ବେଳେ ଖନେଇ ଖନେଇ କୁହନ୍ତି। ବୈନେତ୍ରୀ ମୁଲ ଲାଗି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ଲଗାଣ ବର୍ଷାରେ ତାଙ୍କର କୁଡିଆ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ସରକାରୀ ସହାୟତା କହିଲେ ଚାଉଳ ୩୫ କିଲୋ ମିଳୁଛି। ବହୁ ଦିନ ପୂର୍ବେ ୪୦ ହଜାର ଟଙ୍କା ସହାୟତାରେ ଘର ଖଣ୍ଡେ ମିଳିଥିଲା। ଭତ୍ତା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ କେହି ତାଙ୍କର ଦୁଃଖ ଶୁଣୁନାହାନ୍ତି ବୋଲି କୋହଭରା କଣ୍ଠରେ କହିଛନ୍ତି ବୈନେତ୍ରୀ। ତେଣୁ ତାଙ୍କୁ ଘର ଖଣ୍ଡିଏ ଯୋଗାଇବା ସହିତ ମୃତ୍ୟୁଞ୍ଜୟଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

# ମହାନଦୀକୁ ନ ଯିବା ପାଇଁ ବନ ବିଭାଗର ସତର୍କତା

ଖଣ୍ଡପଡ଼ା,୧୪।୯
(ଅଜୟ କୁମାର ମହାରଣା)

ଗତ କିଛି ଦିନ ହେଲା ମହାନଦୀର ସିଧାମୂଳା ଠାରୁ କଣ୍ଟିଲୋ ପର୍ଯ୍ୟନ୍ତ ଏକାଧିକ କୁମ୍ଭୀର ବିଚରଣ କରୁଥିବା ଅଭିଯୋଗ ହେଉଥିଲା । ଏନେଇ ନଦୀ କୂଳିଆବାସୀ ଭୟଭୀତ ହୋଇଥିଲେ । ଗୁରୁବାର ଖଣ୍ଡପଡ଼ାବନ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ରରେ ମହାନଦୀକୁ ଏକାଧିକ କୁମ୍ଭୀର ଆସିଥିବାରୁ ନଦୀକୁ ସ୍ନାନ ଶୌଚାଦି ପାଇଁ ନ ଯିବାକୁ ଜନ ସଚେତନତା ସୃଷ୍ଟି କରିବାରେ ସାଧାରଣରେ ଆତଙ୍କ ଖେଳି ଯାଇଛି । ଭୟଭୀତ ହୋଇ ପଡିଥିବା ନଦୀ କୂଳବର୍ତ୍ତୀ କଣ୍ଟିଲୋ, ବାଣପୁର ଓ ସିଧାମୂଳା ଅଞ୍ଚଳବାସୀ ନଦୀ ମଧ୍ୟକୁ ଯାଉ ନ ଥିବା ପରିଲକ୍ଷିତ ହୋଇଛି ।

ସୂଚନାଯୋଗ୍ୟ, ବର୍ଷା ଦିନେ

## କୁମ୍ଭୀର ଆତଙ୍କ

ତଥା ମହାନଦୀର ବନ୍ୟା ସମୟରେ ଉପରମୁଣ୍ଡରେ ଥିବା ସାତକୋଶିଆ ଗଣ୍ଡରୁ ଏକାଧିକ କୁମ୍ଭୀର ନଦୀ ସ୍ରୋତର ତଳମୁଣ୍ଡକୁ ଆସି ଥାଆନ୍ତି। ପରବର୍ତ୍ତୀ ସମୟରେ ବନ୍ୟା ପାଣି ଛାଡିଯିବା ପରେ ସେମାନେ ସ୍ୱତଃ ନଦୀର ଉପରମୁଣ୍ଡକୁ ଚାଲିଯାଇଥାଆନ୍ତି । ତେବେ ନଦୀ କୂଳରେ ବସବାସ କରୁଥିବା ଅନେକ ବ୍ୟକ୍ତି ପ୍ରତ୍ୟେହ ନିତ୍ୟକର୍ମ ସମ୍ପନ୍ନ ପାଇଁ ମହାନଦୀ ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରେ ମହାନଦୀକୁ କୁମ୍ଭୀର ଆସିଥିବା ଅଭିଯୋଗ ପାଇବା ପରେ ନଦୀକୁ ନ ଯିବା ଲୋକମାନଙ୍କୁ ସଚେତନ କରାଯାଇଛି ବୋଲି କହିଛନ୍ତି।

# ସୂତାଖିଅରେ ୫୬ ମିଟର ରିଡିଂ କର୍ମଚାରୀଙ୍କ ଚାକିରି

ନୟାଗଡ,୧୪।୯(ଲୋକନାଥ ମିଶ୍ର)

## ସ୍ୱୟଂ ସହାୟକ ଗୋଷ୍ଠୀ ବୁଝିବା ପାଇଁ ଉଦ୍ୟମ ପରେ ଉଠିଲା ପ୍ରଶ୍ନ

ନୟାଗଡ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ୫୬ ମିଟର ରିଡିଂ ଅସ୍ଥାୟୀ କର୍ମଚାରୀଙ୍କ ଚାକିରି ଏବେ ସୂତାଖିଅରେ ଝୁଲୁଛି । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ନେବାକୁ ସରକାର ଘୋଷଣା କରିବା ପରେ ମିଟର ରିଡିଂ କର୍ମଚାରି ଅପଦସ୍ତ ହେବା ଆରମ୍ଭ ହେଲାଣି । ଅଭିଯୋଗ ଅନୁଯାୟୀ, ଚାକିରି ନ ଥିବାରୁ ୫୬ ଜଣ ମିଟର ରିଡିଂ କର୍ମଚାରୀ ସ୍ୱଳ୍ପ ଦରମାରେ ବି କାମ କରି ଆସୁଥିଲେ । ପିଲାଛୁଆ ଚଳାଇବା କଷ୍ଟକର ହେଉଥିଲା। ତେବେ ମହିଳା ସଶକ୍ତିକରଣ ନାଁରେ ସରକାର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଦ୍ୟୁତ୍ ଦାୟିତ୍ୱ ଦେଉଛନ୍ତି । ନୟାଗଡ଼ ଜିଲାରେ ୭୦ ପ୍ରତିଶତ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ନେଇ ସାରିଲେଣି । ଖୁବ୍‌ଶୀଘ୍ର ମିଟର ରିଡିଂ ଅସ୍ଥାୟୀ କର୍ମଚାରୀଙ୍କ ଚାକିରିକୁ ସ୍ୱୟଂ ସହାୟିକା ଗୋଷ୍ଠୀ କରିବାକୁ ଯାଉଛନ୍ତି । ଏଣୁ ମିଟର ରିଡିଂ ଅସ୍ଥାୟୀ କର୍ମଚାରୀ କାମ ହରାଇବେ । ପରିବାର ଭୋକିଲା ରହିବେ । ଏଭଳିସ୍ଥଳେ ଗୁରୁବାର ମିଟର ରିଡିଂ ଅସ୍ଥାୟୀ କର୍ମଚାରୀମାନେ ଜିଲାପାଳଙ୍କୁ ଭେଟି ସେମାନଙ୍କ ଚାକିରି ନ ଯିବାକୁ ନିବେଦନ କରିଛନ୍ତି।

# ପରିତ୍ୟକ୍ତ ହେଲ୍ପ ଡେସ୍କ, ବାପୁଙ୍କ ଚିରାଫଟା ଫଟୋ


ତହସିଲ ଅଫିସ୍‌ରୁ ଉଦ୍ଧାର ହୋଇଥିବା ବାପୁଙ୍କ ଚିରାଫଟୋ।

ଓଡ଼ଗାଁ,୧୪।୯ (ଆଦର୍ଶ କୁମାର ପଟ୍ଟନାୟକ)

## ଓଡ଼ଗାଁ ତହସିଲ

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ କାର୍ଯ୍ୟାଳୟ ପ୍ରବେଶ ପଥରେ କିଛି ବର୍ଷ ପୂର୍ବେ ପ୍ଲାଇରେ ନିର୍ମିତ ହେଲ୍ପ ଡେସ୍କ ଏକ ରକମ ଅବ୍ୟବହୃତ ହୋଇ ପଡି ରହିଛି । ୪ ଖଣ୍ଡ ପ୍ଲାଇରେ ନିର୍ମାଣ କରାଯାଇଥିବା ହେଲ୍ପ ଡେସ୍କ ଆଦୌ ବ୍ୟବହାର ହୋଇ ନ ଥିବା ମନେ ହେଉଛି । ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ସାମାଜିକ କର୍ମୀ ତଥା ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲିପ କୁମାର ବିଷୋୟୀ କୌଣସି କାମରେ ତହସିଲ ଅଫିସ ଯାଇଥିବା ବେଳେ ତାଙ୍କ ହେଲ୍ପ ଡେସ୍କ ଉପରେ ନଜର ପଡିଥିଲା । ସେ ଏହାକୁ ଖୋଲି ଦେଖିଲା ବେଳକୁ ଭିତର ସାରା ଅଳିଆ ଓ ଅଳନ୍ଧୁରେ ପରିପୂର୍ଣ୍ଣ ରହିଛି । ସେହିପରି ଏକ କାଚ ଓ ଗ୍ରୀଲ ଲଗା ଝରକାରେ ଅଳନ୍ଧୁ ଭିତରେ ଜାତି ପିତା ମହାତ୍ମା ଗାନ୍ଧୀଙ୍କ ଏକ ଫଟୋ ରଖାଯାଇଛି। ଏ ସଂକ୍ରାନ୍ତରେ ସେ ଉପସ୍ଥିତ କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। ହେଲେ କେହି କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ । ଏହାକୁ ନେଇ ସେ ବାପୁଙ୍କ ଫଟୋ ଧରି ଅଫିସ ସାମ୍ନାରେ ଧାରଣା ଦେଇଥିଲେ। ଅଫିସରେ ଅନୁପସ୍ଥିତ ଥିବା ତହସିଲଦାର ଅନୀଲ କୁମାର ଆଚାର୍ଯ୍ୟ ଜଣେ କର୍ମଚାରୀଙ୍କ ଫୋନରେ ଏନେଇ ତଦନ୍ତ କରାଯିବା ସହିତ ହେଲ୍ପ ଡେସ୍କ କାର୍ଯ୍ୟକାରୀ କରିବା ନେଇ ପ୍ରତିଶୃତି ଦେବାରୁ ସେ ଧାରଣାରୁ ଉଠିଥିଲେ । ଏ ସଂକ୍ରାନ୍ତରେ ସେ ୫-ଟି ସଚିବ, ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟର ମାଧ୍ୟମରେ ଅଭିଯୋଗ କରିଥିବା କହିଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କ ମତାମତ ମିଳିନଥିବା ବେଳେ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ ହେଲ୍ପ ଡେସ୍କକୁ ସଫା ସୁତୁରା କରାଯିବ ବୋଲି କହିଛନ୍ତି।

# ବୟଫ୍ରେଣ୍ଡ ସହ ବୁଲୁଥିଲେ, ଅଧ୍ୟକ୍ଷ ପ୍ରତିବାଦ କରିବାରୁ ଉତ୍ତେଜନା

ନୟାଗଡ଼/ଓଡ଼ଗାଁ,୧୪।୯
(ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ ଜିଲା ଓଡଗାଁର ଏକ ଶିକ୍ଷାନୁଷ୍ଠାନର ୩ଜଣ ଛାତ୍ରୀ ନିଜ ସାଇକେଲକୁ କଲେଜ ଷ୍ଟାଣ୍ଡରେ ରଖି ପ୍ରତ୍ୟହ ବୟଫ୍ରେଣ୍ଡଙ୍କ ସହ ବୁଲାବୁଲି କରୁଥିଲେ । ଶିକ୍ଷାନୁଷ୍ଠାନ ଛୁଟି ହେବା ପରେ ପ୍ରତ୍ୟହ କଲେଜ ଆସି ସାଇକେଲ ନେଇ ଘରକୁ ଫେରୁଥିଲେ । ଝିଅ ପାଠ ପଢୁଛି ନା କଣ କରୁଛି ପରିବାର ଲୋକେ ଜାଣି ପାରୁ ନ ଥିଲେ । ଏ କଥା ଜାଣିବା ପରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଏହାର ପ୍ରତିବାଦ କରି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସାଇକେଲ ନ ଦେବାକୁ କହିଥିଲେ । ଏପରି କି ବାପାଙ୍କୁ ଡାକି ସାଇକେଲ ନେବାକୁ ଛାତ୍ରୀମାନଙ୍କୁ କହିଥିଲେ । ହେଲେ ଛାତ୍ରୀମାନେ ବାପାଙ୍କୁ ନ ଡାକି ବୟଫ୍ରେଣ୍ଡମାନଙ୍କୁ ଶିକ୍ଷାନୁଷ୍ଠାନକୁ ଡାକି ସମ୍ପର୍କୀୟ ଭାଇ ପରିଚୟ ଦେଇ ସାଇକେଲ ନେବାକୁ ଚେଷ୍ଟା କରିଥିଲେ। ଅଧ୍ୟକ୍ଷ ସାଇକେଲ ନ ଦେଇ ବାପାଙ୍କୁ ଡାକି ଆଣିବାକୁ କହିଥିଲେ । ପରେ ଛାତ୍ରୀମାନଙ୍କ ବାପା ଆସି ଅଧ୍ୟକ୍ଷଙ୍କୁ ଗାଳିଗୁଲଜ ଓ ପାଟିତୁଣ୍ଡ କରି ସାଇକେଲ ନେଇଥିଲେ। ଆମ ଝିଅ ବୟଫ୍ରେଣ୍ଡ ସହ ବୁଲୁ କି କାହା ସାଥିରେ ବୁଲୁ ଅଧ୍ୟକ୍ଷ ମୁଣ୍ଡ ନ ପୁରାଇବାକୁ ତାଗିଦା କରିଥିଲେ। ବାପା ଝିଅଙ୍କୁ ଗାଳିଗୁଲଜ ନ କରି ଅଧ୍ୟକ୍ଷଙ୍କୁ ଗାଳିଗୁଲଜ କରି ଉତ୍ତେଜନା ସୃଷ୍ଟି କରିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣାକୁ ଆଗକୁ ନ ବଢ଼ାଇ ଅଧ୍ୟକ୍ଷ ଚୁପ ହେବାରୁ ମାମଲାର ସମାଧାନ ହୋଇଛି । ଏହି ଘଟଣା ଓଡ଼ଗାଁରେ ଚର୍ଚ୍ଚାର ବିଷୟ ହୋଇଛି।

# ଦଶପଲ୍ଲା, ନୂଆଗାଁରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଦଶପଲ୍ଲା/ନୂଆଗାଁ,
(ପ୍ରକାଶ କୁମାର ପାଣି/ଧନେଶ୍ୱର ସାହୁ)

ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ନିମନ୍ତେ ଦଶପଲ୍ଲା ଓ ନୂଆଗାଁ ପୋଲିସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା । ଦଶପଲ୍ଲା ଥାନା ଫ୍ଲାଗ୍‌ମାର୍ଚ୍ଚ ବାହାରି ବିଭିନ୍ନ ବଜାର ଦେଇ ତ୍ରିନାଥ ବଜାର ପର୍ଯ୍ୟନ୍ତ ଯାଇଥିଲା । ସେଠାରୁ ପୋଲିସ ଟିମ୍ ଫେରିଥିଲେ । ଦଶପଲ୍ଲା ଥାନା ଆଇଆଇସି ମୁକେଶ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଫ୍ଲାଗ୍‌ମାର୍ଚ୍ଚରେ ଦଶପଲ୍ଲା ଥାନାର ସମସ୍ତ ପୋଲିସ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ସେହିପରି ନୂଆଗାଁ ଥାନା ପକ୍ଷରୁ ଗୁରୁବାର ଫ୍ଲାଗ୍ ମାର୍ଚ୍ଚ ସହିତ ଲୋକମାନଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ସଚେତନ କରାଯାଇଥିଲା ।ଏହି କ୍ରମରେ ନୂଆଗାଁ ଥାନା ଅଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ନେତୃତ୍ୱରେ ନୂଆଗାଁ ଥାନା ପୋଲିସ ତରଫରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା । ଏହି ଫ୍ଲାଗମାର୍ଚ୍ଚ ଥାନାଠାରୁ ବାହାରି ବଜାର ପରିକ୍ରମା କରିଥିଲା । ଆଗକୁ ପାର୍ବଣର ସମୟ ଆସୁଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।


ନୂଆଗାଁ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥାନାନ୍ତରକୁ ବିରୋଧ

ଖଣ୍ଡପଡ଼ା,୧୪।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର କେନ୍ଦ୍ରସ୍ଥଳରେ ତଥା ତହସିଲ ଓ କୋର୍ଟ କାର୍ଯ୍ୟାଳୟ ନିକଟରେ ଥିବା ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟତ୍ର ସ୍ଥାନାନ୍ତରକୁ ବହୁ ବ୍ୟବସାୟ ପ୍ରତିଷ୍ଠାନ ବିରୋଧ କରିବା ସହ ଏ ସମ୍ପର୍କୀତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ସଚିବ, ନୟାଗଡ଼ ଜିଲାପାଳଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ, ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱ ତଥା ସହରର ଉପକଣ୍ଠ ୧୨ ନଂ. ୱାର୍ଡ଼ରେ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ନୂତନ କୋଠା ନିର୍ମାଣ କାର୍ଯ୍ୟ ପୂର୍ତ୍ତବିଭାଗ ପକ୍ଷରୁ ଯୁଦ୍ଧକାଳୀନଭିତ୍ତିରେ ଚାଲିଛି। ନୂତନ କୋଠା ନିର୍ମାଣ କାର୍ଯ୍ୟ ଶେଷପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ସେଠାକୁ ସ୍ଥାନାନ୍ତର ହେବ । ଫଳରେ ଦୀର୍ଘବର୍ଷ ଧରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚତୁଃପାର୍ଶ୍ୱରେ ଗଢି ଉଠିଥିବା ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଔଷଧ ଓ ଜଳଖିଆ ଦୋକାନୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଦେଖାଦେଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ଯେଉଁଠି କରାଯାଉଛି ସେଠାରେ ରୋଗୀମାନେ ରହିବା ଓ ସେମାନଙ୍କୁ ଦେଖାଶୁଣା କରିବାରେ ଡ଼ାକ୍ତରମାନେ ଅସୁବିଧାର ସମ୍ମୁଖୀନ ହେବେ। ସହରଠାରୁ କିଛି ଦୂରରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟରାସ୍ତା ପାର୍ଶ୍ୱରେ ନିର୍ମାଣ କରାଯାଉଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ପଛପାଖ ସଂରକ୍ଷିତ ଜଙ୍ଗଲ ଜମିକୁ ଲାଗି ରହିଥିବାରୁ ସଦାସର୍ବଦା ସରିସୃପଙ୍କ ଭୟ ଲାଗି ରହିବ । ପୁନଶ୍ଚ ସ୍ୱାସ୍ଥ୍ୟକେନ୍ଦ୍ରର ପୁରାତନ କୋଠାରେ ବିଗତ ବର୍ଷରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଏହାର ନବୀକରଣ କାର୍ଯ୍ୟ ଶେଷ ପରେ ସ୍ୱାସ୍ଥ୍ୟକେନ୍ଦ୍ରଟି କାୟାକଳ୍ପ ଟିମ୍ ଦ୍ୱାରା ପୁରସ୍କାରପ୍ରାପ୍ତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଦା ସର୍ବଦା ଡ଼ାକ୍ତର, ଷ୍ଟାଫ୍‌ନର୍ସ ଓ କର୍ମଚାରୀମାନେ ସଜାଗ ରହୁଥିବା ବେଳେ ନୂତନ କୋଠାରେ ଏ ସବୁର ସୁବିଧା ନ ଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥାନାନ୍ତର ପ୍ରକ୍ରିୟା ବନ୍ଦ କରିବା ନିମନ୍ତେ ଜିଲା ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ନଚେତ୍ ଆଗାମୀ ଦିନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟତ୍ର ସ୍ଥାନାନ୍ତରକୁ ବିରୋଧ କରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଏ ସମ୍ପର୍କରେ ଖଣ୍ଡପଡ଼ା ବାର ଆସୋସିଏଶନର ସମ୍ପାଦକ ବିକ୍ରମ କେଶରୀ ଦେଓ କୁହନ୍ତି, ଖଣ୍ଡପଡ଼ା ମଧ୍ୟଭାଗରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ବହୁ ଔଷଧ ଦୋକାନ ସହ ହୋଟେଲ ଓ ଜଳଖିଆ ଦୋକାନ ଗଢି ଉଠିଛି । ସଂପୃକ୍ତ ବ୍ୟବସାୟୀମାନେ ଡ଼ାକ୍ତରଖାନା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ଅନ୍ୟତ୍ର ସ୍ଥାନାନ୍ତର ହେଲେ ବ୍ୟବସାୟୀ ଓ ଅନ୍ୟାନ୍ୟ ବାସିନ୍ଦା ସେମାନଙ୍କ ଜୀବନ ଜୀବିକା ହରାଇବାର ସମ୍ଭାବନା ରହିଛି । ତେଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ସେମାନଙ୍କୁ ଭଡ଼ାରେ ପ୍ରଦାନ କରାଗଲେ ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟ ହେବା ସହ ମେଡିକାଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିମାନେ ଉପକୃତ ହୋଇ ପାରିବେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଚିକିତ୍ସା ଅବହେଳାରୁ ୪ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ

**ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା**

ଯାଜପୁର ଟାଉନ,୧୪।୯ (ପ୍ରଯଲ୍କା ପ୍ରିୟଦର୍ଶିନୀ ମହାନ୍ତି):



ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତକଙ୍କ ସମ୍ପର୍କୀୟମାନେ ହୋହଲ୍ଲା କରୁଛନ୍ତି।

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ୪ ବର୍ଷ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ପୋଲିସ ପହଞ୍ଚି ଏହାକୁ ଆୟତ୍ତ କରିଛି।

ସୂଚନା ମୁତାବକ, ଯାଜପୁର ସଦର ଥାନା ଅନ୍ତର୍ଗତ ସିମିଳିଆ ଗ୍ରାମର ଅଜିତ ନାୟକଙ୍କ ଏକମାତ୍ର ଶିଶୁକନ୍ୟା ପ୍ରିୟାଂଶିଙ୍କ ଗୁରୁବାର ସକାଳୁ ଦେହ ଖରାପ ହୋଇଥିଲା। ତେଣୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାତଃ ୪ଟା୩୦ ମିନିଟରେ ନିଆଯାଇ ଶିଶୁ ଭବନରେ ଭର୍ତ୍ତି କରାଯାଇଥିଲା। ସେଠାରେ କାର୍ଯ୍ୟରତ ଥିବା ଡା. ଜ୍ଞାନରଞ୍ଜନ ସାହୁ ବିଳମ୍ବରେ ଶିଶୁ କନ୍ୟାଙ୍କୁ ଦେଖିବା ସହ ଚିକିତ୍ସା କରାଇଥିଲେ ବୋଲି ମୃତ କନ୍ୟାଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଶିଶୁକନ୍ୟାଙ୍କ ଚିକିତ୍ସା ଠିକ୍ ଭାବେ ନ ହେବାରୁ ସେଠାରେ କାର୍ଯ୍ୟରତ ନର୍ସମାନଙ୍କ ସହ ଯୋଗାଯୋଗ କରିଥିଲେ। ମାତ୍ର ସମ୍ପର୍କୀୟମାନଙ୍କୁ ନର୍ସମାନେ ଦୁର୍ବ୍ୟବହାର କରିବା ସହ ଠିକ୍ ଚିକିତ୍ସା କରି ନ ଥିଲେ। ଅନ୍ୟପକ୍ଷରେ ପ୍ରଥମେ ଶିଶୁଟିକୁ ଚିକିତ୍ସା କରିଥିବା ଡା. ସାହୁଙ୍କ ନାଇଟ ଡ୍ୟୁଟି ଥିବାରୁ ସେ ସକାଳ ସମୟରେ ଘରକୁ ଚାଲିଯାଇଥିଲେ। ଶିଶୁଙ୍କ ଦେହ ଅଧିକ ଖରାପ ହେବାରୁ ସେଠାରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ ଚିତ୍ତ ସାହୁ ଜଣେ ନର୍ସଙ୍କୁ ଜଣାଇବାରୁ ସେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା କରିଥିଲେ ବୋଲି କହିଥିଲେ। ଏହାପରେ ସକାଳ ୮ରେ ଅନ୍ୟ ଜଣେ ଡାକ୍ତର ରାଉଣ୍ଡରେ ଆସି ଶିଶୁକନ୍ୟା ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଦେଖି ତାଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରିଥିଲେ। ଏହା କିଛି ସମୟ ପରେ ଶିଶୁ କନ୍ୟାଙ୍କ ସେଠାରେ ମୃତ୍ୟୁ ହୋଇ ଯାଇଥିଲା। ଏହି ଖବର ଶୁଣିବା ପରେ ଉତ୍ତେଜନା ଦେଖା ଦେଇଥିଲା। ଉତ୍ତେଜନାକୁ ଆଖିଆଗରେ ରଖି ଘଟଣାସ୍ଥଳରେ ଯାଜପୁର ଟାଉନ ଥାନା ପୋଲିସ ଏବଂ ସଦର ଥାନା ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ପୋଲିସ ମୃତ କନ୍ୟାଙ୍କ ସମ୍ପର୍କୀୟଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଶାନ୍ତ ପଡିଥିଲା। ଏନେଇ ଯାଜପୁର ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣାଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସୂଚନା ଦେଇଛନ୍ତି।

# ତୋରଣ ନିର୍ମାଣରେ ବାଧକ ଲଘୁଚାପ ବର୍ଷା





ଲଘୁଚାପ ବର୍ଷା ଯୋଗୁ ପାରାଦୀପ ବିଶ୍ୱକର୍ମା ପୂଜା ପାଇଁ ତୋରଣ ନିର୍ମାଣ କାମ ବିଳମ୍ବ ହେଉଛି।

ପାରାଦୀପ, ୧୪।୯(ଶରତ ରାଉତ)

- ପାରାଦୀପ ବିଶ୍ୱକର୍ମା ପୂଜା ଆଉ ୩ ଦିନ
- ଓହରିଲେ ୫ରୁ ଅଧିକ ବଡ଼ ଆୟୋଜକ

ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ଆସନ୍ତା ୧୭ ତାରିଖ ରବିବାରଠାରୁ ଆରମ୍ଭ ହେବ । ଏଥିପାଇଁ ଆୟୋଜକମାନେ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ତୋରଣ କାମ ଅଧା ହେଲାଣି। କିନ୍ତୁ ବୁଧବାର ଏଥିରେ ବାଧକ ସାଜିଛି ଲଘୁଚାପ ଜନିତ ବର୍ଷା। ଲଗାଣ ବର୍ଷା ଯୋଗୁ ତୋରଣ ନିର୍ମାଣ କାର୍ଯ୍ୟ ଧିମେଇ ଯାଇଛି। ମଣ୍ଡପ ଭିତରେ ଆଭ୍ୟନ୍ତରୀଣ ସାଜସଜ୍ଜା କାମ ଚାଲିଥିବା ବେଳେ ବାହାର କାମ ହୋଇପାରୁନି ବୋଲି ଟେଣ୍ଟ ନିର୍ମାତା ମନୋଜ ସ୍ୱାଇଁ କୁହନ୍ତି।

ପାରାଦୀପର ବିଶ୍ୱକର୍ମା ପୂଜା ମହୋତ୍ସବ ୧୯୬୭ରୁ ଚାଲିଛି। ସମୟାନୁସାରେ ମଣ୍ଡପ ସଂଖ୍ୟା ବୃଦ୍ଧି ପାଇବା ସହ ଆକର୍ଷଣୀୟ ହେବାର ଲାଗିଥିଲା। ଏହା ପାରାଦୀପର ଅନ୍ୟତମ ଗଣପର୍ବ ଥିଲା। ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ୩ ବର୍ଷ କୋଭିଡ୍ କଟକଣା ପାଇଁ ବନ୍ଦ ଥିଲା। ଚଳିତବର୍ଷ ପୁଣି ଆରମ୍ଭ ହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବଡ଼ପଡିଆ ଥାନା ଛକଠାରୁ ନୂଆବଜାର ହୋଟେଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଦୁଇ ପାର୍ଶ୍ୱରେ ୨୯ ତୋରଣ ହେଉଥିଲା। ସେଥିରେ ବଡ଼ ମଣ୍ଡପ ୧୨ଟି ରହୁଥିଲା। ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଅର୍ଥାତ ୫ଟି ବଡ଼ ମଣ୍ଡପ ଆୟୋଜକ ଓ ଅନ୍ୟ ଛୋଟ ମଣ୍ଡପ ଗୁଡ଼ିକ ସେମାନଙ୍କ ମଣ୍ଡପ କରି ନାହାନ୍ତି। ଯେଉଁଥିରେ ପ୍ରମୁଖ ଭାବେ ୩ଟି ଟ୍ରକ ମାଲିକ ସଂଘ, ବିଶ୍ୱନାଥ ଡମ୍ପର ସଂଘ, ପୋର୍ଟ ମେରାଇନ୍ ବିଭାଗ, ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପ୍ରମୁଖ ଅଛନ୍ତି। ଏହି ମଣ୍ଡପଗୁଡ଼ିକ ବିଶ୍ୱକର୍ମା ପୂଜା ପାଇଁ ୩୦ରୁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥାନ୍ତି। ଚଳିତବର୍ଷ ଓହରି ଯିବା ପ୍ରସଙ୍ଗରେ ଅନେକ କାରଣ ଦର୍ଶାଉଛନ୍ତି। କିଏ କହୁଛି ଆମକୁ ଜାଗା ଓ ବିଦ୍ୟୁତ୍ ଦେୟ ମୁକ୍ତ କରିଥିଲେ କରିଥାନ୍ତୁ। ଆଉ କେତେଜଣ କହୁଛନ୍ତି, ଅର୍ଥ ଅଭାବ। ସେମାନେ ଯେଉଁ ବ୍ୟାଙ୍କ ଛକରେ ମଣ୍ଡପ କରୁଥିଲେ ସେଠାରେ ଏବେ ଫାଙ୍କା ଫାଙ୍କା ରହିଛି। ବଡ଼ ମଣ୍ଡପ ମଧ୍ୟରେ ଚଳିତବର୍ଷ ଅଛନ୍ତି, ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା), ପୋର୍ଟ ଜନସ୍ୱାସ୍ଥ୍ୟ ବିଭାଗ, ପାରାଦୀପ ଡମ୍ପର ସଂଘ, ପୋର୍ଟ ଡକ୍ ୱାର୍କର ୟୁନିୟନ, ଭାରତୀୟ ମଜଦୁର ସଂଘ ପ୍ରମୁଖ। ଆର୍ଥିକ ମାନ୍ଦାବସ୍ଥା ଓ ବ୍ୟୟବହୁଳ ପୂଜା ପାଇଁ ଆୟୋଜକମାନେ ପଛଘୁଞ୍ଚା ଦେଲେଣି। ଅପରପକ୍ଷେ ପୂଜାରେ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଦୁଇଥର ସମୀକ୍ଷା ବୈଠକ ଶେଷ ହୋଇଛି। ପୌର ପରିଷଦ ତା'ର ମୌଳିକ ସେବା ଯୋଗାଇ ଦେବା ପାଇଁ ବ୍ୟାପକ ପ୍ରସ୍ତୁତି କରିଛି। ଚଳିତବର୍ଷ ପୂଜା ସମୟରେ ୫ଟି ଅପେରା ସବ୍‌ଷ୍ଟେଶନ ଛକରେ ହେବ ବୋଲି ହୋର୍ଡିଂ ଲଗାଇଛନ୍ତି।

# ସିଆର୍‌ପିଏଫ୍ ଯବାନଙ୍କ ମୃତଦେହକୁ ସବୁଠି ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୧୪।୯ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ସହର ସୁନାଇଲୋ ଗ୍ରାମର ସିଆର୍‌ପିଏଫ୍ ଯବାନ ସଂଗ୍ରାମ ମହାନ୍ତିଙ୍କ ମୃତଦେହକୁ ଜିଲା ସାରା ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଗୁରୁବାର ଅପରାହ୍ଣରେ ସହରର ରଣପଡ଼ାସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଜିଲା ପୋଲିସ ଓ ଛତିଶଗଡ଼ସ୍ଥ ସିଆର୍‌ପିଏଫ୍ ଯବାନ ଏଥିରେ ସାମିଲ ହୋଇ ସମ୍ମାନ ଜଣାଇଛନ୍ତି। ସଂଗ୍ରାମଙ୍କ ଘର ଯାଜପୁର ଜିଲା ବରୀ ଥାନା ଅଞ୍ଚଳରେ। ତେବେ ତାଙ୍କ ମାମୁଘର ସୁନାଇଲୋରେ ପରିବାର ସଦସ୍ୟମାନେ ସ୍ଥାୟୀ ଭାବେ ରହି ଆସିଛନ୍ତି। ବୁଧବାର ସକାଳ ସମୟରେ କ୍ୟାମ୍ପର ପ୍ରଶିକ୍ଷଣ ସମୟରେ ସଂଗ୍ରାମଙ୍କର ହୃଦ୍‌ଘାତ ହୋଇଥିଲା। ସେଠାରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଶବାଧାର ଚାନ୍ଦୋଳଠାରେ ପହଞ୍ଚିବା ପରେ ତାଙ୍କୁ ବଜାର କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସହରର ତିନିମୁହାଣୀଠାରେ ପୂର୍ବତନ ସୈନିକ ସଂଘ ପକ୍ଷରୁ କ୍ୟାପଟେନ ସୁରେନ୍ଦ୍ର ସାହୁ, ସୁବେଦାର ବୀରବର ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥଲା। ସେହିପରି ମହିପାଳଠାରେ କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରଣପଡ଼ାସ୍ଥିତ ଶ୍ମଶାନରେ ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ତରାଇ, ଯୁବନେତା ରାଜେଶ ପଣ୍ଡା, ରାଜେଶ ଦାସ, ରଞ୍ଜିତ ସାହୁ, ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ସାନଭାଇ ସମ୍ବିତ ମୁଖାଗ୍ନି ଦେଇଥିଲେ।

# ଗଡିଆରେ ବୁଲୁଛି କୁମ୍ଭୀର ଛୁଆ



ରାଜନଗର,୧୪।୯(ଭାସ୍କର ରାଉତରାୟ)

ପାଖରେ ନଦୀ କି କେନାଲ ନାହିଁ। କେନାଲ ଓ ନଦୀର ଦୂରତା ଅଧ କିମିରୁ ଅଧିକ। ମାତ୍ର ପାଣିଜମିରହିଥିବା ଖାଲୁଆ ସ୍ଥାନରେ କୁମ୍ଭୀର ଛୁଆ ବୁଲୁଛି। ଲୋକେ କୁମ୍ଭୀର ଛୁଆକୁ ଦେଖି ଭୟଭୀତ ହୋଇ ପଡିଛନ୍ତି। ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ହଂସୁଆଗୁଳା ଗାଁର ମେଘନାଦ ସାହୁଙ୍କ ଘର ପାଖରେ ଗୋଟିଏ ଗଡ଼ିଆ ରହିଛି। ଏହି ଗଡ଼ିଆରେ ଦଳ ରହିଛି । କିଛି ସ୍ଥାନ ଫାଙ୍କା ରହିଛି। ଗୁରୁବାର ଗଡ଼ିଆରେ ଏକ ଛୋଟ କୁମ୍ଭୀର ଛୁଆ ଭାସୁଥିବା ଲୋକେ ଦେଖିଥିଲେ। ସେହି ଗାଡ଼ିଆଠାରୁ ବ୍ରାହ୍ମଣୀ ନଦୀର ଦୂରତା ଅଧ କିମିରୁ ଅଧିକ ହୋଇଥିବା ବେଳେ କିପରି କୁମ୍ଭୀର ଛୁଆ ଆସିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ମୋନାଲିସା



@ ଶୁଭେନ୍ଦୁ



@ ରଶ୍ମିରଞ୍ଜନ



@ ସିପୁନ



@ ପ୍ରଶାନ୍ତ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ୭ ଜଣଙ୍କୁ ୭ ବର୍ଷ ଲେଖାଏ ଜେଲଦଣ୍ଡ

**ରଘୁନାଥପୁରର ହିମାଂଶୁ ହତ୍ୟା ମାମଲା**

ଜଗତ୍‌ସିଂହପୁର, ୧୪।୯ (ପ୍ରମୋଦ କୁମାର ନାୟକ)

୨୦୨୧ରେ ରଘୁନାଥପୁର ଗ୍ରାମର ହିମାଂଶୁ ରଣା ନାମକ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନ ୮ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୭ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ନିକଟସ୍ଥ ବୋଦର ଗ୍ରାମର ପୀତବାସ ପଲେଇ, ମନୋରଞ୍ଜନ ବାରିକ, ସନାତନ ଦାସ, ବରଦା ବେହେରା, ସତ୍ୟଜିତ ନାୟକ, ରଞ୍ଜିତ ଭୋଇ ଓ ନବ ସେଠୀ। ଏଥିସହ ପ୍ରତ୍ୟେକଙ୍କ ଉପରେ ୫ ହଜାର ଲେଖାଏ ଜରିମାନା ଧାର୍ଯ୍ୟ କରାଯାଇଛି। ଏହି ରାଶି ଅନାଦେୟ ହେଲେ ଅଧିକ ୩ ମାସ ଲେଖାଏ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଅବକାଶ ସେଠୀ ଫେରାର ଅଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର କୋର୍ଟ ପିପି (ପବ୍ଲିକ ପ୍ରସିକ୍ୟୁଟର) ନଳିନୀକାନ୍ତ ମହାରଣା କହିଛନ୍ତି, ୧୫।୧୦।୨୧ ଦଶହରା ଦିନ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ହିମାଂଶୁ ଓ ଶ୍ରୀକାନ୍ତ ପରିଡ଼ା ଏକ ବାଇକ୍ ଯୋଗେ ସିର୍ଲୋସ୍ଥିତ ଦୁର୍ଗାପୂଜା ମେଢ଼ ଦେଖିବାକୁ ଯାଉଥିଲେ। ଏହି ସମୟରେ ବାଟରେ ବାଇକ୍ ସାଇଡ କଟାକୁ ନେଇ ସେମାନଙ୍କ ସହ ଦୋଷୀମାନଙ୍କ ପ୍ରଥମେ ବଚସା ଓ ପରେ ମାରଧର ହୋଇଥିଲା। ପରିସ୍ଥିତି ଏଭଳି ହୋଇଥିଲା ଯେ, ସମସ୍ତ ୭ ଜଣ ଯାକ ଦୋଷୀ ମରଣାନ୍ତକ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଫଳରେ ଘଟଣାସ୍ଥଳରେ ହିମାଂଶୁଙ୍କ ମୃତ୍ୟୁ ହୋଇଯାଇଥିଲା। ଶ୍ରୀକାନ୍ତ ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ସୌଭାଗ୍ୟବଶତଃ ଶ୍ରୀକାନ୍ତ ମୋବାଇଲ ଯୋଗେ ତାଙ୍କ ଗାଁ ପିଲାଙ୍କୁ ସୂଚନା ଦେଇ ଦେବାରୁ ଅଳ୍ପକେ ବଞ୍ଚି ଯାଇଥିଲେ। ଏହି ଯୁବକମାନେ ହିମାଂଶୁ ଓ ଶ୍ରୀକାନ୍ତଙ୍କୁ ପ୍ରଥମେ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ର ନେବା ବ୍ୟବସ୍ଥା କରିଥିଲେ। ସେଠାରେ ଡାକ୍ତର ହିମାଂଶୁଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀକାନ୍ତ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇ ଅଧିକ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଥିଲେ। ପରେ ମୃତ ହିମାଂଶୁଙ୍କ ବଡ ଭାଇ ବଳରାମ ରଣାଙ୍କ ଅଭିଯୋଗ ଆଧାରରେ ରଘୁନାଥପୁର ପୋଲିସ ନଂ. ୧୪୨/୨୧ରେ ମାମଲା ରୁଜୁ ସହ ତଦନ୍ତ କରିଥିଲା। ମାମଲାର ବିଚାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ପିପି ମହାରଣା କହିଛନ୍ତି।

# କୁମ୍ଭୀର ଭୟରେ ବୁଡୁଛି ଜୀବିକା



ଖରିନାସି ଗଳିଆ ନଦୀ ପାର୍ଶ୍ୱ ବୁଦାମୂଳେ ଏକ କୁମ୍ଭୀର ଛକି ରହିଛି।

ମହାକାଳପଡ଼ା,୧୪।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- କୁମ୍ଭୀର ମୁହଁରୁ ଅଳ୍ପକେ ବର୍ତ୍ତିଥିଲେ ୨ ମହିଳା
- ନଦୀ ନାଳରେ ବଢ଼ିଛି କୁମ୍ଭୀରଙ୍କ ଉପଦ୍ରବ
- ୮ ବର୍ଷ ପରେ ବି ମିଳୁନି ଆର୍ଥିକ ସହାୟତା

କୁମ୍ଭୀରମାନେ ଦୈନିକ ୧୦କେଜିରୁ ଅଧିକ ଖାଦ୍ୟ ଖାଇଥାଆନ୍ତି। ଏବେ ନଦୀ ନାଳରେ ମାଛ କଙ୍କଡ଼ା ଭଳି ଜଳଚରଜୀବ ଆବଶ୍ୟକ ପରିମାଣରେ ମିଳୁ ନ ଥିବାରୁ କୁମ୍ଭୀରମାନେ ମଣିଷ ସମେତ ଛେଳି, ମେଣ୍ଢା, ବତକମାନଙ୍କୁ ଆକ୍ରମଣ କରୁଥିବା ନଜିର ରହିଛି। ସେଥିପାଇଁ ନଦୀକୂଳିଆ ଲୋକଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଛି । ଅନ୍ୟପକ୍ଷେ ନଦୀ ନାଳରେ ଏବେ କୁମ୍ଭୀରଙ୍କ ସଂଖ୍ୟା ବି ବଢ଼ି ଚାଲିଛି। ଏଥି ପାଇଁ କୌଣସି ରୋକ୍ ଲାଗୁ ନ ଥିବାରୁ ଚିନ୍ତା ବଢ଼ିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାସୀ ଗ୍ରାମର ୨ ମହିଳା କୁମ୍ଭୀର ମୁହଁରୁ ବଞ୍ଚିବା ଘଟଣା ଏବେ ବି ଜୀବନ୍ତ ହୋଇ ରହିଛି। ଏ ସଂକ୍ରାନ୍ତରେ ଖରିନାସୀ ଗ୍ରାମର ଆଖିଳା ଗାୟନ(୭୦) କୁହନ୍ତି, ୨୦୧୫ ମସିହା କଥା । ମୁଁ ମହାନଦୀ ଶାଖା ଖରିନାଶୀ-ଟୁବି ଗଳିଆ ନଦୀର ଜିରୋ ପଏଣ୍ଟରେ ମାଛ ଧରୁଥିଲି । ଏହି ସମୟରେ କୁମ୍ଭୀରଟି ଆସି ମୋ ହାତ ଓ ଅଣ୍ଟାକୁ ମୁହଁରେ ଧରି ଟାଣି ଟାଣି ପାଣି ଭିତରକୁ ନେଇଯାଉଥିଲା । କୌଣସି ଉପାୟ ନ ପାଇ ମୁଁ ନିଜ ଆଙ୍ଗୁଠିକୁ ଜୋରରେ କୁମ୍ଭୀର ଆଖିକୁ ଖେଞ୍ଚି ଦେବାରୁ ସେ ମୋତେ ଛାଡି ପଳାଇ ଯାଇଥିଲା ହେଲେ ମୋ ଦେହରେ ଯେଉଁ କ୍ଷତ ସୃଷ୍ଟି ହୋଇଥିଲା ସେଥିପାଇଁ ଡାକ୍ତରଖାନାରେ ୬୪ଟି ଷ୍ଟିଚ୍ ପଡ଼ିଥିଲା। ସେହିପରି ଖରିନାସୀ ଟୁବି ଘାଟ ନିକଟ ଘର ପାଖ ନଦୀ କୂଳରେ ମାଛ ଧୋଇବା ସମୟରେ ଗୀତା ଦାସ(୬୮)ଙ୍କ ହାତର କହୁଣି ପର୍ଯ୍ୟନ୍ତ କୁମ୍ଭୀର ପାଟିରେ ପଶି ଯାଇଥିଲା। ଏହାପରେ କୁମ୍ଭୀରଟି ତାଙ୍କୁ ଟାଣି ନେଉଥିଲା। ହେଲେ ତାଙ୍କ ଆଙ୍ଗୁଠି ନଖ କୁମ୍ଭୀର ତଣ୍ଟିରେ ଗେଞ୍ଜି ହୋଇଯିବାରୁ ସେ ଛାଡ଼ି ଦେଇଥିଲା । ଏହାପରେ ସେ ନଦୀ ଭିତରୁ ତର ତର ହୋଇ କୂଳକୁ ଚାଲି ଆସିଥିଲେ । ହେଲେ ପୁନର୍ବାର କୁମ୍ଭୀରଟି ତାଙ୍କୁ ପାଣି ଭିତରକୁ ଟାଣି ନେଉଥିଲା। ହେଲେ ପାଖରେ ଥିବା କେତେଜଣ ଲୋକ ମୋ ପାଟି ଶୁଣି ମୋତେ ଉଦ୍ଧାର କରି ପ୍ରଥମେ ରାମନଗର ପ୍ରାଥମିକ ସାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ବୋଲି କହିଛନ୍ତି । ହେଲେ ଏହି ୨ ମହିଳା ଆଜି ପର୍ଯ୍ୟନ୍ତ ସରକାରୀ ସହାୟତା ପାଇ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ।



ଅଖିଳା ଗାୟନ ।



ଗୀତା ଦାସ ।

ଏ ସଂକ୍ରାନ୍ତରେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି, ନଦୀକୂଳିଆ ଲୋକମାନଙ୍କୁ ନଦୀନାଳରେ ପ୍ରବେଶ ନ କରିବା ପାଇଁ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ବର୍ତ୍ତମାନ କୁମ୍ଭୀରମାନଙ୍କ ପ୍ରଜନନ ଋତୁ । ଏହି ସମୟରେ ସେମାନେ ଅଧିକ ହିଂସ୍ର ହୋଇଥାଆନ୍ତି । ସହାୟତା ରାଶି ପ୍ରସଙ୍ଗରେ ସେ କହିଛନ୍ତି, ଅଭିଯୋଗ ମିଳିଲେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

ଅଖିଳାଙ୍କୁ କୁମ୍ଭୀର ମୁହଁରୁ ଉଦ୍ଧାର କରିଥିବା ସେହି ଗ୍ରାମର ସୁବାସ ବିଶ୍ୱାସ କହିଛନ୍ତି, ବନ ବିଭାଗ ଠିକ୍ ଢ଼ଙ୍ଗରେ ସଚେତନ କରୁ ନ ଥିବାରୁ ଅନେକ ଲୋକ କୁମ୍ଭୀର ଆକ୍ରମଣରେ ଶିକାର ହେଉଛନ୍ତି। ସାମାଜିକ କର୍ମୀ ସମୀର ମିସ୍ତ୍ରୀ କହିଛନ୍ତି, ଗରିବ ଲୋକମାନେ ମାଛ କଙ୍କଡ଼ା ଧରି ପରିବାର ପ୍ରତି ପୋଷଣ କରନ୍ତି। କୁମ୍ଭୀରମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁ ସ୍ଥାନୀୟ ବାସିନ୍ଦା ଜୀବିକା ହରାଉଛନ୍ତି । ଭୟରେ ଲୋକମାନେ ନଦୀନାଳକୁ ପଶୁ ନାହାଁନ୍ତି । ଏଥିପାଇଁ ସରକାର ପଦକ୍ଷେପ ନେବା ଉଚିତ୍।

# ଲୋକପ୍ରତିନିଧିଙ୍କୁ ଅଣଦେଖା ନେଇ ଉଦ୍‌ବେଗ

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)


ସମୀକ୍ଷା ବୈଠକରେ ବିଧାନସଭା ଗୃହ କମିଟି ।

**ନୟାଗଡ଼ରେ ବିଧାନସଭା ଗୃହ କମିଟି**
- ସଦାଚାର ସଂହିତା କାର୍ଯ୍ୟକାରୀ ବାଧ୍ୟତାମୂଳକ
- ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ରହୁ ସୁସମ୍ପର୍କ
- ୧୫ଦିନ ମଧ୍ୟରେ ମିଳିବ ବୁକ୍ ସର୍କୁଲାରରେ ମଗାଯାଉଥିବା ତଥ୍ୟ

ଗୁରୁବାର ନୟାଗଡ଼ ଜିଲାକୁ ବିଧାନସଭା ଗୃହ କମିଟି (ସଦାଚାର)ର ଏକ ୫ ଜଣିଆ ଦଳ ଗସ୍ତ କରି ଫେରିଛନ୍ତି । ଏହି ଅବସରରେ ଜିଲାସ୍ତରରେ ବୁକ ସର୍କୁଲାର-୪୭ ଏବଂ ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ଉପରେ ଏକ ସମୀକ୍ଷା ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଜିଲା ପ୍ରଶାସନ ପକ୍ଷରୁ ଗୃହ କମିଟିକୁ ସ୍ୱାଗତ କରିବା ସହ କମିଟିର ସ୍ଥାୟୀ ଅଧ୍ୟକ୍ଷ ଅମର ପ୍ରସାଦ ଶତପଥୀଙ୍କୁ ଅଧ୍ୟକ୍ଷତା କରିବା ନିମନ୍ତେ ଅନୁରୋଧ କରିଥିଲେ । କମିଟିର ଅଧ୍ୟକ୍ଷ ଶତପଥୀ କହିଥିଲେ, ଦେଶ ବା ରାଜ୍ୟର ଗଣତନ୍ତ୍ର ଶାସନକୁ ସୁପରିଚାଳନା କରିବା ପାଇଁ ନିତି ନିର୍ଦ୍ଧାରଣ କରିବା, ନିତିକୁ କାର୍ଯ୍ୟକାରୀ କରିବା ଏବଂ ନିତିର ସମୀକ୍ଷା କରିବା ଲେଜିସଲେଚର,ଏକଜିକ୍ୟୁଟିଭ ଏବଂ ଜୁଡିସିଆରିର କାର୍ଯ୍ୟ । ଏମ୍‌ପି ଓ ବିଧାୟକମାନେ ଜନପ୍ରତିନିଧି ହୋଇଥିବାରୁ ଲୋକମାନଙ୍କ ନିକଟରେ ସେମାନେ ହିଁ ଉତ୍ତରଦାୟୀ । ସେମାନେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗକୁ ସମାଧାନ କରିବାରେ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପତ୍ର ମାଧ୍ୟମରେ ଯୋଗାଯୋଗ କରିବେ। କାର୍ଯ୍ୟନିର୍ବାହୀମାନେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଠିକ୍ ସମୟରେ ଠିକ୍ ତଥ୍ୟ ଦେଲେ ଜନସାଧାରଣଙ୍କୁ ଉତ୍ତର ଦେବାରେ ସୁବିଧା ହୁଏ । ଅନ୍ୟପକ୍ଷେ ଲୋକ ପ୍ରତିନିଧିମାନଙ୍କୁ ସୌଜନ୍ୟମୂଳକ ଯଥା ସମ୍ମାନ କରିବା ସଦାଚାର ସଂହିତାରେ ଉଲ୍ଲେଖ କରାଯାଇଛି । କେତେକ ଅଧିକାରୀ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଯାହା ଗଣତନ୍ତ୍ର ପାଇଁ ବିପଦ। ଏଣୁ ସଦାଚାର ସଂହିତାକୁ ଗୁରୁତ୍ୱ ଦେଇ ବାଧ୍ୟତାମୂଳକ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ ।

ଭିଡିଓ କନଫେରେନ୍ସ କାମ ଶେଷ ପରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ସୂଚାରୁ କୁମାର ବଳ ବୈଠକରେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। କମିଟି ସଦସ୍ୟ ପ୍ରଫୁଲ ସାମଲ ବିଗତ ଦିନରେ ଗ୍ରନ୍ଥାଗାର କମିଟିର ଅଧ୍ୟକ୍ଷ ଭାବେ ନୟାଗଡ଼ ଜିଲା ଗସ୍ତ କରି ଦାସରଥି ପଟ୍ଟନାୟକ ପାଠାଗାର ଉପରେ ସମୀକ୍ଷା କରିଥିଲେ । ପାଠାଗାରର ଉନ୍ନତି ଉପରେ ଉଚ୍ଚସ୍ତରୀୟ ବୈଠକ ରାଜ୍ୟସ୍ତରରେ କରିଥିବା କୁହାଯାଇଛି । ଅନ୍ୟତମ ସଦସ୍ୟ ଭୁପିନ୍ଦର ସିଂ ନିର୍ବାଚିତ ପ୍ରତିନିଧିମାନଙ୍କୁ କର୍ମଚାରୀମାନେ କିପରି ସୌଜନ୍ୟମୂଳକ ବ୍ୟବହାର କରିବେ, ପ୍ରତ୍ୟେକ କାର୍ଯ୍ୟାଳୟରେ ନୋଡାଲ ଅଧିକାରୀ ନିଯୁକ୍ତ ହେବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୁକ୍ ସର୍କୁଲାର-୪୭ରେ ମଗାଯାଉଥିବା ତଥ୍ୟ ୧୫ଦିନ ମଧ୍ୟରେ ନିଶ୍ଚିତ ଦେବା ଉପରେ ପ୍ରାଧାନ୍ୟ ଦେଇଥିଲେ। ସଦସ୍ୟ ଅରବିନ୍ଦ ଢାଲି କହିଲେ, ବୁକ ସର୍କୁଲାର-୪୭ ଲେଜିସଲେଚର ଏବଂ ଏକଜିକ୍ୟୁଟିଭ୍ ମଧ୍ୟରେ ଏକ ସମ୍ପର୍କର ସେତୁ । ଅନୁରୂପ ସଦସ୍ୟ ସ୍ୱରୁପ ଦାସ ଢାଲିଙ୍କ କଥାରେ ସହମତି ପ୍ରକାଶ କରିଥିଲେ। ଜିଲା ପରିଷଦ ସଭାପତ ଦେବାଶିଷ ପଟ୍ଟନାୟକ କହିଲେ, ଲୋକମାନଙ୍କ ସମସ୍ତ ଅଭିଯୋଗକୁ ଆମେ ପଞ୍ଜିକରଣ କରି ବିଧିବଦ୍ଧ ପଦକ୍ଷେପ ନେଇଥାଉ। ଜିଲାପାଳ ଓ ଏସ୍‌ପି ରାହୁଲ ଜୈନ୍ କହିଲେ, ବୁକ୍ ସର୍କୁଲାର-୪୭ରେ ଆସିଥିବା ସମସ୍ତ ପ୍ରଶ୍ନର ଉତ୍ତର ଠିକ୍ ସମୟରେ ପ୍ରଦାନ କରାଯିବ । ବୁକ୍ ସର୍କୁଲାର-୪୭ ଜିଲାର ସମସ୍ତ ଥାନାକୁ ଯୋଗାଇ ଦିଆଯାଇଛି । ଉପଜିଲାପାଳ ଶକ୍ତିକାନ୍ତ ରାୟ ମଞ୍ଚରେ ଉପସ୍ଥିତ ଥିଲେ ।

# ନୂଆଗାଁ ବ୍ଲକ୍‌ର ୧୫ ପଞ୍ଚାୟତରେ ଖୋଲିବ ବ୍ୟାଙ୍କ

ନୂଆଗାଁ,୧୪।୯ (ଧନେଶ୍ୱର ସାହୁ)

**ବ୍ୟାଙ୍କ ସୁବିଧା ନ ଥିବା ପଞ୍ଚାୟତବାସୀ ଉପକୃତ ହେବେ**

ରାଜ୍ୟରେ ବ୍ୟାଙ୍କ ସୁବିଧା ନ ଥିବା ପଞ୍ଚାୟତଗୁଡିକରେ ବ୍ୟାଙ୍କିଙ୍ଗ୍ ସୁବିଧା କରିବା ପାଇଁ ସରକାର ଯୋଜନା କରିଛନ୍ତି । ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ବ୍ୟାଙ୍କ ସୁବିଧା ନ ଥିବା ୪୩୭୩ ପଞ୍ଚାୟତରେ ବ୍ୟାଙ୍କିଙ୍ଗ ସୁବିଧା କରାଯିବ । ଏହି କ୍ରମରେ ନୂଆଗାଁ ବ୍ଲକର ୧୫ ପଞ୍ଚାୟତରେ ବ୍ୟାଙ୍କ ଖୋଲିବ । ପ୍ରତିଟି ମଣିଷ ପାଇଁ ବ୍ୟାଙ୍କ ସେବା ଅପରିହାର୍ଯ୍ୟ ହୋଇପଡିଛି । ସରକାରଙ୍କଠାରୁ ଋଣ ଆଣିବା, ନିଜ ଅର୍ଥକୁ ସୁରକ୍ଷିତ ରଖିବା ସହ ସୁଧ ପାଇବା, କୌଣସି ଯାନବାହନ କିମ୍ବା ଅନ୍ୟ କିଛି କିସ୍ତି ଆକାରରେ କିଣିବା, ସରକାରୀ କାମରୁ ନିଜର ମଜୁରି ପାଇବା, ଦରମା ଓ ଭତ୍ତା ପାଇବା ଆଦି ଅନେକ ସୁବିଧା ବ୍ୟାଙ୍କ ଦ୍ୱାରା ମିଳୁଛି । ଏପରିକି ବ୍ୟାଙ୍କ ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ତେଣୁ ବ୍ୟାଙ୍କ ସୁବିଧା ବିନା ଚଳିବା କଷ୍ଟକର ହୋଇପଡୁଛି । ତେଣୁ ସରକାର ବ୍ୟାଙ୍କ ପ୍ରତି ଗୁରୁତ୍ୱ ଦେଇଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ବ୍ୟାଙ୍କବିହୀନ ପଞ୍ଚାୟତକୁ ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ ଆଉଟଲେଟ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ଏଥିପାଇଁ ସରକାର ୫ ବର୍ଷ ପର୍ଯ୍ୟନ୍ତ ବିନା ଭଡାରେ ବ୍ୟାଙ୍କ୍ ପାଇଁ ଘର ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ନୂଆଗାଁ ବ୍ଲକର ୧୫ ପଞ୍ଚାୟତ ଗୃହରେ ବ୍ୟାଙ୍କିଙ୍ଗ ଘର ଓ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ବ୍ଲକ ପ୍ରଶାସନ ସଂପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆଗାଁ ବ୍ଲକର ୨୨ ପଞ୍ଚାୟତ ମଧ୍ୟରୁ ନୂଆଗାଁ, ମାଳିସାହି, ଦୁର୍ଦ୍ଧୁରା, ବେରୁହାଁବାରି, ବାହାଡାଖୋଲା, ମହିପୁର, ଗୁମି ଆଦି ୭ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ରହିଥିବା ବେଳେ ଅନ୍ୟ ୧୫ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ନାହିଁ । ଫଳରେ ବ୍ୟାଙ୍କ ନ ଥିବା ପଞ୍ଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ନୂଆଗାଁ ବ୍ଲକର ୧୫ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ୟାଙ୍କ ପାଇଁ ଘର ଯୋଗାଇ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ନୂଆଗାଁ ଜିପିଓ ସାଧୁଚରଣ ସାହୁ କହିଛନ୍ତି।

# ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନକୁ ବିଧାୟକଙ୍କ ସମର୍ଥନ


ଶିକ୍ଷୟିତ୍ରୀମାନେ ରଣପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦେଇଛନ୍ତି ।

ରଣପୁର,୧୪।୯
(ସୁକାନ୍ତ କିଶୋର ଡାକୁଆ)

**୧୮୫ ସ୍କୁଲରେ ୨ଦିନ ହେଲା ତାଲା ଝୁଲୁଛି**

ନୟାଗଡ଼ ଜିଲା ରଣପୁର ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ ନେଇ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ହେଲେ ଗୁରୁବାର ଏହି ଆନ୍ଦୋଳନକୁ ସମର୍ଥନ କରିଛନ୍ତି ଶାସକ ଦଳର ବିଧାୟକ ସତ୍ୟନାରାୟଣ ପ୍ରଧାନ । ସେ ମଧ୍ୟାହ୍ନରେ ରଣପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ୨ଦିନ ହେବ ଧାରଣାରତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମନୋବଳ ବଢ଼ାଇବା ସହିତ କହିଛନ୍ତି, ଭଲ ମଣିଷ ତିଆରି କରୁଥିବା ଏହି ଶିକ୍ଷୟିତ୍ରୀ,ଶିକ୍ଷକମାନେ ଧାରଣା ଦେଇଥିଲା ବେଳେ ବିଦ୍ୟାଳୟରେ ତାଲା ପଡିଛି । ଏହା ଅତି ଦୁଃଖର କଥା । ରାଜ୍ୟ ସରକାର ସେମାନଙ୍କ ଦାବିକୁ ମାନି ନେବା ଉଚିତ । ୨ ଦିନ ହେଲା ବିଦ୍ୟାଳୟ ବନ୍ଦ ରହିଛି । ପାଠପଢା ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଏଥିରେ ରଣପୁର ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ, ନୂତନ ପେନ୍‌ସନ ଯୋଜନା ଅନ୍ତର୍ଭୁକ୍ତ ଶିକ୍ଷକ ସଂଘ, ମଧ୍ୟଇଂରାଜୀ ବିଦ୍ୟାଳୟ ଶିକ୍ଷକ ସଂଘ, ପିଟିଆଇ ଶିକ୍ଷକ ସଂଘ, ଗଣଶିକ୍ଷକ ସଂଘ, କଳା କ୍ରୀଡା ଶିକ୍ଷକ ସଂଘର ସଦସ୍ୟା,ସଦସ୍ୟମାନେ ଏଥିରେ ସାମିଲ ହୋଇଛନ୍ତି । ଆନ୍ଦୋଳନ ଯୋଗୁ ରଣପୁର ବ୍ଲକର ୧୮୫ ବିଦ୍ୟାଳୟରେ ୨ଦିନ ହେଲେ ତାଲା ଝୁଲୁଛି । ଦାବି ପୂରଣ ହେଲା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି ।

୮ ମାସର ବ୍ୟବଧାନ ପରେ ପୁଣି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆହ୍ୱାନ କ୍ରମେ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବର୍ତ୍ତମାନ ଏହି ଆନ୍ଦୋଳନ ୨ ଦିନ ଧରି ସମୂହ ଛୁଟିରେ ଚାଲିଛି । ସରକାର ଯେତେବେଳ ପର୍ଯ୍ୟନ୍ତ ଶିକ୍ଷକମାନଙ୍କ ଦାବି ପୂରଣ କରିନାହାନ୍ତି ସେତେଦିନ ପର୍ଯ୍ୟନ୍ତ ଶିକ୍ଷକମାନେ ବିଦ୍ୟାଳୟ ତାଲା ଖୋଲିବେ ନାହିଁ ବୋଲି କହିଛନ୍ତି । ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍କୁଲ ଛୁଟି ଘୋଷଣା ହୋଇଛି। ଅନ୍ୟପକ୍ଷେ ଶାସକ ଦଳର ବିଧାୟକ ଧାରଣାସ୍ଥଳକୁ ଯାଇ ଭାଷଣ ଦେବାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ରାଜ୍ୟ ସରକାର ଶିକ୍ଷକମାନଙ୍କ ଧାରଣାକୁ ବେଆଇନ କହି ପ୍ରତ୍ୟେକ ବ୍ଲକ ବିଡିଓମାନଙ୍କୁ ଚିଠି ଲେଖିଥିବା ବେଳେ ବିଧାୟକଙ୍କ ସମର୍ଥନକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ବିଧାୟକ ପ୍ରଧାନଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

# ଆଦର୍ଶ ବିଦ୍ୟାଳୟର ଶିକ୍ଷକମାନେ କଳାବ୍ୟାଜ୍ ପିନ୍ଧିଲେ

ନୂଆଗାଁ,୧୪।୯(ଧନେଶ୍ୱର ସାହୁ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି । ଏହି କ୍ରମରେ ନୂଆଗାଁ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ କଳାବ୍ୟାଜ୍ ପରିଧାନ କରି ନୀରବ ପ୍ରତିବାଦ ଜଣାଇଛନ୍ତି । ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ରାଜ୍ୟରେ ୨୦୧୬ରୁ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ସେଥିରେ କାମ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ସରକାରୀ ଶିକ୍ଷକ ମାନ୍ୟତା ପ୍ରଦାନ କରାଯାଇନାହିଁ । ଫଳରେ ଆଦର୍ଶ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଉତ୍ତମ ଗୁଣାତ୍ମକ ଶିକ୍ଷା ପାଇଁ ଆଦର୍ଶ ବିଦ୍ୟାଳୟ ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ମଧ୍ୟ ସରକାର ସେମାନଙ୍କ ପ୍ରତି ଅଣଦେଖା କରୁଛନ୍ତି । ତେବେ ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ସରକାରୀ ଶିକ୍ଷକ ଘୋଷଣା କରି ସମସ୍ତ ସରକାରୀ ଶିକ୍ଷକଙ୍କ ପରି ସୁବିଧା ସୁଯୋଗ ଦେବା ନେଇ ଆଦର୍ଶ ବିଦ୍ୟାଳୟ ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରକଳ୍ପ ଅଧିକାରୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ । ତେଣୁ ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଚଳିତ ମାସ ୯ ତାରିଖରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଆରମ୍ଭ କରିଛନ୍ତି । ଏହି ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ସରକାର ଯଦି ଦାବି ପୂରଣ ନ କରନ୍ତି ତେବେ ସେମାନେ ଆନ୍ଦୋଳନ ପନ୍ଥା ଆପଣେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।


ନୂଆଗାଁ ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକମାନେ କଳାବ୍ୟାଜ୍ ପିନ୍ଧିଛନ୍ତି ।

# ଗ୍ୟାସ୍ ଏଜେନ୍ସି ଲୁଟୁଛନ୍ତି ପରିବହନ ଖର୍ଚ୍ଚ

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)



- ଖାଉଟିଙ୍କ ପାଖରେ ଅପହଞ୍ଚ ସରକାରୀ ଯୋଜନା
- ସିଲିଣ୍ଡର ପିଛା ୨୦ରୁ ୫୦ ଟଙ୍କା ଦେଉଛନ୍ତି ଖାଉଟି
- ଟଙ୍କା ନ ଦେଲେ ଠିକ୍ ସମୟରେ ମିଳୁନି ଗ୍ୟାସ୍ ସିଲିଣ୍ଡର
- ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନେଉନି ଯୋଗାଣ ବିଭାଗ

ଘରେ ରନ୍ଧନ ଗ୍ୟାସ ସିଲିଣ୍ଡର ପହଞ୍ଚାଇବା ପାଇଁ ଗ୍ୟାସ୍ ଏଜେନ୍ସି ଖାଉଟିଙ୍କୁ ଲୁଟୁଥିଲେ ମଧ୍ୟ ଜିଲା ଯୋଗାଣ ବିଭାଗର କାର୍ଯ୍ୟାନୁଷ୍ଠାନ ନାହିଁ । ଏହାକୁ ନେଇ ଯୋଗାଣ ବିଭାଗ ସନ୍ଦେହ ଘେରରେ ରହିଛି। ଘରେ ଗ୍ୟାସ୍ ସିଲିଣ୍ଡର ପହଞ୍ଚିବା ପାଇଁ ସରକାର ପରିବହନ ଖର୍ଚ୍ଚ ଦେଉଥିଲେ ମଧ୍ୟ ଗ୍ୟାସ୍ ଏଜେନ୍ସି ଚତୁରତାର ସହ ନିଜ କର୍ମଚାରୀଙ୍କ ଦ୍ୱାରା ଖାଉଟିଙ୍କଠାରୁ ସିଲିଣ୍ଡର ପିଛା ୨୦ରୁ ୫୦ ଟଙ୍କା ଆଦାୟ କରୁଛନ୍ତି । ଖାଉଟିଙ୍କଠାରୁ ପରିବହନ ଖର୍ଚ୍ଚ ନେବା ନୟାଗଡ଼ ସହର ସମେତ ନୟାଗଡ଼ ଜିଲାରେ ଅଲିଖିତ ନିୟମ ହୋଇଯାଇଛି । ଯେଉଁ ଖାଉଟି ଟଙ୍କା ଦେଉନାହାନ୍ତି ତାଙ୍କ ଘରକୁ ଗ୍ୟାସ୍ ସିଲିଣ୍ଡର ମନଇଚ୍ଛା ଆସୁଛି । ଏପରି କି ବ୍ୟବହାର ଖରାପ କରାଯିବା ସହ ଗୋଦାମରୁ ସିଲିଣ୍ଡର ଆଣିବାକୁ ପରାମର୍ଶ ମିଳୁଛି ବୋଲି ଅଭିଯୋଗ ହୋଇଛି।

ଏନେଇ ସୁନାଖଳାର ପ୍ରଦୀପ ରଥ କୁହନ୍ତି, ଗ୍ୟାସ୍ ସିଲିଣ୍ଡର ପରିବହନ ଖର୍ଚ୍ଚ ବାବଦକୁ ସରକାର ସିଲିଣ୍ଡର ପିଛା ୧୯.୫୦ ଟଙ୍କା ଯୋଗାଉଛନ୍ତି । ହେଲେ ସରକାର ପରିବହନ ଖର୍ଚ୍ଚ କିଛି ଦେଉନାହାନ୍ତି କହି ଗ୍ୟାସ୍ ଏଜେନ୍ସି ଖାଉଟିଙ୍କଠାରୁ ୨୦ରୁ ୫୦ ଟଙ୍କା ବାଧ୍ୟ କରି ଆଦାୟ କରୁଛନ୍ତି। ଟଙ୍କା ନ ଦେଲେ ବାରମ୍ବାର ହଇରାଣ କରାଯାଉଛି । ଏପରି କି ଗ୍ୟାସ ସିଲିଣ୍ଡର ଦେଉନାହାନ୍ତି । ସରକାର ଓ ଜିଲା ଯୋଗାଣ ବିଭାଗ ଗ୍ୟାସ୍ ଏଜେନ୍ସି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ଖାଉଟି ଅଯଥାରେ ଟଙ୍କା ଗଣନ୍ତେ ନାହିଁ । ନୟାଗଡ଼ର ସଦାଶିବ ସାହୁ କୁହନ୍ତି, ସରକାର ଘରେ ଗ୍ୟାସ୍ ସିଲିଣ୍ଡର ପହଞ୍ଚାଇବା ପାଇଁ ସମସ୍ତ ଟଙ୍କା ହିସାବ କରି ଏକାଥରେ ନେଇ ଯାଉଛନ୍ତି । ସିଲିଣ୍ଡର ପିଛା ଯେଉଁ ୧୯ଟଙ୍କା ୫୦ ପଇସା ଗ୍ୟାସ ଏଜେନ୍ସି ଦେବା କଥା ତାହା ଆମ ଟଙ୍କା । ଆମେ ଗୋଦାମରୁ ଗ୍ୟାସ୍ ସିଲିଣ୍ଡର ଆଣିଲେ ଗ୍ୟାସ ଏଜେନ୍ସି ପରିବହନ ଖର୍ଚ୍ଚ ଆମକୁ ଦେବା କଥା । ହେଲେ ସେ ଆମକୁ ନାଲି ଆଖି ଦେଖାଇ ମନ ପାଇଲେ ସିଲିଣ୍ଡର ନିଅ ନ ହେଲେ ଯାହା କରୁଛ କର ବୋଲି କହୁଛନ୍ତି । ଏଣୁ ଖାଉଟି ବାଧ୍ୟବାଧକତାରେ ଚୁପ୍ ରହି ସିଲିଣ୍ଡର ଆଣୁଛନ୍ତି। ଖଣ୍ଡପଡ଼ାର ମନୋଜ ସ୍ୱାଇଁ କୁହନ୍ତି, ମୋ ବାବୁ କୁହନ୍ତି, ଆମେ ଚାକିରିଆ ଲୋକ । ଗୋଦାମକୁ ଯାଇ ଲାଇନ କରି ସିଲିଣ୍ଡର ଆଣିବାକୁ ଆମ ପାଖରେ ସମୟ ନାହିଁ । ଆମ ଘରକୁ ଗ୍ୟାସ ଏଜେନ୍ସି ସିଲିଣ୍ଡର ପଠାଉଥିବାରୁ ଧନ୍ୟବାଦ। ପରିବହନ ଖର୍ଚ୍ଚ ନ ଦେଉ । ଆମଠାରୁ ୩୦ରୁ ୪୦ ଟଙ୍କା ନେଲେ ଆମେ ପ୍ରତିବାଦ କରିପାରିବୁନି । କାରଣ ଆମେ ଭଲ ସେବା ପାଉଛୁ । ମୋ ବାବୁଙ୍କ ପରି କେତେଜଣ ଲୋକଙ୍କ ଯୋଗୁ ଆମେ ଗରିବ ଲୋକ ଟଙ୍କା ଗଣିବାକୁ ପଡୁଛି । ଭାପୁରର ସଦାଶିବ ଦାସ କୁହନ୍ତି, ନୟାଗଡ଼ ଜିଲାରେ ସବୁ ଖାଉଟି ଠକାମିର ଶିକାର ହେଉଛନ୍ତି। ଗୋଦାମରୁ ଗ୍ୟାସ୍ ସିଲିଣ୍ଡର ଆଣିଲେ ପରିବହନ ଖର୍ଚ୍ଚ ୧୩ ଟଙ୍କା ୫୦ ପଇସା ମିଳୁନି । ପୁଣି ଘରେ ଏଜେନ୍ସି ମାଗଣାରେ ଗ୍ୟାସ୍ ସିଲିଣ୍ଡର ପରିବହନ କରୁନି। ପରିବହନ ଖର୍ଚ୍ଚ ବାବଦକୁ ଏଜେନ୍ସି କର୍ମଚାରୀ ଦୂରତା ଅନୁସାରେ ୨୦ରୁ ଆରମ୍ଭ କରି ୫୦ ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି । ଏହାକୁ ବନ୍ଦ କରିବାକୁ ହେଲେ ଖାଉଟିମାନେ ପ୍ରତିବାଦ କରିବା ଦରକାର । ଓଡ଼ଗାଁର ପବିତ୍ର ପ୍ରଧାନ କୁହନ୍ତି, ଏବେ ବୁକିଂର ୨୪ ଘଣ୍ଟା ଭିତରେ ଗ୍ୟାସ ସିଲିଣ୍ଡର ମିଳି ଯାଉଛି । ତେବେ ପରିବହନ ଖର୍ଚ୍ଚ ଦେବାକୁ ମନା କଲେ ୭ରୁ ୧୫ ଦିନ ଭିତରେ ଗ୍ୟାସ ସିଲିଣ୍ଡର ଆସିପାରେ । ଅଧିକାଂଶ ସମୟରେ ବାହାନା ଦେଖାଇ ଗୋଦାମରୁ ନେବାକୁ ପରାମର୍ଶ ମିଳୁଛି। ଏଣୁ ଝମେଲାରୁ ରକ୍ଷା ପାଇଁ ଖାଉଟି ପରିବହନ ଖର୍ଚ୍ଚ ଦେଇ ଚୁପ୍ ରହୁଛନ୍ତି । ସରକାର ଏ ଦିଗରେ ସଚେତନତା ସୃଷ୍ଟି କରୁନାହାନ୍ତି । ଦଶପଲ୍ଲାର ନାରାୟଣ ସାହୁ କୁହନ୍ତି, ଗ୍ୟାସ ଏଜେନ୍ସି ଓ ଏହାର କର୍ମଚାରୀ ଖାଉଟିଙ୍କୁ ନାଲି ଆଖି ଦେଖାଇ ଓ ବେଳେ ବେଳେ କଅଁଳିଆ କଥା କହି ପରିବହନ ଖର୍ଚ୍ଚ ନେଉଛନ୍ତି । ଜିଲା ଯୋଗାଣ ବିଭାଗ, ଜିଲା ଓ ବ୍ଲକ ପ୍ରଶାସନ, ସରକାର, ରାଜନେତା ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଖାଉଟି ଠକାମିର ଶିକାର ହୋଇ ଚାଲିଛନ୍ତି । ଏନେଇ ସଚେତନତା ଦରକାର । ପ୍ରଶାସନର ଚଢ଼ାଉ ଦରକାର । ଏପରି କରା ନ ଗଲେ ଗ୍ୟାସ ଏଜେନ୍ସି ବାରମ୍ବାର ଖାଉଟିଙ୍କୁ ଲୁଟି ଚାଲିଥିବେ । ଏହାର ପରିବର୍ତ୍ତନ ହେବ ନାହିଁ ବୋଲି କହିଛନ୍ତି । ନୟାଗଡ଼ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ କୁହନ୍ତି, ପରିବହନ ଖର୍ଚ୍ଚ ପାଉଥିବାରୁ ଗ୍ୟାସ ଏଜେନ୍ସି ଘରେ ଗ୍ୟାସ ସିଲିଣ୍ଡର ମାଗଣରେ ପହଞ୍ଚାଇବା ନିହାତି ଦରକାର । ଯେହେତୁ ପରିବହନ ଖର୍ଚ୍ଚରେ ଅନିୟମିତତା ଚାଲିଛି ଏ ଦିଗରେ ଚଢ଼ାଉ କରାଯାଇ ଆଇନଗତ ପଦକ୍ଷେପ ନିଆଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମୋନାଲିସା


@ ଶୁଭେନ୍ଦୁ


@ ରଶ୍ମିରଞ୍ଜନ


@ ସିପୁନ


@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଦି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ପକ୍ଷରୁ ଆୟୋଜିତ 'ଅଟୋ ରିଟେଲ କନ୍‌କ୍ଲେଭ'ର ୫ମ ସଂସ୍କରଣ ଗୁରୁବାର ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କଫି ଟେବୁଲ ବୁକ୍‌କୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଉନ୍ମୋଚନ କରୁଛନ୍ତି। ଏହି ଅବସରରେ ଏସ୍‌ଆଇଏଏମ୍‌ର ସଭାପତି ବିନୋଦ ଅଗ୍ରୱାଲ,ଏସିଏମ୍‌ଏର ସଭାପତି ଶ୍ରଦ୍ଧା ସୁରୀ ମରାୱାଙ୍କ ସମେତ ଫାଡାର ସଭାପତି ମନୀଷରାଜ ସିଂଘାଣିଆ ଏବଂ ଉପସଭାପତି ସି.ଏସ୍.ବିଗ୍ନେଶ୍ୱର ପ୍ରମୁଖ ଉପସ୍ଥିତ ଅଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୧୪।୯**

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୨. ୦୧ ପଏଣ୍ଟ ବଢ଼ି ୬୭,୫୧୯.୦୦ ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍‌ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୩ .୧୦ ପଏଣ୍ଟ ବୃଦ୍ଧି ଘଟି ୨୦,୧୦୩.୧୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଥିବାବେଳେ ନିବେଶକମାନେ ଉତ୍ସାହର ସହ କାରବାର କରୁଛନ୍ତି।

## ଏସ୍‌ବିଆଇ ଜେନେରାଲର ନୂତନ ଉତ୍ପାଦ

**ଭୁବନେଶ୍ୱର, ୧୪।୯**

ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ନୂତନ ଉତ୍ପାଦ 'ସୁପର ହେଲ୍‌ଥ ଇନ୍‌ସ୍ୟୁରାନ୍ସ'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଆନନ୍ଦ ପେଜାୱର କହିଥିଲେ, ସୁପର ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଗ୍ରାହକଙ୍କୁ ଗୁଣାତ୍ମକ ସେବା ଓ ଉତ୍ପାଦ ଯୋଗାଇବା ସହ ସବୁ ପ୍ରକାର ସ୍ୱାସ୍ଥ୍ୟ ବୀମାର ସମାଧାନ କରିବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏହି ଉତ୍ପାଦ ଜରିଆରେ ଗ୍ରାହକଙ୍କ ସମସ୍ତ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରୁଥିବା ଏବଂ ହସ୍ପିଟାଲରେ ଭର୍ତ୍ତିହେବା ଓ ଔଷଧ ଖର୍ଚ୍ଚ ସହ ଜଡ଼ିତ ଆର୍ଥିକ ଭାର କମ୍ କରିବାରେ ବେଶ୍ ସହାୟକ ହେବ। ଏପରିକି କମ୍ପାନୀ ହିତାଧିକାରୀଙ୍କୁ ଆବଶ୍ୟକ ସହଯୋଗ ଓ ସକ୍ଷମ କରୁଥିବା ଏକ ବ୍ୟାପକ



ଆନନ୍ଦ ପେଜାୱର

ସ୍ୱାସ୍ଥ୍ୟସେବା ପଲିସିକୁ ଗ୍ରାହକମାନେ ପାଇବା ସୁନିଶ୍ଚିତ କରିବା ପାଇଁ ପରିକଳ୍ପିତ ହୋଇଛି। ଉକ୍ତ ଉତ୍ପାଦରେ ୨୭ଟି ଏସ୍‌ସି ଏବଂ ୭ଟି ଓସି ଅନ୍ତର୍ଭୁକ୍ତ ରହିଥିବା ବେଳେ ଉକ୍ତ ପଲିସି ଏକ ବ୍ୟାପକ ପରିସରର ସହଯୋଗ ପ୍ରଦାନ କରିଥାଏ। ବିଶେଷକରି ୩ ଲକ୍ଷରୁ ୨କୋଟି ଟଙ୍କା ପର୍ଯ୍ୟନ୍ତ ବୀମାକୃତ ରାଶିର ବିକଳ୍ପ ଏବଂ ଏକରୁ ୩ ବର୍ଷ ପର୍ଯ୍ୟନ୍ତ ପଲିସି ଅବଧି ବିକଳ୍ପ ଥିବା ବ୍ୟାପକ ପରିସର ବହନ କରୁଥିବା ଏହି ଉତ୍ପାଦ ଅଧୀନରେ ୪ଟି ଯୋଜନା ରହିଛି।

## ନୂତନ ପେଣ୍ଟ 'ବିର୍ଲା ଓପସ୍' ଉନ୍ମୋଚିତ

**ଭୁବନେଶ୍ୱର, ୧୪।୯**

ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ତଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପେଣ୍ଟ 'ବିର୍ଲା ଓପସ୍'କୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ମଧ୍ୟରେ ବିର୍ଲା ଓପସ୍‌କୁ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଯିବା କାର୍ଯ୍ୟକ୍ରମ ରହିଛି। ଏପରିକି ଗ୍ରାସିମ୍ ପକ୍ଷରୁ ଡେକୋରେଟିଭ ପେଣ୍ଟ ବର୍ଗମାଳାକୁ ଉନ୍ମୋଚନ କରାଯିବ। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାରମଙ୍ଗଳମ୍ ବିର୍ଲା କହିଛନ୍ତି, ଡେକୋରେଟିଭ୍ ପେଣ୍ଟ୍ କ୍ଷେତ୍ରରେ ଆମର ପ୍ରବେଶ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପସନ୍ଦ। ଏହା ଆମକୁ ଉଚ୍ଚ ଅଭିବୃଦ୍ଧି ବଜାର ହାସଲ କରିବା ଏବଂ ଏହି ବ୍ୟାପକ ଗ୍ରାହକ ଦୃଶ୍ୟପଟରେ ଉପସ୍ଥିତି ସମ୍ପ୍ରସାରଣ କରିବାରେ ସକ୍ଷମ କରିବ। ଆମର ପେଣ୍ଟ ବ୍ୟବସାୟକୁ ଆଦିତ୍ୟ ବିର୍ଲା ବ୍ରାଣ୍ଡ୍ ସହ ଜଡ଼ିତ ଥିବା ଶକ୍ତି ଓ ବିଶ୍ୱାସ ଆଧାରରେ ଗଠନ କରାଯିବ। ଏକ ସଫଳ ବ୍ୟବସାୟର ଶୁଭାରମ୍ଭ ପାଇଁ ଗତ କିଛି ବର୍ଷରେ କମ୍ପାନୀ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିଛି। ଆଗାମୀ ବର୍ଷଗୁଡ଼ିକରେ ଏକ ଲାଭଦାୟକ କମ୍ପାନୀ ଭାବେ ୨ୟ ସ୍ଥାନରେ ରହିବାକୁ ଆମେ ଉଦ୍ୟମ କରୁଛୁ ଏବଂ ଆମ ବ୍ରାଣ୍ଡ୍ ନାମ ଘୋଷଣା ବହୁ ପଦକ୍ଷେପ ମଧ୍ୟରୁ ପ୍ରଥମ। ଶୁଭାରମ୍ଭ ପୂର୍ବରୁ ଗ୍ରାସିମ୍ ପକ୍ଷରୁ ମେଟ୍ରୋ ସହରଗୁଡ଼ିକରେ ସଫଳତାର ସହ ଏହାର ପରୀକ୍ଷଣ କରାଯାଇଥିଲା ଏବଂ ଉଡ୍ ଫିନିସ୍ ବର୍ଗମାଳାକୁ ଉପସ୍ଥାପନ କରାଯାଇଛି। ମହାରାଷ୍ଟ୍ରରେ ଏଥିପାଇଁ ଏକ ଅତ୍ୟାଧୁନିକ ଆର୍ ଆଣ୍ଡ ଡି ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି।

## ଝାରସୁଗୁଡ଼ାରେ ସମ୍ବଲପୁର ବସ୍ତ୍ରାଳୟର ମେଗା ଶୋ'ରୁମ୍

**ଭୁବନେଶ୍ୱର,୧୪।୯ (ଅଭୟ ଦାଶ)**

ସମ୍ବଲପୁର ବସ୍ତ୍ରାଳୟର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ମେଗା ଶୋ'ରୁମ୍) ଗୁରୁବାର ଝାରସୁଗୁଡ଼ାର ସରବାହାଲଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ତତନ୍ତ ଏବଂ ବୟନଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ କୁମାର ଆଚାର୍ଯ୍ୟ, ସମ୍ପାଦକ ଶରତ ଲାଲ ସିଂ, ଏମ୍‌ଡି ଶିଶିର କୁମାର ନାଗ, ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ରଙ୍କ ସମେତ ପ୍ରସନ୍ନ କୁମାର ଗନ୍ତାୟତ ଯୁଗ୍ମ ନିର୍ଦ୍ଦେଶକ ବୟନ ଶିଳ୍ପ ପଶ୍ଚିମାଞ୍ଚଳ ବରଗଡ଼, ସୌଭାଗ୍ୟ ରଞ୍ଜନ ନାୟକ ଉପଦେଷ୍ଟା ହସ୍ତତନ୍ତ ଏବଂ ବୟନଶିଳ୍ପ ବିଭାଗ, କିରଣମୟ ପ୍ରଧାନ ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ ସୁନ୍ଦରଗଡ଼, ପ୍ରଭାସ ରଞ୍ଜନ ମହଲା, ସୁନୀଲ କୁମାର ପଟ୍ଟନାୟକ,



ବିଶ୍ୱନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ଏହି ଆଉଟ୍‌ଲେଟ୍ ଜରିଆରେ ଉଭୟ ଗ୍ରାହକ ଓ ବୁଣାକାର ସେମାନଙ୍କର ଆବଶ୍ୟକତା ପୂରଣ କରିପାରିବେ। ଏପରିକି ପଶ୍ଚିମ ଓଡ଼ିଶାରେ କାରବାର ବୃଦ୍ଧି ପାଇଁ ଝାରସୁଗୁଡ଼ା ଜିଲାରେ ଏହି ନୂତନ ବିକ୍ରୟ କେନ୍ଦ୍ରର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ବସ୍ତ୍ରାଳୟର ଉଦ୍‌ଘାଟନୀ ଅଫର ପ୍ରତି କ୍ରୟ ଉପରେ ୩୦%ର (୧୦% +୨୦% ସରକାରୀ ) ରିହାତି ଗ୍ରାହକମାନେ ୨୦୨୩ ଅକ୍ଟୋବର ୩୧ ପର୍ଯ୍ୟନ୍ତ ପାଇପାରିବେ। ସେହିଭଳି ଏହି ଆଉଟ୍‌ଲେଟ୍ ଜରିଆରେ ଗ୍ରାହକ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ସାମଗ୍ରୀ ସବୁ ବର୍ଗର ଗ୍ରାହକ ପାଇପାରିବେ ବୋଲି ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ହସ୍ତତନ୍ତ,ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଥିବା 'ସମ୍ବଲପୁରୀ ବସ୍ତ୍ରାଳୟ' ବୁଣାକାରଙ୍କ ଉତ୍ପାଦିତ ଲୁଗାର ବିକ୍ରୟ ନିମନ୍ତେ ତଥା ବୁଣାକାରଙ୍କୁ ନିରନ୍ତର କର୍ମଯୋଗାଣ କରିବା ସକାଶେ ଝାରସୁଗୁଡ଼ା ସହରର ସରବାହାଲଠାରେ ଏକ ମେଗା ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି।

## ଏଏଏଫ୍ ପକ୍ଷରୁ ମଲ୍ଟିମିଡିଆ ଅଭିଯାନ

**ଭୁବନେଶ୍ୱର, ୧୪।୯**

ବେଦାନ୍ତ ଗ୍ରୁପ୍(ଲିମିଟେଡ୍)ର ସାମାଜିକ ପ୍ରତିଷ୍ଠାନ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ (ଏଏଏଫ୍) ପକ୍ଷରୁ ଏକ ସ୍ୱତନ୍ତ୍ର ମଲ୍ଟିମିଡିଆ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କ୍ଷୁଧା ଏବଂ ପୁଷ୍ଟିହୀନତାର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଏପରିକି ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ଜାତୀୟ ପୁଷ୍ଟିକର ମାସ କମ୍ପାନୀର ସମସ୍ତ ୟୁନିଟ୍‌ରେ ମଧ୍ୟ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର 'ଅଗର ବଚ୍‌ପନ ସେ ପୁଛା ଖାନା ଖାୟା ତୋ ଦେଶ କା କଲ ବନାୟା' ଟ୍ୟାଗ୍‌ଲାଇନ ସହ ଉକ୍ତ ଅଭିଯାନ ମୌଳିକ ପୁଷ୍ଟିକର ମହତ୍ତ୍ୱକୁ ଆଲୋକିତ କରିଥାଏ ଏବଂ ସାମଗ୍ରିକ ଆବଶ୍ୟକତାକୁ ପ୍ରଚାର କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ ତଥା ଚେୟାରମ୍ୟାନ୍ ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ଏହି ଅଭିଯାନର ଶୁଭାରମ୍ଭ ଏକ ଆନ୍ଦୋଳନର ଆରମ୍ଭକୁ ଚିହ୍ନିତ କରେ ଯାହା ସମ୍ପ୍ରଦାୟର ଶକ୍ତିକୁ ବଢ଼ାଇବ, ଯେତେବେଳେ ଆମେ ଏକତ୍ର ହୋଇ ପୁଷ୍ଟିହୀନତାର ମୁକାବିଲା କରିବା। ଏହି ଅଭିଯାନ ଏ ଦିଗରେ ଆଉ ଏକ ପଦକ୍ଷେପ ହେବ। ମ୍ୟାକକାନ୍ ଏରିକ୍ସନ୍ (ଭାରତ) ଦ୍ୱାରା ଡିଜାଇନ ଏବଂ କାର୍ଯ୍ୟକାରୀ ହୋଇଥିବା ଏହି ଅଭିଯାନ ପ୍ରଥମ ପର୍ଯ୍ୟାୟରେ ନାଗରିକଙ୍କ ମଧ୍ୟରେ କ୍ଷୁଧା ଏବଂ ପୁଷ୍ଟିହୀନତା ଦୂରକରିବା ତଥା ଆସନ୍ତାକାଲିର ଭବିଷ୍ୟତ ପାଇଁ ଆମ ଭବିଷ୍ୟତ ପିଢ଼ିକୁ ସମାନ ସୁଯୋଗ ପ୍ରଦାନ କରିବାକୁ ଚେଷ୍ଟା କରିଥାଏ। ଅପରପକ୍ଷରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ନୂତନ ଲୋଗୋ ମଧ୍ୟ ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷକରି ଏକ ବଢୁଥିବା ଚାରା ଦ୍ୱାରା ଅନୁପ୍ରାଣିତ ହୋଇଛି, ଯାହାକୁ ଚିହ୍ନିବା ଏବଂ ଏହାର ପରିପକ୍ୱତାକୁ ଫୁଲରେ ପୋଷଣ କରାଯିବା ଉଚିତ ବୋଲି କୁହାଯାଇଛି।

# ଫୁର୍‌ସତ୍



ନାଗା ଚୈତନ୍ୟ

## ନାଗା ଚୈତନ୍ୟଙ୍କ ଦ୍ୱିତୀୟ ବିବାହ ଚର୍ଚ୍ଚା

**ମୁମ୍ବାଇ:** ନାଗା ଚୈତନ୍ୟ ସାଉଥ୍ ଇଣ୍ଡଷ୍ଟ୍ରିରେ ଜଣେ ଜଣାଶୁଣା ଅଭିନେତା। ସେ ଫିଲ୍ମ ବ୍ୟତୀତ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ସମୟରେ ଚର୍ଚ୍ଚାରେ ରୁହନ୍ତି। ତେବେ ନାଗା ୨୦୧୭ରେ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ଦୁହେଁ ଦୁହିଁଙ୍କୁ କିଛି ବର୍ଷ ଧରି ଡେଟ୍ କରିଥିଲେ। ଏହାପରେ ୨୦୨୧ରେ ଉଭୟଙ୍କ ଛାଡ଼ପତ୍ର ହୋଇଥିଲା। ଛାଡ଼ପତ୍ର ପରେ ଅଭିନେତା ନାଗା ଏବେ ତାଙ୍କ ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତୁତ ହେଉଥିବା ଶୁଣିବାକୁ ମିଳୁଛି। ସେ ଜଣେ ବ୍ୟବସାୟୀ ପରିବାରର ଝିଅଙ୍କୁ ବିବାହ କରିବେ ବୋଲି ସୂଚନା ମିଳିଛି। ଚଳିତବର୍ଷ ଶେଷକୁ ସେ ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ସେହି ଝିଅଙ୍କ ବାବଦରେ କୌଣସି ସୂଚନା ମିଳିନାହିଁ। ହେଲେ ସେ ଗ୍ଲାମରସ୍ ଦୁନିଆରୁ ବହୁତ ଦୂରରେ ଥିବା ଜଣାପଡ଼ିଛି। ଛାଡ଼ପତ୍ର ପରେ ନାଗା ଅଭିନେତ୍ରୀ ଶୋଭିତା ଧୂଳିପାଲାଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ହେଉଥିଲା। ନାଗା ତାଙ୍କ ଫିଲ୍ମ କ୍ୟାରିୟର ୨୦୦୯ରୁ ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ସିନେମା ଦର୍ଶକଙ୍କୁ ଭେଟି ଦେଇସାରିଲେଣି। ଶେଷ ଥର ପାଇଁ ତାଙ୍କୁ ଫିଲ୍ମ 'କଷ୍ଟଡି'ରେ ଦେଖିବାକୁ ମିଳିଥିଲା।

## ଝିଅ ଆଶାରେ ୯ ପୁଅ ଜନ୍ମ

**ଅଷ୍ଟିନ:** ଝିଅ ଜନ୍ମକୁ ଲୋକେ ଘରେ ଲକ୍ଷ୍ମୀଙ୍କ ଆଗମନ ବୋଲି ମଣିଥାନ୍ତି। ହେଲେ ବର୍ତ୍ତମାନ ବହୁତ କମ୍ ଲୋକ ଏହା ବିଶ୍ୱାସ କରନ୍ତି। ଅଧିକାଂଶ ସ୍ଥାନରେ କନ୍ୟାଭ୍ରୂଣ ହତ୍ୟା ଖବର ଶୁଣିବାକୁ ମିଳିଥାଏ। ହେଲେ ଏକ ଦମ୍ପତି କନ୍ୟାସନ୍ତାନ ପାଇଁ ଆଶା ବାନ୍ଧି ବସିଛନ୍ତି। ଏହି ଆଶାରେ ସେ ୯ ପୁଅଙ୍କୁ ଜନ୍ମ ଦେଇସାରିଲେଣି। ମହିଳା ଜଣକ ଏବେ ପୁନଃ ଗର୍ଭବତୀ ଅଛନ୍ତି। ସୂଚନା ମୁତାବକ, ଟେକ୍ସାସ୍‌ର ବାସିନ୍ଦା ୩୦ ବର୍ଷୀୟା ୟାଲାନସିଏ ରୋସାରିଓ ୯ ବର୍ଷରେ ୯ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ବର୍ତ୍ତମାନ ସେ ପୁଣି ଦୁଇ ଯାଆଁଳାଙ୍କୁ ଗର୍ଭରେ ଧାରଣ କରିଛନ୍ତି। ଏବର୍ଷ ସେମାନଙ୍କ ଏକ ଝିଅ ଜନ୍ମ ହେବ ବୋଲି ଆଶା ରଖିଛନ୍ତି। ତାଙ୍କ ସ୍ୱାମୀ ମାଇକେଲଙ୍କ କହିବା ମୁତାବକ, ସେମାନଙ୍କୁ ଏକ ଝିଅ ଦରକାର। ଯେ ପର୍ଯ୍ୟନ୍ତ ତାଙ୍କର ଏକ ଝିଅ ନ ହୋଇଛି, ସେ ପର୍ଯ୍ୟନ୍ତ ସେମାନେ ଜନ୍ମ କରୁଥିବେ। ତାଙ୍କର ବଡ଼ ପୁଅକୁ ବର୍ତ୍ତମାନ ୧୨ ବର୍ଷ ହୋଇଥିବାବେଳେ ସବୁଠୁ ସାନ ପୁଅକୁ ୨ ମାସ ହୋଇଛି। ଏନେଇ ସେ ତାଙ୍କ ସୋସିଆଲ ମିଡିଆରେ ବହୁତ ସାରା ଫଟୋ ମଧ୍ୟ ଶେୟାର କରିଛନ୍ତି। ରୋସାରିଓ ୧୮ ବର୍ଷ ବୟସରେ ପ୍ରଥମ ସନ୍ତାନ ଜନ୍ମ ଦେଇଥିଲେ। ଏହା ପରଠାରୁ ସେ ସନ୍ତାନ ଜନ୍ମ କରିଆସୁଥିବା କହିଛନ୍ତି। ଏହା ମଧ୍ୟରେ ତାଙ୍କର ଥରେ ଗର୍ଭପାତ ମଧ୍ୟ ହୋଇଥିଲା। ଏନେଇ ସୋସିଆଲ ମିଡିଆରେ ଅନେକ ତାଙ୍କର ମଜା ଉଠାଉଛନ୍ତି। ହେଲେ ସେମାନଙ୍କ କଥାକୁ ଖାତିର କରୁ ନ ଥିବା ସେ କହିଛନ୍ତି। ଏଥିସହ ତାଙ୍କ ପାଖରେ ପିଲାଙ୍କୁ ପାଳିବାକୁ ଯଥେଷ୍ଟ ଟଙ୍କା ଥିବା କହିଛନ୍ତି।



## ଆଧୁନିକ ଭାରତର ବିଶ୍ୱକର୍ମା ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟା

**ଇଞ୍ଜିନିୟର୍ସ ଡେ**

**ସେ**ପ୍ଟେମ୍ବର ୧୫ରେ ଭାରତରତ୍ନ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନକୁ ଭାରତରେ ଇଞ୍ଜିନିୟର୍ସ ଦିବସ (ଇଞ୍ଜିନିୟର୍ସ ଡେ') ଭାବେ ପାଳନ କରାଯାଏ। ଇଞ୍ଜିନିୟରିଂ ଏବଂ ଶିକ୍ଷା କ୍ଷେତ୍ରରେ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସେ ସର୍ବଶ୍ରେଷ୍ଠ ରାଷ୍ଟ୍ର ନିର୍ମାଣକାରୀଙ୍କ ମଧ୍ୟରେ ବିବେଚିତ ହୋଇଥିଲେ, ଯେଉଁମାନେ ଆଧୁନିକ ଭାରତର ବନ୍ଧ, ଜଳଭଣ୍ଡାର ଏବଂ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଧୁନିକ ଭାରତର ବିନ୍ଧାଣି ଭାବେ ବିଶ୍ୱେଶ୍ୱରାୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଧୁନିକ ଭାରତର ବିଶ୍ୱକର୍ମା ହେଉଛନ୍ତି ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟା।

କର୍ନାଟକର କୃଷ୍ଣରାଜ ସାଗର ବନ୍ଧ ଏବଂ ହାଇଦ୍ରାବାଦର ବନ୍ୟା ସୁରକ୍ଷା ବ୍ୟବସ୍ଥା ସମେତ ମୁଖ୍ୟ ଇଞ୍ଜିନିୟର



ଭାବରେ ସାର୍ ଏମ୍. ବିଶ୍ୱେଶ୍ୱରାୟା ଦେଶର ବହୁ ମୁଖ୍ୟ ସ୍ଥାପତ୍ୟର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ୧୯୬୮ ମସିହାରେ ଭାରତ ସରକାର ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜନ୍ମ ବାର୍ଷିକକୁ ଇଞ୍ଜିନିୟର୍ସ ଦିବସ ଭାବରେ ଘୋଷଣା କରିଥିଲେ। ସେବେଠାରୁ ଏହି ଦିନଟି ସମସ୍ତ ଇଞ୍ଜିନିୟରଙ୍କୁ ସମ୍ମାନ ଏବଂ ସମ୍ମାନିତ କରିବା ପାଇଁ ପାଳନ କରାଯାଏ। ୧୯୫୫ରେ ତାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା।

## ବିକାଶ ପାଇଁ ଗଣତନ୍ତ୍ର

**ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ**

**ପୃ**ଥିବୀର ବିକାଶ ପାଇଁ ଗଣତନ୍ତ୍ର ଅପରିହାର୍ଯ୍ୟ। ଗଣତନ୍ତ୍ର ହେଉଛି ଏକ ବିଶ୍ୱସ୍ତରୀୟ ମୂଲ୍ୟବୋଧ ଆଧାରିତ ପ୍ରଣାଳୀ। ଗଣତାନ୍ତ୍ରିକ ରାଷ୍ଟ୍ର ନିଜର ରାଜନୈତିକ, ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ପ୍ରଣାଳୀ ଏବଂ ଜୀବନର ସମସ୍ତ ଦିଗରେ ସେମାନଙ୍କର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ଲୋକମାନଙ୍କର ମୁକ୍ତ ଭାବରେ କାର୍ଯ୍ୟ କରିଥାନ୍ତି। ଗଣତନ୍ତ୍ରର ଭୂମିକାକୁ ଉପଲବ୍ଧି କରି ୨୦୦୭ରେ ମିଳିତ ଜାତିସଂଘର ସାଧାରଣ ସଭା ଗଣତନ୍ତ୍ରର ନୀତିକୁ ପ୍ରୋତ୍ସାହନ ତଥା ସମର୍ଥନ କରିବା ଉଦ୍ଦେଶ୍ୟରେ ୧୫ ସେପ୍ଟେମ୍ବରକୁ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ସମସ୍ତ ସଦସ୍ୟ ରାଷ୍ଟ୍ର ତଥା ସଙ୍ଗଠନକୁ ଏହି ଦିନକୁ ଉପଯୁକ୍ତ ଢଙ୍ଗରେ ସ୍ମରଣ କରିବାକୁ ଆମନ୍ତ୍ରଣ କରିଥିଲା। ସେପ୍ଟେମ୍ବର ୧୯୯୭ରେ ଆନ୍ତଃ ପାର୍ଲାମେଣ୍ଟାରୀ ୟୁନିୟନ (ଆଇପିୟୁ)ଦ୍ୱାରା ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତ ଉପରେ ଏକ ସାର୍ବଭୌମିକ ଘୋଷଣାନାମା ଗୃହୀତ ହୋଇଥିଲା। ଏଥିସହ ସଦସ୍ୟ ରାଷ୍ଟ୍ରଙ୍କୁ ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତ ବଜାୟ ରଖିବା ଦିଗରେ ବିଶ୍ୱ ସ୍ତରରେ ଏକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିନଟିକୁ ପାଳନ କରିବାକୁ କୁହାଯାଇଥିଲା।

ଗଣତନ୍ତ୍ରର ମୂଳ ସିଦ୍ଧାନ୍ତ ବଜାୟ ରଖିବା ସହ ବିଚାରଧାରାକୁ ପ୍ରସାର କରାଇବା ଏହି ଦିବସର ଲକ୍ଷ୍ୟ। ବିଶ୍ୱସ୍ତରରେ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ରୋକିବା ତଥା ପାର୍ଲିଆମେଣ୍ଟର ଏ ସମ୍ପର୍କିତ ଦାୟିତ୍ୱ ସମ୍ପର୍କରେ ଏକ ସଚେତାତା ସୃଷ୍ଟି କରାଇବା ପାଇଁ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

## ସ୍କୁଲ ଫି' ବଦଳରେ ଖାଲି ପ୍ଲାଷ୍ଟିକ ବୋତଲ

**ଦିଶ୍‌ପୁର:** ଦୁନିଆରେ ସମସ୍ତ ପିଲାଙ୍କ ପାଇଁ ଶିକ୍ଷା ଜରୁରୀ। ହେଲେ କେତେକ ପିଲା ଅର୍ଥାଭାବରୁ ସ୍କୁଲ ଯାଇ ପାଠ ପଢିବାକୁ ଅସମର୍ଥ। ଅନେକ ସ୍କୁଲରେ ସ୍କୁଲ ଫି' ଲକ୍ଷାଧିକ ହେଲାଣି। ଏହା ମଧ୍ୟରେ ସୋସିଆଲ ମିଡିଆରେ ଏକ ସ୍କୁଲର ଚର୍ଚ୍ଚା ହେଉଛି, ଯାହା ଆସାମରେ ରହିଛି। ଏହି ଅକ୍ଷର ସ୍କୁଲରେ ଅର୍ଥାଭାବ ଥିବା ପିଲା ମଧ୍ୟ ପଢିବାକୁ ଆଗ୍ରହ ଦେଖାଉଛନ୍ତି। ଖାସ୍ କଥା ହେଉଛି, ସେଠାରେ ପଢୁଥିବା ପ୍ରତ୍ୟେକ ପିଲାଙ୍କୁ ସ୍କୁଲ ଫି' ଦେବାକୁ ପଡୁନି। ଫି' ବଦଳରେ ସ୍କୁଲରେ ପ୍ଲାଷ୍ଟିକର ଖାଲି ବୋତଲ ଜମା କରିବାକୁ ପଡ଼ିଥାଏ। ଆସାମର ଏହି ସ୍କୁଲରେ ଗ୍ରାମୀଣ ପିଲାଙ୍କୁ ଶିକ୍ଷା ଦିଆଯାଉଛି। ଏଠାରେ ଫି' ବଦଳରେ ପିଲାଙ୍କୁ ସପ୍ତାହ ଶେଷକୁ ୨୫ ଖାଲି ବୋତଲ ଜମା କରିବାକୁ ପଡୁଛି। ସେହି ଅଞ୍ଚଳର ଅଳିଆ ଆବର୍ଜନାକୁ ଦେଖି ଏକ ଦମ୍ପତି ପର୍ମିତା ଶର୍ମା ଏବଂ ମାଜିନ ମୁଖତର୍ ୨୦୧୬ରେ ଏପରି ଏକ ସ୍କୁଲ ଖୋଲିବାକୁ ଯୋଜନା କରିଥିଲେ। ଏହି ସ୍କୁଲରେ ପାଠପଢା ବ୍ୟତୀତ ରୋଜଗାରର ମାର୍ଗ ମଧ୍ୟ ଶିଖାଯାଏ। ଏଥିସହ ସ୍କୁଲରେ କାର୍ପେଣ୍ଟ୍ରି, ଗାର୍ଡେନିଂ ଆଦି ବିଭିନ୍ନ ପ୍ରକାର କଳାଶିକ୍ଷା ଦିଆଯାଏ। ପ୍ରଥମ କରି ୧୦ ଜଣ ପିଲାଙ୍କୁ ନେଇ ଏହି ସ୍କୁଲ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ସ୍କୁଲରେ ୧୫୦ରୁ ଅଧିକ ପିଲା ପାଠ ପଢୁଛନ୍ତି।



**ଶିକ୍ଷକ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ**

ଭୁବନେଶ୍ୱର, (ସୁନିତ୍ ମିଶ୍ର): ପିସିସି ସଭାପତି ଶରତ ପଟ୍ଟନାୟକ ରାଜ୍ୟର ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକମାନଙ୍କ ଦାବି ପ୍ରତି ସମର୍ଥନ ଜଣାଇଛନ୍ତି। ରାଜ୍ୟ ସରକାର ଛାତ୍ରାଛାତ୍ରୀଙ୍କ ଭବିଷ୍ୟତ ଦୃଷ୍ଟିରୁ ସହାନୁଭୂତିର ସହ ସେଗୁଡ଼ିକ ବିଚାରକରି ତୁରନ୍ତ ସମାଧାନ କରିବାକୁ ଶରତ ଆହ୍ୱାନ ଦେଇଛନ୍ତି। ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ଜାରିକରି କହିଛନ୍ତି, ରାଜ୍ୟ ସରକାର ଠିକାରେ ଶିକ୍ଷକ ନିଯୁକ୍ତି ହେବେ ନାହିଁ ବୋଲି ଘୋଷଣାକରି ଏବେ ୨୦ ହଜାର ଠିକା ଶିକ୍ଷକ ନିଯୁକ୍ତି ଦେବାର ବିଜ୍ଞାପନ ଜାରି କରିବା ଦୁର୍ଭାଗ୍ୟଜନକ।



ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି (ଡିପିସିସି)ର ନବନିଯୁକ୍ତ ସଭାପତି ଅରବିନ୍ଦର ସିଂ ଲଭ୍‌ଲିଙ୍କ ସହ ଅଜୟ ମାକେନ୍ ଓ ଦଳୀୟ ନେତାମାନେ। (ଫଟୋ: ଚମନ ଗୌତମ)।

# 'ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା' ପ୍ରଚାରର ବାସ୍ତବତା ଭିନ୍ନ: ଭାଜପା

ଭୁବନେଶ୍ୱର, ୧୪।୯(ସୁନିତ୍ ମିଶ୍ର)

ରାଜ୍ୟ ସରକାର 'ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା'ର କରୁଥିବା ପ୍ରଚାରର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ବରଂ ଦୁର୍ନୀତଗ୍ରସ୍ତ ଅଫିସରଙ୍କୁ ସୁରକ୍ଷା ଦେବାରେ ଆମ ରାଜ୍ୟ ସମଗ୍ର ଦେଶରେ ଅଗ୍ରଣୀ ସ୍ଥାନରେ ରହିଛି । ପ୍ରାୟ ପ୍ରତିଦିନ ଭିଜିଲାନ୍ସ ବିଭିନ୍ନ ସରକାରୀ ଅଫିସର ଓ କର୍ମଚାରୀଙ୍କ ବିରୋଧରେ ପଦକ୍ଷେପ ନେଉଛି। ତଳିଆ କର୍ମଚାରୀଙ୍କ ବିରୋଧରେ ଦଣ୍ଡବିଧାନ ହେଉଛି, କିନ୍ତୁ ବଡ଼ ଅଫିସରଙ୍କ ବିରୋଧରେ ଦଣ୍ଡବିଧାନ ଲାଗୁ ହେଉନାହିଁ। ଫଳରେ ଦୁର୍ନୀତିଗ୍ରସ୍ତ ବାବୁମାନେ ଆରାମରେ ବୁଲୁଛନ୍ତି। ଓଡ଼ିଶାରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ସୁରକ୍ଷା ସ୍ୱୟଂ ସରକାର କରନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଏକ ୫ ଜଣିଆ ଖଣ୍ଡପୀଠ, ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ରାୟ ଦେଇଛନ୍ତି। କୋର୍ଟଙ୍କ ଆଦେଶ ମୁତାବକ ୨୦୦୩ରୁ ଅଦ୍ୟାବଧି ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୌଣସି ସରକାରୀ ମନ୍ତ୍ରଣାଳୟ ବା ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀର ଆବଶ୍ୟକତା ନାହିଁ। ତେଣୁ ସେହି ଅନୁଯାୟୀ ଓଡ଼ିଶାରେ ୨୨୭ ଜଣ ଆଇଏଏସ୍ ଏବଂ ଓଏଏସ୍ ଅଫିସର ଯେଉଁମାନେ ଦୁର୍ନୀତିରେ ରାଜ୍ୟ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମନୋଜ କହିଛନ୍ତି।

# ୨୦୨୪ ନିର୍ବାଚନ ଏକାଠି ଲଢ଼ିବେ ଟିଡିପି-ଜେଏସ୍‌ପି

ବିଜୟୱାଡ଼ା, ୧୪।୯

ଅଭିନେତାରୁ ରାଜନେତା ହୋଇଥିବା ପୱନ କଲ୍ୟାଣଙ୍କ ଜନସେନା ପାର୍ଟି (ଜେଏସ୍‌ପି) ସହ ଆନ୍ଧ୍ରପ୍ରଦେଶରେ ବିରୋଧୀ ଦଳ ଟିଡିପି ଏକାଠି ୨୦୨୪ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଟିଡିପି ସାଧାରଣ ସମ୍ପାଦକ ନାରା ଲୋକେଶ ଏବଂ ହିନ୍ଦୁପୁର ବିଧାୟକ ନନ୍ଦମୁରୀ ବାଲକ୍ରିଷ୍ଣନଙ୍କ ସହ ପୱନ କଲ୍ୟାଣ ଗୁରୁବାର ରାଜମହେନ୍ଦ୍ରଭାରମଠାରେ ଏହା ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ରାଜ୍ୟ ଦକ୍ଷତା ବିକାଶ ନିଗମ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଟିଡିପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ରାଜମହେନ୍ଦ୍ରଭରମ କେନ୍ଦ୍ରୀୟ ଜେଲରେ ରହିଥିବାବେଳେ ଉପରୋକ୍ତ ନେତାମାନେ ସେଠାରେ ତାଙ୍କୁ ଭେଟିବା ପରେ ଏହା ଘୋଷଣା କରିଛନ୍ତି। ଚନ୍ଦ୍ରାବାବୁଙ୍କ ଗିରଫଦାରିକୁ ପୱନ କଲ୍ୟାଣ ନିନ୍ଦା କରିଛନ୍ତି। ୱାଇଏସ୍‌ଆର୍‌ସି ପୁଣିଥରେ ଯେପରି କ୍ଷମତାକୁ ନ ଆସେ ସେଥିପାଇଁ ବିରୋଧୀ ଭୋଟ ନ ଭାଙ୍ଗିବାକୁ ସୁନିଶ୍ଚିତ କରିବାକୁ ହେବ ବୋଲି ସେ କହିଛନ୍ତି। ୱାଇଏସ୍‌ଆର୍‌ସିକୁ ଯଦି ଏବେଠାରୁ ରୋକା ନ ଯାଏ, ତେବେ ଆଗାମୀ ଦଶନ୍ଧି ପାଇଁ ରାଜ୍ୟରେ ବିପର୍ଯ୍ୟୟ ଲାଗି ରହିବ ବୋଲି କଲ୍ୟାଣ କହିଛନ୍ତି।

# ବିଜେଡି ଟିକେଟ ଦୌଡ଼ରେ ମନ୍ମଥ ମିଶ୍ର

**ଭୋଗରାଇ ରାଜନୀତି ସରଗରମ**

ଭୋଗରାଇ, ୧୪।୯(ପ୍ରଦୀପ ଦାସ)

ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ଭୋଗରାଇ ନିର୍ବାଚନମଣ୍ଡଳୀ ବିଜେଡି ଟିକେଟ ଦୌଡ଼ରେ ସାମିଲ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ତଥା ବିଧାୟକ ଅନନ୍ତ ଦାସ ବୟସାଧିକ୍ୟ କାରଣରୁ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବାରୁ ବଞ୍ଚିତ ହୋଇପାରନ୍ତି ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ଏହି ସୁଯୋଗରେ ଏକାଧିକ ନେତା ବିଜେଡି ଟିକେଟ ପାଇଁ ଲବି ଆରମ୍ଭ କରି ଦେଇଥିବା ବେଳେ ମନ୍ମଥ ମଧ୍ୟ ମଉକା ଦେଖି ଚଉକା ମାରିବା ଚକ୍କରରେ ରହିଛନ୍ତି। ଭୋଗରାଇର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିରରେ ଗୁରୁବାର ପୂଜାର୍ଚ୍ଚନା କରିବା ସହ ସେ ତାଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ନିର୍ବାଚନମଣ୍ଡଳୀରେ ଲୋକଙ୍କ ସେବା କରିବା ନିମନ୍ତେ ଭଗବାନଙ୍କ କରୁଣା ନେବାକୁ ଆସିଥିବା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ କାର୍ଯ୍ୟଧାରାରେ ବିଶ୍ୱାସ ରଖି ସେ ଭାଜପାରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିବା ଏବଂ ଆସନ୍ତା ନିର୍ବାଚନରେ ଭୋଗରାଇରୁ ପ୍ରାର୍ଥୀ ହେବା ଲାଗି ଇଚ୍ଛୁକ ଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ଯଦି ତାଙ୍କୁ ଦଳୀୟ ପ୍ରାର୍ଥୀ କରନ୍ତି ତେବେ ସେ ଏହାକୁ ସାଦରେ ଗ୍ରହଣ କରିବେ ଓ ଆଗକୁ ବଢ଼ିବେ ବୋଲି ଚନ୍ଦନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆଠଗଡ଼ ମୋ ଜନ୍ମସ୍ଥାନ ହୋଇଥିଲେ ମଧ୍ୟ ୩୦ବର୍ଷ ଧରି ଭୋଗରାଇକୁ କର୍ମସ୍ଥାନ ବୋଲି ବାଛି ନେଇଛି। ଭୋଗରାଇ ପାଣି ପବନରେ ବଢ଼ିଛି, ଏଠାକାର ଆବାଳବୃଦ୍ଧବନିତାଙ୍କ ସହ ଓତଃପ୍ରୋତ ଭାବେ ଜଡିତ ରହିଛି। ବିଧାୟକ ଅନନ୍ତ ଦାସ ଭୋଗରାଇର ଉନ୍ନୟନ କାର୍ଯ୍ୟକୁ ବହୁ ଆଗକୁ ନେଇଥିବା ବେଳେ ମୋତେ ସୁଯୋଗ ମିଳିଲେ ଏ ଅଞ୍ଚଳର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ପାଇଁ ବଦ୍ଧପରିକର ହେବି ବୋଲି ମନ୍ମଥ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତବଲା ବାଦକ ଜିତେନ୍ଦ୍ର ବେହେରା, ନିମାତପୁର ପଞ୍ଚାୟତର ଯୁବନେତା ଦିଲୀପ ପ୍ରଧାନ, ଦେଉଳା ପଞ୍ଚାୟତ ଯୁବନେତା ସତ୍ୟବ୍ରତ ଘଡ଼ାଇ, ବିରଜା ଗ୍ରାମର ବରେନ୍ଦ୍ର ଦତ୍ତ, ଚନ୍ଦନେଶ୍ୱର ଯୁବନେତା ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ମଥ ଭୋଗରାଇର ବହୁ କଳାକାର, ଛାମୁଆ ଯୁବନେତା ଓ ବୁଦ୍ଧିଜୀବୀଙ୍କୁ ସାକ୍ଷାତ୍ କରୁଥିବାରୁ ଏଠାକାର ରାଜନୀତି ଏବେ ସରଗରମ ହେବାରେ ଲାଗିଛି।



ଖବରଦାତା ସମ୍ମିଳନୀରେ ସମର୍ଥକଙ୍କ ସହ ମନ୍ମଥ

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନକୁ ଛାତ୍ର କଂଗ୍ରେସର ଅଣ୍ଡାମାଡ଼

**ଛାତ୍ର ସଂସଦ ନିର୍ବାଚନ ବନ୍ଦ ପ୍ରସଙ୍ଗ**

ଭୁବନେଶ୍ୱର, ୧୪।୯(ସୁନିତ୍ ମିଶ୍ର)

ଛାତ୍ର ସଂସଦ ନିର୍ବାଚନ ନ କରାଯିବା ଘଟଣାକୁ ନେଇ ରାଜ୍ୟରେ ବିଭିନ୍ନ ଛାତ୍ର ସଙ୍ଗଠନ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି କ୍ରମରେ ଗୁରୁବାର ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ଘେରାଉ ସହ ଅଣ୍ଡାମାଡ଼ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏଥିସହ ଛାତ୍ର କଂଗ୍ରେସ କର୍ମୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଭିତରକୁ ଧସେଇପଶିବାକୁ ଉଦ୍ୟମ କରିଥିବା ବେଳେ ପୋଲିସ ସେମାନଙ୍କୁ ବାଧା ଦେଇଥିଲା। ଫଳରେ ପୋଲିସ ଓ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କୁ ସେଠାରୁ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

ଏହି ପ୍ରତିବାଦ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ସରକାର ତାଙ୍କ ନିଷ୍ପତ୍ତିର ପୁନର୍ବିଚାରକରି ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରାନ୍ତୁ। ନଚେତ୍ ଛାତ୍ର କଂଗ୍ରେସ ଏହି ଘଟଣାରେ ଚୁପ୍ ହୋଇ ବସିବ ନାହିଁ। ଆଗାମୀ ଦିନରେ ସାରା ରାଜ୍ୟରେ ଏହି ପ୍ରସଙ୍ଗ ନେଇ ଛାତ୍ରନେତାଙ୍କୁ ଏକାଠି କରାଯିବା ସହିତ ଆନ୍ଦୋଳନ ଜୋର୍‌ଦାର କରାଯିବ।










ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବାତିଲ ନିଷ୍ପତ୍ତିକୁ ବିରୋଧ କରି ଏନ୍‌ଏସ୍‌ୟୁଆଇର ଛାତ୍ରମାନେ ଗୁରୁବାର ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।(ବାମ), ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ କଟକ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଛାତ୍ରମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

## ରାଜ୍ୟ ଖବର

# ୨୦୨୭ ସୁଦ୍ଧା ଫାଇଲେରିଆମୁକ୍ତ ହେବ ଓଡ଼ିଶା

**୨ ପର୍ଯ୍ୟାୟରେ ୨ କୋଟି ୭୩ ଲକ୍ଷ ଲୋକଙ୍କୁ ଔଷଧ ବଣ୍ଟନ**

ଭୁବନେଶ୍ୱର, ୧୪।୯(ଅଭିଜିତ ଦାସ)

ରାଜ୍ୟରେ ଡେଙ୍ଗୁର ପ୍ରକୋପ ଥିବାବେଳେ ପାଖାପାଖି ୬୦ ପ୍ରତିଶତ ଲୋକ ଫାଇଲେରିଆ ରୋଗରେ ଆକ୍ରାନ୍ତ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୭ ମସିହା ସୁଦ୍ଧା ରାଜ୍ୟରେ ଫାଇଲେରିଆ ରୋଗକୁ ନିର୍ମୂଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ଦୁଇଟି ପର୍ଯ୍ୟାୟରେ ୨ କୋଟି ୭୩ ଲକ୍ଷ ଲୋକଙ୍କୁ ଫାଇଲେରିଆ ପ୍ରତିଷେଧକ ଔଷଧ ବଣ୍ଟନ କରାଯାଇଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟକୁ ୨୦୩୦ ସୁଦ୍ଧା ଫାଇଲେରିଆ ମୁକ୍ତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଲକ୍ଷ୍ୟ ୨୦୨୭ ରଖାଯାଇଛି। ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଚଳିତ ବର୍ଷ ଫେବୃୟାରୀରେ ଫାଇଲେରିଆ ରୋଗର ନିରାକରଣ ପାଇଁ ୧୦ଟି ଜିଲାରେ ସାମୂହିକ ଔଷଧ ବଣ୍ଟନ କରାଯାଇଥିଲା। ପାଖାପାଖି ୧କୋଟି ୨୩ ଲକ୍ଷ ଲୋକଙ୍କୁ ଔଷଧ ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ମାସରେ ଆରମ୍ଭ କରାଯାଇଥିଲା। ୧୧ଟି ଜିଲାରେ ୧ କୋଟି ୫୦ ଲକ୍ଷ ଲୋକଙ୍କୁ ଔଷଧ ଦିଆଯାଇଛି। ୯ଟି ଜିଲା ଫାଇଲେରିଆମୁକ୍ତ ଘୋଷଣା ପାଇଁ ଯୋଗ୍ୟତା ହାସଲ କରିଛି। ବର୍ତ୍ତମାନ ରାଜ୍ୟରେ ଫାଇଲେରିଆମୁକ୍ତ ଅଭିଯାନ ଜାରି ରହିଛି। ଉକ୍ତ ରୋଗ ପାଇଁ ୩ ପ୍ରକାର ଔଷଧ ଦିଆଯାଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧ କୋଟି ୮୧ ଲକ୍ଷ ଆଲ୍‌ବେଣ୍ଡାଜୋଲ, ୪କୋଟି ୫୩ ଲକ୍ଷ ଡିଇସି ଏବଂ ୪କୋଟି ୫୪ ଲକ୍ଷ ଆଇଭରମେଟିନ ବଟିକା ବଣ୍ଟାଯାଇଛି। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭାଶିଷ ମହାନ୍ତି କହିଛନ୍ତି, ରାଜ୍ୟରେ ମଶାବାହିତ ରୋଗ ମଧ୍ୟରୁ ଡେଙ୍ଗୁ, ଫାଇଲେରିଆ, ମ୍ୟାଲେରିଆ ଭଳି ରୋଗର ପ୍ରଭାବ ରହିଛି। କ୍ୟୁଲେକ୍ସ ମଶାଙ୍କ ଦ୍ୱାରା ଫାଇଲେରିଆ ରୋଗ ହେଇଥାଏ। ଫାଇଲେରିଆମୁକ୍ତ ଅଭିଯାନରେ ଡାକ୍ତରୀ ଛାତ୍ରୀଛାତ୍ର, ଆଶାକର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ସାମିଲ ହୋଇ ବହୁ ଜିଲାରେ ଲୋକଙ୍କୁ ଔଷଧ ବଣ୍ଟନ କରିଥିଲେ। ପୂର୍ବରୁ ଫାଇଲେରିଆ ପାଇଁ ଆଲ୍‌ବେଣ୍ଡାଜୋଲ ଓ ଡିଇସି ବଟିକା ଦିଆଯାଉଥିବାବେଳେ ବର୍ତ୍ତମାନ ଆଇଭରମେଟିନ ବଟିକା ମଧ୍ୟ ଦିଆଯାଉଛି। ଔଷଧ ବିତରଣରେ ସମଗ୍ର ଦେଶରେ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନରେ ଥିବା ବେଳେ ବିହାର ଦ୍ୱିତୀୟ ଏବଂ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଜାତୀୟ ଭେକ୍ଟର ବୋର୍ନ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଭିବିଡିସିପି) ଜରିଆରେ ରାଜ୍ୟର ମଶାପ୍ରବଣ ଅଞ୍ଚଳରେ ୨୦୧୬, ୨୦୨୦ ଓ ୨୦୨୧ ମସିହାରେ ଲୋକଙ୍କୁ ମଶାରି ବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ମଧ୍ୟ ମଶାରି ବଣ୍ଟନ କରାଯିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

# ଭିଜିଲାନ୍ସ ଜାଲରେ ଓଏଏସ୍ ଅଧିକାରୀ



ସଂଗ୍ରାମ କେଶରୀ ଜେନା



ବାଲୁଗାଁରେ ଥିବା ସଂଗ୍ରାମଙ୍କ ତିନିମହଲା କୋଠା

ଭୁବନେଶ୍ୱର (ସତ୍ୟଜିତ୍ ରାଉତ)/ ବାଲୁଗାଁ(ସଂଗ୍ରାମ ପାଇକରାୟ), ୧୪।୯

**■ ଏକକାଳୀନ ୪ ସ୍ଥାନରେ ଚଢ଼ାଉ**
**■ ବିପୁଳ ପରିମାଣର ସମ୍ପତ୍ତି ଠାବ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଓଏଏସ୍ ଅଧିକାରୀ ତଥା ଗଞ୍ଜାମ ଜିଲା ବୁଗୁଡ଼ାର ପୂର୍ବତନ ତହସିଲଦାର ସଂଗ୍ରାମ କେଶରୀ ଜେନା ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍‌ର ୪ ଟିମ୍ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସଂଗ୍ରାମଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଭୁବନେଶ୍ୱର ଲୋକସେବା ଭବନସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଂଗ୍ରାମଙ୍କ ଅଫିସ ଚାମ୍ବର, ଖୋର୍ଦ୍ଧା ଜିଲା ବାଲୁଗାଁ ଚୁଡ଼ାମିଲ୍ ନିକଟରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ ଚାଲିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୪ଟି ଟିମ୍‌ରେ ୩ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଚଢ଼ାଉ ସମୟରେ ସଂଗ୍ରାମଙ୍କଠାରୁ ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଛି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ବାଲୁଗାଁ ଜେନା କଲୋନୀରେ ୭୫୫୪ ବର୍ଗଫୁଟରେ ଥିବା ସଂଗ୍ରାମଙ୍କ ପ୍ରାୟ ୧.୩୬ କୋଟି ଟଙ୍କାର ୩ ମହଲା କୋଠା, ଟାଙ୍ଗୀ ଥାନା ଅନ୍ତର୍ଗତ ହରିପୁରରେ ୨୭୦୦ ବର୍ଗଫୁଟର ଗୋଟିଏ କୋଠା, ବାଣପୁର ଟାଉନ୍‌ରେ ୪ଟି ପ୍ଲଟ୍, ଗୋଟିଏ ବେନାମି ପ୍ଲଟ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ନଗଦ ୮୫ ହଜାର ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୨୧.୪୬ ଲକ୍ଷ, ୨ଟି ବାଇକ୍, ୩୮.୨୯ ଲକ୍ଷ ଟଙ୍କାର ୩ ଚାରିଚକିଆ ଯାନ, ୧୧.୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଏବଂ ଘରୋଇ ସାମଗ୍ରୀ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ସଂଗ୍ରାମଙ୍କୁ ଏନେଇ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଲୋକ କଳାକାରଙ୍କୁ ନେଇ ପ୍ରସ୍ତୁତ ହେଉନି ମାର୍ଗଦର୍ଶିକା

**ବାରମ୍ବାର ବଦଳୁଛି**
**■ ପ୍ରାପ୍ୟରେ ବି ପରିବର୍ତ୍ତନ**
**■ ତେଜୁଛି ଅସନ୍ତୋଷ**

ଭୁବନେଶ୍ୱର, ୧୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁବାର ସମସ୍ତ ଜିଲାର ଜିଲାପାଳଙ୍କ ନିମନ୍ତେ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) କାର୍ଯ୍ୟକ୍ରମ ସମ୍ପର୍କରେ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ଆଇଇସି ଅଭିଯାନରେ ଲୋକକଳା କଳାକାରଙ୍କୁ ସମ୍ପୃକ୍ତ କରାଇ କାର୍ଯ୍ୟକ୍ରମ ପରିବେଷଣ କରାଯିବା ନେଇ ମାର୍ଗଦର୍ଶିକାରେ ବିଭିନ୍ନ ପ୍ରସଙ୍ଗରେ ସୂଚନା ଦିଆଯାଇଛି। ସେଥିରେ ଲୋକକଳା ଦଳର କଳାକାର ସଂଖ୍ୟା, ସେମାନଙ୍କ ଦୈନିକ ପ୍ରାପ୍ୟ, ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେବେ ଏ ନେଇ ଲୋକକଳା କଳାକାରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ ବିନା ପରାମର୍ଶରେ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଥିବା ଓ ବାରମ୍ବାର ପରିବର୍ତ୍ତନ ହେଉଥିବା ନେଇ ସେମାନେ ଅଭିଯୋଗ ଆଣିଛନ୍ତି।

ନିକଟରେ ଭୁବନେଶ୍ୱରରେ ଦୁଇଦିନିଆ ସଂସାଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ବିଭିନ୍ନ ଜିଲା ଓ ବ୍ଲକ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବାର ଯୋଜନା ରହିଥିଲା। ସେପ୍ଟେମ୍ବର ୧୫ରୁ ୩୦ତାରିଖ ମଧ୍ୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ନୂତନ ମାର୍ଗଦର୍ଶିକାରେ ଏହା ୧୭ରୁ ୨୪ ତାରିଖ ମଧ୍ୟରେ କରାଯିବାକୁ ଉଲ୍ଲେଖ ରହିଛି। ସେହିପରି ସଂକୀର୍ତ୍ତନ, ସମ୍ପ୍ରଦା, ସଞ୍ଚାର ଆଦି ଲୋକନୃତ୍ୟ ପାଇଁ ଆବଶ୍ୟକ ସଂଖ୍ୟକ କଳାକାରଙ୍କ ସଂଖ୍ୟା ମଧ୍ୟ ହ୍ରାସ କରାଯାଇଛି, ଯାହାକି କଳାକାରଙ୍କୁ ଏକ ବିଷମ ପରିସ୍ଥିତିରେ ପକାଇଛି। ଯେଉଁ ଦଳ ପାଇଁ ସର୍ବନିମ୍ନ ୧୦ଜଣ କଳାକାର ଦରକାର ସେଠାରେ ୬ କିମ୍ବା ୮ଜଣ ରଖାଯାଇଛି। ଅନ୍ୟପକ୍ଷେ ମାର୍ଗଦର୍ଶିକାରେ ବାଉଁଶରାଣୀ, ଘୁଡୁକି, ଖଞ୍ଜଣି ଭଜନ, ସଞ୍ଚାର, ପାଲା, ସଂକୀର୍ତ୍ତନ, ସମ୍ପ୍ରଦା ଆଦି ଅନେକ ଲୋକକଳା ପାଇଁ ନିର୍ଦ୍ଧାରିତ ପ୍ରାପ୍ୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ମାର୍ଗଦର୍ଶିକାରେ ପୂର୍ବରୁ ୫ହଜାର ଓ ୧୬୦୦ଟଙ୍କା ଉଲ୍ଲେଖ ଥିବା ବେଳେ ପରେ ଏହାକୁ ସଂଶୋଧନ କରାଯାଇ ଯଥାକ୍ରମେ ୪ହଜାର ୬ଶହ ଓ ୧୨୦୦ ଟଙ୍କା କରାଯାଇଛି। ଫଳରେ ଲୋକକଳାକାରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମାର୍ଗଦର୍ଶିକା ପରେ ମାର୍ଗଦର୍ଶିକା ପ୍ରସ୍ତୁତ ହେଉଛି, କିନ୍ତୁ ସେଥିରେ ତାଳମେଳ ରହୁନାହିଁ। ଏପରିକି କଳାକାରଙ୍କ ସହମତି କି ସୁବିଧାକୁ ପ୍ରାଧାନ୍ୟ ଦିଆଯାଉନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ମାର୍ଗଦର୍ଶିକାକୁ ନେଇ ଝାରସୁଗୁଡ଼ା ଜିଲା ସଂସ୍କୃତି ସଂଘର ଉପସଭାପତି ସୁଦର୍ଶନ ପ୍ରଧାନ କହିଛନ୍ତି, ପ୍ରଥମ କଥା ହେଉଛି ଆଗକୁ ବିଶ୍ୱକର୍ମା ପୂଜା, ଗଣେଶ ପୂଜା ଓ ନୂଆଖାଇ ଆସୁଛି। ପ୍ରଶିକ୍ଷଣ ପାଇଁ ନିର୍ଦ୍ଧାରିତ ସମୟ ବିଶେଷକରି ପଶ୍ଚିମ ଓଡ଼ିଶାର ଲୋକଙ୍କୁ ବଡ଼ ଅାଡୁଆରେ ପକାଇଛି। ଯଦି ସମୟ ପରିବର୍ତ୍ତନ କରାଯାଉଛି ତାହା ଆମ ସୁବିଧା ହିସାବରେ ହେଲେ ଭଲ ହୁଅନ୍ତା। ପୂଜା ସମୟରେ ପ୍ରଶିକ୍ଷଣ ଆୟୋଜନ ଉଚିତ୍ ହେଉନାହିଁ। ସମ୍ପ୍ରଦା, ସଞ୍ଚାର, ସଂକୀର୍ତ୍ତନ ଦଳରେ ୧୫ରୁ ୨୦ କଳାକାର ନିହାତି ରହୁଥିବା ପ୍ରାୟ ସମସ୍ତଙ୍କୁ ଜଣା। କିନ୍ତୁ ମାର୍ଗଦର୍ଶିକାରେ ସର୍ବାଧିକ ୮ କଳାକାରଙ୍କୁ ନେଇ ପରିବେଷଣ କରିବାକୁ ଉଲ୍ଲେଖ ରହିଛି। ଗାଁରେ ଆମେ ମିଳିତ ଭାବେ ଦୀର୍ଘ ବର୍ଷ ଧରି ପରିବେଷଣ କରିଆସୁଛୁ। ବର୍ତ୍ତମାନ କାହାକୁ ବାଦ୍ ଦେବୁ ଓ କାହାକୁ ରଖିବୁ ତାହା ବଡ଼ ସମସ୍ୟାରେ ପକାଇଛି। ଏମିତି ହେଲେ ଗାଁ ଭାଗ ଭାଗ ହୋଇଯିବ। ଭୁବନେଶ୍ୱରରେ ପ୍ରଶିକ୍ଷଣ ସମୟରେ ଆମେ ଏ ସମ୍ପର୍କରେ ଉଲ୍ଲେଖ କରିଥିଲୁ। ସେ ନୂତନ ମାର୍ଗଦର୍ଶିକାରେ ଅତିକମ୍‌ରେ ୧୦ଜଣ କଳାକାର ରଖାଯିବ ବୋଲି କହିଥିଲେ। କିନ୍ତୁ ପ୍ରକାଶିତ ମାର୍ଗଦର୍ଶିକା ଆମକୁ ସମସ୍ୟା ଭିତରକୁ ଟାଣିନେଇଛି। ସେହିପରି ସଞ୍ଚାର ପରିବେଷଣରେ ମାତ୍ର ୩ଜଣ ଆବଶ୍ୟକ। କିନ୍ତୁ ୪ଜଣଙ୍କୁ ରଖାଯିବା ପାଇଁ ନିର୍ଦ୍ଦେଶ ହୋଇଛି। ଯେଉଁଥିରେ ଆବଶ୍ୟକ ତାହା ନ କରି ଅନାବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଯାଇଛି। ଭୁବନେଶ୍ୱରରେ ବସି ମାର୍ଗଦର୍ଶିକା କରିଦେଲେ ହେବ ନାହିଁ। ଲୋକକଳା କଳାକାରଙ୍କ ସହ ଆଲୋଚନା କରି ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବା ଆବଶ୍ୟକ। ସେହିପରି ସୁବର୍ଣ୍ଣପୁର ଜିଲା ସାଂସ୍କୃତିକ ସଂଘର ଉପସଭାପତି ମାନଭଞ୍ଜନ ମିଶ୍ର କହିଛନ୍ତି, ଲୋକକଳାକାରଙ୍କୁ ନେଇ ମାର୍ଗଦର୍ଶିକା ପ୍ରସ୍ତୁତ ହେଉନାହିଁ। ଯେଉଁମାନେ ପରିବେଷଣ କରିବେ ସେମାନଙ୍କ ପ୍ରସ୍ତାବ କିମ୍ବା ପରାମର୍ଶ ନେବା ଆବଶ୍ୟକ। ନୂତନ ମାର୍ଗଦର୍ଶିକା ଆମକୁ ଅଡୁଆରେ ପକାଇଛି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଏକାଂଶ
ପରିବାରବର୍ଗ


ଶ୍ରେୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟିଂ ଚାମ୍ପିୟନ

### ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୧୪।୯ (ବିଜୟ ରଣା)**

ୟୁନାଇଟେଡ୍ ୟୁଥ ସ୍ପୋର୍ଟିଂ କ୍ଲବ ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅଗଷ୍ଟ ୪ରୁ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀରେ ଖେଳାଯାଇ ଆସୁଥିବା ଏହି ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୟୁନାଇଟେଡ ୟୁଥ ସ୍ପୋର୍ଟିଂ ଫାଇନାଲରେ କିଟ୍ ଏକାଦଶକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳରେ ବିଜୟୀ ଦଳ ୩-୧ରେ ଅଗ୍ରଣୀ ରହିଥିଲା। ୟୁନାଇଟେଡ ୟୁଥ ସ୍ପୋର୍ଟିଂ ଦୀନବନ୍ଧୁ ଦାସ (୪ର୍ଥ ମିନିଟ), ବାପୁନୀ ବିନ୍ଧାଣୀ (୭ମ) ଓ ଜଗନ୍ନାଥ ବାରିକ (୩୫ତମ) ଙ୍କ ଗୋଲ ସ୍କୋର କରିଥିଲେ। କିଟ୍ ପକ୍ଷରୁ କୁନାଲ ସିଂ ୨୮ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ ୫୫ତମ ମିନିଟ୍‌ରେ ଦୀନବନ୍ଧୁ ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଓ ମ୍ୟାଚର ଅନ୍ତିମ ଗୋଲ୍ ସ୍କୋର କରି ୟୁନାଇଟେଡ ୟୁଥ ସ୍ପୋର୍ଟିଂକୁ ଜିତାଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଦୀନବନ୍ଧୁ ଦାସ ଅତିଥି ତଥା ପ୍ରାକ୍ତନ ମହିଳା କ୍ରୀଡ଼ାବିତ୍ ପ୍ରଣତି ମିଶ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚକୁ ଏମ୍.ଏସ୍ ବେଗ୍ ପରିଚାଳନା କରିଥିବାବେଳେ ବିଜୟ ମଙ୍ଗରାଜ ଓ ଶିବ ସାମନ୍ତରାୟ ତାଙ୍କୁ ସହାୟତା କରଇଥିଲେ। ଆଲୋକ ଦେହୁରୀ ୪ର୍ଥ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱରର ଦିବଂଗତ କ୍ରୀଡ଼ା ସଂଗଠକ ଗତିକୃଷ୍ଣ ପଣ୍ଡାଙ୍କ ପୁତ୍ର ତଥା ଶିଳ୍ପପତି ବିଷ୍ଣୁ ଚରଣ ପଣ୍ଡା ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଦଳ ଏବଂ ଉପବିଜେତା ୟୁନିଟ୍-୧ ଦଳକୁ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସଭାପତି ତପନ କୁମାର ମହାନ୍ତି ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ଉପ ସଭାପତି ସନ୍ତୋଷ କୁମାର ମହାନ୍ତି, ଭାଗ୍ୟଧର ଜଗଦେବ ଓ ରାଧାନାଥ ମହାପାତ୍ର, କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା, ଯୁଗ୍ମ ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଫୁଟ୍‌ବଲ ସମ୍ପାଦକ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପୁରସ୍କାର ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ସହକ୍ରୀଡ଼ା ନିର୍ଦ୍ଦେଶକ ଅଶୋକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

## ଭାରତୀୟ ଚ୍ୟାଲେଞ୍ଜ ଶେଷ

**କୋଲୁନ୍ (ହଂକଂ), ୧୪।୯ (ପି.ଟି.):** ଭାରତର ଦୁଇ ମହିଳା ଡବଲ୍ସ ଯୋଡ଼ି ସେମାନଙ୍କ ପ୍ରି-କ୍ୱାର୍ଟର ଫାଇନାଲ ହାରିଯିବା ଫଳରେ ହଂକଂ ଓପନ ସୁପର ୫୦୦ ଟୁର୍ନାମେଣ୍ଟରେ ଭାରତର ଚ୍ୟାଲେଞ୍ଜ ଶେଷ ହୋଇଛି। ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ୭ମ ସିଡ୍ ଇଣ୍ଡୋନେସିଆର ଆପ୍ରିୟାନୀ ରାହାୟୁ ଓ ସିତି ଫାଦିତା ସିଲ୍‌ଭା ରାଣାଧାନ୍ତିଙ୍କଠାରୁ ୮-୨୧, ୧୪-୨୧ରେ ହାରିଯାଇଥିଲେ। ଏହା ପରେ ସମସ୍ତ ଆଶା ତନିଶା କାଷ୍ଟ୍ରୋ ଓ ଅଶ୍ୱିନ ପୋନନାପ୍ପାଙ୍କ ଉପରେ ରହିଥିଲା।

# ତାଲିକାରେ ହରମନପ୍ରୀତଙ୍କ ସମେତ ୩ ଭାରତୀୟ

### ଟାଇମ୍ ୧୦୦ ନେକ୍ସଟ ୨୦୨୩ ଇମର୍ଜିଂ ଲିଡର୍ସ

**ନ୍ୟୁୟର୍କ, ୧୪।୯**

ଟାଇମ୍ ମାଗାଜିନ ପକ୍ଷରୁ ବୁଧବାର ଟାଇମ୍ ୧୦୦ ନେକ୍ସଟ ୨୦୨୩ ଇମର୍ଜିଂ ଲିଡର୍ସଙ୍କ ତାଲିକା ପ୍ରକାଶ ପାଇଛି। ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କ ସମେତ ୩ ଜଣ ଭାରତୀୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଅନ୍ୟତମ ଭାରତୀୟ ଭାବରେ ନନ୍ଦିତା ଭେଙ୍କଟେସନ୍ ଓ ଭିନୁ ଡାନିଏଲ୍ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଏକମାତ୍ର ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ଭାବରେ ନବାରୁଣ ଦାସଗୁପ୍ତା ଏହି ତାଲିକାରେ ସ୍ଥାନ ପାଇଛନ୍ତି। ୩୪ ବର୍ଷୀୟା ହରମନ୍‌ପ୍ରୀତଙ୍କୁ ମହିଳା କ୍ରିକେଟର ଅଗ୍ରଗତିରେ ପୁରୋଧା ଭାବରେ ବର୍ଣ୍ଣନା କରାଯାଇଛି। ୨୦୧୭ ମସିହାରେ ହରମନ୍‌ପ୍ରୀତ୍ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱକପ ମ୍ୟାଚରେ ୧୧୫ ବଲ୍‌ରୁ ୧୭୧ ରନ୍ ସ୍କୋର କରିଥିଲେ। ଏପରିକି ନିକଟରେ ବାଂଲାଦେଶ ବିପକ୍ଷ ସିରିଜ୍‌ରେ ଅମ୍ପାୟାରିଂକୁ ସମାଲୋଚନା କରି ୭୫ ପ୍ରତିଶତ ମ୍ୟାଚ୍ ଫି ହରାଇବା ସହିତ ଦୁଇଟି ମ୍ୟାଚରୁ ବାସନ୍ଦ ହୋଇଥିଲେ। ଭାରତ ପକ୍ଷରୁ ହରମନ୍‌ପ୍ରୀତ ୩ଟି ମହିଳା ଟେଷ୍ଟ, ୧୨୪ ଦିନିକିଆ ଓ ୧୫୩ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଦିନିକିଆ ଓ ଟି୨୦ରେ ସେ ୩ ହଜାରରୁ ଅଧିକ ରନ୍ ସ୍କୋର କରିଛନ୍ତି। ଏହା ସହ ପ୍ରଥମ ସଂସ୍କରଣର ଓମେନ୍ସ ପ୍ରିମିୟର ଲିଗ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇ ସେ ଦଳକୁ ଚାମ୍ପିୟନ କରାଇଥିଲେ। ୩୩ ବର୍ଷୀୟ ନନ୍ଦିତା ଭେଙ୍କଟେସନ ଟ୍ୟୁବରକୋଲୋସିସ୍ (ଟି.ବି) କାରଣରୁ ନିଜର ବାକଶକ୍ତି ହରାଇଥିଲେ। ଖାଉଥିବା ଔଷଧର ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ନନ୍ଦିତା ନିଜର ବାକଶକ୍ତି ହରାଇଥିଲେ। ତେବେ ଉକ୍ତ ଔଷଧକୁ ବ୍ୟାନ୍ କରିବା ପାଇଁ ନନ୍ଦିତା ଆଇନଗତ ଲଢେଇ ଲଢିଥିଲେ। ନନ୍ଦିତାଙ୍କ ଉଦ୍ୟମ କାରଣରୁ ଜେନେରିକ୍ ମେଡିସିନ୍ ସହଜରେ ଉପଲବ୍ଧ ହେବ, ତେଣୁ ତାଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। କେରଳରୁ ଆସୁଥିବା ଭିନୁ ଡାନିଏଲଙ୍କ ୱାଲମେକର୍ସ ନାମକ ଏକ ଷ୍ଟୁଡିଓ ରହିଥିବା ବେଳେ ସେ ଘର ନିର୍ମାଣ କରଥାନ୍ତି। ମାଟି ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁର ବ୍ୟବହାର କରି ସେ ଦୀର୍ଘସ୍ଥାୟୀ ଘର ନିର୍ମାଣ କରିଥାନ୍ତି।


ହରମନ୍‌ପ୍ରୀତ୍ କୌର

# ୟାମାଶିତା ମ୍ୟାଚ୍ ଅଫିସିଆଲ୍

**କୁଆଲାଲମ୍ପୁର, ୧୪।୯**

ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମ୍ୟାଚ ପରିଚାଳନା ପାଇଁ କାତାର ଆସିବେ ରେଫରି ୟୋଶିମି ୟାମାଶିତା। ଗତବର୍ଷ ଏହି ଦେଶରେ ଅନୁଷ୍ଠିତ ପୁରୁଷ ବିଶ୍ୱକପ୍‌ରେ ସେ ରେଫରି ଦାୟିତ୍ୱ ତୁଲାଇ ଇତିହାସ ରଚିଥିଲେ। ଜାନୁୟାରୀ ୧୨ରୁ ଫେବୃୟାରୀ ୧୦ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ପ୍ରଥମ ମହିଳା ମ୍ୟାଚ ଅଫିସିଆଲ ଭାବେ ସେ ଆଉ ଏକ କୀର୍ତ୍ତିମାନ ଅର୍ଜନ କରିବାକୁ ଯାଉଛନ୍ତି। କାତାରରେ ଗୁରୁବାର ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ବୈଠକ ବସିଥିଲା। ଏଥିପାଇଁ ମନୋନୀତ ଦୁଇ ରେଫରିଙ୍କ ସମେତ ମନୋନୀତ ୫ମ୍ୟାଚ ଅଫିସିଆଲଙ୍କ ମଧ୍ୟରେ ୟାମାଶିତାଙ୍କ ନାମ ରହିଛି। ଏଏଫ୍‌ସି ପ୍ରଥମଥର ଜଣେ ମହିଳା ମ୍ୟାଚ ଅଫିସିଆଲଙ୍କୁ ନିଯୁକ୍ତି ଦେଇଛି। ରେଫରିଙ୍କ ମଧ୍ୟରେ ଅଷ୍ଟ୍ରେଲିଆର କାଥରିନ ଜାସ୍ୱିଜଙ୍କୁ ନିଆଯାଇଛି। ସହକାରୀ ଭାବେ ଜାପାନର ମାକୋଟୋ ବୋଜୋନୋ ଓ ନାଓମି ତେଶିରୋଗି ଏବଂ ଦକ୍ଷିଣ କୋରିଆର କିମ୍ କ୍ୟୋଙ୍ଗ୍ ମିନ୍‌ଙ୍କୁ ମନୋନୟନ କରାଯାଇଛି। ୨୪ଟି ଦଳକୁ ନେଇ ଏସିଆନ କପ୍‌ର ଅଧିକାଂଶ ମ୍ୟାଚ ପୁରୁଷ ବିଶ୍ୱକପ୍‌ରେ ବ୍ୟବହାର କରାଯାଇଥିବା ଷ୍ଟାଡିୟମଗୁଡ଼ିକରେ ଖେଳାଯିବ। ୬ଗ୍ରୁପ୍ ବିଶିଷ୍ଟ ଗେମ୍‌ରେ ୟାମାଶିତା ଚତୁର୍ଥ ଅଫିସିଆଲ ଦାୟିତ୍ୱରେ ରହିବେ। ପୁରୁଷ ବିଶ୍ୱକପ୍ ପାଇଁ ଫିଫା ଯେଉଁ ୩ ମହିଳା ରେଫରିଙ୍କୁ ବାଛିଥିଲା ସେମାନଙ୍କ ମଧ୍ୟରେ ୟାମାଶିତା ଅନ୍ୟତମ ଥିଲେ। ଫ୍ରାନ୍ସର ଷ୍ଟିଫାନି ଫ୍ରାପର୍ଟ ଗ୍ରୁପ୍ ପର୍ଯ୍ୟାୟରେ ଜର୍ମାନୀ-କୋଷ୍ଟାରିକା ମ୍ୟାଚ ପରିଚାଳନା କରି ଇତିହାସ ରଚିଥିଲେ। ୟାମାଶିତା ଏପ୍ରିଲରେ ଜାପାନର ଟପ୍ ଲିଗ୍ ଜେ-ଲିଗ୍‌ରେ ପ୍ରଥମ ମ୍ୟାଚ ଅଫିସିଆଲ ଅଲ୍-ଫିମେଲ ଟିମ୍‌ର ନେତୃତ୍ୱ ନେଇଥିଲେ।


## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**

ଏକାଂଶ ପ୍ରତୀ ସାହୁ
ଜନ୍ମ ତା. ୧୪।୦୯।୨୦୧୪
ଗ୍ରାମ: ଝାର୍‌ଗୁଲୁଣ୍ଡା, ନାଗଡ଼ିହି, ଜିଲ୍ଲା: ସମ୍ବଲପୁର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ପିତା କ୍ଷୀରୋଦ କୁମାର ସାହୁ, ମାତା ସଂଯୁକ୍ତା ସାହୁ ଓ ପରିବାର ତରଫରୁ ଶୁଭେଚ୍ଛା।
ଧ-୧୩୦୯

**14th Birthday**

Sreyanshi Upadhyaya
Address:- Sector- 7, CDA, Cuttack.
Parents- Suresh Ku Upadhyaya, Sasmita Padhi
Cousions- Mitoshna, Krishna, Subham, Jyoti, Grand father, Grand Mother and family members.
" May your birthday brings a lot of Smile to your face, happiness to your heart and many blessing to your whole life"
D-1312

# Classified Everyday
0674-2580101, 2549949


REAL ESTATE

**SALE**

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ 30' road, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। 7894216209. D-75215

Patia (KIIT) ଦାରୁଠେଙ୍ଗ ODM Global School ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। 9337830407. D-75212

Duplex sale at Bhubaneswar @ 57lakhs only. Contact- 9777433701. D-75213

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-75036

ଭୁବନେଶ୍ୱର କଟକ NH-16 ମଧ୍ୟରେ ଧାକୁଲେଇ ପାଠ ନିକଟରେ ଘର ଉପଯୋଗୀ ପ୍ଲଟ୍ 30ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7978729819, 7008756026. D-1244




1300sqft. single house at Pragati Enclave Chandrasekhar Bhubaneswar, with garage, for residence / corporate guesthouse contact 7978605216 D-75302

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Body relax/Mind fresh massage @800/- by trend therapist. 7008773793. D-75148

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75037

Newly open SPA positively health benefits with expert therapist. 9938843929. D-75147

Body massage by experience, good looking therapist @ 999/-. (Bhubaneswar) 9078484455. D-1215

Relax, Refresh your body, Mind at Saikrupa Spa with best therapies. 8984068077. D-1190

All types of professional body massage by professional therapy. Contact:7077933109/9556924059/8658803018. D-1239




AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**AFFIDAVIT**

I, Jugal Kishore Samantaray, S/o Purna Chandra Barik, Village- Gudupangi, Ward- No- 6 PO- Malisahi, PIN-752070, PS- Nayagarh, Dist.- Nayagarh, Odisha declare by this affidavit CF No- 5/2 Date 12.09.2023, That now onwards I shall be known as Deepak Barik for all future purposes. D-1306

I Kuna Nath alias Laxmipriya Nath (44), W/o- Nirmal Nath, Vill- Rajagurupur, P.S.- Bansada, Dist.- Bhadrak. My name is Kuna Nath in my LIC Policy No.- 596812729. I declare that Kuna Nath and Laxmipriya Nath same and one person. D-1313

I, Pankaja Kumar Lenka, S/o- Late Haladhar Lenka, resident of Plot No- 918/6303. New Colony, PO- Rasulgarh, P.S. Mancheswar, Bhubaneswar- 751010, declare by this affidavit No- 46 Dt. 14.09.2023 That now onwards I shall be known as Pankaja Kumar Lenka for all future purposes. D-1304

By virtue of an affidavit before the Executive Magistrate, Bhubaneswar, I Saroj Kumar Sahoo, age-29, S/o- Sarat Kumar Sahoo, resident of FR- 2/5. Sailashree Vihar, PS- Chandrasekharpur, Bhubaneswar- 751021. My Original name Saroj Kumar Sahoo and I want to change my New name Saroj Swastik Bharadwaj. Henceforth I will be known as SAROJ SWASTIK BHARADWAJ for all purposes. D-61953

I Nakshyatra Das, W/o- Prashanta Kumar Mohanty, Resident of At- Jagannathpur, P.O.- Pallahat, P.S- Dist.- Khordha, PIN-752056 Odisha declared by this affidavit No. 2580, dtd.05.08.2023, that I do hereby declare that Nakshyatra Das, Nakhetra Das and Naliniprava Mohanty both names are one and same person, i.e myself Nakshyatra Das, W/o- Prashanta kumar Mohanty for all purposes. D-1310

By virtue of an affidavit before the Notary, G B Nagar, I Minakshi, W/o Naveen Kadanga, R/o The Anchorage, 93, Satya Nagar, P.S.- Kharavel Nagar, Bhubaneswar, Odisha- 751007 declare by this affidavit No.- IN-UP7042304 1052358T dated 29.04.2021 that now onwards, I shall be known as Minakshi Kadanga for all future purpose. D-1314

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

୰ଗେଲମଣୀ ଦେହୁରୀ
ବସୋଇ, ପର୍ଜଙ୍ଗ, ଢେଙ୍କାନାଳ
ତୁମ ଆତ୍ମା ଚିର ଶାନ୍ତି ଲଭୁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୩୧୫

**ଦଶାହ ଉପଲକ୍ଷେ**

ସ୍ୱର୍ଗତା ଲକ୍ଷ୍ମୀ ମଲିକ
ସିମିଳିଆ, ଢେଙ୍କାନାଳ ନିବାସୀ
ତିରୋଧାନ: ୦୬।୦୯।୨୦୨୩
ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା ଚିରସ୍ମରଣୀୟ ହୋଇ ରହୁ। ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ- ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୦୯୪



ନିର୍ମଳ କୁମାର ମିଶ୍ର

## ଆସୁଛି ଦିନିକିଆ ବିଶ୍ୱକପ

# ଭାରତ ପାଇଁ ସୁଯୋଗ

**ଆଇସିସି କ୍ରିକେଟ ବିଶ୍ୱକପର ୧୩ଶ ସଂସ୍କରଣ ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କପିଳ ଦେବଙ୍କ ନେତୃତ୍ୱରେ ଭାରତ ୧୯୮୩ ଓ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ୨୦୧୧ରେ ୨ ଥର ବିଶ୍ୱକପ ବିଜେତା ହୋଇଛି। ଏଥର ଘରୋଇ ପରିବେଶରେ ବିଶ୍ୱକପ ଖେଳିବାକୁ ଯାଉଥିବାରୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପାଇଁ ସୁଯୋଗ ରହିବ....**



ରୋହିତ ଶର୍ମା



ଯଶପ୍ରୀତ ବୁମ୍ରା

ଦିନିକିଆ କ୍ରିକେଟ ବିଶ୍ୱକପ ୧୩ଶ ସଂସ୍କରଣର ଆୟୋଜକ ହେଉଛି ଭାରତ। ଏହି କ୍ରିକେଟ ମହାସମର ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ଚାଲିବ। ର୍ୟାଙ୍କଭିତ୍ତିରେ ଆୟୋଜକ ଭାରତ, ଅଷ୍ଟ୍ରେଲିଆ, ଆଫଗାନିସ୍ଥାନ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଏବଂ ବାଂଲାଦେଶ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଅନ୍ୟ ଦୁଇଟି ସ୍ଥାନ ପାଇଁ ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନେପାଳ, ନେଦରଲାଣ୍ଡ୍ସ, ଓମାନ, ସ୍କଟ୍‌ଲାଣ୍ଡ, ୟୁଏଇ, ୟୁଏସ୍ଏ ଏବଂ ଜିମ୍ବାୱେ ମଧ୍ୟରେ କ୍ୱାଲିଫାୟର ଅନୁଷ୍ଠିତ ହୋଇଥିଲା। ଏଥି ମଧ୍ୟରୁ ଶ୍ରୀଲଙ୍କା ଏବଂ ନେଦରଲାଣ୍ଡ୍ସ ଦଳ କ୍ୱାଲିଫାଏ କରିଥିଲେ। ଆଗାମୀ ଟୁର୍ନାମେଣ୍ଟରେ ୧୦ଟି ଦଳକୁ ନେଇ ମୋଟ ୪୮ଟି ମ୍ୟାଚ ଖେଳାଯିବ। ଗତ ସଂସ୍କରଣର ଚାମ୍ପିୟନ ଇଂଲଣ୍ଡ ଏବଂ ରନରଅପ୍ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅହମଦାବାଦରେ ଖେଳାଯିବ। ଫାଇନାଲ ମଧ୍ୟ ଏହି ଭେନ୍ୟୁରେ ନଭେମ୍ବର ୧୯ରେ ଅନୁଷ୍ଠିତ ହେବ। ବିଶ୍ୱକପ ଆୟୋଜନ ପାଇଁ ୧୦ଟି ଭେନ୍ୟୁ ମଧ୍ୟରେ ଦିଲ୍ଲୀ, ଅହମଦାବାଦ, ଚେନ୍ନାଇ, କୋଲକାତା, ମୁମ୍ବାଇ, ପୁଣେ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଲକ୍ଷ୍ନୌ ଏବଂ ଧର୍ମଶାଳା ରହିଛି। ହାଇଦ୍ରାବାଦକୁ ଛାଡିଦେଲେ ଅନ୍ୟ ସମସ୍ତ ଷ୍ଟାଡିୟମରେ ୫ଟି ଲେଖାଏ ମ୍ୟାଚ ଖେଳାଯିବ। ହାଇଦ୍ରାବାଦରେ ପାକିସ୍ତାନର ୨ଟି ୱାର୍ମ ଅପ୍ ମ୍ୟାଚ ସମେତ ବିଶ୍ୱକପର ୩ଟି ମ୍ୟାଚ ଖେଳାଯିବ।

ବର୍ତ୍ତମାନ ଟିମ୍ ଇଣ୍ଡିଆ ଏସିଆ କପରେ ସୁପର ଫୋର ମ୍ୟାଚ ଖେଳୁଛି। ଦଳ ଆଗାମୀ ୧୭ ତାରିଖରେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛି। ଆଗାମୀ ବିଶ୍ୱକପ୍ ପୂର୍ବରୁ ମଧ୍ୟ ଚଳିତ ମାସ ୨୨, ୨୪, ୨୭ ତାରିଖରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ସହିତ ୩ଟି ଏକଦିବସୀୟ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ବିଶ୍ୱକପ ପୂର୍ବରୁ ଏହି ମ୍ୟାଚ ବେଶ୍ ଭଲ ଅଭ୍ୟାସ ଯୋଗାଇ ଦେବ। ବିଶ୍ୱକପରେ ଭାରତ ତା'ର ପ୍ରଥମ ମ୍ୟାଚ ଅକ୍ଟୋବର ୮ରେ ଚେନ୍ନାଇରୁ ଅଭିଯାନ ଆରମ୍ଭ କରିବ।

ଇତି ମଧ୍ୟରେ ବିସିସିଆଇ ଦ୍ୱାରା ଭାରତୀୟ ଦଳ ଘୋଷଣା କରାଯାଇଛି। ଆହତ ସମସ୍ୟା ଯୋଗୁ ଦୀର୍ଘଦିନ ହେବ କ୍ରିକେଟରୁ ଦୂରେଇ ରହିଥିବା ଯଶପ୍ରୀତ ବୁମରା, ଶ୍ରେୟସ ଆୟର ଏବଂ ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରାଯାଇଛି। ଦଳରେ ୫ ସ୍ପେଶାଲିଷ୍ଟ ବ୍ୟାଟର, ୪ ସ୍ପିନର ଏବଂ ପେସ୍ ବୋଲିଂ ଅଲରାଉଣ୍ଡର, ୪ଜଣ ପେସ୍ ବୋଲର ଏବଂ ୨ଜଣ ଉଇକେଟ କିପରଙ୍କୁ ସ୍ଥାନ ଦିଆଯାଇଛି। ତିଳକ ବର୍ମା, ପ୍ରସିଦ୍ଧ କ୍ରିଷ୍ଣା, ୟୁଜଭେନ୍ଦ୍ର ଚହଲ ଏବଂ ରବିଚନ୍ଦ୍ରନ ଅଶ୍ୱିନୀଙ୍କୁ ଦଳରେ ସ୍ଥାନ ମିଳି ନ ଥିବାରୁ ଏହା ବେଶ୍ ଆଲୋଚନାର ବିଷୟବସ୍ତୁ ହୋଇଛି। ଚୟନକର୍ତ୍ତା। ଏବଂ ବିସିସିଆଇକୁ ସୋସିଆଲ ମିଡିଆରେ ଟ୍ରୋଲ୍ ହେବାକୁ ପଡିଛି। ରୋହିତ ଶର୍ମା ଅଧିନାୟକ ରହିଥିବା ବେଳେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉପଅଧିନାୟକ ଘୋଷଣା କରାଯାଇଛି। ଦଳରେ ସବୁଠାରୁ ଅଭିଜ୍ଞ ବିରାଟ କୋହଲିଙ୍କ ସମେତ ଶୁବମନ ଗିଲ, କେ.ଏଲ. ରାହୁଲ, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯଶପ୍ରୀତ ବୁମରା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଶାର୍ଦ୍ଦୂଳ ଠାକୁର ରହିଛନ୍ତି। ମନୋନୀତ ୧୫ ଖେଳାଳିଙ୍କ ମଧ୍ୟରୁ ୮ଜଣଙ୍କର ପୂର୍ବରୁ ବିଶ୍ୱକପ ଖେଳିବାର ଅଭିଜ୍ଞତା ରହିଛି। ଅନ୍ୟ ୭ ଖେଳାଳି ପ୍ରଥମଥର ପାଇଁ ବିଶ୍ୱକପ ଖେଳିବେ। ସେମାନଙ୍କ ମଧ୍ୟରେ ରହିଛନ୍ତି ଶୁଭମନ ଗିଲ, ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ, ଅକ୍ଷର ପଟେଲ, ଶାର୍ଦ୍ଦୂଳ ଠାକୁର ଏବଂ ମହମ୍ମଦ ସିରାଜ। ଟିମ୍‌ରେ ବିରାଟ କୋହଲି ସବୁଠାରୁ ଅନୁଭବୀ ଖେଳାଳି ହୋଇଥିବା ବେଳେ ୨୦୧୧, ୨୦୧୫, ୨୦୧୯ ବିଶ୍ୱକପ ଖେଳିବାର ଅଭିଜ୍ଞତା ତାଙ୍କର ରହିଛି। ୩ ବିଶ୍ୱକପର ୨୬ଟି ମ୍ୟାଚରେ ସେ ୧୦୩୦ ରନ କରିଛନ୍ତି। ଅନ୍ୟପକ୍ଷରେ ଆଇପିଏଲ୍‌ର ସବୁଠାରୁ ସଫଳ ଅଧିନାୟକ ରୋହିତ ଶର୍ମାଙ୍କ ଅସଲ ପରୀକ୍ଷା ଏହି ବିଶ୍ୱକପରେ ଅଧିନାୟକ ରୂପେ ହେବାକୁ ଯାଉଛି। ଗତ ୨୦୧୯ ବିଶ୍ୱକପରେ ସେ ରେକର୍ଡ ୫ଟି ଶତକ ସହ ୬୪୮ ରନ ସଂଗ୍ରହ କରିଥିଲେ। ୨୦୧୫ ବିଶ୍ୱକପରେ ସେତେ ସଫଳ ହୋଇ ନ ଥିଲେ। ରାହୁଲଙ୍କର ୨୦୧୯ ବିଶ୍ୱକପର ଅଭିଜ୍ଞତା ରହିଥିବା ବେଳେ ଚଳିତ ଏସିଆ କପରେ ଚମତ୍କାର ଫର୍ମରେ ଅଛନ୍ତି। ଆଘାତ ସମସ୍ୟା ଯୋଗୁ ପ୍ରାୟ ୬ମାସ କ୍ରିକେଟରୁ ଦୂରେଇ ରହିବାପରେ ଫର୍ମକୁ ଫେରିବା ଦଳର ୪ନଂ ସ୍ଥାନ ପାଇଁ ଥିବା ସମସ୍ୟାକୁ ଦୂର କରିଛି। କାରଣ ୨୦୧୯ ପରଠାରୁ ଟିମ୍ ମ୍ୟାନେଜମେଣ୍ଟ ଏପର୍ଯ୍ୟନ୍ତ ୧୪ଜଣ ଖେଳାଳିଙ୍କୁ ଏହି ସ୍ଥାନରେ ସୁଯୋଗ ଦେଇସାରିଲାଣି। ରାହୁଲ ବିଶ୍ୱକପରେ ୯ ମ୍ୟାଚରୁ ୩୬୧ ରନ୍ ସଂଗ୍ରହ କରିଛନ୍ତି।

ଅନ୍ୟପକ୍ଷରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ ଖେଳିବେ ଦଳର ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ସେ ଏବେ ଆଗଠାରୁ ଅଧିକ ଅନୁଭବୀ। ବିଶ୍ୱକପରେ ୧୧ଟି ଉଇକେଟ ନେବା ସହ ୨୨୬ ରନ୍ କରିଛନ୍ତି। ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କର ମଧ୍ୟ ୨ଟି ବିଶ୍ୱକପ ଖେଳିବାର ଅଭିଜ୍ଞତା ରହିଛି। ୨୦୧୫, ୨୦୧୯ରେ ୧୦ଟି ମ୍ୟାଚ ଖେଳି ୧୧ଟି ଉଇକେଟ ନେବା ସହ ୧୩୪ ରନ୍ ସ୍କୋର କରିଛନ୍ତି। ମହମ୍ମଦ ଶାମିଙ୍କର ମଧ୍ୟ ୨ଟି ବିଶ୍ୱକପ ଖେଳିବାର ଅଭିଜ୍ଞତା ରହିଛି। ଟିମ୍‌ର ସବୁଠାରୁ ଅଭିଜ୍ଞ ସିମର ଶାମି ୨୦୧୫, ୨୦୧୯ରେ ବହୁତ ଭଲ ପ୍ରଦର୍ଶନ କରିଥିଲେ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପେସ୍‌ର ଯଶପ୍ରୀତ ବୁମରା କ୍ୟାରିୟରର ୨ୟ ବିଶ୍ୱକପ ଖେଳିବେ। ୨୦୧୯ ବିଶ୍ୱକପରେ ୯ ମ୍ୟାଚରୁ ୧୮ଟି ଉଇକେଟ ନେଇଥିଲେ।

ଭାରତ ୨ଥର ଦିନିକିଆ କ୍ରିକେଟ ବିଶ୍ୱକପ ବିଜୟୀ ହୋଇଛି। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଘରୋଇ ମାଟିରେ ଶ୍ରୀଲଙ୍କାକୁ ଧରାଶାୟୀ କରି ଟାଇଟଲ ବିଜୟୀ ହୋଇଥିଲା। ଆଗାମୀ ସଂସ୍କରଣରେ ଘରୋଇ ମାଟିରେ ଚାମ୍ପିୟନ ହେବାର ସୁଯୋଗ ଆସିଛି। ଭାରତ ବିଶ୍ୱକପ ଜିତିବ ବୋଲି କ୍ରିକେଟପ୍ରେମୀମାନେ ଆଶା ମଧ୍ୟ ରଖିଛନ୍ତି।

# ଚର୍ଚ୍ଚାରେ ଯାଆଁଳା ଭଉଣୀ

**ଭାରତୀୟ ଆଥଲେଟିକ୍ସରେ ଏବେ ଚର୍ଚ୍ଚିତ ଚେହେରା ଦୁଇ ଯାଆଁଳା ଭଉଣୀ ବିଦ୍ୟା ଓ ନିତ୍ୟା ରାମରାଜ। କଠିନ ପରିଶ୍ରମ ସହ ଭାଗ୍ୟ ସାଥିଦେଲେ କିପରି ଆଗକୁ ବଢ଼ିବା ସୁଗମ ହୁଏ ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଏହି ଦୁଇ ଭଉଣୀ। ଦୁହେଁ ଏସିଆନ ଗେମ୍ସପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଏବଂ ପଦକ ଜିତି ଦେଶକୁ ଗର୍ବିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।**

ଭାରତୀୟ ଆଥଲେଟିକ୍ସରେ ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି ଯାଆଁଳା ଭଉଣୀ ବିଦ୍ୟା ଓ ନିତ୍ୟା ରାମରାଜ। ତାମିଲନାଡୁର କୋଏମ୍ବାଟୁରରେ ୨୦ ସେପ୍ଟେମ୍ବର ୧୯୯୮ରେ ଏକ ଗରିବ ପରିବାରରେ ଗୋଟିଏ ମିନିଟ ବ୍ୟବଧାନରେ ଜନ୍ମ ହୋଇଥିଲେ ଏହି ଦୁଇ ଭଉଣୀ। ଦୁହିଁଙ୍କ ମଧ୍ୟରେ ନିତ୍ୟା ବଡ଼। ଏ ଦୁହିଁଙ୍କ ଉପରେ ଆଉ ଜଣେ ବଡ଼ ଭଉଣୀ ଅଛନ୍ତି। ତାଙ୍କ ନାମ ସତ୍ୟା ଏବଂ ତାଙ୍କୁ ୨୭ ବର୍ଷ। ବାପା ରାମରାଜ ଟେମ୍ପୋ ଚଲାଇ ପରିବାର ପ୍ରତିପୋଷଣ କରନ୍ତି। ମା' ମିନା ଜଣେ ଗୃହିଣୀ। ପରିବାର ପ୍ରତିପୋଷଣ କଷ୍ଟରେ ହେଉଥିଲେ ମଧ୍ୟ ଦୁଇ ଭଉଣୀ ଖେଳକୁ ଆସିବା ପଛରେ ମା' ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ନିଜ ପ୍ରତିଭା ଦେଖାଇ ବିଦ୍ୟା ଓ ନିତ୍ୟା କ୍ରୀଡ଼ା ଛାତ୍ରାବାସ ପାଇଁ ମନୋନୀତ ହୋଇଥିଲେ ଏବଂ ସେଠାରେ ତାଙ୍କ ଖେଳ ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟ ମାର୍ଜିତ ହୋଇଥିଲା। ଆର୍ଥିକ ଅନଟନ ସତ୍ତ୍ୱେ ଦୁଇ ଭଉଣୀ ପାଠ ପଢ଼ା ସହ ଖେଳରେ ଆଗକୁ ବଢ଼ିଥିଲେ। ସମୟକ୍ରମେ ଭାଗ୍ୟ ପରିବର୍ତ୍ତନ ହେଲା। ଦୁଇ ଭଉଣୀ ଏବେ ଚାକିରି କରିବା ସହ ପରିବାର ପ୍ରତିପୋଷଣରେ ବାପାଙ୍କୁ ସାହାଯ୍ୟ କରୁଛନ୍ତି। ବିଦ୍ୟା ଭାରତୀୟ ରେଲ୍‌ୱେରେ ଏବଂ ନିତ୍ୟା ଇନ୍‌କମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟରେ କାର୍ଯ୍ୟରତ। ଏହି ଦୁଇ ଭଉଣୀ ଚାଇନାର ହାଙ୍ଗଝୋରେ ହେବାକୁଥିବା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଦ୍ୟା ୪୦୦ ମିଟର ଓ ନିତ୍ୟା ୧୦୦ ମିଟର ହର୍ଡଲ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶକୁ ଗର୍ବିତ କରିବା ଲକ୍ଷ୍ୟରେ ରହିଛନ୍ତି ଏହି ଯାଆଁଳା ଭଉଣୀ। କୋଚ୍ ନେହପାଲ ସିଂ ମଧ୍ୟ ସମାନ ଆଶା ରଖିଛନ୍ତି।

ନିଜ କ୍ୟାରିୟର ଆରମ୍ଭର କଥା ମନେପକାଇ ୨୪ ବର୍ଷୀୟା ବିଦ୍ୟା କୁହନ୍ତି ଯେ, "ମୋ ମା' ଜଣେ ଗୃହିଣୀ। ଆଜି ଆମେ ଯଦି ଆଥଲେଟ୍ ହୋଇଛୁ ତ କେବଳ ମା'ଙ୍କ ପାଇଁ। ମା'ଙ୍କୁ ଲୋକମାନେ ପଚାରୁଥିଲେ ତୁମର ୩ ଝିଅ, କିପରି ଚଳିବ। ମା' କିନ୍ତୁ କିଛିଗୋଟେ କରିବାକୁ ନିଷ୍ପତ୍ତି ନେଇଥିଲେ। ଖେଳପ୍ରତି ରୁଚିଥିବା ଦେଖିଆମ ଦୁହିଁଙ୍କୁ କ୍ରୀଡ଼ା ଛାତ୍ରାବାସରେ ଛାଡ଼ିଥିଲେ। ଏହାପରେ ଆମ ଖେଳ ଜୀବନ ଆଗକୁ ବଢ଼ିଥିଲା"। ବିଦ୍ୟା ଗତ ମେ'ରେ ଅନୁଷ୍ଠିତ ଫେଡେରେଶନ କପ୍ ଏବଂ ଜୁନ୍‌ରେ ଭୁବନେଶ୍ୱରରେ ଆୟୋଜିତ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ମିଟ୍‌ର ୪୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭୁବନେଶ୍ୱର ମିଟ୍‌ରେ ସେ ୫୬.୦୧ ସେକେଣ୍ଡ ସମୟ ନେଇଥିଲେ। ସେଠାରେ ନିତ୍ୟା ୧୦୦ ମିଟର ହର୍ଡଲ୍ସରେ ୧୩.୫୫ ସେକେଣ୍ଡ ନେଇ ୪ର୍ଥ ସ୍ଥାନରେ ରହିଥିଲେ। "୪୦୦ ମିଟର ରେସ୍ ମୋର ଫେଭରାଇଟ। ମାତ୍ର ପରେ ୪୦୦ ମିଟର ହର୍ଡଲ୍ସକୁ ଆସିଛି। ୪୦୦ ମିଟର ରେସ୍‌ରେ ମଧ୍ୟ ମୁଁ ଏଏଫ୍ଆଇ (ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ) ପକ୍ଷରୁ ଧାର୍ଯ୍ୟ କ୍ୱାଲିଫାଇଂ ମାର୍କକୁ ପଛରେ ପକାଇଛି। ମାତ୍ର ସେହି ତାଲିକାରେ ମୋ ନାଁ ନାହିଁ। ମୁଁ ବ୍ୟକ୍ତିଗତ ଇଭେଣ୍ଟକୁ ଭଲପାଏ। ତେଣୁ ଆଥଲେଟିକ୍ସକୁ ଆପଣେଇଛି" ବୋଲି ବିଦ୍ୟା କହିଛନ୍ତି। ନିତ୍ୟା ତାଙ୍କଠାରୁ ସ୍ପିଡ୍‌ରେ ଦୌଡୁଥିବାରୁ ୧୦୦ ମିଟର ହର୍ଡଲ୍ସକୁ ଆପଣେଇଛନ୍ତି ବୋଲି ବିଦ୍ୟା ପ୍ରକାଶ କରିଛନ୍ତି। ଦୁଇ ଭଉଣୀଙ୍କ ଲକ୍ଷ୍ୟ ଏକ। ଆମେ ଏବେ ସାଥିହୋଇ ଏସିଆନ ଗେମ୍ସରେ ଭାଗ ନେବାକୁ ଯାଉଛୁ। ଏଥର ଯଦି ମିସ୍ କରିଥାନ୍ତୁ ତେବେ ପରବର୍ତ୍ତୀ ଗେମ୍ସପାଇଁ ୨୦୨୬କୁ ଅପେକ୍ଷା କରିବାକୁ ପଡ଼ିଥାନ୍ତା। ସେତେବେଳକୁ ଆମେ ସମ୍ଭବତଃ ବିବାହ କରି ସାରିଥିବୁ। ତେଣୁ କିଛି ବି ହୋଇପାରେ। ଆହତ ସମସ୍ୟା ମଧ୍ୟ ଆସି ଯାଇପାରେ। ଆସନ୍ତା ବର୍ଷ ଅଲିମ୍ପିକ୍ସରେ ମଧ୍ୟ ଦୁଇ ଭଉଣୀ ସାଥିହୋଇ ଅଂଶଗ୍ରହଣ କରିବାକୁ ଆଶା ରଖିଛୁ। ଏସିଆନ ଗେମ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ଆମ ଦୁହିଁଙ୍କ ଲକ୍ଷ୍ୟ ବୋଲି ବିଦ୍ୟା ପ୍ରକାଶ କରିଛନ୍ତି।

ବିଦ୍ୟା ଇଣ୍ଡିଆନ ଗ୍ରାଁ ପ୍ରି-୫ରେ ୪୦୦ ମିଟର ରେସ୍ ଓ ୪୦୦ ମିଟର ହର୍ଡଲ୍ସ ଉଭୟରେ ଅଂଶଗ୍ରହଣ କରିଥିଲେ। ୪୦୦ମିଟର ହର୍ଡଲ୍ସରେ କିମ୍ବଦନ୍ତୀ ପି.ଟି. ଉଷାଙ୍କ ଦୀର୍ଘ ୩୯ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିବାରେ ସେ ଅଳ୍ପକେ ବଞ୍ଚିତ ହୋଇଥିଲେ। ଇଣ୍ଡିଆନ ଗ୍ରାଁ ପ୍ରି-୫ରେ ବିଦ୍ୟା ୫୫.୪୩ ସେକେଣ୍ଡ ସମୟ ନେଇଥିଲେ। ଉଷା ୧୯୮୪ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୫୫.୪୨ ସେକେଣ୍ଡ ଟାଇମିଂରେ ଚତୁର୍ଥ ସ୍ଥାନ ଅଧିକାର କରି ଅଳ୍ପକେ ବ୍ରୋଞ୍ଜ ଜିତିପାରି ନ ଥିଲେ। ଶିବନାଥ ସିଂଙ୍କ ୧୯୭୮ ମାରାଥନ ଜାତୀୟ ରେକର୍ଡ ପରେ ଆଥଲେଟିକ୍ସରେ ଉଷାଙ୍କର ଏହା ହେଉଛି ଦ୍ୱିତୀୟ ସର୍ବପୁରାତନ ରେକର୍ଡ। ଉଷା ବର୍ତ୍ତମାନ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସଭାପତି ଅଛନ୍ତି। ଆସନ୍ତା ଏସିଆନ ଗେମ୍ସରେ ସେ ଜାତୀୟ ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରିବେ ବୋଲି ବିଦ୍ୟା କହିଛନ୍ତି।

**-ପ୍ରସ୍ତୁତି: ତପନ ସ୍ୱାଇଁ**



ବିଦ୍ୟା ରାମରାଜ ଓ ନିତ୍ୟା ରାମରାଜ।



ମା' ମୀନାଙ୍କ ସହ ବିଦ୍ୟା ଓ ନିତ୍ୟା।

## ସୁପର

ବିରାଟ କୋହଲି ଲୋକେଶ ରାହୁଲ
ଖେଳି ଶତକୀୟ ପାଳି
ଏସିଆ କପ୍ ସୁପର ୪ ମ୍ୟାଚରେ
ବାବରକୁ ଦେଲେ ବଳି
ପାକ୍ ପାରିଲାନି କଳି
କଲମ୍ବୋ ବିରାଟ ସୁପର ବିଜୟ
ଟିମ୍ ପାଇଁ ଦିଅ ତାଳି।



ସର୍ବିୟାର ଗ୍ରେଟ୍ ଟେନିସ ଖେଳାଳି
ଜୋକୋଭିଚ୍ ଚାମ୍ପିୟନ
ଚବିଶତମ ଗ୍ରାଣ୍ଡସ୍ଲାମ ଟାଇଟଲ
ପାଇ ଖୁସି ତା'ର ମନ
ଆଉ ପାଦେ ଗଲେ ଧନ
ପଚିଶତମ ଟାଇଟଲ ଜିତିବାରେ
ସେ ହେବ ସୁପର ମ୍ୟାନ।

ନେଦରଲାଣ୍ଡ୍ସ ନେତା
ୱାଇଲ୍ଡର୍ସଙ୍କୁ
ହତ୍ୟାର ଧମକ ଦେଇ
ପାକ୍ ଏକ୍ସ କ୍ରିକେଟର ଖାଲିଦକୁ
ବାର ବର୍ଷ ଜେଲ୍ ଭାଇ
ସୁପର ଆଇନ ଏହି
ଆମ ଏଠି ହତ୍ୟାକାରୀ ଫ୍ରି ବୁଲେ
କାନେ ଇୟର ଫୋନ ଦେଇ।

**-ସୁବାସ ଚନ୍ଦ୍ର ପ୍ରଧାନ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୫/୨୦୨୩ Bhubaneswar, Friday, September 15/ 2023

**ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୧୩ଶ ସଂସ୍କରଣ ଭାରତର ବିଭିନ୍ନ ଗ୍ରାଉଣ୍ଡରେ ଅକ୍ଟୋବର ୫ରୁ ଆରମ୍ଭ ହେବାକୁ ଯାଉଛି। କ୍ରୀଡ଼ା ଜଗତରେ ଏବେ କ୍ରିକେଟ ଫିଭର। ଏସିଆ କପ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ କ୍ରିକେଟର ରୋମାଞ୍ଚକୁ ନେଇ ଏବେ ସର୍ବତ୍ର ଚର୍ଚ୍ଚା। କ୍ରିକେଟ ମହାକୁମ୍ଭ କ୍ରମେ ପାଖେଇ ଆସିଥିବାବେଳେ ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଛି ଅବଗଣନା।**

# ୧୯୭୫ରୁ ଆରମ୍ଭ

ଦିନିକିଆ ପୁରୁଷ କ୍ରିକେଟ ବିଶ୍ୱକପ୍‌କୁ ଆଉ ମାତ୍ର ୨୦ ଦିନ ବାକି ରହିଛି। କ୍ରିକେଟ ବିଶ୍ୱର ଅନ୍ୟତମ ଲୋକପ୍ରିୟ ଖେଳ। ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡିକ ସମେତ ଅଷ୍ଟ୍ରେଲିଆ, ଆଫ୍ରିକା ଓ ଇଂଲଣ୍ଡରେ ମଧ୍ୟ ଏହାର ଲୋକପ୍ରିୟତା ଶୀର୍ଷରେ ରହିଛି । ବ୍ରିଟିଶ ନାବିକମାନଙ୍କ ଦ୍ୱାରା ମନୋରଞ୍ଜନ ପାଇଁ ଏହି ଖେଳ ଆରମ୍ଭ ହୋଇଥିବା ବେଳେ ସମଗ୍ର ବିଶ୍ୱରେ ଏହା ଧୀରେ ଧୀରେ ଆଦୃତି ହାସଲ କରିବାରେ ଲାଗିଛି। ୧୮୭୭ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳ ହୋଇଥିଲା। ଏପରି କି ୧୯୦୦ରେ କ୍ରିକେଟକୁ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ମଧ୍ୟ ସାମିଲ କରାଯାଇଥିଲା। ଧୀରେ ଧୀରେ ଟେଷ୍ଟ କ୍ରିକେଟରୁ ଦର୍ଶକଙ୍କ ଧ୍ୟାନ ହଟିବା କାରଣରୁ ଏହା ସୀମିତ ଓଭର କ୍ରିକେଟକୁ ହ୍ରାସ ପାଇଥିଲା। ପ୍ରାରମ୍ଭିକ ଭାବରେ ସୀମିତ ଓଭର କ୍ରିକେଟ ୬୦ ଓଭର ବିଶିଷ୍ଟ ଖେଳା ଯାଉଥିଲା। ସମୟ କ୍ରମେ ଏହା ୫୦, ୨୦ ଓ ବର୍ତ୍ତମାନ ୧୦ ଓଭର ଫର୍ମାଟରେ ପହଞ୍ଚି ଗଲାଣି। କ୍ରିକେଟ ଖେଳୁଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ତାହା ଚୟନ କରିବା ପାଇଁ ୧୯୭୫ ମସିହାରେ ପ୍ରଥମ ବିଶ୍ୱକପ ଆରମ୍ଭ ହେଲା। ପ୍ରଥମ ସଂସ୍କରଣର ବିଶ୍ୱକପ୍‌ଟି ପ୍ରୁଡେନ୍ସିଆଲ୍ କପ୍ ନାମରେ ପ୍ରସିଦ୍ଧ ଥିଲା। ପ୍ରୁଡେନ୍ସିଆଲ୍ ଆସ୍ୟୁରାନ୍ସ କମ୍ପାନୀ ଏହାର ପ୍ରାୟୋଜକ ରହିଥିବା ବେଳେ ଜୁନ୍ ୭ରୁ ୨୧ ମଧ୍ୟରେ ଇଂଲଣ୍ଡରେ ଏହା ଆୟୋଜନ ହୋଇଥିଲା। ୮ ଦଳଙ୍କୁ ନେଇ ରାଉଣ୍ଡ ରବିନ ଲିଗ୍ ଓ ନକ୍‌ଆଉଟ ଫର୍ମାଟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ୱେଷ୍ଟଇଣ୍ଡିଜ୍।

ଏହି ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ଭାରତ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ଟେଷ୍ଟ ଖେଳୁଥିବା ରାଷ୍ଟ୍ର ଭାବରେ ସାମିଲ ହୋଇଥିବା ବେଳେ ସହଯୋଗୀ ରାଷ୍ଟ୍ର ଭାବରେ ଶ୍ରୀଲଙ୍କା ଓ ଇଷ୍ଟ ଆଫ୍ରିକା ଖେଳିଥିଲେ। ସାର୍ କ୍ଲାଇବ୍ ଲଏଡ୍‌ଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ୍ ଦଳ ଲର୍ଡ୍ସରେ ଅଷ୍ଟ୍ରେଲିଆକୁ ୧୭ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ୮ ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ ଓ ଇଷ୍ଟ ଆଫ୍ରିକା ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ବି'ରେ ସ୍ଥାନ ପାଇଥିଲେ ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ୍, ପାକିସ୍ତାନ ଓ ଶ୍ରୀଲଙ୍କା। ଉଭୟ ଗ୍ରୁପ୍‌ର ଟପ୍-୨ ଟିମ୍ ଭାବରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଥମ ସେମିଫାଇନାଲରେ ଇଂଲଣ୍ଡକୁ ୪ ଉଇକେଟରେ ପରାସ୍ତ


ବିଶ୍ୱକପ୍ ଟ୍ରଫି ସହ କ୍ଲାଇବ ଲଏଡ।

କରିଥିଲା ଅଷ୍ଟ୍ରେଲିଆ। ବାମହାତୀ ପେସ୍ ବୋଲର ଗ୍ୟାରୀ ଗିଲ୍‌ମୋର (୧୪/୬ ଓ ୨୮*) ଅଲରାଉଣ୍ଡ ସଫଳତା ହାସଲ କରିଥିଲେ। ଦ୍ୱିତୀୟ ସେମିରେ ନ୍ୟୁଜିଲାଣ୍ଡକୁ ୫ ଉଇକେଟରେ ପରାସ୍ତ କରିଥିଲା ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ୍। ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୧୭ ରନ୍‌ରେ ହରାଇଥିଲା ୱେଷ୍ଟଇଣ୍ଡିଜ୍। ଅଧିନାୟକ କ୍ଲାଇବ ଲଏଡ୍‌ଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ୍ ୬୦ ଓଭରରେ ୮ ଉଇକେଟ ହରାଇ ୨୯୧ ରନ୍ କରିଥିଲା। ଗିଲ୍‌ମୋର ସଫଳ ବୋଲର ଭାବରେ ୫ ଉଇକେଟ ନେଇଥିଲେ। ଜବାବରେ କିଥ୍ ବୋଇସଙ୍କ ୪ ଉଇକେଟ ସଫଳତା କାରଣରୁ ଅଷ୍ଟ୍ରେଲିଆ ୫୮.୪ ଓଭରରେ ୨୭୪ ରନ୍‌ରେ ଅଲଆଉଟ ହୋଇଥିଲା। ଗ୍ଲେନ୍ ଟର୍ନର ୩୩୩ ରନ୍ ସହିତ ଟୁର୍ନାମେଣ୍ଟର ସର୍ବାଧିକ ସ୍କୋରର ରହିଥିବା ବେଳେ ଅଷ୍ଟ୍ରେଲିଆର ଗ୍ୟାରୀ ଗିଲ୍‌ମୋର ୨ ମ୍ୟାଚରୁ ୧୧ ଉଇକେଟ ସହିତ ସର୍ବାଧିକ ଉଇକେଟ ଅକ୍ତିଆର କରିଥିଲେ। ଗିଲ୍‌ମୋର କେବଳ ସେମିଫାଇନାଲ ଓ ଫାଇନାଲ ମ୍ୟାଚରେ ଖେଳିବାର ସୁଯୋଗ ପାଇଥିଲେ।

**ଭାରତର ପ୍ରଦର୍ଶନ:** ଭାରତୀୟ କ୍ରିକେଟ ଦଳ ପ୍ରଥମ କରି ଏହି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲା। ୩ ମ୍ୟାଚ ଖେଳିଥିବା ବେଳେ ଭାରତୀୟ ଦଳ ଦୁଇ ମ୍ୟାଚରେ ପରାଜିତ ହୋଇ ବିଦାୟ ନେଇଥିଲା। ତେବେ ଇଷ୍ଟ ଆଫ୍ରିକାକୁ ପରାସ୍ତ କରି ଦଳ ଏହାର ପ୍ରଥମ ବିଶ୍ୱକପ ବିଜୟ ରେକର୍ଡ କରିଥିଲା। ଇଷ୍ଟ ଆଫ୍ରିକା ୧୨୦ ରନରେ ଅଲଆଉଟ ହୋଇଥିବା ବେଳେ ସୁନୀଲ ଗାଭାସ୍କରଙ୍କ ୬୫ ଓ ଫାରୋଖ ଇଞ୍ଜିନିୟରଙ୍କ ୫୪ ରନ ସ୍କୋର ଭାରତକୁ ୧୦ ଉଇକେଟରେ ଜିତାଇଥିଲା। ଭାରତ ପକ୍ଷରୁ ସୁନୀଲ ଗାଭାସ୍କର ଅପରାଜିତ ୬୫ର ସର୍ବୋଚ୍ଚ ସ୍କୋର ସହିତ ୧୧୩ ରନ୍ ସ୍କୋର କରିଥିଲେ। ଅଲରାଉଣ୍ଡର ସୟଦ ଆବିଦ୍ ଅଲୀ ବ୍ୟାଟ ଜରିଆରେ ୭୦ ରନ୍ ସ୍କୋର କରିଥିବା ବେଳେ ବୋଲିଂରେ ସର୍ବାଧିକ ୬ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନ ଲାଲ ଓ ମହିନ୍ଦର ଅମରନାଥ ପ୍ରତ୍ୟେକ ୪ଟି ଲେଖାଏ ଉଇକେଟ ନେଇଥିଲେ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୨୦ ଦିନ**

## ଶୁଭାଙ୍ଗୀ ପ୍ଲେୟର ଅଫ୍ ଦ ଡେ

ଭୁବନେଶ୍ୱର,୧୪।୯ (ସରୋଜ ଜେନା)

ଆଶିଷ ପଣ୍ଡା ମେମୋରିଆଲ ଅଲ ଓଡ଼ିଶା ସ୍ନୁକରର ଦ୍ୱିତୀୟ ସଂସ୍କରଣର ଦ୍ୱିତୀୟ ଦିନରେ ପ୍ଲେୟର ଅଫ୍ ଦ ଡେ ବିବେଚିତ ହୋଇଛନ୍ତି ସବ୍ ଜୁନିୟର ଖେଳାଳି ଶୁଭାଙ୍ଗୀ ରାଓ। ଭୁବନେଶ୍ୱର ସ୍ଥିତ ଭିକ୍ଟୋରିଜ୍ କ୍ଲବରେ ଦ୍ୱିତୀୟ ଦିନରେ ୧୫ଟି ମ୍ୟାଚ୍ ଖେଳା ଯାଇଛି। ଗୋବିନ୍ଦ ଶର୍ମା ୩-୨ରେ ଦୁର୍ଗା ମହାନ୍ତିଙ୍କୁ ପରାସ୍ତ କରିଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ସୁଦୀପ ଦାସ ୩-୦ରେ ସମୀର ଅଲୀଙ୍କୁ, ସୌମ୍ୟ ମହାନ୍ତି ୩-୦ରେ ବିଭୁଦତ୍ତ ମହାପାତ୍ରଙ୍କୁ, ଅମୀୟ ନାୟକ ୩-୦ରେ ଗୋବିନ୍ଦ ଶର୍ମାଙ୍କୁ, ସୁବ୍ରତ ଦାସ ୩-୦ରେ ଚିରଞ୍ଜିବ ସିଂଙ୍କୁ, ଶାରଦା ବେହେରା ୩-୦ରେ ପ୍ରକାଶ ସାହୁଙ୍କୁ, ନିଶାନ୍ତ ବିଶ୍ୱାଳ ୩-୦ରେ ବରୁଣ ପୂର୍ବାଙ୍କୁ, ସିଦ୍ଧାର୍ଥ ସେନ୍ ୩-୦ରେ ଜଗଦୀଶ ମହାନ୍ତିଙ୍କୁ, ଯଯାତି ପଣ୍ଡା ୩-୧ରେ ହରି କ୍ରିଷ୍ଣାଙ୍କୁ, ଆକ୍ରମ ଖାନ ୩-୧ରେ ମହମଦ ରଜାଙ୍କୁ, ଡ. ରାକେଶ ରୋଶନ ପ୍ରଧାନ ୩-୦ରେ ଅସିତ ଚୌଧୁରୀଙ୍କୁ, ଆଶିଷ ପାତ୍ର ୩-୦ରେ ସୁମିତ ସାଗରଙ୍କୁ, ଆକାଶ ମହାପାତ୍ର ୩-୧ରେ ଉଭାସ ମହାପାତ୍ରଙ୍କୁ, ଶ୍ୟାମ ଅଗ୍ରୱାଲ ୩-୨ରେ ଗୌତମ ଦାସଙ୍କୁ ଓ ଅବିନାଶ ମହାପାତ୍ର ୩-୨ରେ ଶୁଭାଙ୍ଗୀ ରାଓଙ୍କୁ ପରାସ୍ତ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଓଏଫ୍‌ସି ଜର୍ସି ଉପହାର


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଏଫ୍‌ସି ଜର୍ସି ପ୍ରଦାନ କରୁଛନ୍ତି ସର୍ଗିଓ ଲୋବେରା।

ଭୁବନେଶ୍ୱର,୧୪।୯ (ସରୋଜ ଜେନା)

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍) ଆରମ୍ଭ ହେବାକୁ ଯାଉଥିବା ବେଳେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ଓଡ଼ିଶା ଫୁଟବଲ୍ କ୍ଲବ(ଓଏଫ୍‌ସି) ମୁଖ୍ୟ କୋଚ ଓ ଅଧିନାୟକ। ଗୁରୁବାର ମୁଖ୍ୟ କୋଚ୍ ସର୍ଗିଓ ଲୋବେରା, ଗୋଲ୍‌କିପର ତଥା ଅଧିନାୟକ ଅମରିନ୍ଦର ସିଂ ଓ ଓଡ଼ିଆ ଖେଳାଳି ଟଙ୍କଧର ବାଗ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ଓଏଫ୍‌ସିର ଜର୍ସି ଉପହାର ଭାବରେ ପ୍ରଦାନ କରିଥିଲେ। ବିଗତ ସିଜନରେ ଓଏଫ୍‌ସିର ଚମତ୍କାର ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଏଫ୍‌ସିକୁ ଶୁଭେଚ୍ଛା ଜଣାଇଥିଲେ। ଫୁଟବଲର ଭିତ୍ତିଭୂମି ଓ ଖେଳାଳିଙ୍କ ଉଦ୍ଦେଶ୍ୟରେ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଅଧିନାୟକ ଅମରିନ୍ଦର ସିଂ। ଚଳିତ ମାସ ୧୯ ତାରିଖରେ ଏଏଫସି ଏସିଆନ୍ ଗେମ୍ସରେ ମୋହନବାଗାନର ମୁକାବିଲା କରିବ ଓଡ଼ିଶା ଏଫ୍‌ସି। କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳାଯିବ। ଚଳିତ ସିଜନରେ ଓଏଫ୍‌ସି ୩ଟି ରଙ୍ଗର ଜର୍ସି ଲଞ୍ଚ କରିଛି। ଘରୋଇ ମ୍ୟାଚ୍ ପାଇଁ କଳା ଓ ବାଇଗଣୀ ଜର୍ସି ରହିଥିବା ବେଳେ ଧଳା ରଙ୍ଗର ଜର୍ସି ଆୱେ ମ୍ୟାଚରେ ବ୍ୟବହୃତ ହେବ। ସେହିପରି ଶିମିଳିପାଳର ବ୍ୟାଘ୍ର ସୁରକ୍ଷାକୁ ଦୃଷ୍ଟିରେ ରଖି ହଳଦିଆ ଓ ବାଇଗଣୀ ରଙ୍ଗର ତୃତୀୟ ଜର୍ସି ଲଞ୍ଚ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ଗୁରୁବାର ଓଏଫ୍‌ସି ଦଳର ଘରୋଇ ଜର୍ସି ପ୍ରଦାନ କରାଯାଇଥିଲା।

## ବଜରଙ୍ଗଙ୍କୁ ଦିଲ୍ଲୀ କୋର୍ଟଙ୍କ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୪।୯(ପି.ଟି.): ଭାରତୀୟ ରେସ୍‌ଲିଂ ଫେଡେରେଶନ୍(ଡବ୍ଲ୍ୟୁଏଫ୍‌ଆଇ) ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂ ଯୌନ ଶୋଷଣ ମାମଲାରେ ବଜରଙ୍ଗ ପୁନିଆଙ୍କୁ ଆଶ୍ୱସ୍ତି। କୋଚ୍ ନରେଶ ଦହିୟାଙ୍କ ପକ୍ଷରୁ ଆଗତ ମାନହାନି ମୋକଦ୍ଦମାରେ ବ୍ୟକ୍ତିଗତ ହାଜିରାରୁ କୋର୍ଟ ପୁନିଆଙ୍କୁ ଆଶ୍ୱସ୍ତି ଦେଇଛନ୍ତି। ଗୁରୁବାର ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ୟଶଦୀପ୍ ଚହଲ ଏହି ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପୁନିଆ କିର୍ଗିଜସ୍ତାନରେ ଅଭ୍ୟାସ କରିବା ପାଇଁ ଅନୁମତି ମାଗିଥିବା ବେଳେ ତାଙ୍କୁ ଆଶ୍ୱସ୍ତି ମିଳିଛି। ଏହା ପୂର୍ବରୁ ସେପ୍ଟେମ୍ବର ୬ ତାରିଖରେ ଶାରୀରିକ ଅସୁସ୍ଥତା କାରଣରୁ ପୁନିଆଙ୍କୁ ହାଜିରାରୁ ଆଶ୍ୱସ୍ତି ମିଳିଥିଲା। ମେ ୧୦ ତାରିଖରେ ଏକ ଖବରଦାତା ସମ୍ମିଳନୀରେ ବଜରଙ୍ଗ ଓ ଅନ୍ୟ ରେସଲର ମାନେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ଦେଇଥିବା ବୟାନକୁ ନେଇ ତାଙ୍କ ବିରୋଧରେ ମାନହାନି ମୋକଦ୍ଦମା କରିଥିଲେ ନରେଶ ଦହିୟା। ଉଲ୍ଲେଖଯୋଗ୍ୟ ଯେ, ବ୍ରିଜ୍‌ଭୂଷଣଙ୍କ ସହିତ ମିଶି ନରେଶ ମଧ୍ୟ ମହିଳା ଖେଳାଳିଙ୍କୁ ଯୌନ ଶୋଷଣ କରିଛନ୍ତି ବୋଲି ବଜରଙ୍ଗ ଓ ଅନ୍ୟ ରେସ୍‌ଲର ମାନେ ଅଭିଯୋଗ ଆଣିଥିଲେ।




# ରିଜୱାନ୍, ଶଫିକ୍‌ଙ୍କ ଅର୍ଦ୍ଧଶତକ

କଲମ୍ବୋ,୧୪।୯

ଶ୍ରୀଲଙ୍କା ବିପକ୍ଷ ଏସିଆ କପ୍ ସୁପର-୪ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ପାକିସ୍ତାନର ମହମ୍ମଦ ରିଜୱାନ ଓ ଅବଦୁଲ୍ଲା ଶଫିକ୍। ଉଭୟ ଖେଳାଳିଙ୍କ ଅର୍ଦ୍ଧଶତକ ବଳରେ ପାକିସ୍ତାନ ୪୨ ଓଭରରେ ୭ ଉଇକେଟ ହରାଇ ୨୫୨ ରନ୍ କରିଛି। ବର୍ଷା କାରଣରୁ ମ୍ୟାଚ୍‌ଟି ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ବେଳେ ଏହାକୁ ୪୫ ଓଭରକୁ ହ୍ରାସ କରାଯାଇଥିଲା। ମ୍ୟାଚ୍ ଅଧାରେ ପୁନର୍ବାର ବର୍ଷା କାରଣରୁ ମ୍ୟାଚ୍‌କୁ ୪୨ ଓଭର ବିଶିଷ୍ଟ କରାଯାଇଥିଲା। ଡର୍କୱର୍ଥ ଲୁଇସ୍ ନିୟମ ଅନୁସାରେ ଶ୍ରୀଲଙ୍କା ସମ୍ମୁଖରେ ୨୫୨ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଇମାମ ଉଲ୍ ହକଙ୍କ ସ୍ଥାନରେ ଅବଦୁଲ୍ଲା ଶଫିକ୍ ଖେଳୁଥିବା ବେଳେ ସେ ୫୨ ରନ୍ ସ୍କୋର କରିଥିଲେ। ଓପନର ଫଖର ଜମନ ମାତ୍ର ୪ ରନ୍ କରି ଦଳୀୟ ସ୍କୋର ୯ ରନରେ ପ୍ୟାଭିଲିୟନ୍ ଫେରିଥିଲେ। ପରବର୍ତ୍ତୀ ବ୍ୟାଟର ତଥା ଅଧିନାୟକ ବାବର ଆଜମ(୨୯ ରନ୍) ତୃତୀୟ ଉଇକେଟରେ ଶଫିକ୍‌ଙ୍କ ସହିତ ୬୪ ରନ୍ ଯୋଡିଥିଲେ। ତେବେ ମଧ୍ୟ କ୍ରମରେ ମହମ୍ମଦ ହାରିସ୍(୩) ଓ ମହମ୍ମଦ ନୱାଜ(୧୨) ସହଜରେ ଆଉଟ ହେବାରୁ ପାକିସ୍ତାନ ୧୩୦ ରନ୍‌ରେ ୫ ଖେଳାଳିଙ୍କ ଉଇକେଟ ହରାଇଥିଲା। ତେବେ ଟପ୍ ସ୍କୋରର ମହମ୍ମଦ ରିଜୱାନ (୮୬* ରନ) ଓ ଇଫତିଖାର ଅହମଦ(୪୭ ରନ୍) ଷଷ୍ଠ ଉଇକେଟରେ ୧୦୮ ରନ୍ ଯୋଡି ପାକିସ୍ତାନକୁ ସଙ୍କଟରୁ ଉଦ୍ଧାର କରିଥିଲେ। ରିଜୱାନ ୭୩ ବଲ୍ ଖେଳି ୬ ଚୌକା ଓ ୨ ଛକା ମାରଥିଲେ। ଅନ୍ୟ ପକ୍ଷରେ ଇଫତିଖାର ୪୦ ବଲ୍ ଖେଳି ୪ ଚୌକା ଓ ୨ ଛକା ମାରିଥିଲେ। ଶ୍ରୀଲଙ୍କା ପକ୍ଷରୁ ମଥୀଷା ପଥିରାନା ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ମଦୁଶାନ ୨, ମହୀଷ ଥିକ୍‌ସାନା ଓ ଦୁନିଥ ୱେଲାଲାଗେ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ସୁଇପ୍ ଶଟ୍ ଖେଳିବା ଅବସରରେ ମହମ୍ମଦ ରିଜୱାନ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୪୨ ଓଭରରେ ୨୫୨/୭(ମହମ୍ମଦ ରିଜୱାନ-୮୬*, ଅବଦୁଲ୍ଲା ଶଫିକ୍-୫୨, ଇଫତିଖାର ଅହମଦ-୪୭, ମଥୀଷା ପଥିରାନା-୩/୬୫, ପ୍ରମୋଦ ମଦୁଶାନ-୨/୬୫, ଦୁନିଥ ୱେଲାଲାଗେ-୧/୪୦)।

**ଆଜିର ମ୍ୟାଚ୍**

ଭାରତ ବନାମ ବାଂଲାଦେଶ
ଭେନ୍ୟୁ: ଆର. ପ୍ରେମଦାସା ଷ୍ଟାଡିୟମ, କଲମ୍ବୋ
ସମୟ: ଅପରାହ୍ନ ୩.୦୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ